# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୨୮ /୨୦୧୯ (୨୦ ପୃଷ୍ଠା) | Bhubaneswar, Thursday, February 28/ 2019 | ★★★★

୪୫ଶ ଭାଗ ୯୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-



DADLS-288

ଓଡ଼ିଶା ସରକାର

## ମାନ୍ୟବର ମୁଖ୍ୟମନ୍ତ୍ରୀ
## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
## ଗଞ୍ଜାମ ଓ ଗଜପତି ଜିଲ୍ଲା ଗସ୍ତ ଅବସରରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର
## ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ
୨୮ ଫେବୃଆରୀ ୨୦୧୯, ଗୁରୁବାର



### ଗଞ୍ଜାମ

**ଗୋପାଳପୁର - ପୂର୍ବାହ୍ନ ୧୦.୪୫**

ଉନ୍ନତିକୃତ **ଗୋପାଳପୁର ବନ୍ଦରର** ଲୋକାର୍ପଣ

**ଶେରଗଡ: ପୂର୍ବାହ୍ନ ୧୧.୪୫**

ଭିତ୍ତିପ୍ରସ୍ତର ସ୍ଥାପନ

୧୭୨ କୋଟି ଟଙ୍କାର ହରଭଙ୍ଗୀ ଜଳସେଚନ ପ୍ରକଳ୍ପ ଉନ୍ନତିକରଣ ଓ ସଂପ୍ରସାରଣ

ହିଞ୍ଜିଳି ବ୍ଲକ୍‌ର କରମଙ୍ଗାନାଳ ରାସ୍ତା ଉନ୍ନତିକରଣ କାର୍ଯ୍ୟ

ବ୍ରାହ୍ମଣଛାଇ-ବୋଲସରା ରାସ୍ତାରେ ବାଘୁଆ ନଦୀ ଉପରେ ସେତୁ

ଶେରଗଡ଼ ଏବଂ ହିଞ୍ଜିଳି ବ୍ଲକ୍‌ର ୧୧ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପ

**ସାନଖେମୁଣ୍ଡି - ମଧ୍ୟାହ୍ନ ୧୨.୨୦**

ଧରାକୋଟ ଏବଂ ସାନଖେମୁଣ୍ଡି ବ୍ଲକ୍‌ର ୧୩ଟି ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



### ଗଜପତି

**ଗାରାବନ୍ଧ - ଅପରାହ୍ନ ୩.୦୦**

ଗଜପତି ଜିଲ୍ଲା କାଶୀନଗର, ଗୋଷାଣୀ, ଗୁମ୍ମା ଏବଂ ରାୟଗଡ ବ୍ଲକ୍‌ରେ ୪୮ କୋଟି ୮୪ ଲକ୍ଷ ଟଙ୍କାର ୫୭ଟି ଜନକଲ୍ୟାଣକାରୀ ପ୍ରକଳ୍ପର ଶୁଭ ଉଦ୍‌ଘାଟନ

କାଶୀନଗର ଓ ଗୁମ୍ମା ବ୍ଲକ୍‌ର ୧୦୩ଟି ଗ୍ରାମ ପାଇଁ ୧୯୦ କୋଟି ଟଙ୍କାର, ମୋହନା ବ୍ଲକ୍ ପାଇଁ ୨୧୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଏବଂ ମହେନ୍ଦ୍ରତନୟା ଜଳସେଚନ ପ୍ରକଳ୍ପ ସହିତ ପାରଳାଖେମୁଣ୍ଡି, ଗୋଷାଣୀ, ଗୁମ୍ମା, କାଶୀନଗର ବ୍ଲକ୍ ଓ ଏନ୍.ଏ.ସି ଅଞ୍ଚଳ, ମୋହନା, ନୂଆଗଡ, ରାୟଗଡ ଏବଂ ଆର୍.ଉଦୟଗିରି ବ୍ଲକ୍ ଅଞ୍ଚଳରେ ସମୁଦାୟ ୫୮୨ କୋଟି ୪୦ ଲକ୍ଷ ଟଙ୍କାର ୭୮୩ଟି ଜନ କଲ୍ୟାଣକାରୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

ଚାଷୀ ମହାସମାବେଶ
ଗଜପତି

କାଳିଆ ଯୋଜନାରେ ସମଗ୍ର ରାଜ୍ୟରେ ୩୨ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀଙ୍କୁ ମିଳିଛି ସହାୟତା

ସହାୟତା ପାଇଥିବା ଗଜପତି ଜିଲ୍ଲାର ଚାଷୀଙ୍କ ସହ ଭାବବିନିମୟ ଏବଂ ଉଦ୍‌ବୋଧନ

କାଳିଆ
ଛାତ୍ରବୃତ୍ତି
ପିଲାଙ୍କ ଉନ୍ନତ ଭବିଷ୍ୟତ

15001/13/0599/1819

ସୂଚନା ଓ ଲୋକସମ୍ପର୍କ ବିଭାଗ



ନୂଆଦିଲ୍ଲୀସ୍ଥିତ ପାର୍ଲାମେଣ୍ଟ ହାଉସ୍ ପରିସରରେ ୨୧ ବିରୋଧୀ ଦଳର ବୈଠକ ପରେ ମିଳିତ ବିବୃତି ଜାରି କରୁଛନ୍ତି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ।



ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲା ମେନ୍ଧାର ସଂଲଗ୍ନ ନିୟନ୍ତ୍ରଣରେଖାରେ ପାକିସ୍ତାନୀ ସେନା ଘନ ଘନ ଗୁଳିବର୍ଷା ଓ ମୋର୍ଟାର ମାଡ଼ କରୁଥିବାବେଳେ ଏକ ଧର୍ମପୀଠରେ ଆଶ୍ରୟ ନେଇଛନ୍ତି ଗ୍ରାମବାସୀ।

## ବାୟୁସେନା ବୋମାମାଡ଼ରେ ଜୈଶ୍ ଆତଙ୍କବାଦୀ ନିହତ ହେବା ଘଟଣା

# ସଂଖ୍ୟାକୁ ନେଇ ସନ୍ଦେହ

**ନୂଆଦିଲ୍ଲୀ/ଇସ୍‌ଲାମାବାଦ,୨୭।୨**

ଆତଙ୍କବାଦୀଙ୍କୁ ଢାଲ କରି ଭାରତ ସହ ଛାୟାଯୁଦ୍ଧ ଚଳାଇଥିବା ପାକିସ୍ତାନକୁ ଭାରତ ଉଚିତ ଜବାବ ଦେଇଛି। ଭାରତୀୟ ବାୟୁସେନା (ଆଇଏଏଫ୍)ର କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ବାଲାକୋଟରେ ୩୫୦ ଆତଙ୍କବାଦୀ ନିହତ ହୋଇଥିବା ନୂଆଦିଲ୍ଲୀ ଦାବି କରୁଛି। ସେପଟେ ସରକାରଙ୍କ ଏହି ଦାବିକୁ ପାକିସ୍ତାନ ଖଣ୍ଡନ କରୁଛି। ପ୍ରକୃତରେ କେତେ ସଂଖ୍ୟକ ଜୈଶ୍ ଆତଙ୍କବାଦୀ ନିହତ ହୋଇଛନ୍ତି ଏବଂ ସେମାନଙ୍କ ମୃତଦେହଗୁଡ଼ିକ କୁଆଡ଼େ ଗଲା ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ଯଦି ୩୫୦ ଆତଙ୍କବାଦୀ ନିହତ ହୋଇଛନ୍ତି ତେବେ ଗୋଟି ଗୋଟି କରି ସମସ୍ତଙ୍କ ମୃତଦେହକୁ ପାକିସ୍ତାନ ମାଟିରେ କିଏ ଗଣିଲା ବୋଲି ଅନେକଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି। ଏଭଳି ସମୟରେ ଏହାର ପ୍ରମାଣ ମାଗିବା ସାହସ ହୁଏତ କେହି କରି ନ ପାରନ୍ତି, କିନ୍ତୁ ସାଧାରଣରେ ସୃଷ୍ଟି ହୋଇଥିବା ସନ୍ଦେହକୁ ଦୂର କରାଯିବା ଆବଶ୍ୟକ ବୋଲି ଅନେକେ କହିବା ଆରମ୍ଭ କଲେଣି।

ପୁଲଓ୍ୱାମା ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ଆଇଏଏଫ୍‌ର ୧୨ଟି ମିରାଜ୍ ୨୦୦୦ ବିମାନ ପାକିସ୍ତାନ ଯାଇଥିଲା। ବିମାନଗୁଡ଼ିକରୁ ୧୦୦୦ କେ.ଜି.ର ଲେଜର ଗାଇଡେଡ୍ ବୋମା ୩ଟି ସ୍ଥାନରେ ନିକ୍ଷେପ କରାଯାଇଛି। ଆକାଶମାର୍ଗରୁ



**୩୫୦ ମୁଣ୍ଡ ଗଣିଲା କିଏ**

ଏହି ଦେଢ଼ ମିନିଟର ଆକ୍ରମଣରେ ବାଲାକୋଟ, ମୁଜାଫରାବାଦ ଓ ଚକୋଟିରେ ୩୨୫ ଆତଙ୍କବାଦୀ ଓ ସେମାନଙ୍କ ୨୫ ତାଲିମଦାତା ନିହତ ହୋଇଛନ୍ତି। ନିହତଙ୍କ ମଧ୍ୟରେ ଜୈଶ୍ ମୁଖ୍ୟ ମୌଲାନା ମାସୁଦ୍ ଆଝାରଙ୍କ ଶାଳକ ମୌଲାନା ୟୁସୁଫ୍ ଆଝାର ଓରଫ୍ ଉସ୍ତାଦ ଘୌରୀ (କାନ୍ଦାହାର ଅପହରଣର ଅନ୍ୟତମ ଷଡ଼ଯନ୍ତ୍ରକାରୀ)ଙ୍କ ସମେତ ଅନେକ କମାଣ୍ଡର ରହିଥିବା କୁହାଯାଉଛି। ଏଭଳି ସମୟରେ ପାକ୍-ଅଧିକୃତ କଶ୍ମୀରରେ ୨୦୧୬ ସେପ୍ଟେମ୍ବର ୨୮ ମଧ୍ୟରାତ୍ରିର ସର୍ଜିକାଲ ଷ୍ଟ୍ରାଇକ୍‌କୁ ନେଇ ପୂର୍ବରୁ ପ୍ରଶ୍ନ ଉଠାଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲଙ୍କ ସମେତ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏବଂ କଂଗ୍ରେସ ତଥା ଅନ୍ୟ ବିରୋଧୀ ଦଳଗୁଡ଼ିକ ସଦ୍ୟ କାର୍ଯ୍ୟାନୁଷ୍ଠାନକୁ ନେଇ ସନ୍ଦେହ ବ୍ୟକ୍ତ କରି ହଟହଟା ହେବାକୁ ଚାହୁଁନାହାନ୍ତି। କାରଣ ଆଗକୁ ସାଧାରଣ ନିର୍ବାଚନ ଅଛି।

ସେପଟେ ପାକିସ୍ତାନ ପ୍ରଧାନମନ୍ତ୍ରୀ, ବହିର୍ବ୍ୟାପାର ମନ୍ତ୍ରୀ, ପ୍ରତିରକ୍ଷାମନ୍ତ୍ରୀ ଓ ସେନା ଅଧିକାରୀମାନେ ଏହାକୁ ଖଣ୍ଡନ କରିଛନ୍ତି। ପାକିସ୍ତାନର ଜାତୀୟ ନିରାପତ୍ତା କମିଟି (ଏନ୍‌ଏସ୍‌ସି)ର ଏକ ଜରୁରୀ ବୈଠକରେ ମଧ୍ୟ ଏହାକୁ ମିଛ ବୋଲି କୁହାଯାଇଛି। ଏହାସହ ଅନ୍ତର୍ଜାତୀୟ ଗଣମାଧ୍ୟମଗୁଡ଼ିକୁ ସମ୍ପୃକ୍ତ ଅଞ୍ଚଳ ପରିଦର୍ଶନ ପାଇଁ ପାକିସ୍ତାନ ଆମନ୍ତ୍ରଣ କରିଛି। ଭାରତରେ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଭାରତ ସରକାର ଏଭଳି ପ୍ରଚାର କରୁଥିବା ଇସ୍‌ଲାମାବାଦ ଅଭିଯୋଗ ଆଣିଛି। ଭାରତ ବାୟୁସୀମା ଉଲ୍ଲଂଘନ କରି ୪ଟି ବୋମା ପକାଇଥିବା କଥା ସତ। କିନ୍ତୁ ଏଥିରେ କେହି ଜଣେ ହେଲେ ମୃତାହତ ହୋଇନାହାନ୍ତି ବୋଲି ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ କହିଛନ୍ତି। ଭାରତର କାର୍ଯ୍ୟାନୁଷ୍ଠାନରେ କିଛି କ୍ଷୟକ୍ଷତି ହୋଇନାହିଁ ବୋଲି ପାକିସ୍ତାନୀ ସେନାର ମିଡିଆ ୱିଙ୍ଗ୍ ଇଣ୍ଟର-ସର୍ଭିସେସ୍ ପବ୍ଲିକ୍ ରିଲେଶନ୍ସ (ଆଇଏସ୍‌ପିଆର୍) ମହାନିର୍ଦ୍ଦେଶକ ମେଜର ଜେନେରାଲ ଆସିଫ୍ ଗଫୁର ମଧ୍ୟ ଟୁଇଟ୍ କରିଛନ୍ତି। ଭାରତ କହୁଛି ପାକିସ୍ତାନ କର୍ତ୍ତୃପକ୍ଷ ପାଗ ଖରାପ ଥିବା ଆଳ ଦେଖାଇ ଆତଙ୍କବାଦୀଙ୍କ ମୃତଦେହ ଓ ଅନ୍ୟ ପ୍ରମାଣ ଲୁଚାଇବା ପାଇଁ ଉଦ୍ୟମ କରୁଛି। ଏହି ଯୁକ୍ତିକୁ ମାନି ନିଆଗଲେ ସର୍ଜିକାଲ ଷ୍ଟ୍ରାଇକ୍‌ରେ ୫୦ ଆତଙ୍କବାଦୀ ନିହତ ହେବା ଭଳି ଏଥର ମଧ୍ୟ ୩୫୦ ଆତଙ୍କବାଦୀ ନିପାତ ହେବା ସବୁଦିନ ପାଇଁ ରହସ୍ୟ ହୋଇ ରହିଯିବ ବୋଲି ଭାରତରେ ଚର୍ଚ୍ଚା ହେଉଛି।

> ‘ଯୁଦ୍ଧ ଆରମ୍ଭ ହେଲେ ତାକୁ କେହି ନିୟନ୍ତ୍ରଣ କରିପାରିବେ ନାହିଁ।
> – ଇମ୍ରାନ୍ ଖାନ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ



> ‘ଅବୋଟାବାଦରେ ଆମେରିକାର ଅପରେଶନ ଭଳି ଅଭିଯାନ ଭାରତ ମଧ୍ୟ କରିପାରିବ।
> –ଅରୁଣ ଜେଟ୍‌ଲୀ, ଅର୍ଥମନ୍ତ୍ରୀ



## ଆର୍‌ଆଇସିରେ ପୁଲ୍‌ଓ୍ୱାମା ପ୍ରସଙ୍ଗ ଉଠାଇଲେ ସୁଷମା

**ୟୁଝେନ(ଚାଇନା), ୨୭।୨ (ଆଇଏଏନ୍‌ଏସ୍)**

ପୁଲ୍‌ଓ୍ୱାମା ଆକ୍ରମଣ ଏବଂ ଭାରତୀୟ ବାୟୁସେନାର କାର୍ଯ୍ୟାନୁଷ୍ଠାନକୁ ନେଇ ପାକିସ୍ତାନ ସହ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ବୁଧବାର ରୁଷିଆ-ଭାରତ-ଚାଇନା (ଆର୍‌ଆଇସି) ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ୧୬ତମ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଭାରତ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ସଂଗଠନର ପୁଲ୍‌ଓ୍ୱାମା ଆକ୍ରମଣ ଏବଂ ପାକିସ୍ତାନ ଏହା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ପ୍ରସଙ୍ଗ ଉଠାଇଛି। ଭାରତର ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ତାଙ୍କର ଚାଇନା ଏବଂ ରୁଷିଆ ପ୍ରତିପକ୍ଷଙ୍କ ସହ ଆଲୋଚନା ବେଳେ ଆତଙ୍କବାଦୀ ନିରୋଧୀ ପ୍ରସଙ୍ଗ ଉପରେ ୨୪ ଘଣ୍ଟା ପରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ଜେଇଏମ୍ ପାକିସ୍ତାନ ଭିତ୍ତିକ ଏବଂ ସମର୍ଥିତ ଆତଙ୍କବାଦୀ ସଂଗଠନ। ପୁଲ୍‌ଓ୍ୱାମା ଆକ୍ରମଣ ପରେ ଜେଇଏମ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅନ୍ତର୍ଜାତୀୟ ସମୁଦାୟର ଚାପ ସତ୍ତ୍ୱେ ଇସ୍‌ଲାମାବାଦ ଏହାକୁ ଗୁରୁତ୍ୱର ସହ ନେଇନାହିଁ। ଜେଇଏମ୍ ଆକ୍ରମଣ କରିଥିବାର ଦାବି ସତ୍ତ୍ୱେ ପାକିସ୍ତାନ ଏହାକୁ ଖଣ୍ଡନ କରୁଥିବା ସୁଷମା କହିଛନ୍ତି। ଏଭଳି ଭୀରୁତାପୂର୍ଣ୍ଣ ଆକ୍ରମଣ ସ୍ମରଣ କରାଇ ଦେଉଛି ଯେ ଆତଙ୍କବାଦକୁ କୌଣସି ଦେଶ ବରଦାସ୍ତ କରିବା ଉଚିତ ନୁହେଁ ଏବଂ ଏହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ବହିର୍ବ୍ୟାପାର ମନ୍ତ୍ରୀ କହିଛନ୍ତି। ଜାତିସଂଘର ବିଶ୍ୱ ଆତଙ୍କବାଦୀ ତାଲିକାରେ ଜେଇଏମ୍ ମୁଖ୍ୟ ମାସୁଦ ଆଝାରକୁ ସାମିଲ କରିବା ଲାଗି ଭାରତର



ଗୁରୁତ୍ୱାରୋପ କରିଥିଲେ। ଚାଇନା ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବେଳେ ଗତ ୧୪ ତାରିଖ ପୁଲ୍‌ଓ୍ୱାମା ଆକ୍ରମଣ କଥା ଉଠାଇଥିଲେ। ଜମ୍ମୁ-କଶ୍ମୀରରେ ମୁତୟନ ଦେଶର ସୁରକ୍ଷା ବଳ ପ୍ରତି ଏହା ନିକୃଷ୍ଟତମ ଆତଙ୍କବାଦୀ ଆକ୍ରମଣ ବୋଲି ସୁଷମା କହିଥିଲେ।

ବାୟୁସେନାର ଯୁଦ୍ଧବିମାନ ପାକିସ୍ତାନ ସୀମାରେ ପ୍ରବେଶ କରି ବାଲାକୋଟରେ ଥିବା ଆତଙ୍କବାଦୀ ଶିବିର ଉପରେ ଆକ୍ରମଣ କରିବାର ବାରମ୍ବାର ଉଦ୍ୟମ ସତ୍ତ୍ୱେ ଚାଇନା ଏଥିରେ ପ୍ରତିବନ୍ଧକ ସାଜିଆସିଛି। ଏହି ପରିପ୍ରେକ୍ଷୀରେ ସୁଷମା ତାଙ୍କର ଚାଇନା ପ୍ରତିପକ୍ଷଙ୍କୁ ଭେଟିବା ଗୁରୁତ୍ୱପୂର୍ଣ୍ଣ। ପୁଲ୍‌ଓ୍ୱାମା ଆକ୍ରମଣକୁ ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ଆମେରିକା, ରୁଷିଆ, ବ୍ରିଟେନ, ଫ୍ରାନ୍ସ ସମେତ ବିଶ୍ୱର ଅନେକ ଦେଶ ନିନ୍ଦା କରିଥିବାରେ ଚାଇନାର ଜେଇଏମ୍ ମୁଖ୍ୟଙ୍କ ପ୍ରତି ରହିଥିବା ଆଭିମୁଖ୍ୟରେ ପରିବର୍ତ୍ତନ ହୋଇନାହିଁ।

## ଭାରତର କାର୍ଯ୍ୟାନୁଷ୍ଠାନକୁ ଆମେରିକାର ସମର୍ଥନ

**ନୂଆଦିଲ୍ଲୀ,୨୭।୨(ଆଇଏଏନ୍‌ଏସ୍)**



ପାକିସ୍ତାନରେ ଥିବା ଜୈଶ୍-ଇ-ମହମ୍ମଦ ଶିବିର ଉପରେ ଭାରତର କଠୋର କାର୍ଯ୍ୟାନୁଷ୍ଠାନକୁ ଆମେରିକା ସମର୍ଥନ ଜଣାଇଛି। ଏହା ଆତଙ୍କବାଦ ନିରୋଧୀ କାର୍ଯ୍ୟାନୁଷ୍ଠାନ ବୋଲି ଆମେରିକା ବହିର୍ବ୍ୟାପାର ସଚିବ ମାଇକ୍ ପମ୍ପିଓ କହିଛନ୍ତି। ଏଥିସହିତ ଭାରତ ଓ ଆମେରିକା ମଧ୍ୟରେ ଘନିଷ୍ଠ ସୁରକ୍ଷା ସହଯୋଗିତା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ରୁଷିଆ-ଭାରତ-ଚାଇନା (ଆର୍‌ଆଇସି) ବହିର୍ବ୍ୟାପାର ମନ୍ତ୍ରୀସ୍ତରୀୟ ବୈଠକରେ ଯୋଗଦେବାକୁ ସୁଷମା ସ୍ୱରାଜ ୟୁଝେନ୍‌ରେ ଥିବାବେଳେ ପମ୍ପିଓ ତାଙ୍କ ସହ କଥା ହୋଇଛନ୍ତି। ମଙ୍ଗଳବାର ରାତିରେ ଏକ ବିବୃତି ଜାରି କରି ପମ୍ପିଓ କହିଛନ୍ତି, ୨୬ ତାରିଖରେ ଭାରତର ଆତଙ୍କବାଦ ନିରୋଧୀ କାର୍ଯ୍ୟାନୁଷ୍ଠାନ ପରେ ସେ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ସହ କଥା ହୋଇ ଆଞ୍ଚଳିକ ଶାନ୍ତି ଓ ସୁରକ୍ଷା ବଜାୟ ରଖିବାରେ ଦୁଇଦେଶର ଲକ୍ଷ୍ୟ ଏବଂ ନିରାପତ୍ତା ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ତେବେ ଅଧିକ ସାମରିକ କାର୍ଯ୍ୟାନୁଷ୍ଠାନଠାରୁ ଦୂରେଇ ରହିବାକୁ ପମ୍ପିଓ ସୁଷମାଙ୍କୁ କହିଥିବା ଜଣାପଡିଛି।

## ‘ବିଶ୍ୱ ମାନଚିତ୍ରରୁ ପାକିସ୍ତାନ ଲିଭିଗଲେ ବିଶ୍ୱଶାନ୍ତି ସମ୍ଭବ’

**ମୁମ୍ବାଇ,୨୭।୨(ପି.ଟି.)**

ପାକିସ୍ତାନ ଉପରେ କ୍ରମାଗତ କାର୍ଯ୍ୟାନୁଷ୍ଠାନ ଲାଗି ଶିବସେନା ପକ୍ଷରୁ ଦାବି କରାଯାଇଛି। ବିଶ୍ୱ ମାନଚିତ୍ରରୁ ପାକିସ୍ତାନ ନିଶ୍ଚିହ୍ନ ନ ହେବା ପର୍ଯ୍ୟନ୍ତ ଶାନ୍ତି ସମ୍ଭବ ନୁହେଁ ବୋଲି ଶିବସେନା ମୁଖପତ୍ର ‘ସାମନା’ର ସମ୍ପାଦକୀୟରେ କୁହାଯାଇଛି। ପାକିସ୍ତାନ ଭଳି ଦେଶ କେବଳ ଭାରତ ପାଇଁ ବିପଦ ନୁହେଁ ସାରା ବିଶ୍ୱ ପାଇଁ ମଧ୍ୟ ଏମାନେ ବିପଜ୍ଜନକ। ପାକିସ୍ତାନରେ ଗଣତନ୍ତ୍ର ନ ଥିବାରୁ ସେଠାର ସେନାମୁଖ୍ୟ ପ୍ରଧାନମନ୍ତ୍ରୀ ଏବଂ ସରକାରଙ୍କ ନାମରେ କ୍ଷମତାର ଅପବ୍ୟବହାର କରୁଥିବା ‘ସାମ୍‌ନା’ରେ କୁହାଯାଇଛି।

## ୨୭୦୦ କୋଟିର ପ୍ରତିରକ୍ଷା ଚୁକ୍ତିକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୨୭।୨(ପି.ଟି.)**



ପାଖାପାଖି ୨୭୦୦ କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ କିଣା ଚୁକ୍ତିନାମାକୁ ମଞ୍ଜୁରୀ ମିଳିଛି। ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନଙ୍କ ଅଧ୍ୟକ୍ଷତାରେ ବୁଧବାର ପ୍ରତିରକ୍ଷା ସାମଗ୍ରୀ କ୍ରୟ ସମ୍ପର୍କିତ ପରିଷଦ (ଡିଏସି)ର ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ପ୍ରସ୍ତାବ ଅନୁଯାୟୀ ନୌସେନା ପାଇଁ ତିନୋଟି କ୍ୟାଡେଟ୍ ତାଲିମ ଜାହାଜ କିଣାଯିବ। ଏଗୁଡିକୁ ନୌସେନା ଅଫିସର କ୍ୟାଡେଟମାନଙ୍କୁ ପ୍ରଶିକ୍ଷଣ ଦେବାରେ ନିୟୋଜିତ କରାଯିବ। ଏହା ବ୍ୟତୀତ ଉକ୍ତ ଜାହାଜ ହସ୍ପିଟାଲ ସିପ୍ ଡ୍ୟୁଟି ସାଙ୍ଗକୁ ମାନବୀୟ ସହାୟତା, ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ମଧ୍ୟ ବ୍ୟବହୃତ ହୋଇପାରିବ।

## ସିଡବ୍ଲ୍ୟୁସି ବୈଠକ ସ୍ଥଗିତ

**ନୂଆଦିଲ୍ଲୀ,୨୭।୨(ପି.ଟି.)**

ଅହମଦାବାଦରେ ଗୁରୁବାର ଅନୁଷ୍ଠିତ ହେବାକୁ ଥିବା କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକକୁ ସ୍ଥଗିତ ରଖାଯାଇଛି। ସୀମାନ୍ତରେ ନିରାପତ୍ତା ସ୍ଥିତିକୁ ନେଇ କଂଗ୍ରେସ ନେତୃତ୍ୱ ଏଭଳି ନିଷ୍ପତ୍ତି ନେଇଥିବା ଏହାର ମୁଖ୍ୟ ମୁଖପାତ୍ର ରଣଦୀପ୍ ସୁର୍ଜେଓ୍ୱାଲା କହିଛନ୍ତି। ଏହି ବୈଠକରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସମେତ ଦଳର ବରିଷ୍ଠ ନେତାମାନେ ଯୋଗଦେଇଥାନ୍ତେ। ଏଥିସହିତ ରାହୁଲ ମଧ୍ୟ ତାଙ୍କର ଅହମଦାବାଦ ସଭାକୁ ସ୍ଥଗିତ ରଖିଛନ୍ତି। ଖୁବ୍‌ଶୀଘ୍ର ପରବର୍ତ୍ତୀ ତାରିଖ ସ୍ଥିରହେବ ବୋଲି ସୁର୍ଜେଓ୍ୱାଲା ସୂଚନା ଦେଇଛନ୍ତି।

## ବିମାନ ଚଳାଚଳରେ ବାଧା

**ନୂଆଦିଲ୍ଲୀ,୨୭।୨(ପି.ଟି.)**

ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ଶିବିର ଉପରେ ଭାରତୀୟ ବାୟୁସେନାର କାର୍ଯ୍ୟାନୁଷ୍ଠାନ ପରେ ଦୁଇଦେଶ ମଧ୍ୟରେ ଉତ୍ତେଜନାକୁ ନେଇ ବୁଧବାର ଉତ୍ତର ଭାରତର ୯ଟି ବିମାନବନ୍ଦରରୁ ବିମାନ ଚଳାଚଳ ବନ୍ଦ କରିଦିଆଯାଇଥିଲା। ପରେ ଏହାକୁ ସ୍ୱାଭାବିକ କରାଯାଇଥିବା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ କୁହାଯାଇଛି। ଶ୍ରୀନଗର, ଜମ୍ମୁ, ଲେହ, ପଠାନକୋଟ୍, ଅମୃତସର, ଶିମ୍‌ଲା, କଙ୍ଗ୍ରା, କୁଲ୍ଲୁ ମାନାଲି ଏବଂ ପିଥୋରାଗଡରୁ ବିମାନ ଚଳାଚଳ ଫେବୃୟାରୀ ୨୭ରୁ ମେ ୨୭ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷ (ଏଏଆଇ) ବୁଧବାର ସକାଳେ ନୋଟିସ ଜାରି କରିଥିଲେ। ଅପରାହ୍ନରେ ଡିଜିସିଏ ଉକ୍ତ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିନେଇଛନ୍ତି। ବାୟୁସେନାର ମାର୍ଗଦର୍ଶିକା ଏବଂ ପରାମର୍ଶକୁ କଡାକଡି ଭାବେ ପାଳନ କରାଯାଉଥିବା ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜୟନ୍ତ ସିହ୍ନା କହିଛନ୍ତି। ଦୁଇ ଦେଶ ମଧ୍ୟରେ ଉତ୍ତେଜନାକୁ ନେଇ ଶ୍ରୀନଗର, ଲେହ ସମେତ ଉତ୍ତର ଭାରତର ୯ଟି ବିମାନବନ୍ଦର ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ବୋଲି ସେ ସୂଚନା ଦେଇଛନ୍ତି।

ପାକିସ୍ତାନ ମଧ୍ୟ ଏହାର ପଞ୍ଜାବ ଓ ଖାଇବର ପଖ୍‌ତୁନ୍‌ଖ୍ୱା ପ୍ରଦେଶରେ ଥିବା ସମସ୍ତ ବଡ଼ ବିମାନବନ୍ଦରରେ ବିମାନ ଚଳାଚଳ ବନ୍ଦ ରଖିଛି। ଲାହୋର, ମୁଲ୍‌ତାନ, ଫୈସଲାବାଦ, ସିଆଲକୋଟ୍ ଏବଂ ଇସ୍‌ଲାମାବାଦରୁ ବିମାନ ଚଳାଚଳ ସାମୟିକ ବନ୍ଦ ରଖାଯାଇଥିବାରୁ ଚାଇନାର ଗୁଆଙ୍ଗଝୋଉରୁ ଆସିଥିବା ଏକ ବିମାନକୁ ଫେରାଇ ଦିଆଯାଇଥିଲା।

## ୨ ଜୈଶ୍ ଆତଙ୍କବାଦୀ ନିହତ

**ଶ୍ରୀନଗର,୨୭।୨(ପି.ଟି.):** ଜମ୍ମୁ-କଶ୍ମୀରର ଶୋପିଆନ ଜିଲାରେ ବୁଧବାର ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ୨ ଜୈଶ୍-ଇ-ମହମ୍ମଦ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ପାକିସ୍ତାନୀ ଥିବା ଜଣାପଡିଛି। ଆତଙ୍କବାଦୀମାନେ ଶୋପିଆନ୍‌ର ମିମେନ୍ଦର ଅଞ୍ଚଳରେ



ଆତ୍ମଗୋପନ କରିଥିବା ସୂଚନା ପାଇ ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଘେରାବନ୍ଦୀ କରିବା ସହ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲା। ଆତଙ୍କବାଦୀମାନେ ସର୍ଚ୍ଚ ଅପରେଶନରେ ଥିବା ଯବାନଙ୍କ ଉପରକୁ ଗୁଳି ଚଳାଇବା ପରେ ସୁରକ୍ଷା ବଳ ଏହାର ଠିକଣା ଜବାବ ଦେଇଥିଲେ। ଏନ୍‌କାଉଣ୍ଟର ସ୍ଥଳରୁ ୨ ଆତଙ୍କବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଜଣେ ଆତଙ୍କବାଦୀ ଶୋପିଆନର ସୈଦାପୋରା ପାୟିନ ଅଞ୍ଚଳର ସୁହେଲ ନାଜିର ମିର୍ ହୋଇଥିବାବେଳେ ଅନ୍ୟ ଜଣକ ପାକିସ୍ତାନୀ। ସେମାନଙ୍କ ବିରୋଧରେ ଏକାଧିକ ଆତଙ୍କବାଦ ମାମଲା ରହିଛି।

# ଜେନେଭା ସନ୍ଧି କ’ଣ

**ନୂଆଦିଲ୍ଲୀ,୨୭।୨**

ଯୁଦ୍ଧବନ୍ଦୀ (ପିଓଡବ୍ଲ୍ୟୁ)ମାନଙ୍କ ଅଧିକାରର ସୁରକ୍ଷା ଲାଗି ଜେନେଭା ବୁଝାମଣାରେ କେତେକ ନିୟମ ପ୍ରଣୟନ କରାଯାଇଥିଲା। ଏଥିରେ ୪ଟି ସନ୍ଧି ଏବଂ ୩ଟି ଅତିରିକ୍ତ ପ୍ରୋଟୋକଲ ରହିଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଯୁଦ୍ଧ ସମୟରେ ମାନବୀୟ ମୂଲ୍ୟବୋଧକୁ ବଜାୟ ରଖିବା। ମାନବୀୟତାକୁ ଅକ୍ଷୁଣ୍ଣ ରଖିବା ଲାଗି ପ୍ରଥମ ସନ୍ଧି ୧୮୬୪ରେ ହୋଇଥିବାବେଳେ ଦ୍ୱିତୀୟ ଏବଂ ତୃତୀୟ ସନ୍ଧି ଯଥାକ୍ରମେ ୧୯୦୬ ଓ ୧୯୨୯ରେ ହୋଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧୯୪ଟି ଦେଶକୁ ନେଇ ଚତୁର୍ଥ ଚୁକ୍ତି ୧୯୪୯ରେ ସ୍ୱାକ୍ଷର ହୋଇଥିଲା।

ଅନ୍ତର୍ଜାତୀୟ ରେଡକ୍ରସ୍ କମିଟି ଅନୁଯାୟୀ ଯୁଦ୍ଧ ସମୟରେ ଗିରଫ ସୈନିକଙ୍କ ସହ କିପରି ବ୍ୟବହାର କରାଯିବ ଜେନେଭା ଚୁକ୍ତିରେ ତାକୁ ନେଇ ନିୟମ ପ୍ରଣୟନ ହୋଇଛି। ଯୁଦ୍ଧବନ୍ଦୀମାନଙ୍କର ଅଧିକାର କ’ଣ ଏଥିରେ ସ୍ପଷ୍ଟ କରାଯାଇଛି। ଉକ୍ତ ନିୟମାବଳୀ ଅନୁଯାୟୀ ଯୁଦ୍ଧକ୍ଷେତ୍ରରେ



ଆହତଙ୍କ ଉପଯୁକ୍ତ ଚିକିତ୍ସା କରାଯିବ। ସାଧାରଣ ଲୋକଙ୍କ ସୁରକ୍ଷା କଥା ମଧ୍ୟ ଏଥିରେ କୁହାଯାଇଛି। ଜେନେଭା ଚୁକ୍ତିର ଅନୁଚ୍ଛେଦ-୩ ଅନୁଯାୟୀ ଆହତ ଯୁଦ୍ଧବନ୍ଦୀଙ୍କର ଉପଯୁକ୍ତ ଚିକିତ୍ସା କରାଯିବା ସହ ସେମାନଙ୍କ ପ୍ରତି କୌଣସି ପ୍ରକାର ବର୍ବରତା କରାଯାଇପାରିବ ନାହିଁ। ସେମାନଙ୍କ ପ୍ରତି ପାତରଅନ୍ତର କରାଯିବନି, ସେମାନଙ୍କୁ ଆଇନଗତ ସହାୟତା ଯୋଗାଇ ଦିଆଯିବ, ଡର, ଧମକ ଦିଆଯାଇପାରିବ ନାହିଁ, ଅପମାନିତ କରାଯାଇପାରିବ ନାହିଁ, ସେମାନଙ୍କ ବିରୋଧରେ ମୋକଦ୍ଦମା ଚାଲିପାରିବ। ଯୁଦ୍ଧ ପରେ ସେମାନଙ୍କୁ ସମ୍ପୃକ୍ତ ଦେଶକୁ ଫେରାଇବାକୁ ପଡିବ। ଯୁଦ୍ଧବନ୍ଦୀଙ୍କୁ ନେଇ କୌଣସି ଦେଶ ଲୋକଙ୍କ ମଧ୍ୟରେ ଉତ୍ସୁକତା ସୃଷ୍ଟି କରିପାରିବେ ନାହିଁ। ସେମାନଙ୍କୁ କେବଳ ନାମ, ସୈନ୍ୟପଦ, ନମ୍ବର ବା ୟୁନିଟ ବିଷୟରେ ପଚରାଯାଇପାରିବ।

ଭାରତୀୟ ବାୟୁସେନାର ମିଗ୍ ୨୧ ବିମାନକୁ ପାକିସ୍ତାନ ଗୁଳି କରି ଖସାଇଦେବା ପରେ ଏହାର ୱିଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ଗିରଫ କରିଛି। ଜେନେଭା ଚୁକ୍ତି ଅନୁଯାୟୀ ତାଙ୍କ ପ୍ରତି ଯୁଦ୍ଧବନ୍ଦୀ ଭାବେ ବ୍ୟବହାର ଦେଖାଇବା ପାଇଁ ଭାରତ ଦାବି କରିଛି। ଉଭୟ ପକ୍ଷ ମଧ୍ୟରେ ଶତ୍ରୁତା ଦୂର ହେବା ପରେ ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କରାଯିବା ଅନିବାର୍ଯ୍ୟ। ମାନବାଧିକାରର ସୁରକ୍ଷା ଲାଗି ଜାତିସଂଘର ସଦସ୍ୟ ରାଷ୍ଟ୍ରଗୁଡିକୁ ଉକ୍ତ ସନ୍ଧିର ନିୟମ ପାଳନ କରିବାକୁ ହେବ। ପୁଲଓ୍ୱାମା ଆକ୍ରମଣ ପରେ ଆତଙ୍କବାଦୀଙ୍କ ବିରୋଧରେ ଭାରତ କାର୍ଯ୍ୟାନୁଷ୍ଠାନ ନେଇଥିଲେ ମଧ୍ୟ ଯୁଦ୍ଧ ଘୋଷଣା ହୋଇନାହିଁ। ତେଣୁ ଗିରଫ ପାଇଲଟଙ୍କୁ ଯୁଦ୍ଧବନ୍ଦୀ ଭାବେ ଗ୍ରହଣ କରାଯିବ କି ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୨୮ /୨୦୧୯ | Bhubaneswar, Thursday, February 28/ 2019 | ପୃଷ୍ଠା-୧




## ଲଣ୍ଡନରେ ଶ୍ରଦ୍ଧା
ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ଏବେ ଲଣ୍ଡନରେ। ହିନ୍ଦୀ ସିନେମା 'ଷ୍ଟ୍ରିଟ୍ ଡ୍ୟାନ୍ସର ଥ୍ରୀ'ର ଶୁଟିଂ ସାଙ୍ଗକୁ ବୁଲାବୁଲି କରି ମଜା ଉଠାଉଛନ୍ତି।

୧୪

୧୭

## ୨୦୦ ମିଟରରେ ଦୂତୀଙ୍କୁ ସ୍ୱର୍ଣ୍ଣ
ଓଡ଼ିଶାର ଦୂତୀ ଚାନ୍ଦ ନୂଆଦିଲ୍ଲୀରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୨ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟର ମହିଳା ୨୦୦ ମିଟରରେ ୨୩.୩୦ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।








## ଆନ୍ଧ୍ରପ୍ରଦେଶ ଲାଗି ନୂଆ ରେଳ ଜୋନ୍ ଘୋଷଣା

ନୂଆଦିଲ୍ଲୀ,୨୭।୨: କେନ୍ଦ୍ର ରେଳମନ୍ତ୍ରୀ ପୀୟୂଷ ଗୋୟଲ ବୁଧବାର ଆନ୍ଧ୍ରପ୍ରଦେଶ ଲାଗି ଏକ ନୂଆ ରେଳ ଜୋନ୍ ଘୋଷଣା କରିଛନ୍ତି। ଦକ୍ଷିଣ ତଟ ରେଳପଥ ନାମରେ ଏହି ଜୋନ୍ ଘୋଷଣା କରାଯାଇଥିବା ବେଳେ ଏହାର ମୁଖ୍ୟାଳୟ ବିଶାଖାପାଟଣାରେ ରହିବ ବୋଲି ଗୋୟଲ ସ୍ପଷ୍ଟ କରିଛନ୍ତି। ଏଥିରେ ଗୁଣ୍ଟାକଲ, ଗୁଣ୍ଟୁର ଏବଂ ବିଜୟୱାଡା ଡିଭିଜନକୁ ସାମିଲ କରାଯାଇଛି। ଏହାଛଡ଼ା ୱାଲଟିୟର ଡିଭିଜନକୁ ଦୁଇ ଭାଗ କରାଯିବ। ଗୋଟିଏ ଭାଗ ଦକ୍ଷିଣ ତଟ ରେଳପଥରେ ରହିବ। ଅନ୍ୟଟି ଏକ ସ୍ୱତନ୍ତ୍ର ଡିଭିଜନ ଭାବେ କାର୍ଯ୍ୟ କରିବ, ଯାହାର ମୁଖ୍ୟାଳୟ ରାୟଗଡାରେ ରହିବ ଏବଂ ଏହା ପୂର୍ବତଟ ରେଳପଥ ଅଧୀନରେ ରହିବ। ସୂଚନାଥାଉ କି, ରାଜ୍ୟ ଭାଜପା ନେତୃବୃନ୍ଦଙ୍କୁ ନେଇ ଗଠିତ ଏକ ଦଳ ଗତ ୪ ଦିନ ପୂର୍ବେ ଗୋୟଲଙ୍କୁ ସାକ୍ଷାତ କରି ଏକ ନୂଆ ରେଳ ଜୋନ୍ ପ୍ରତିଷ୍ଠା ଲାଗି ଦାବି ଜଣାଇଥିଲେ।

## ସାମ୍ନାକୁ ଆସିଲା ୨୦ ହଜାର କୋଟିର ଜିଏସ୍‌ଟି ଫାଙ୍କି

ନୂଆଦିଲ୍ଲୀ,୨୭।୨: କେନ୍ଦ୍ର ସରକାର ଅଦ୍ୟାବଧି ପ୍ରାୟ ୨୦ ହଜାର କୋଟି ଟଙ୍କାର ଜିଏସ୍‌ଟି ଫାଙ୍କି ଧରିଛନ୍ତି। ଟିକସ ଫାଙ୍କି ରୋକିବା ଲାଗି ସରକାରଙ୍କ ପକ୍ଷରୁ ନିୟମରେ ଘନ ଘନ ପରିବର୍ତ୍ତନ କରାଯାଉଥିଲେ ହେଁ ବ୍ୟବସାୟୀମାନେ ଏହାର ଗଳାବାଟ ବାହାର କରିଦେଉଛନ୍ତି। ଆୟକର ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ, ନିୟମକୁ ଅଧିକ କଡ଼ାକଡ଼ି କରିବା ସହ ଏହାକୁ ଯେପରି ପାଳନ କରାଯିବ ସେଥିପ୍ରତି ବିଭାଗ ଯତ୍ନବାନ ହେଉଛି। ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନଡାଇରେକ୍ଟ ଟ୍ୟାକ୍ସେସ ଆଣ୍ଡ କଷ୍ଟମ୍ସ(ଯାଞ୍ଚ)ର ସଦସ୍ୟ ଜନ୍ ଯୋଶେଫ କହିଛନ୍ତି ଯେ, ☞ପୃଷ୍ଠା-୨

# ପାକିସ୍ତାନ କବ୍‌ଜାରେ ଭାରତୀୟ ପାଇଲଟ

**ନୂଆଦିଲ୍ଲୀ/ ଇସ୍‌ଲମାବାଦ, ୨୭।୨(ପି.ଟି.)**

ଭାରତୀୟ ବାୟୁସେନା (ଆଇଏଏଫ୍) ପାକିସ୍ତାନର ବାଲାକୋଟରେ ଜୈଶ୍ ଆତଙ୍କବାଦୀଙ୍କ ତାଲିମ ଶିବିର ଉପରେ ଆକ୍ରମଣ କରିବା ପରେ ସୀମାନ୍ତରେ ଗମ୍ଭୀର ସ୍ଥିତି ସୃଷ୍ଟି ହୋଇଛି। ଭାରତ-ପାକିସ୍ତାନ ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି) ଏବଂ ଅନ୍ତର୍ଜାତୀୟ ରେଖା (ଆଇବି)ରେ ଉଭୟ ପଟୁ ଗୁଳି ବିନିମୟ ଚାଲିଥିବାରୁ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ପାକିସ୍ତାନୀ ସେନାର ୨ ହେଲିକପ୍ଟର ଭାରତୀୟ ବାୟୁସୀମା ଉଲ୍ଲଂଘନ କରିଥିବାବେଳେ ଏହାକୁ ଖସାଇ ଦିଆଯାଇଥିବା ଭାରତ ଦାବି କରିଛି। ସେପଟେ ପାକିସ୍ତାନ ପଟକୁ ଚାଲିଯାଇଥିବା ଭାରତର ୨ଟି ମିଗ୍ ବିମାନକୁ ଗୁଳିମାଡ଼ କରି ଖସାଇଥିବା ଇସ୍‌ଲାମାବାଦ ଦାବି କରିଛି। ଏହାସହ ଗୋଟିଏ ମିଗ୍ ବିମାନର ପାଇଲଟ ଅଭିନନ୍ଦନ ବର୍ଥମାନଙ୍କୁ ଗିରଫ କରିଥିବା ପାକିସ୍ତାନ କହିଛି। ପାକିସ୍ତାନ ପକ୍ଷରୁ ଅଭିନନ୍ଦନ ବୋଲି ଦାବି କରାଯାଉଥିବା ଜଣେ ବ୍ୟକ୍ତିଙ୍କ ଭିଡିଓ ମଧ୍ୟ ଜାରି କରାଯାଇଛି। ଇତିମଧ୍ୟରେ କୌଣସି ବଡ଼ଧରଣର ଆକ୍ରମଣକୁ ଏଡାଇବା ଲାଗି ଭାରତର ୯ ଓ ପାକିସ୍ତାନର ୫ଟି ବିମାନବନ୍ଦରରୁ ବିମାନ ଚଳାଚଳ ବନ୍ଦ କରାଯାଇଛି। ପାକିସ୍ତାନ ଉପଉଚ୍ଚାୟୁକ୍ତଙ୍କୁ ଭାରତ ସମନ କରିଥିବାବେଳେ ପଡ଼ୋଶୀ ଦେଶର ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ନୂଆଦିଲ୍ଲୀକୁ ଆଲୋଚନା ପାଇଁ ପୁଣି ପ୍ରସ୍ତାବ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ☞ପୃଷ୍ଠା-୨

## ସୀମାନ୍ତରେ ଗମ୍ଭୀର ସ୍ଥିତି

| ପାକିସ୍ତାନର ଦାବି | ଭାରତର ଦାବି |
|---|---|
| ■ ୨ ଭାରତୀୟ ଯୁଦ୍ଧବିମାନ ଖସାଇଲୁ | ■ ପାକିସ୍ତାନର ୨ ହେଲିକପ୍ଟର ଖସାଇଲୁ |

- ■ ଆଇଏଏଫ୍ ୱିଙ୍ଗ୍ କମାଣ୍ଡର ଅଭିନନ୍ଦନଙ୍କ ଭିଡିଓ ଜାରି କଲା ପାକିସ୍ତାନ
- ■ ପାକିସ୍ତାନ ଉପଉଚ୍ଚାୟୁକ୍ତଙ୍କୁ ନୂଆଦିଲ୍ଲୀର ସମନ
- ■ ଆଲୋଚନା ପାଇଁ ପୁଣି ପ୍ରସ୍ତାବ ଦେଲେ ଇମ୍ରାନ
- ■ ଭାରତର ୯, ପାକିସ୍ତାନର ୫ ବିମାନବନ୍ଦରରୁ ବିମାନ ଚଳାଚଳ ବନ୍ଦ
- ■ ସ୍ଥିତି ସମୀକ୍ଷା କଲେ ମୋଦି, ରାଜନାଥ, ଗୋଇନ୍ଦା ମୁଖ୍ୟ


ପାକିସ୍ତାନ ସେନା କବ୍‌ଜାରେ ଥିବା ଭାରତୀୟ ବାୟୁସେନା ପାଇଲଟ ଅଭିନନ୍ଦନ ବର୍ଥମାନ।

## ଖସିପଡ଼ିଲା ଆଇଏଏଫ୍ ହେଲିକପ୍ଟର: ୬ ମୃତ



ଶ୍ରୀନଗର, ୨୭।୨(ପି.ଟି.) ଜମ୍ମୁ-କଶ୍ମୀରର ବଡ଼ଗାମ୍ ଜିଲାରେ ଭାରତୀୟ ବାୟୁସେନା (ଆଇଏଏଫ୍)ର ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ସାଧାରଣ ନାଗରିକଙ୍କ ସମେତ ୬ ନିହତ ହୋଇଥିବା ଜଣାପଡ଼ିଛି। ଆଇଏଏଫ୍ ହେଲିକପ୍ଟର ବୁଧବାର ପୂର୍ବାହ୍ନ ୧୦ଟା ୫ ମିନିଟରେ ବଡ଼ଗାମ୍‌ର ଗରେଣ୍ଡ କଲାନ୍ ଗ୍ରାମ ☞ପୃଷ୍ଠା-୨

# ହିନ୍ଦୀ ପ୍ରଶ୍ନପତ୍ର ଭାଇରାଲକୁ ଖଣ୍ଡନ କଲା ବୋର୍ଡ

**କଟକ ଅଫିସ/ ବଲାଙ୍ଗୀର ଅଫିସ/ ସଇଁତଳା, ୨୭।୨(ଡି.ଏନ୍.ଏ.)**

ଚଳିତ ମାଟ୍ରିକ ପରୀକ୍ଷା ଆରମ୍ଭରୁ ପ୍ରଶ୍ନପତ୍ର ଭାଇରାଲକୁ ନେଇ ଚର୍ଚ୍ଚାକୁ ଆସିଛି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)। ପ୍ରଥମ ଓ ଦ୍ୱିତୀୟ ଦିବସ ଭଳି ବୁଧବାର ଶେଷ ହୋଇଥିବା ତୃତୀୟ ଭାଷା (ହିନ୍ଦୀ) ପରୀକ୍ଷାରେ ମଧ୍ୟ ପ୍ରଶ୍ନପତ୍ର ଭାଇରାଲ ହୋଇଛି ବୋଲି ଚର୍ଚ୍ଚା ହୋଇଛି। ପରୀକ୍ଷା ଆରମ୍ଭ ହେବାର କିଛି ମିନିଟ୍ ପରେ ହିନ୍ଦୀ ପ୍ରଶ୍ନପତ୍ର ସହ କିଛି ହାତ ଲେଖା ସୋସିଆଲ ମିଡ଼ିଆରେ ଘୂରି ବୁଲିଥିଲା। ବଲାଙ୍ଗୀର ବ୍ଲକ ଅନ୍ତର୍ଗତ ସଇଁତଳା ଅଞ୍ଚଳର କୌଣସି ଏକ ପରୀକ୍ଷା କେନ୍ଦ୍ରରୁ ଏହି ପ୍ରଶ୍ନପତ୍ର ଫଟୋ ଭାଇରାଲ ହୋଇଥିବା ଶୁଣିବାକୁ ମିଳିଥିଲା। ଏହା ଜଣାପଡିବା ପରେ ବୋର୍ଡ ପକ୍ଷରୁ ତୁରନ୍ତ ଖୋଳତାଡ଼ ଆରମ୍ଭ ହୋଇଥିଲା। କୌଣସି ହିନ୍ଦୀ ପ୍ରଶ୍ନପତ୍ର ଭାଇରାଲ ହୋଇ ନ ଥିବା ବୋର୍ଡ ସଭାପତି ଡ. ଜହାଁ ଆରା ବେଗମ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିବା ପ୍ରଶ୍ନପତ୍ରକୁ ଯାଞ୍ଚ ପରେ ତାହା ପୂର୍ବ ବର୍ଷର ହୋଇଥିବା ଜଣାପଡିଛି। ପରୀକ୍ଷା ପରିଚାଳନା ସୁଚାରୁ ରୂପେ କରିବା ପାଇଁ ଚେଷ୍ଟା ଚାଲିଥିବାବେଳେ କେହି ବ୍ୟକ୍ତି ଏଭଳି ମିଛ ଖବର ପ୍ରଚାର କରି ଅଯଥା ବିଭ୍ରାନ୍ତ କରୁଛନ୍ତି ବୋଲି ଡ. ବେଗମ କହିଛନ୍ତି। ସେହିଭଳି ପ୍ରଶ୍ନପତ୍ର ଭାଇରାଲ୍ ଚର୍ଚ୍ଚା ହେବା ପରେ ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କାଙ୍କ ନେତୃତ୍ୱରେ ଏକ ତଦନ୍ତ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ଜିଲାର ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ଯାଞ୍ଚ କରିଥିଲା। ପରେ ବଲାଙ୍ଗୀର ଜିଲାରୁ ହିନ୍ଦୀ ପ୍ରଶ୍ନପତ୍ର ଭାଇରାଲ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଉକ୍ତ ଘଟଣାର ସତ୍ୟତା ନ ଥିବା ସେ କହିଛନ୍ତି।

ଅନ୍ୟପକ୍ଷରେ ଏହି ତୃତୀୟ ଭାଷା ପରୀକ୍ଷାରେ କପି କରି ମୋଟ ୧୦୦ଜଣ ମାଲ୍‌ପ୍ରାକ୍ଟିସ ହୋଇଛନ୍ତି। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ୯୨ଜଣ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ ୮ଜଣ ଧରାପଡି ମାଲପ୍ରାକ୍ଟିସ ହୋଇଥିବା ଡ. ବେଗମ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପ୍ରଥମ ଦିନ ଅନୁଷ୍ଠିତ ପ୍ରଥମ ଭାଷା (ଓଡ଼ିଆ) ପରୀକ୍ଷାର ପ୍ରଶ୍ନପତ୍ର ଭାଇରାଲ୍ ହୋଇଥିଲା। ଏହି ଘଟଣାରେ ୧୧ଜଣଙ୍କୁ ନିଲମ୍ବିତ କରାଯାଇଥିବାବେଳେ ୭ଜଣଙ୍କୁ ଗିରଫ କରାଯାଇଥିଲା। ଏହାପରେ ଦ୍ୱିତୀୟ ଦିନର ଇଂଲିଶ ☞ପୃଷ୍ଠା-୨

### ମାଟ୍ରିକ ପରୀକ୍ଷା: ତୃତୀୟ ଭାଷାରେ ୧୦୦ ମାଲ୍‌ପ୍ରାକ୍ଟିସ

## ■ ଝାରସୁଗୁଡ଼ା ଭିଏସ୍‌ଏସ୍ ବିମାନ ବନ୍ଦର
# ମାର୍ଚ୍ଚ ୩୧ରୁ ଉଡ଼ିବ ସ୍ପାଇସ୍‌ଜେଟ୍

**ଝାରସୁଗୁଡ଼ା ଅଫିସ,୨୭।୨**

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ବିମାନବନ୍ଦରରୁ ଦେଶର ୩ ମେଟ୍ରୋ ସହରକୁ ମାର୍ଚ୍ଚ ୩୧ରୁ ବିମାନ ସେବା ଆରମ୍ଭ ହେବ। ସ୍ପାଇସ୍‌ଜେଟ୍ ବିମାନ ସଂସ୍ଥା ଭିଏସ୍‌ଏସ୍ ଏୟାରପୋର୍ଟରୁ ନୂଆଦିଲ୍ଲୀ, ହାଇଦ୍ରାବାଦ ଏବଂ କୋଲକାତାକୁ ବିମାନ ଚଳାଚଳ ଆରମ୍ଭ କରିବ ବୋଲି ବୁଧବାର ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛି। ବୁଧବାରଠାରୁ ଏହି ୩ ସହରକୁ ଟିକେଟ ବୁକିଂ ଆରମ୍ଭ ହୋଇଥିବାବେଳେ ବିମାନ ଚଳାଚଳର ସମୟସୂଚୀ ଘୋଷଣା କରାଯାଇଛି।

ବୁଧବାର ନୂଆଦିଲ୍ଲୀର କନଷ୍ଟିଚ୍ୟୁଶନ୍ କ୍ଲବ୍‌ରେ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ଏଥିରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ସିହ୍ନା ଏବଂ ସ୍ପାଇସ୍‌ଜେଟ୍ ଅଧ୍ୟକ୍ଷ ଅଜୟ ସିହ୍ନା ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସୂଚନା ଦେଇ କହିଲେ, ଉଡାନ୍-୩ ଅଧୀନରେ କୋଲକାତା, ହାଇଦ୍ରାବାଦ ଏବଂ ନୂଆଦିଲ୍ଲୀକୁ ବିମାନ ଚଳାଚଳ ପାଇଁ ସ୍ପାଇସ୍‌ଜେଟ୍ ମନୋନୀତ ହୋଇଥିଲା। ଫେବୃୟାରୀ ୯ରେ କମ୍ପାନୀର ୮ଜଣିଆ ପ୍ରତିନିଧି ଦଳ ଭିଏସ୍‌ଏସ୍ ଏୟାରପୋର୍ଟ ଗସ୍ତ କରି ରିପୋର୍ଟ ସଂଗ୍ରହ କରିଥିଲେ। ସେହି ରିପୋର୍ଟ ଆଧାରରେ ମାର୍ଚ୍ଚ ୩୧ରୁ ସ୍ପାଇସ୍‌ଜେଟ୍ ବିମାନସେବା ଆରମ୍ଭ କରିବ। ଆଗକୁ ମୁମ୍ବାଇ, ଭୁବନେଶ୍ୱର ଓ ରାୟପୁରକୁ ଝାରସୁଗୁଡ଼ାରୁ ବିମାନ ଉଡ଼ିବ ବୋଲି ମନ୍ତ୍ରୀ ପ୍ରଧାନ କହିଥିଲେ।

ଏହି ୩ ରୁଟ୍ ପାଇଁ କମ୍ପାନୀର ୬ ବିମାନ ପ୍ରସ୍ତୁତ ରହିବ। ବିମାନ ଚଳାଚଳ ☞ପୃଷ୍ଠା-୨

- ■ ଟିକେଟ ବୁକିଂ ଆରମ୍ଭ
- ■ ୩ ମେଟ୍ରୋ ସହରକୁ ବିମାନ ସେବା
- ■ ଭୁବନେଶ୍ୱର, ମୁମ୍ବାଇ, ରାୟପୁରକୁ ବି ଉଡ଼ିବ

### ଆଜିର ସମ୍ପାଦକୀୟ
## ଉପକାରୀ ଉଇ

### ଆଜିର ମନ୍ତବ୍ୟ
"ବାୟୁସେନା ପାଇଲଟ ଅଭିନନ୍ଦନଙ୍କୁ ଛାଡିବା ପାଇଁ ପାକିସ୍ତାନ ଜେନେଭା ଚୁକ୍ତି ଅନୁସରଣ କରିବା ଜରୁରୀ।

**-ଅସାଦୁଦ୍ଦିନ ଓୱାଇସି, ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ**

### କିଛି ତଥ୍ୟ
ଚଳିତ ବର୍ଷ ଜାନୁୟାରୀ ମାସରେ ଘରୋଇ ବଜାରରେ ୯.୧୮ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ ହୋଇଛି।

**- ୱାର୍ଲ୍ଡ ଷ୍ଟିଲ ଆସୋସିଏସନ**


NECC NATIONAL EGG CO-ORDINATION COMMITTEE | 27.02.2019 | Venco Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 77 | 128 | 138 |
| BDK | 82 | 135 | 145 |
| BLS | 82 | 135 | 145 |
| ANG | 79 | 131 | 141 |

*Conditions Apply

Eggs Retail Price- 55/-Dozen
Issued in the Interest of Consumers





## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................


ଅର୍ପିତା
ପରିବାରବର୍ଗ


ପ୍ରିୟଦର୍ଶନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଜନ୍ମଦିନ ଶୁଭେଚ୍ଛା



**ସତ୍ୟଜିତ୍ (ମହାବୀର)**
ରାମେଶ୍ୱରପାଟଣା, ଓଲଡ୍‌ଟାଉନ୍
ଆଜି ତୋର ଚତୁର୍ଥତମ ଜନ୍ମଦିନ ଅବସରରେ ଆମେ ପ୍ରଭୁ ଶ୍ରୀଲିଙ୍ଗରାଜ ଓ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ଚଲାପଥ କୁସୁମିତ ହେବା ସଙ୍ଗେ ସଙ୍ଗେ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ଓ ମଙ୍ଗଳମୟ ହେଉ। ଶୁଭେଚ୍ଛା ସହ: ମାଆ, ଆଈ, ମାମୁଁ, ମାଇଁ, ମଉସା, ମାଉସୀ, ରୋଶନ, ରୋସ୍ମି, ଲିକି, ଦୀପୁ, ତପୁ, ପ୍ରାଚୀ, ଗୁଗୁ, ଲୁସି, ରିଣ୍ଟୁ, ଚିଣ୍ଟୁ। ଧ-୧୧୨୯୧

## ବିବାହ ବାର୍ଷିକୀ ଶୁଭେଚ୍ଛା



**Dr. Mahesh Prasad Rout**
**&**
**Mrs. Geeta Rout**
Date: 20.02.1979
ବିବାହ ବାର୍ଷିକର ୪୦ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ପରିବାରବର୍ଗ, ବନ୍ଧୁବାନ୍ଧବ, ଆତ୍ମୀୟମାନଙ୍କ ପକ୍ଷରୁ ଶୁଭେଚ୍ଛା। ଧ-୧୧୩୯୯

# classified




**SALE**

L&T Pc 71 Komatsu show room condition, 2009 Dec (Mo): 7978887806. D-11293




**SALE**

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

**Plot on lowest budget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65838

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

Mahanadi Vihar residential Plot (48X90) Clear Title. Buyers Contact 07977924258. D-63215

One BHK flat for sale near Seabeach, Puri with modern facilities. Contact: 0674-2561050, 8260011011. D-11244

**Readymade Gheri (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65837

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଚ୍ଚାରୁ ବିକ୍ରିହେବ। 9178660666. D-66002

C V Raman College ପାଖରେ 2000 sqft. yellowzone plot ବିକ୍ରିହେବ। Contact: 9937910363. D-65614

ମେଣ୍ଡାଶାଳ ନିକଟ ହରିଡାମଡା ମଉଜାରେ ୭୧/୨ ଏକର ଚାଷ ଜମି ବିକ୍ରିହେବ: 9437628906. D-65841

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65350

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।




Single room with toilet (20'X15') at Mahadev Nagar main road Jharpada for office/ bachelors. Rent Rs.- 5000/-. Contact: 9668644665. D-11316

**ACCOMMODATION**

ରାଜଧାନୀର ଫରେଷ୍ଟପାର୍କ ସତ୍ୟନଗର ୟୁନିଟ-୮ ସିରିପୁର, ୟୁନିଟ୍-୬ କଳ୍ପନାରେ ତଳମହଲା ଘର ଆବଶ୍ୟକ। 7750899392. D-65840




Fully refreshed/ relaxed body massage by expert therapist, Shastri Nagar. 7377984773. D-65600

Rejuvenate and Ayurvedic full body massage by smart therapist. 9114402304. D-65599

Newly opening ayurvedic full body massage. 7077444583. D-11285

Experience full body massage with us by experts. Enquiry. 0674 2597822, 7377048581. D-66005

Herbal full body massage with refreshment by well trained therapist. 7381239385, 06742540855. D-66004

Improving your health, skin care through expert therapist, excellent offer. 9668374480. D-66008

Newly opening ayurvedic body massage smart therapist, Shree herbal. 7750020754. D-66007

Herbal full body massage by smart/ expert therapist. Contact: 8338067247. D-66006

Roshin ayurvedic massage club fully relaxed by smart lady home service facility available. 9937637219. D-65842

Ayurvedic full body massage ladies/ gents smart experts therapist. 9114697517. D-65836

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

## ତୃତୀୟ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତା ସୁମା ବେହେରା**
ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର
ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ୱାମୀ-ବାସୁଦେବ ବେହେରା, ପୁତ୍ର-ଦୁର୍ଯ୍ୟୋଧନ, ନିତ୍ୟାନନ୍ଦ, ପ୍ରଭାତ, ସୁମନ୍ତ, ଝିଅ-ବୀଣା, ଚାଇନା, ନାତିନାତୁଣୀ-କାହ୍ନା, ମୁନା, ଶୁଭଲକ୍ଷ୍ମୀ, ଆତ୍ମୀୟସ୍ୱଜନ ଓ ବନ୍ଧୁପରିଜନ। ଧ-୬୦୦୦୩

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ରଥ**
ଆବିର୍ଭାବ: ୧୬।୦୭।୧୯୪୯
ତିରୋଧାନ: ୧୯।୦୨।୨୦୧୯
ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ଲକି, ବେବି, ବୁବୁ, ଗୁଗୁଲି, ବୁନୁ, ସାନୁ, ହାପି, ବାପି, ଟିଟୁନ୍, ତୁତୁଲ, ରେନି। ଧ-୬୩୬୬୦

## ଦଶାହ ଉପଲକ୍ଷେ



**୰ ସତ୍ୟଭାମା ମାଝୀ**
ଖରାଖିଆ ବୈଦ୍ୟନାଥ ଲେନ୍, ପୁରୁଣା ଭୁବନେଶ୍ୱର
ଆବିର୍ଭାବ : ୦୧.୦୮.୬୨
ତିରୋଧାନ : ୧୯.୦୨.୧୯
ବୋଉ, ଆମେ କେବେ ବି ଭାବି ନଥିଲୁ ତୁ ଆମମାନଙ୍କୁ ଛାଡ଼ି ଚାଲିଯିବୁ ବୋଲି। କିଛି ଦିନ ପରେ ଲୁହ ଶୁଖିଯିବ, ସିନା ହେଲେ ତୁ ଦେଇଥିବା ସ୍ନେହ, ଭଲପାଇବା ଓ ତୋର ସେଇ ନିଷ୍ପାପରତା ଆମମାନଙ୍କ ପାଖରେ ସେଇମିତି ଚିରଦିନ ପାଇଁ ସାଇତା ହୋଇ ରହିଥିବ। ତୋ ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମମାନଙ୍କ ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ : ପୁଅ-ସଞ୍ଜୟ, ବୋହୂ - ସୋନୁ, ନାନା - ଦାଶରଥି ମାଝୀ, ଝିଅ - ଡଲି, ଟିଙ୍କି, ମିଲୁ, ସିଲୁ, ଜ୍ୱାଇଁ - ରାଜ, ପରେଶ, ବିଶ୍ୱଜିତ୍, ଗ୍ରଣଦ, ନାତି - ଆଦି, ଅଂଶୁ, ଶ୍ଳୋକ, ନାତୁଣୀ - ଦିଶା, ଶିୟା, ଗୁଡ଼ୁ ଏବଂ ବନ୍ଧୁବର୍ଗ ଧ-୬୬୧୦୨

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

**ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତଃ ସଦାନନ୍ଦ ରାଉତ**
ଚଢ଼େଇଗୁଆଁ ପଟଣା, ଜି-କେନ୍ଦ୍ରାପଡ଼ା
ପୂର୍ବତନ ଶିକ୍ଷକ ମାର୍ଶାଘାଇ ହାଇସ୍କୁଲ
ଆବିର୍ଭାବ : ୧୫.୧୧.୧୯୩୦
ତିରୋଧାନ : ୦୯.୦୨.୨୦୧୮
ଆଜି ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମୃତ ଦୃଷ୍ଟି ଆମ ଉପରେ ସଦାବେଳେ ରହିଥାଉ।
**ଶୋକସନ୍ତପ୍ତ ପରିବାରବର୍ଗ :**
ପତ୍ନୀ-ଖୁଲଣା, ପୁଅ ବୋହୂ : ନିଳାଦ୍ରୀ-ସୀମନ୍ତିନୀ, ହିମାଦ୍ରୀ-ଶର୍ମିଷ୍ଠା, ଝିଅ ଜ୍ୱାଇଁ : ଜ୍ୟୋତ୍ସ୍ନା-ଗୋକୁଳି, ଅନୁପମା-ଶିବ, ଝିଅ : ଅନ୍ନପୂର୍ଣ୍ଣା, ଭଣଜା : ଆଦିକନ୍ଦ, ପୁତୁରା-ଝିଆରୀ ଓ ନାତି ନାତୁଣୀମାନେ। ଧ-୧୧୪୦୦

**ପ୍ରଥମ ପୃଷ୍ଠାରୁ...**

## ସାମ୍ନାକୁ ଆସିଲା ୨୦ ...

ରିୟଲ ଇଷ୍ଟେଟ କ୍ଷେତ୍ରରେ ଜିଏସ୍‌ଟି ହାର ହ୍ରାସ ପାଇବା ପରେ ଏ ଦିଗରେ ଉତ୍ପନ୍ନ ହୋଇଥିବା ସମସ୍ୟାଗୁଡ଼ିକୁ ବୁଝିବା ଲାଗି ଏ କ୍ଷେତ୍ରର ପ୍ରତିନିଧିଙ୍କ ସହ ଏକ ବୈଠକର ଆୟୋଜନ କରାଯାଇଛି। ସୂଚନାଥାଉ କି, କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ରିୟଲିଟି ସେକ୍ଟରରେ ଜିଏସ୍‌ଟି ହ୍ରାସ କରାଯାଇଛି। ଯୋଶେଫ କହିଛନ୍ତି ଯେ, ୨୦୧୮-୧୯ ଆର୍ଥିକ ବର୍ଷର ଏପ୍ରିଲରୁ ଫେବୃୟାରୀ ମଧ୍ୟରେ ଉକ୍ତ ଜିଏସ୍‌ଟି ଫାଙ୍କି ଧରାପଡ଼ିଛି। ତନ୍ମଧ୍ୟରୁ ପ୍ରାୟ ୧୦ ହଜାର କୋଟି ଟଙ୍କା ଆଦାୟ ହୋଇପାରିଛି। ସେ କହିଛନ୍ତି ଯେ, ଟିକସ ଅଧିକାରୀମାନେ ମଙ୍ଗଳବାର ୧୫୦୦ କୋଟି ଟଙ୍କା ଜାଲ୍ ଇନ୍‌ଭଏସ ଧରିଛନ୍ତି। ଏହା ମାଧ୍ୟମରେ ୭୫ କୋଟି ଟଙ୍କା ବେନିୟମଭାବେ ଜିଏସ୍‌ଟି କ୍ରେଡିଟ ନିଆଯାଇସାରିଛି। ଏ କ୍ଷେତ୍ରରେ ଆୟକର ବିଭାଗ ୨୫ କୋଟି ଟଙ୍କା ଆଦାୟ କରିପାରିଛି ଏବଂ ଅବଶିଷ୍ଟ ଖୁବଶୀଘ୍ର ଆଦାୟ ହୋଇପାରିବ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, ମାତ୍ର ୫ରୁ ୧୦ ପ୍ରତିଶତ ବ୍ୟବସାୟୀ କଳା କାରବାର କରୁଛନ୍ତି। ସେମାନଙ୍କ ପାଇଁ ଅନ୍ୟ ସମସ୍ତ ବ୍ୟବସାୟୀ ବଦ୍‌ନାମ ହେଉଛନ୍ତି ବୋଲି ଅଧିକାରୀ ପ୍ରକାଶ କରିଛନ୍ତି। ତାଙ୍କର କହିବାନୁଯାୟୀ, ୨୦୧୭ ଜୁଲାଇ ପହିଲାରୁ ଦେଶରେ ଜିଏସ୍‌ଟି ଲାଗୁ ହେବା ପରେ ସରକାରଙ୍କ ଉଦ୍ୟମ ଜୋରଦାର ହେଉଥିବାରୁ ଏବେ ସୁଦ୍ଧା ୧.୨ କୋଟି ବ୍ୟବସାୟୀ ନିଜକୁ ପଞ୍ଜୀକୃତ କରିସାରିଛନ୍ତି। ରାଜସ୍ୱ ଆଦାୟ ବଢ଼ିଲେ ଜିଏସ୍‌ଟି ହାର ଏକୀକରଣ ନେଇ ସରକାର ଚିନ୍ତା କରିବେ ବୋଲି ଯୋଶେଫ ପ୍ରକାଶ କରିଛନ୍ତି।

## ହିନ୍ଦୀ ପ୍ରଶ୍ନପତ୍ର ଭାଇରାଲକୁ ...

ପ୍ରଶ୍ନପତ୍ର ଭାଇରାଲ୍ ହୋଇଥିବା ଚର୍ଚ୍ଚା ହୋଇଥିଲା। ଏହାକୁ ବୋର୍ଡ ପକ୍ଷରୁ ଅସ୍ୱୀକାର କରାଯିବା ସହ ଭାଇରାଲ ପ୍ରଶ୍ନପତ୍ର ମୂଳ ପ୍ରଶ୍ନପତ୍ର ସହ ମେଳ ଖାଉ ନ ଥିବା କୁହାଯାଇଥିଲା। ତେବେ ଏହାସତ୍ତ୍ୱେ ରାଜ୍ୟର କେତେକ ପରୀକ୍ଷା କେନ୍ଦ୍ରରେ ଖୋଲାଖୋଲି କପି ହେଉଥିବା ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। ବୋର୍ଡ ପକ୍ଷରୁ ଯାଞ୍ଚ ପରେ ପଦକ୍ଷେପ ପାଇଁ ନିଷ୍ପତ୍ତି ହୋଇଛି।

## ପାକିସ୍ତାନ କବ୍‌ଜାରେ ...

ରାଜନାଥ ସିଂ ଦେଶର ଗୋଇନ୍ଦା ସଂସ୍ଥାଗୁଡ଼ିକର ମୁଖ୍ୟଙ୍କ ସହ ଜରୁରୀ ବୈଠକରେ ସ୍ଥିତି ସମୀକ୍ଷା କରିଛନ୍ତି।

ଜମ୍ମୁ-କଶ୍ମୀରର ପୁଲଓ୍ୱାମାସ୍ଥିତ ଲେଥ୍‌ପୋରାରେ ଗତ ୧୪ ତାରିଖରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ(ଜେଇଏମ୍) ସୁରକ୍ଷା ବଳକୁ ଆକ୍ରମଣ କରିଥିଲା। ଆତ୍ମଘାତୀ ବିସ୍ଫୋରଣରେ ୪୯ ସିଆରପିଏଫ୍ ଯବାନ ଶହୀଦ ହୋଇଥିଲେ। ଏହାର ୧୨ ଦିନ ପରେ ମଙ୍ଗଳବାର ଭାରତୀୟ ବାୟୁସେନାର ୧୨ଟି ମିରାଜ-୨୦୦୦ ଯୁଦ୍ଧବିମାନ ଏଲ୍‌ଓସି ଅତିକ୍ରମ କରି ପାକିସ୍ତାନର ବାଲାକୋଟରେ ଆତଙ୍କବାଦୀଙ୍କ ତାଲିମ ଶିବିର ଉପରେ ୧୦୦୦ କେ.ଜି. ବୋମା ପକାଇଥିବା କେନ୍ଦ୍ର ସରକାର ଦାବି କଲେ। ଏହି ପ୍ରାୟୋଜିତ ବେସାମରିକ କାର୍ଯ୍ୟାନୁଷ୍ଠାନରେ ୩୫୦ ଆତଙ୍କବାଦୀ ନିହତ ହୋଇଥିବା ଭାରତ ପକ୍ଷରୁ କୁହାଯାଉଥିବାବେଳେ ପାକିସ୍ତାନ ଏହାକୁ ଖଣ୍ଡନ କରୁଛି। ତେବେ ଆଇଏଏଫ୍ ପାକିସ୍ତାନ ଭିତରକୁ ଯାଇ କାର୍ଯ୍ୟାନୁଷ୍ଠାନ ନେଇଥିବାରୁ ପଡ଼ୋଶୀ ଦେଶର ବାୟୁସେନା ମଧ୍ୟ ବୁଧବାର ଭାରତର କେତେକ ସେନା ଘାଟିକୁ ଟାର୍ଗେଟ କରିଥିବା କୁହାଯାଉଛି। ଅନ୍ୟପକ୍ଷରେ ପାକିସ୍ତାନ ବୁଧବାର ଦାବି କରିଛି ଯେ, ଆଇଏଏଫ୍‌ର ଦୁଇଟି ବିମାନକୁ ସେଠାକାର ସେନା ଗୁଳିକରି ଖସାଇ ଦେଇଛି। ତହିଁରୁ ଗୋଟିଏ ବିମାନ ଭାରତ ପଟେ ପଡ଼ିଥିବାବେଳେ ଅନ୍ୟଟି ପାକିସ୍ତାନ ପଟେ ପଡ଼ିଥିଲା। ପାକିସ୍ତାନ ପଟେ ପଡ଼ିଥିବା ବିମାନର ପାଇଲଟ କମାଣ୍ଡର ଅଭିନନ୍ଦନଙ୍କ ମୁହଁରେ ପଟି ବନ୍ଧାଯାଇଥିବା ଏକ ୪୬ ମିନିଟର ଭିଡିଓ ଜାରି କରାଯାଇଛି। ଉକ୍ତ ଭିଡିଓରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସେଠାକାର ସେନା ଅଧିକାରୀମାନେ ଜେରା କରୁଛନ୍ତି। ସେ ନିଜକୁ କମାଣ୍ଡର ଅଭିନନ୍ଦନ ବୋଲି ପରିଚୟ ଦେଉଛନ୍ତି। ପାକିସ୍ତାନୀ ସେନା ମୁଖପାତ୍ର ମେଜର ଜେନେରାଲ ଆସିଫ୍ ଗଫୁର ଏକ ଖବରଦାତା ସମ୍ମିଳନୀରେ ଏହି ଭିଡିଓ ଜାରି କରିଛନ୍ତି। ଗଫୁର କହିଛନ୍ତି, ପାକିସ୍ତାନ ଏକ ଦାୟିତ୍ୱହୀନ ରାଷ୍ଟ୍ର ନୁହେଁ। ଆମ ସଶସ୍ତ୍ର ବଳ ଆତ୍ମରକ୍ଷା ପାଇଁ ସମର୍ଥ। ଯୁଦ୍ଧ ପାଇଁ ନୁହେଁ, ବରଂ ଆମେ ଜବାବ ଦେଇପାରୁ ବୋଲି ଜଣାଇବା ଲାଗି ଭାରତ ଭିତରକୁ ଆମ ବିମାନ ପଠାଯାଇଥିଲା। ତେବେ ଭାରତର କୌଣସି ସ୍ଥାନକୁ ଆମେ ଟାର୍ଗେଟ କରିନାହୁଁ।

ଅନ୍ୟପକ୍ଷରେ ପାକିସ୍ତାନର ଦାବିକୁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ଖଣ୍ଡନ କରିଛି। ମନ୍ତ୍ରଣାଳୟର ମୁଖପାତ୍ର ରବୀଶ କୁମାର କହିଛନ୍ତି, ପାକିସ୍ତାନୀ ବାୟୁସେନା ଭାରତର କେତୋଟି ସେନା ଘାଟିକୁ ଆକ୍ରମଣ ଉଦ୍ୟମ କରିଥିଲା। ଭାରତୀୟ ବାୟୁସେନାର ସଜାଗ ପାଇଲଟମାନେ ଏହାର କଡ଼ା ଜବାବ ଦେଇ ଉଦ୍ୟମକୁ ପଣ୍ଡ କରିଛନ୍ତି। ପାକିସ୍ତାନୀ ବାୟୁସେନାର ଏକ ଯୁଦ୍ଧବିମାନକୁ ଆଇଏଏଫ୍‌ର ମିଗ୍ ୨୧ ଗୁଳିକରି ଖସାଇଛି। ଏହି କାର୍ଯ୍ୟାନୁଷ୍ଠାନ ବେଳେ ଭାରତର ଏକ ମିଗ୍ ଫାଇଟର ଜେଟ୍ ଦୁର୍ଘଟଣାଗ୍ରସ୍ତ ହୋଇଛି ଏବଂ ଜଣେ ପାଇଲଟ ନିଖୋଜ ଅଛନ୍ତି। ପାକିସ୍ତାନ ତାଙ୍କୁ ଧରିନେଇଛି ବୋଲି କରୁଥିବା ଦାବିର ସତ୍ୟାସତ୍ୟ ନେଇ ଆମେ ଯାଞ୍ଚ କରୁଛୁ ବୋଲି ରବୀଶ କହିଛନ୍ତି। ଏହାର କିଛି ସମୟ ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଏକ ଟିଭି ସିଧାପ୍ରସାରଣରେ ଭାରତକୁ ଆଲୋଚନା ପାଇଁ ପ୍ରସ୍ତାବ ଦେଇଛନ୍ତି। ଇମ୍ରାନ୍ କହିଛନ୍ତି, ଦୁଇ ଆଣବିକ ଅସ୍ତ୍ରସମ୍ପନ୍ନ ପଡ଼ୋଶୀ ମଧ୍ୟରେ ଆଲୋଚନା ଜରିଆରେ ସମସ୍ୟାର ସମାଧାନ ସମ୍ଭବ। ଆମେ ଯୁଦ୍ଧ ଚାହୁଁନାହୁଁ। ବର୍ତ୍ତମାନର ସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇ ଆଗକୁ ଥରେ ଯୁଦ୍ଧ ଆରମ୍ଭ ହେଲେ ତାହା ମୋ ନିୟନ୍ତ୍ରଣରେ ରହିବ ନାହିଁ କି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ତାକୁ ଆୟତ୍ତ କରିପାରିବେ ନାହିଁ। ତୁମ ଓ ଆମ ପାଖରେ ଥିବା ଅସ୍ତ୍ରଶସ୍ତ୍ରରେ ଆମେ ପରସ୍ପରକୁ ଟାର୍ଗେଟ କରି ସହ୍ୟ କରିପାରିବା କି? ଆସନ୍ତୁ ଆଲୋଚନା ମାଧ୍ୟମରେ ସମାଧାନ କରିବା। ବାୟୁସୀମା ଡେଇଁ ପାକିସ୍ତାନ ପଟକୁ ଭାରତର ୨ ବିମାନକୁ ଖସାଇ ଦିଆଯାଇଛି। ତୁମେ ଯଦି ଆମ ପଟକୁ ଆସିପାରିବ ଆମେ ମଧ୍ୟ ଅନୁରୂପ ପଦକ୍ଷେପ ନେଇପାରିବୁ ବୋଲି ଜଣାଇବା ହେଉଛି ଆମର ଉଦ୍ଦେଶ୍ୟ। ଏପରି କହି ଇମ୍ରାନ୍ ଖାନ୍ ଉତ୍ତେଜନା ହ୍ରାସ କରିବାକୁ ଉଦ୍ୟମ କରିଛନ୍ତି। ପାକିସ୍ତାନୀ ବାୟୁସେନା ବାୟୁସୀମା ଉଲ୍ଲଂଘନ କରିଥିବା ଦର୍ଶାଇ ନୂଆଦିଲ୍ଲୀରେ ଅବସ୍ଥାପିତ ସେଠାକାର ଉପଉଚ୍ଚାୟୁକ୍ତ ସୟଦ୍ ହାଇଦର ଶାହଙ୍କୁ ସାଉଥ୍ ବ୍ଲକ୍ ସମନ କରିଛି। ଦୁଇପଟେ ଉତ୍ତେଜନା ଲାଗିରହିଥିବାବେଳେ କୌଣସି ପ୍ରକାର ଆକ୍ରମଣ ଏଡାଇବା ଲାଗି ଭାରତ ପକ୍ଷରୁ ଅନେକ ବିମାନବନ୍ଦରରେ ବିମାନ ଚଳାଚଳ ବନ୍ଦ କରିଦିଆଯାଇଛି। ନୂଆଦିଲ୍ଲୀ, ଶ୍ରୀନଗର, ଜମ୍ମୁ, ଅମୃତସର, ଡେରାଡୁନ୍, ଚଣ୍ଡିଗଡ଼, ଶିମ୍‌ଲା, ଲେହ, ପଠାନ୍‌କୋଟ୍ ଓ ପିଥୋରାଗଡ଼ରେ ବିମାନ ଚଳାଚଳ ବନ୍ଦ ଥିବାବେଳେ ପରେ କେତୋଟି ସ୍ଥାନରେ ସ୍ଥିତି ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି। ସେହିପରି ପାକିସ୍ତାନର ଇସ୍‌ଲାମାବାଦ, ଲାହୋର, ଫୈସଲାବାଦ, ମୁଲତାନ୍ ଓ ସିଆଲକୋଟରେ ମଧ୍ୟ ବିମାନଚଳାଚଳ ବନ୍ଦ କରାଯାଇଛି।

## ମାର୍ଚ୍ଚ ୩୧ରୁ ଉଡ଼ିବ...

ପାଇଁ ସମୟ ନିର୍ଘଣ୍ଟ ମଧ୍ୟ ସ୍ଥିର ହୋଇଛି। ଅପରାହ୍ନ ୧ଟା ୧୫ରେ ନୂଆଦିଲ୍ଲୀରୁ ବିମାନ ବାହାରି ଅପରାହ୍ନ ୩ଟା ୧୦ରେ ଝାରସୁଗୁଡ଼ାରେ ପହଞ୍ଚିବ। ସେହିପରି ଅନ୍ୟ ଏକ ବିମାନ ଅପରାହ୍ନ ୩ଟା ୪୦ରେ ଝାରସୁଗୁଡ଼ାରୁ ବାହାରି ସନ୍ଧ୍ୟା ୫ଟା ୩୦ରେ ନୂଆଦିଲ୍ଲୀରେ ପହଞ୍ଚିବ। ହାଇଦ୍ରାବାଦ ଯିବା ପାଇଁ ଝାରସୁଗୁଡ଼ାରୁ ସ୍ପାଇସ୍‌ଜେଟ୍ ବିମାନ ଅପରାହ୍ନ ୪ଟାରେ ବାହାରି ସନ୍ଧ୍ୟା ୬ରେ ସେଠାରେ ପହଞ୍ଚିବ। ଅନ୍ୟ ଏକ ବିମାନ ହାଇଦ୍ରାବାଦରୁ ସନ୍ଧ୍ୟା ୬ଟା ୩୦ରେ ବାହାରି ରାତି ୮ଟା ୨୦ରେ ଝାରସୁଗୁଡ଼ାରେ ଅବତରଣ କରିବ। ରାତି ୮ଟା ୪୦ରେ ଏକ ବିମାନ ଝାରସୁଗୁଡ଼ାରୁ ବାହାରି ୧୦ଟାରେ କୋଲକାତାରେ ପହଞ୍ଚିବ। ଅନ୍ୟ ଏକ ବିମାନ ଅପରାହ୍ନ ୨ଟା ୨୫ରେ ବାହାରି ୩ଟା ୫୦ରେ ଝାରସୁଗୁଡ଼ା ପହଞ୍ଚିବ ବୋଲି ସ୍ପାଇସ୍‌ଜେଟ୍ ଅଧ୍ୟକ୍ଷ ସିହ୍ନା ସୂଚନା ଦେଇଛନ୍ତି। ଝାରସୁଗୁଡ଼ାକୁ ଦେଶର ପ୍ରମୁଖ ସହର ସହ ଏହି ବିମାନ ସେବା ଦ୍ୱାରା ପଶ୍ଚିମ ଓଡ଼ିଶାର ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ର ସମୃଦ୍ଧ ହେବ ବୋଲି ମତ ପ୍ରକାଶ ପାଇଛି।

## ଖସିପଡ଼ିଲା ଆଇଏଏଫ୍ ...

ନିକଟ ଏକ ପଡ଼ିଆରେ ଖସିପଡ଼ିଥିଲା। ଫଳରେ ୬ ଜଣ ନିହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ସ୍ଥାନୀୟ ବାସିନ୍ଦା କିଫାୟତ୍ ହୁସେନ ଗନାଇଏଙ୍କୁ ଚିହ୍ନଟ କରାଯାଇଛି। ଅନ୍ୟ ୫ ଜଣ ଆଇଏଏଫ୍‌ର ବୋଲି ଜଣାପଡ଼ିଛି। ସେମାନଙ୍କ ପରିଚୟ ଚିହ୍ନଟ କରାଯାଉଛି। ଏହା ଏକ ଏମ୍‌ଆଇ-୧୭ ହେଲିକପ୍ଟର ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ପାକିସ୍ତାନୀ ବାୟୁସେନା ଏହାକୁ ଗୁଳିକରି ଖସାଇ ଦେଇଥିବା ଦାବି କରିଛି।

# ରାଜ୍ୟର ୩ ଏନ୍‌ଏଚ୍ ପ୍ରକଳ୍ପ ଲାଗି ୨୦୬୭.୫ କୋଟି

- **ଆଜି ଭୂମିପୂଜନ କରିବେ ଧର୍ମେନ୍ଦ୍ର ପ୍ରଧାନ**
- **୬ ଲେନ୍ ହେବ ଭଦ୍ରକ-ବାଲେଶ୍ୱର, ଟାଙ୍ଗୀ-ଭୁବନେଶ୍ୱର ସେକ୍ସନ**
- **ବାଲିକୁଦା, ଶିଖରପୁର, ବଡତଣାରେ ଭେଇକୁଲାର ଅଣ୍ଡରପାସ**

ଭୁବନେଶ୍ୱର,୨୭-୨(ବ୍ୟୁରୋ)

ରାଜ୍ୟର ୩ ଏନ୍‌ଏଚ୍ ପ୍ରକଳ୍ପର ଗୁରୁବାର ଭୂମିପୂଜନ ହେବ। ଏହି ଅବସରରେ ଭୁବନେଶ୍ୱରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ନ୍ୟାଶନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ(ଏନ୍‌ଏଚ୍‌ଏଆଇ)ର ଅଧିକାରୀ ଉପସ୍ଥିତ ରହିବେ। ଏହି ପ୍ରକଳ୍ପଗୁଡ଼ିକ ଲାଗି ମୋଟ୍ ୨୦୬୭.୫ କୋଟି ବ୍ୟୟ ଯୋଜନା ରହିଛି। ଏହା ମଧ୍ୟରେ ୧୧୯.୫ କିମିର ରାଜପଥ ସମେତ ଅନ୍ୟାନ୍ୟ ପ୍ରମୁଖ ବ୍ୟବସ୍ଥା ରହିଥିବା ଏନ୍‌ଏଚ୍‌ଏଆଇର ସିଜିଏମ୍ ରାମ ପ୍ରସାଦ ପଣ୍ଡା ଏଠାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏନ୍‌ଏଚ୍ ୫(ନୂଆ ଏନ୍ ଏଚ୍୧୬)ର ଭଦ୍ରକ-ବାଲେଶ୍ୱର ସେକ୍ସନ ୬ ଲେନ୍ ବିଶିଷ୍ଟ ରାସ୍ତାରେ ରୂପାନ୍ତରିତ ହେବ। ସେହିଭଳି ଟାଙ୍ଗୀ-ଭୁବନେଶ୍ୱର ସେକ୍ସନ ମଧ୍ୟ ୬ ଲେନ୍ ବିଶିଷ୍ଟ କରାଯିବାକୁ ନିଷ୍ପତ୍ତି ହୋଇଛି। ଭୁବନେଶ୍ୱର ଚଣ୍ଡିଖୋଲ ସେକ୍ସନରେ ୩ଟି ଭେଇକୁଲାର ଅଣ୍ଡରପାସ ନିର୍ମାଣ କରାଯିବ। ଏଗୁଡ଼ିକ କଟକର ବାଲିକୁଦା, ଶିଖରପୁର ଏବଂ ଯାଜପୁରର ବଡତଣାଠାରେ ନିର୍ମାଣ କରାଯିବ ବୋଲି ପଣ୍ଡା କହିଛନ୍ତି।

ଏନ୍‌ଏଚ୍‌ଏଆଇ ପକ୍ଷରୁ ରାଜ୍ୟରେ ବର୍ତ୍ତମାନ ୧୫୬୦ କିମିର ପ୍ରକଳ୍ପ ହାତକୁ ନିଆଯାଇଛି। ଏହି ପ୍ରକଳ୍ପଗୁଡ଼ିକର ମୂଲ୍ୟ ୨୩,୬୬୦ କୋଟି ଟଙ୍କା ରହିଛି। ସେହିଭଳି ଆଗାମୀ ଦିନରେ ୧୬୪୫ କିମିର ରାଜପଥ ପ୍ରକଳ୍ପ ରାଜ୍ୟରେ ଆରମ୍ଭ ହେବ। ଏହି ପ୍ରକଳ୍ପଗୁଡ଼ିକରେ ମୋଟ ୩୦,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ମଧ୍ୟରେ ୪୧୫ କିମିର କୋଷ୍ଟାଲ ହାଇୱେ ରହିଛି। ଏହା ୮,୦୦୦ କୋଟି ଟଙ୍କାରେ ନିର୍ମାଣ କରାଯିବ। ଅନ୍ୟ ପ୍ରକଳ୍ପଗୁଡ଼ିକ ମଧ୍ୟରେ ୨୪୫ କିମିର ରାୟପୁର-ବିଶାଖାପାଟଣା କରିଡର ଲାଗି ୯ ହଜାର କୋଟି, ୯୩ କିମିର କ୍ୟାପିଟାଲ ରିଜିଅନ ରିଙ୍ଗ୍ ରୋଡ୍ ଲାଗି ୨,୫୦୦ କୋଟି, ବନ୍ଦର ସଂଯୋଗୀକରଣ ପଦକ୍ଷେପ ଅନ୍ତର୍ଗତ ଜାମୁଝାଡି-ଧାମରା ମଧ୍ୟରେ ୬୨ କିମି ରାଜପଥ ପ୍ରକଳ୍ପ ବାବଦକୁ ୧,୦୦୦ କୋଟି ଏବଂ ଭାରତମାଳା ଅଧୀନସ୍ଥ ୮୦୦ କିମିର ଅନ୍ୟ ଏନ୍‌ଏଚ୍ ପ୍ରକଳ୍ପ ବାବଦକୁ ୯,୫୦୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଯୋଜନା ରହିଥିବା ପଣ୍ଡା ସୂଚନା ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ନବମ ଭାବରେ ଶନି ସହ ଚନ୍ଦ୍ରଙ୍କ ସମ୍ବନ୍ଧ ବନ୍ଧୁଙ୍କ କାର୍ଯ୍ୟକୁ ସନ୍ଦେହଯୁକ୍ତ କରାଇବ। ପ୍ରତ୍ୟେକ କାମ ନିର୍ଦ୍ଦିଷ୍ଟ ସମୟରେ ସମ୍ପନ୍ନ ହେବା କଷ୍ଟକର ହୋଇପାରେ। ବୃହସ୍ପତିଙ୍କ ସୁଦୃଷ୍ଟି ଆପଣଙ୍କ ଅର୍ଥନୀତି, ଗୁରୁତ୍ୱପୂର୍ଣ୍ଣ ଆଲୋଚନା, ସଭାସମିତିରେ ସୁବିଚାର ଦିଗରେ ସାହାଯ୍ୟ କରିବ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ସମସ୍ୟା ସୃଷ୍ଟି ହୋଇ ପାରିବାରିକ ଶାନ୍ତି ନଷ୍ଟ ହୋଇପାରେ।

**ବୃଷ**

ତୃତୀୟସ୍ଥ ରାହୁ ରିଷ୍ଟ ଖଣ୍ଡନକାରକ ହେଲେ ମଧ୍ୟ ନିଜର ସହଜାତ ଗୁଣଧର୍ମାନୁଯାୟୀ ବନ୍ଧୁ ମାଧ୍ୟମରେ କର୍ମକ୍ଷେତ୍ରକୁ ହଲଚଲ କରିପାରନ୍ତି। ଅଫିସ୍‌ର କାର୍ଯ୍ୟବ୍ୟସ୍ତତା ଯୋଗୁ ଘରୋଇ କାମ ଗୁଡ଼ିକ ବାଧାପ୍ରାପ୍ତ ହେବ। କଳା, କ୍ରୀଡ଼ା, ସଙ୍ଗୀତ ଓ ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ମିଥୁନ**

ସବୁକିଛି ଠିକ୍ ଥିଲେ ମଧ୍ୟ ଶେଷ ପର୍ଯ୍ୟାୟର ବିବାଦୀୟ ସ୍ଥିତି ସଫଳତାକୁ ସ୍ଥଗିତ ରଖି ଦେଇପାରେ। ବୁଧଙ୍କ ଦୁର୍ବଳତା କାରଣରୁ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। ଆର୍ଥିକ, ପାରିବାରିକ ଓ ଆନୁଷ୍ଠାନିକ କ୍ଷେତ୍ର ମଧ୍ୟ ବିଶେଷ ଭଲ ରହିବ ନାହିଁ। କିନ୍ତୁ ମୃଗଶିରା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଲକ୍ଷ୍ୟ ହାସଲରେ ସମର୍ଥ ହେବେ।

**କର୍କଟ**

ମନ ଯେମିତି ଚାହୁଁଛି ତଦନୁଯାୟୀ କାମଗୁଡ଼ିକ ନ ହୋଇପାରେ। କୌଣସି ବିଜାତୀୟ ବ୍ୟକ୍ତି ପରିସ୍ଥିତିକୁ ଓଲଟପାଲଟ କରିଦେଇପାରନ୍ତି। ରୋଗ ସ୍ଥାନରେ ଶନି ଓ ଚନ୍ଦ୍ର ଯୋଗୁ ଦୈହିକ ଦୁର୍ବଳତା ମନୋବଳକୁ କମାଇଦେବ। ଆର୍ଥିକ ଅନଟନ ରହିଥିଲେ ମଧ୍ୟ ବନ୍ଧୁଙ୍କ ସାହାଯ୍ୟ, ସହଯୋଗ ପରିସ୍ଥିତିକୁ ସମ୍ଭାଳି ନେବାରେ ମୁଖ୍ୟ ଭୂମିକା ସାଜିପାରେ।

**ସିଂହ**

ପାପଗ୍ରହଯୁକ୍ତ ଶୁକ୍ର ଯୋଗୁ ଉପରିସ୍ଥ କର୍ମଚାରୀଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନି। ବ୍ୟବସାୟ କ୍ଷେତ୍ରରୁ ଅଂଶଧନ ହିସାବରେ ଅଧିକ ଧନ ପାଇ ଖୁସି ହେବେ। ପରିସ୍ଥିତିରେ ପଡ଼ି ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରି ସମସ୍ୟା ସୃଷ୍ଟି କରିପାରନ୍ତି।

**କନ୍ୟା**

ଦୀର୍ଘଦିନର ଆଶା ପୂରଣ ହେବା ଦିଗରେ ସହକର୍ମୀଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ପଡୋଶୀଙ୍କ କଥାରେ ପ୍ରଭାବିତ ହୋଇ ନୂତନ କର୍ମସଂସ୍ଥାନ ପାଇଁ ମନ ବଳାଇ ପାରନ୍ତି। ଭାଇଙ୍କ ଆରୋଗ୍ୟଲାଭ ପାଇଁ ଦେବାର୍ଚ୍ଚନା କରିବା ସକାଶେ ମନ ବଳାଇପାରନ୍ତି। ଆର୍ଥିକ, ସାମାଜିକ ଓ ରାଜନୈତିକ ପତିଆରା ବୃଦ୍ଧି ପାଇବା ସମ୍ଭାବନା ରହିଛି।

**ତୁଳା**

ଧନସ୍ଥାନସ୍ଥ ଶୁଭଗ୍ରହ କାରଣରୁ ଅର୍ଥ ଓ ସମ୍ମାନ ପାଇବା ସାଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ପାଇ ଖୁସୀ ହେବେ। କିନ୍ତୁ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। କର୍ମକ୍ଷେତ୍ର କିମ୍ବା ଆଲୋଚନା ପରିସରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ସହକର୍ମୀମାନଙ୍କ ସାହାଯ୍ୟ ଓ ସହାନୁଭୂତିରୁ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି।

**ବିଛା**

ସୁଖ ଭାବରେ ଶନି ଚନ୍ଦ୍ର ଥିବା ଯୋଗୁ ମନରେ ଭାବୁଥିବା କଥାଟି ପ୍ରକାଶ କରିବାରେ ପଛେଇଯିବେ। ଫଳତଃ ପାଇବା ସକାଶେ ଅନୁକୂଳ ସ୍ଥିତି ଥିଲେ ମଧ୍ୟ ସୁଯୋଗ ହାତଛଡ଼ା ହୋଇଯାଇପାରେ। ପରିବାରରେ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ନୂତନ ଯୋଜନା ତଥା ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ଧନୁ**

ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଉପକାର ମିଳିବ। ଆପଣଙ୍କ ପ୍ରତିଷ୍ଠାକୁ ସହ୍ୟ କରି ନ ପାରି ନିଜ ଲୋକମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ପାରିବାରିକ, ବ୍ୟବସାୟିକ କ୍ଷେତ୍ର ଓ ନିର୍ମାଣାଧୀନ କାମ, ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ପାଇଁ ସମୟଟି ଅନୁକୂଳ ରହିବ।

**ମକର**

ସମ୍ପର୍କୀୟମାନଙ୍କ ସହଯାତ୍ରୀ ଭାବରେ ଆଜିର ସକାଳ ଯାତ୍ରା ବେଶ୍ ପ୍ରୀତିପ୍ରଦ ରହିବ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବା ଦିଗରେ ସ୍ତ୍ରୀଙ୍କ ଆନ୍ତରିକ ଚେଷ୍ଟା ଅନୁକରଣୀୟ। କାର୍ଯ୍ୟର ଗୁରୁତ୍ୱ ଦୃଷ୍ଟିକୋଣରୁ ଅଫିସ୍‌ରେ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢିପାରେ। କିଛି କହି ନ ପାରିଲେ ମଧ୍ୟ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ।

**କୁମ୍ଭ**

ସରକାରୀସ୍ତରରୁ ଆଶା କରିଥିବା ଖବରଟି ପଡୋଶୀଙ୍କଠାରୁ ପାଇ ଖୁସି ହେବେ। ପରିବାରରେ ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ସହକର୍ମୀମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ଯାତ୍ରା, ବାଣିଜ୍ୟ, ଲେଖାପଢ଼ା, କଳା ସାହିତ୍ୟାଦି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିବେ।

**ମୀନ**

ଅତୀତର ଅନାଲୋଚିତ ଘଟଣାବଳୀ ମନକୁ ଆନ୍ଦୋଳିତ କରିପାରେ। ବ୍ୟବସାୟରେ ମନାନ୍ତର ସୃଷ୍ଟି ହୋଇପାରେ। କୌଣସି କାମରେ ଅଧୈର୍ଯ୍ୟ ନ ହୋଇ ସମୟକୁ ଅପେକ୍ଷା କରନ୍ତୁ, ବିଳମ୍ବ ହେଲେ ମଧ୍ୟ କାର୍ଯ୍ୟ ସାଧିତ ହେବ। ସଭାସମିତିରେ ନୂତନ ଯୋଜନା ସମ୍ପର୍କିତ ଆଲୋଚନା ଫଳପ୍ରଦ ହୋଇପାରେ।

ଆଜି ଫାଲ୍‌ଗୁନ କୃଷ୍ଣ ଦଶମୀ ଗୁରୁବାର, ଫେବୃୟାରୀ ୨୮ ତାରିଖ, ରାଷ୍ଟ୍ରୀୟ ବିଜ୍ଞାନ ଦିବସ, ଡକ୍ଟର ରାଜେନ୍ଦ୍ର ପ୍ରସାଦ ଓ ବୀର ସୁରେନ୍ଦ୍ର ସାଏଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ମୂଳା/ଧନୁ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୦।୨୯ମି. ଗତେ ଘ୧୧।୫୫ମି. ମଧ୍ୟେ, ଘ୧।୨୧ମି. ଗତେ ଘ୨।୫୭ମି. ମଧ୍ୟେ ଅମୃତବେଳା। ଦିବା ଘ୧୧।୫୫ମି. ଗତେ ଘ୧।୨୧ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧।୨୬ମି. ଗତେ ଘ୨।୫୩ମି. ମଧ୍ୟେ ରାହୁକାଳ।

**ମିଶନ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ**

# ମହିଳାଙ୍କ ନେତୃତ୍ୱ ଓଡ଼ିଶାକୁ ନୂଆ ବାଟ ଦେଖାଇଛି

**ରାୟଗଡ଼ା ଅଫିସ୍,୨୭।୨(ଡି.ଏନ୍.ଏ.)**

ମହିଳାଙ୍କ ନେତୃତ୍ୱ ଓଡ଼ିଶାକୁ ଏକ ନୂଆ ବାଟ ଦେଖାଇପାରିଛି। ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ କରିବାକୁ କେନ୍ଦ୍ର ପାଖରେ ଆମେ ଦାବି ରଖିଛୁ। ରାୟଗଡ଼ା ଜିଲା ଖଲିଗୁଡ଼ାରେ ବୁଧବାର ଅନୁଷ୍ଠିତ ମିଶନ ଶକ୍ତି ମହାସମାବେଶରେ ଲକ୍ଷାଧିକ ମହିଳାଙ୍କୁ ସମ୍ବୋଧିତ କରି ଏଭଳି ବକ୍ତବ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗସ୍ତ ଅବସରରେ ସେ ରାୟଗଡ଼ା ଜିଲା ପାଇଁ ୫୩୨ କୋଟି ୫୮ଲକ୍ଷ ୫୧ ହଜାର ଟଙ୍କା ବ୍ୟୟ ଅଟକଳରେ ୪୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସହ ୨୦୪ କୋଟି ୮୪ ଲକ୍ଷ ୩୭ ହଜାର ଟଙ୍କା ବ୍ୟୟରେ ନିର୍ମିତ ୪୧ଟି ପ୍ରକଳ୍ପର ଲୋକାର୍ପଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଖଲିଗୁଡ଼ାରେ ସଭାସ୍ଥଳରେ ଦିନ ୧୧ଟା ୪୫ ସୁଦ୍ଧା ପହଞ୍ଚିବାର ଥିଲା। ଖରାପ ପାଗ ଯୋଗୁ ଲାଞ୍ଜିଗଡ଼ ବଦଳରେ ତାଙ୍କ ବିମାନ ଜୟପୁରରେ ଅବତରଣ କରିଥିଲା। ସେଠାରେ ମୁଖ୍ୟମନ୍ତ୍ରୀ ୧ଘଣ୍ଟା ଅପେକ୍ଷା କରିଥିଲେ। ଲାଞ୍ଜିଗଡ଼ରୁ ହେଲିକପ୍ଟର ଜୟପୁର ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ସେଥିରେ ଯାତ୍ରାକରି ୨ଟା୩୦ରେ ରାୟଗଡ଼ାରେ ପହଞ୍ଚିଥିଲେ। ସଭାସ୍ଥଳରେ ଉପସ୍ଥିତ ୧ଲକ୍ଷ ମହିଳାଙ୍କୁ ଜୁହାର କହିବା ସହ ବିଳମ୍ବ ପାଇଁ କ୍ଷମା ପ୍ରାର୍ଥନା କରି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ, ମହିଳା ସଶକ୍ତୀକରଣ ମାଧ୍ୟମରେ ୬ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି। ଏଥିରେ ୭୦ଲକ୍ଷ ମହିଳାଙ୍କୁ ସାମିଲ କରାଯାଇଛି। ସେମାନଙ୍କୁ ସ୍ୱାବଲମ୍ବୀ କରାଇବାକୁ ସମସ୍ତ ଗ୍ରୁପକୁ ବିନା ସୁଧରେ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଇଥିବା ସେ କହିଥିଲେ। କାଳିଆ ଯୋଜନାରେ ଚାଷୀଙ୍କୁ ସାମିଲ କରାଯାଇଛି। ସ୍କଲାରଶିପ ଜରିଆରେ ଚାଷୀଙ୍କ ପିଲାଙ୍କୁ ପାଠପଢ଼ା ବ୍ୟବସ୍ଥା କରାଯାଇଛି। କେତେକ ଲୋକ ଏହା ବନ୍ଦ ହୋଇଯିବା ନେଇ ମିଥ୍ୟା ଅପପ୍ରଚାର କରୁଛନ୍ତି। ଏହା ଏକ ଐତିହାସିକ ପଦକ୍ଷେପ ଓ ଏହାକୁ କେହି ବନ୍ଦ କରିପାରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ କିଛି ସୁବିଧା ନ ଥିବା ବେଳେ ବହୁ ଚାଷୀ ଏଥିରୁ ବାଦ୍ ପଡିଛନ୍ତି। ଏହାର ପ୍ରୋତ୍ସାହନ ରାଶି ୬ହଜାର ପରିବର୍ତ୍ତେ ୧୦ହଜାର ଟଙ୍କାକୁ ବୃଦ୍ଧି କରିବାକୁ ସେ ଦାବି ଜଣାଇଥିବା କହିଥିଲେ। ଚାଷୀ, ମହିଳା ଓ ଯୁବକଙ୍କୁ ସଶକ୍ତ କରି ଓଡ଼ିଶାର ନୂଆ ପରିଚୟ ସୃଷ୍ଟି କରିବା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ। ଏହି ଅବସରରେ ରାୟଗଡା ଜିଲାରେ ୫୩୨ କୋଟି ୫୮ ଲକ୍ଷ ୫୧ ହଜାର ଟଙ୍କା ବ୍ୟୟ ଅଟକଳରେ ୪୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ମୁଖ୍ୟମନ୍ତ୍ରୀ। ୨୦୪ କୋଟି ୮୪ ଲକ୍ଷ ୩୭ ହଜାର ଟଙ୍କା ବ୍ୟୟରେ ନିର୍ମିତ ୪୧ଟି ପ୍ରକଳ୍ପକୁ ମଧ୍ୟ ସେ ଲୋକାର୍ପିତ କରିଥିଲେ। ସେହିପରି ୧୫୦୦ ନିର୍ମାଣ ଶ୍ରମିକଙ୍କୁ ସାଇକେଲ, ୧୧୮୯ ଜଣଙ୍କୁ ମଧୁବାବୁ ପେନସନ, ୧୨୯୭ ଜଣଙ୍କୁ ଜଙ୍ଗଲ ଜମି ଅଧିକାର ପଟ୍ଟା, ୧୪୪ଟି ଏସ୍ଏଚ୍‌ଜିକୁ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ, ୧୧ଟି ପ୍ରକଳ୍ପରେ ୬୭୨୯ଟି ଏସ୍ଏଚ୍‌ଜିକୁ ୧୦କୋଟି ୯ଲକ୍ଷ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ପ୍ରଣବ ପ୍ରକାଶ ଦାଶ, କୋରାପୁଟ ଏମ୍‌ପି ଝିନ୍ନ ହିକ୍‌କା, ରାଜ୍ୟସଭା ସଦସ୍ୟ ଏନ୍. ଭାସ୍କର ରାଓ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରୁଛନ୍ତି।

## ଉତ୍ତର, ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା

■ ୧୬ ଜିଲାକୁ ଝଡ଼ବର୍ଷା ସତର୍କତା

**ଭୁବନେଶ୍ୱର,୨୭।୨(ବ୍ୟୁରୋ):** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡିଶାର ଅଧିକାଂଶ ସ୍ଥାନ ଏବଂ ଦକ୍ଷିଣ ଓଡିଶାର ଅଳ୍ପ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ୧୬ଟି ଜିଲା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଦେବଗଡ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, କଟକ, ନୟାଗଡ, ଖୋର୍ଦ୍ଧା, ପୁରୀ, ରାୟଗଡା ଏବଂ ଗଜପତି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡଘଡି ସହ ଝଡ ପବନ ବୋହିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ କରାଯାଇଛି। ଗୁରୁବାର ଉପକୂଳ ଓଡିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଏବଂ ମୟୂରଭଞ୍ଜ, ରାୟଗଡା, କୋରାପୁଟ ଏବଂ ମାଲକାନଗିରି ଜିଲାରେ ସ୍ୱଳ୍ପ ବର୍ଷା ସହ ଝଡପବନ ହେବ ବୋଲି ପୂର୍ବାନୁମାନ କରାଯାଇଛି।







## କୋରାପୁଟ ରଣା, ମାଳୀଙ୍କୁ ଜନଜାତି ମାନ୍ୟତା

■ ବିଚାରବିମର୍ଶ କରୁଛନ୍ତି ରାଜ୍ୟ ସରକାର

**ଭୁବନେଶ୍ୱର,୨୭।୨(ବ୍ୟୁରୋ):** କୋରାପୁଟ ଜିଲାରେ ବସବାସ କରୁଥିବା ରଣା, ମାଳୀ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ଜନଜାତି ମାନ୍ୟତା ପ୍ରଦାନ କରାଯିବା ପାଇଁ ରାଜ୍ୟ ସରକାର ବିଚାର କରୁଛନ୍ତି। ଏ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ସଚିବାଳୟରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପଡୋଶୀ ଆନ୍ଧ୍ରରେ ରହୁଥିବା ରଣା ଏବଂ ମାଳୀ ସମ୍ପ୍ରଦାୟର ଲୋକଙ୍କୁ ଜନଜାତି ମାନ୍ୟତା ପ୍ରଦାନ କରାଯାଇ ସାରିଛି। ତେଣୁ ଅନୁରୂପ ଭାବେ ଓଡ଼ିଶାରେ ଏହା କରିବା ପାଇଁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଏହାକୁ କାର୍ଯ୍ୟକାରୀ କରିବାକୁ ହେଲେ ଭାରତ ସରକାରଙ୍କ ଅନୁମତି ଦରକାର। ଏହା ପୂର୍ବରୁ ରାଜ୍ୟ ସରକାରଙ୍କୁ ଉପଯୁକ୍ତ ତଥ୍ୟ ସହ ସୁପାରିସ କରିବାକୁ ପଡିବ। ତେଣୁ ଏହି ଦୁଇ ସମ୍ପ୍ରଦାୟ ସମ୍ପର୍କରେ ରାଜ୍ୟ ସରକାର ବ୍ୟାପକ ଅଧ୍ୟୟନ ଏବଂ ତଥ୍ୟ ସଂଗ୍ରହ କରିବେ ବୋଲି ଜଣାପଡିଛି।

ଉଭୟ ସମ୍ପ୍ରଦାୟର ଭାଷା, ଚାଲିଚଳନ, ସଂସ୍କୃତି, ପ୍ରଥା, ଧର୍ମ ଏବଂ ବୈବାହିକ ସମ୍ପର୍କରେ ପଡୋଶୀ ଆନ୍ଧ୍ର ଜନଜାତିଙ୍କ ସହ ସାମଞ୍ଜସ୍ୟ ଇତ୍ୟାଦିକୁ ଅନୁଶୀଳନ କରାଯିବ। ଅନୁଶୀଳନରୁ ପ୍ରାପ୍ତ ତଥ୍ୟକୁ ସମ୍ବଳିତ କରିବା ରାଜ୍ୟ ସରକାର ଅନୁସୂଚିତ ଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ନିର୍ଦ୍ଦେଶାଳୟକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ରାଜସ୍ୱ ମନ୍ତ୍ରୀଙ୍କ ବ୍ୟତୀତ ପଟାଙ୍ଗୀ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗୀ, ବରିଷ୍ଠ ଅଧିକାରୀ ନିକୁଞ୍ଜ ଧଳ ଓ ଅଖିଳ ବିହାରୀ ଓତା ଏବଂ ରଣା, ମାଳୀ ସମାଜର କେତେକ ପ୍ରତିନିଧି ଯୋଗ ଦେଇଥିଲେ।




■ ଆୟୁଷ୍ମାନ ଭାରତ ଯୋଜନା

## 'ନିର୍ବାଚନ ପାଇଁ ରାଜ୍ୟ ସରକାର ଲାଗୁ କରୁନାହାନ୍ତି'

**ଭୁବନେଶ୍ୱର, ୨୭।୨(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର କିଷାନମାନଙ୍କ ପାଇଁ କିଷାନ ସମ୍ମାନ ନିଧି ଯୋଜନା ଲାଗୁ କରିଛନ୍ତି। ଦେଶର ୧୨କୋଟି ଚାଷୀ ପ୍ରତି ବର୍ଷ ୬ହଜାର ଟଙ୍କା ଲେଖା ପାଇବେ। ଓଡ଼ିଶା ଏବେ ୧୨ଲକ୍ଷ କୃଷକଙ୍କ ସୂଚୀ ଦେଇଛି ଏବଂ ଖୁବଶୀଘ୍ର ସେମାନଙ୍କ ଆକାଉଣ୍ଟକୁ ଅର୍ଥ ଆସିବ।। ଆୟୁଷ୍ମାନ ଯୋଜନା ବିଶ୍ୱର ସବୁଠୁ ବଡ଼ ଯୋଜନା। ଏଥିରେ ୫୦କୋଟି ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବାର ଲକ୍ଷ୍ୟ ରହିଛି। ଦୁର୍ଭାଗ୍ୟର ବିଷୟ ଓଡ଼ିଶା ଏହି ଯୋଜନାରୁ ବଞ୍ଚିତ ରହିଛି। ଗୁଜରାଟରେ ୭ଲକ୍ଷ ଓଡିଆ ରହୁଛନ୍ତି। ଆୟୁଷ୍ମାନ ଭାରତ ଓଡ଼ିଶାରେ ଲାଗୁ ନ ହେବା କାରଣରୁ ସେମାନେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ରାଜ୍ୟ ସରକାର ନିର୍ବାଚନ ପାଇଁ ଯୋଜନାକୁ ଲାଗୁ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କେନ୍ଦ୍ରମନ୍ତ୍ରୀ ମନସୁଖଲାଲ ମାଣ୍ଡଭିଆ କହିଛନ୍ତି।

ସ୍ଥାନୀୟ ଏକ ହୋଟେଲ୍‌ରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମାଣ୍ଡଭିଆ କହିଛନ୍ତି ଯେ, ବର୍ଷକୁ ୧ଲକ୍ଷ କିମି ଜାତୀୟ ରାଜପଥ ତିଆରି କାର୍ଯ୍ୟ କେନ୍ଦ୍ର ସରକାର ଆରମ୍ଭ କରିଛନ୍ତି। ୪୦ହଜାର କିମି ରାସ୍ତାର କାର୍ଯ୍ୟ ସରିଲାଣି। ୫୩ ହଜାର କିମି ରାସ୍ତାର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ପ୍ରତି ଗ୍ରାମକୁ ରାସ୍ତା ସଂଯୋଗୀକରଣ ହେବା ଆବଶ୍ୟକ। ପୂର୍ବରୁ ୬୮ କିମି ରାସ୍ତା ପ୍ରତିଦିନ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ତିଆରି ହେଉଥିବାବେଳେ ଏବେ ୧୩୪ କିମି ହେଉଛି। ଗତ ୭୦ ବର୍ଷରେ ଯାହା ନ ହୋଇଛି ଆମେ ତାହା ୫୫ମାସରେ କରିକି ଦେଖେଇଛୁ। ଓଡ଼ିଶାରେ ଜାତୀୟ ରାଜପଥ ନିର୍ମାଣ ହେଲେ ରାଜ୍ୟବାସୀ ଲାଭାନ୍ୱିତ ହେବେ। କିନ୍ତୁ ପଶ୍ଚିମବଙ୍ଗ ଏବଂ ଓଡ଼ିଶା ସରକାର ଜମି ଯୋଗାଉ ନାହାନ୍ତି। ଜାତୀୟ ରାଜପଥ ହେଲେ କାଳେ ପ୍ରଧାନମନ୍ତ୍ରୀ ନାଁ ନେଇଯିବେ ସେହି ଦୃଷ୍ଟିରୁ ରାଜ୍ୟ ସରକାର ସହଯୋଗ କରୁନାହାନ୍ତି। ସେହିପରି ଜିଏସଟି ପୂର୍ବରୁ ଅଧିକ ଟ୍ୟାକ୍ସ ଦେବାକୁ ପଡୁଥିଲା। ଜିଏସ୍‌ଟି ମାଧ୍ୟମରେ ଆମେ ଟ୍ୟାକ୍ସ କମାଇବା ସହ ଦୁର୍ନୀତି ଦୂର କରିଛୁ ବୋଲି ମାଣ୍ଡଭିଆ କହିଛନ୍ତି। ଏହା ପୂର୍ବରୁ ସେ ଭାରତ କି ମନ କି ବାତ୍ କାର୍ଯ୍ୟକ୍ରମରେ ଆଇଟି ପ୍ରଫେସନାଲଙ୍କ ସହ ମତ ବିନିମୟ କରିଥିଲେ।






ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ– ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ୍ୟ ସହଜ ନୁହେଁ।

–ଶ୍ରୀମା



# ଉପକାରୀ ଉଇ



## ପରିବେଶ ପରିଚିନ୍ତା

**ମାନେକା ଗାନ୍ଧୀ**

ମୋ ସ୍ୱାମୀଙ୍କ ବିୟୋଗ ପରେ ସେ ଯେଉଁ ଟେବୁଲରେ କାମ କରୁଥିଲେ, ସେଇଟି ମୋର ହୋଇଗଲା। ତାହା ଥିଲା ଅନେକ ଡ୍ରୟର-ବିଶିଷ୍ଟ ଏକ କାଠ ଟେବୁଲ। ଘର ପରିବର୍ତ୍ତନ କରି ମୁଁ ଯୁଆଡ଼େ ଯୁଆଡ଼େ ଯାଇଛି, ଏ ଟେବୁଲଟି ମଧ୍ୟ ମୋ ସହ ଯାଇଛି। ମୁଁ ସେଥିରେ ମୋ ପାଇଁ ସବୁଠୁ ମୂଲ୍ୟବାନ୍ ଜିନିଷପତ୍ର ରଖେ, ଯଥା ମୋ ସ୍ୱାମୀଙ୍କ ଚିଠି, ବାହାଘର ଆଲ୍‌ବମ, ଅସମ୍ପୂର୍ଣ୍ଣ ପାଣ୍ଡୁଲିପି, ମୋ ପିଲାଦିନର ଫଟୋ, ମୋ ପୁଅର ପିଲାଦିନର ଫଟୋ, ମୋ ମାଆ ଓ ଶାଶୁଙ୍କ ଚିଠି ଇତ୍ୟାଦି। ୨୦୦୨ରେ ମୁଁ ୧୪ ଅଶୋକା ରୋଡ଼ସ୍ଥିତ ଯେଉଁ ଘରକୁ ଗଲି, ବ୍ରିଟିଶ୍ ଅମଳର ସେହି ଘରଟି ଅତ୍ୟନ୍ତ ଅରକ୍ଷିତ ଭାବେ ରହିଥିଲା ଏବଂ ତାହା ୩୦ ବର୍ଷ ଧରି କମ୍ୟୁନିଷ୍ଟ ଦଳର କାର୍ଯ୍ୟାଳୟ ଭାବେ ବ୍ୟବହୃତ ହେଉଥିଲା। ମୋର ଘରଟି ପ୍ରତି ଅଧିକ ଧ୍ୟାନ ଦେବା ଉଚିତ ଥିଲା, ବିଶେଷତଃ ଯେତେବେଳେ ମୁଁ ଘର ଭିତରେ ଅନେକ ସ୍ଥାନରେ ଫିମ୍ପି ମାରିବା ବା ଛତୁ ଫୁଟିବା ଓ ଝରକା-କବାଟକୁ ଉଇ ଖାଇବା ଦେଖିଲି। କିନ୍ତୁ ପ୍ରତ୍ୟେକ ଥର ମୁଁ ସରକାରୀ ଇଞ୍ଜିନିୟରମାନଙ୍କୁ ଡାକିଦିଏ, ସେମାନେ ଝରକା-କବାଟ ବଦଳାନ୍ତି କିମ୍ବା ସେଇ ଫିମ୍ପି ଉପରେ ରଙ୍ଗ ବୋଳି ଦିଅନ୍ତି। ଏଥର ବି ତାହା ହିଁ କଲି।

ମୁଁ ଅନେକ ଆଇମା' ଅମଳର ପ୍ରତିକାର ପଦ୍ଧତି ଆପଣେଇଲି। ବଗିଚାରେ କିଛି କଦଳୀଗଛ ପୋତିଲି, କାରଣ ଏହା ଉଇଙ୍କୁ ଦୂରେଇ ରଖିଥାଏ ବୋଲି କୁହାଯାଏ। ବିଭିନ୍ନ ସ୍ଥାନରେ ସଜ ଗୋବରର ଘଷି ପାରିଲି। କାରଣ ଉଇମାନେ ଏ ଘଷି ପ୍ରତି ଆକର୍ଷିତ ହେଲେ ଆମେ ତା' କବଳରୁ ରକ୍ଷା ପାଇପାରିବା।

ଦିନେ ମୁଁ ସ୍ଥିର କଲି ବାଡ଼ିବଗିଚାର ଗଛ ଉପରେ ଲିଖିତ ମୋର ବହିଟିକୁ ସାରିଦେବି। କିନ୍ତୁ ମୋ ଡ୍ରୟର ଖୋଲିଲା ନାହିଁ। ତେଣୁ ମୋତେ ବଢ଼େଇ ଡାକିବାକୁ ପଡ଼ିଲା। ବଢ଼େଇ ଡ୍ରୟର ଖୋଲିଲା ବେଳକୁ ସବୁ ସରିଯାଇଥିଲା, ଉଇମାନେ ସବୁ ଖାଇ ସଫା କରିଦେଇଥିଲେ। ଗୋଟାଏ ଝଟକାରେ ମୋର ସବୁ ସମ୍ପତ୍ତି ଉଜୁଡ଼ିଗଲା। ମୁଁ ଦୁଃଖରେ କାନ୍ଦିବାକୁ ଲାଗିଲି। ମୁଁ ପୂରା ଘରକୁ ଭିତରୁ ଭିତରୁ ଭାଙ୍ଗି ଗୋଟିଏ ପରେ ଗୋଟିଏ କୋଠରିକୁ ଉଇମୁକ୍ତ କଲି। ଏଥିପାଇଁ ୧୬ ମାସ ସମୟ ଲାଗିଲା।

ଲୋକେ ମୋତେ ପ୍ରଶ୍ନ ପଚାରନ୍ତି, ଏ ମଶା, ଅସରପା ଓ ଉଇମାନଙ୍କୁ ଭଗବାନ୍ କାହିଁକି ସୃଷ୍ଟି କରିଛନ୍ତି। ଉଇମାନେ ମୋର ସବୁ ମୂଲ୍ୟବାନ୍ ସମ୍ପତ୍ତି ନଷ୍ଟ କରିଦେଇଥିଲେ ବି ମୁଁ ଜାଣେ ମୋଠାରୁ ଏ ଦୁନିଆରେ ସେମାନଙ୍କ ମହତ୍ତ୍ୱ ଅଧିକ। ସେମାନେ ପ୍ରକୃତରେ ଏକ ଉପକାରୀ କୀଟ। ସେମାନେ ଉଦ୍ଭିଦର ତନ୍ତୁ ଖାଇ ହଜମ କରିପାରନ୍ତି, କାରଣ ସେମାନଙ୍କ ପାକସ୍ଥଳୀରେ ସ୍ୱତନ୍ତ୍ର ପ୍ରକାର ବୀଜାଣୁ ଅଛନ୍ତି। ଯେଉଁ କାଠ ବା ମଳାଗଛ ସହଜରେ ମାଟିରେ ମିଶିପାରିବ ନାହିଁ, ତାକୁ ସେମାନେ ତୁରନ୍ତ ଖାଇ ମାଟିରେ ମିଶାଇଦିଅନ୍ତି ଓ ପୁନଃଚକ୍ରଣରେ ସାହାଯ୍ୟ କରନ୍ତି। ସେମାନେ ସୁଡ଼ଙ୍ଗ ଖୋଳି ତା' ଭିତରେ ପବନ ଚଳାଚଳକୁ ସୁଗମ କରନ୍ତି। ଏହାଦ୍ୱାରା ବିଷୁବମଣ୍ଡଳୀୟ ଜଙ୍ଗଲ ଓ କୃଷିଜମିରେ ଗଛବୃଚ୍ଛ ଭଲ ବଢ଼େ ଏବଂ ସେମାନଙ୍କ ପାଖରେ ପାଣି, ପବନ ଓ ପୋଷକ ତତ୍ତ୍ୱ ସହଜରେ ପହଞ୍ଚିପାରେ। କେତେକ ପ୍ରଜାତି ଜୀବନ୍ତ ଗଛକୁ ଆକ୍ରମଣ କରନ୍ତି। କିନ୍ତୁ ଏହି ଗଛଗୁଡ଼ିକ ଦୁର୍ବଳ ଓ ଚାପଗ୍ରସ୍ତ ହୋଇପଡ଼ିଥାନ୍ତି ଏବଂ ସେମାନେ କାଇରୋମୋନ୍ ନାମକ ଏକ ରାସାୟନିକ ଛାଡ଼ନ୍ତି, ଯାହାକୁ ଉଇମାନେ ବ୍ୟବହାର କରି ଏହାକୁ ଠାବ କରନ୍ତି।

ମାତ୍ର ୩୦୦୦ ପ୍ରଜାତିର ଉଇ ମଣିଷ ପାଇଁ କ୍ଷତିକାରକ କୀଟ ବା ପେଷ୍ଟ ଭାବେ ଜଣାଶୁଣା। ଅବଶିଷ୍ଟ ଉଇଗୁଡ଼ିକ ହେଉଛନ୍ତି ବାସ୍ତବରେ ମୃତ୍ତିକା ଇଞ୍ଜିନିୟର, ଯେଉଁମାନେ ଆପଣଙ୍କ ପାଦତଳର ମାଟିକୁ ସୃଷ୍ଟି କରନ୍ତି ଓ ତାକୁ ସୁସ୍ଥ ରଖନ୍ତି। ଉଇମାନେ ସେହିସବୁ ଜିନିଷ ଖାଆନ୍ତି, ଯାହାକୁ ଅନ୍ୟମାନେ ଖାଇବେ ନାହିଁ ବା ଖାଇପାରିବେ ନାହିଁ, ଯଥା କାଠ, ଗୋବର, ଲିଚେନ୍ (ଶିଉଳି ବା ଫିମ୍ପି), ଏପରି କି ଅଳିଆ-ଆବର୍ଜନା। ଉଇମାନେ ମାଟିରେ ଗାତ କରୁଥିବାରୁ ତା' ଭିତରକୁ ବର୍ଷାଜଳ ସହଜରେ ଭେଦିପାରେ ଓ ଭୂତଳ ଜଳଭଣ୍ଡାରକୁ ସମୃଦ୍ଧ କରେ। ଗଛମାନେ ବି ସହଜରେ ପାଣି ପାଆନ୍ତି। ଉଇମାନେ ବାଲି, ପଥର, କାଦୁଅ ପରି ଅଜୈବ ପଦାର୍ଥ ସହ ଝଡ଼ାପତ୍ର, କାଠ, ମୃତ ପ୍ରାଣୀ ପ୍ରଭୃତିକୁ ମଶାଇ ମୃତ୍ତିକାର ମାନ ବୃଦ୍ଧି କରନ୍ତି। ଏହାଦ୍ୱାରା ଗଛ ପୋଷକ ତତ୍ତ୍ୱ ପାଏ ଓ ମୃତ୍ତିକା କ୍ଷୟ ହେବାରୁ ରକ୍ଷା ପାଏ। ଉଇଙ୍କର ମଳ ଅଠା ପରି ମାଟିକୁ ଜାବୁଡ଼ି ଧରି କ୍ଷୟ ହେବାରୁ ରକ୍ଷା କରିଥାଏ। ଉଇଙ୍କ ପାକସ୍ଥଳୀରେ ଥିବା ବୀଜାଣୁ ହେଉଛନ୍ତି ସକ୍ରିୟ ଯବକ୍ଷାରଜାନ-ବିବନ୍ଧକ। ସେମାନେ ବାୟୁମଣ୍ଡଳରୁ ଯବକ୍ଷାରଜାନ ପରି ଗୁରୁତ୍ୱପୂର୍ଣ୍ଣ ଉପାଦାନ ଗ୍ରହଣ କରି ତାକୁ ମାଟିରେ ମିଶାଇ ସାରରେ ପରିଣତ କରିଦିଅନ୍ତି।

ଉଇମାନେ ଏବଂ ସେମାନଙ୍କ ଦ୍ୱାରା ସୃଷ୍ଟ ବିଶାଳ ପ୍ରାକୃତିକ ବାସସ୍ଥାନ ମରୁଭୂମି, ଅର୍ଦ୍ଧମରୁଭୂମି, ବିଷୁବମଣ୍ଡଳୀୟ ଓ ଅର୍ଦ୍ଧବିଷୁବମଣ୍ଡଳୀୟ ବୃଷ୍ଟିପୁଷ୍ଟ ଜଙ୍ଗଲ, ଉଷ୍ଣ ଓ ନାତିଶୀତୋଷ୍ଣ ଜଙ୍ଗଲ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅନ୍ୟୂନ ୧୨୬ ପ୍ରଜାତିର ଉଇ (କାଠଖିଆ ଉଇ ସମେତ) ୧୮ଟି ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀଙ୍କ ମଳ ଖାଇ ତାହାକୁ ଖୁବ୍‌ଶୀଘ୍ର ମାଟିରେ ମିଶାଇ ଦିଅନ୍ତି। ଉଇମାନେ ଏହି ମଳକୁ ନେଇ ମାଟି ତଳକୁ ଯାଉଥିବାରୁ ତାହା ମାଟିର ଉର୍ବରତା ବୃଦ୍ଧି କରିଥାଏ। ପ୍ରିନ୍ସଟନ ବିଶ୍ୱବିଦ୍ୟାଳୟର ଗବେଷକମାନେ ସାଇନ୍ସ ଜର୍ନାଲରେ ପ୍ରକାଶ କରିଥିବା ରିପୋର୍ଟ ଅନୁସାରେ ଉଇ ହୁଙ୍କାଗୁଡ଼ିକ ମରୁଭୂମିରେ ମରୁଝର ରୂପେ କାମ କରେ। ତାକୁ ବେଢ଼ି ସେଠି ବିଭିନ୍ନ ଗଛବୃଚ୍ଛ ଉଠେ ଓ ଏକ ମରୂଦ୍ୟାନ ସୃଷ୍ଟି ହୁଏ।

ପ୍ରୋଟିନ୍ ଅଭାବରୁ ଅପପୁଷ୍ଟି ଭୋଗୁଥିବା ବହୁ ଲୋକ ଉଇକୁ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି ଏବଂ ପ୍ରାଣୀଙ୍କୁ ମଧ୍ୟ ଖୁଆଇଥାନ୍ତି। ଏସିଆ, ଦକ୍ଷିଣ ଆମେରିକା ଓ ଆଫ୍ରିକାରେ ଅନେକେ ଏହାକୁ ଔଷଧ ଭାବେ ମଧ୍ୟ ବ୍ୟବହାର କରନ୍ତି। ଜାମ୍ବିଆରେ ଶିଶୁଙ୍କ ଅପପୁଷ୍ଟି ଦୂର କରିବା ପାଇଁ, ସୋମାଲିଆରେ କ୍ଷତ ଯୋଡ଼େଇ ପାଇଁ, ବ୍ରାଜିଲରେ ଶ୍ୱାସରୋଗ, ସର୍ଦ୍ଦି, ଶ୍ଲେଷ୍ମା ଓ କାଶରୋଗ ଏବଂ ଫିମ୍ପିଜନିତ ରୋଗ ଭଲ କରିବା ପାଇଁ ଉଇମାନଙ୍କୁ ବ୍ୟବହାର କରାଯାଏ। ଭାରତରେ ଏହାକୁ ଶ୍ୱାସରୋଗ ଓ ଘାଆ ଭଲ କରିବା ପାଇଁ, ଶରୀରର ଯନ୍ତ୍ରଣା ଓ ଆଣ୍ଠୁଗଣ୍ଠି ବାତ ଭଲ କରିବା ପାଇଁ ଏବଂ ମାଆମାନଙ୍କର ଭଲ କ୍ଷୀର ହେବା ପାଇଁ ଏହାକୁ ବ୍ୟବହାର କରାଯାଏ। ଗର୍ଭବତୀଙ୍କୁ ରୋଗ ନ ହେବା ପାଇଁ, ଭବିଷ୍ୟବାଣୀ କରିବା ପାଇଁ ଏବଂ ଭୂତପ୍ରେତଙ୍କୁ ଦୂରେଇ ରଖିବା ପାଇଁ ନାଇଜେରିଆବାସୀ ଏହାକୁ ବ୍ୟବହାର କରନ୍ତି।

ଆଫ୍ରିକାରେ ମାକ୍ରୋଟର୍ମିସ ନାମକ ଏକ ବଡ଼ ପ୍ରଜାତିର ଉଇ ମିଳନ୍ତି। ସେମାନଙ୍କୁ ପ୍ରୋଟିନ୍‌ର ଉତ୍ସ ଭାବେ ମଣିଷ, ଗରିଲା, ଶିମ୍ପାଞ୍ଜି ଓ ବନ୍ୟ ପକ୍ଷୀମାନେ ଖାଆନ୍ତି। ସେମାନଙ୍କ ହୁଙ୍କା ମଧ୍ୟ ମଣିଷମାନଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଗବେଷକମାନଙ୍କ କହିବା ଅନୁସାରେ ଉଇହୁଙ୍କାରୁ ଖଣିଜପଥରର ସନ୍ଧାନ ମିଳେ। ଗଭୀର ମାଟି ତଳୁ ଜୈବ ଅଜୈବ ପଦାର୍ଥକୁ ଆଣି ଉଇମାନେ ହୁଙ୍କା ତିଆରି କରନ୍ତି। ତେଣୁ ସେହି ହୁଙ୍କାମାଟିରେ କୌଣସି ଖଣିଜପଥରର ପ୍ରାବଲ୍ୟ ଦେଖିଲେ ସେଠାରେ ମାଟି ତଳେ ସେହି ଖଣିଜଦ୍ରବ୍ୟ ଥିବାର ବୈଜ୍ଞାନିକମାନେ ଜାଣିପାରନ୍ତି। ଏପର କି ଉଇହୁଙ୍କାରୁ ସୁନାଖଣିର ବି ସନ୍ଧାନ ମିଳିଛି। ଉଇହୁଙ୍କା ମଧ୍ୟ ଅନେକ ଉଦ୍ଭିଦ, କବକ ଓ ତୃଣଭୋଜୀ ପ୍ରାଣୀଙ୍କ ଆଶ୍ରୟ ସ୍ଥଳ। ଏଗୁଡ଼ିକରେ ଦିନରେ ଟାଣଖରା ସମୟରେ ଥଣ୍ଡା ଓ ରାତିରେ ଉଷୁମ ରହେ। ଆଣ୍ଟିଲୋପ୍‌ମାନେ ସାଧାରଣତଃ ଉଇହୁଙ୍କା ଚାରିପଟେ ଏକାଠି ହୋଇ ଚରିବୁଲନ୍ତି। ହାତୀଙ୍କ ପିଠି କୁଣ୍ଡେଇହେଲେ ସେମାନେ ଉଇହୁଙ୍କାରେ ତାଙ୍କ ପିଠି ଘଷନ୍ତି। ଦୁର୍ଭାଗ୍ୟର ବିଷୟ ଆମେ ଉଇମାନଙ୍କ ଖାଦ୍ୟ କାଠରେ ଘର ତିଆରି କରୁଛୁ ଓ ସେଥିରେ ଉଇ ଲାଗିଲେ ଆମେ ତାଙ୍କୁ ଦୋଷ ଦେଉଛୁ। ଉଇମାନେ ମୋର ଯେଉଁ କ୍ଷତି କରିଛନ୍ତି, ସେ ଦୁଃଖ ମୋର ଏଯାଏ ଯାଇନାହିଁ।

Email: gandhim@nic.in

# ବିଜ୍ଞାନ ବନାମ ଛଦ୍ମ ବିଜ୍ଞାନ



**ଡ. ସୁଶାନ୍ତ କୁମାର ସାହୁ**

ନୋବେଲ ପୁରସ୍କାର ବିଜେତା ପଦାର୍ଥ ବିଜ୍ଞାନୀ ସାର୍ ସି.ଭି. ରମଣଙ୍କ ଦ୍ୱାରା ଆବିଷ୍କୃତ ରମଣ ପ୍ରଭାବର ବିଶିଷ୍ଟତାକୁ ଆଖି ଆଗରେ ରଖି ପ୍ରତିବର୍ଷ ୨୮ ଫେବୃୟାରୀକୁ ସାରା ଭାରତବର୍ଷରେ ରାଷ୍ଟ୍ରୀୟ ବିଜ୍ଞାନ ଦିବସ ରୂପେ ପାଳନ କରାଯାଉଛି। ସି.ଭି. ରମଣଙ୍କ ପରି ବୈଜ୍ଞାନିକ ଭାରତବର୍ଷରେ ବିରଳ, ଯିଏ ନିଜ ଛାତ୍ରର ପିଏଚ୍‌ଡି ସନ୍ଦର୍ଭ ଉପସ୍ଥାପନ ପାଇଁ ଭାରତରତ୍ନ ପରି ଉପାଧି ଗ୍ରହଣ କରିବାକୁ ରାଷ୍ଟ୍ରପତିଙ୍କ ନିମନ୍ତ୍ରଣ ସତ୍ତ୍ୱେ ଯାଇ ନ ଥିଲେ ଏବଂ ତାଙ୍କ ଅନୁପସ୍ଥିତିରେ ତାଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏଥିରୁ ଜଣାପଡ଼େ ଜଣେ ଉତ୍ତମ ବୈଜ୍ଞାନିକଙ୍କ ପାଇଁ ବିଜ୍ଞାନ ଗବେଷଣା ଓ ଛାତ୍ର କେତେ ଗୁରୁତ୍ୱପୂର୍ଣ୍ଣ। ରାଷ୍ଟ୍ରୀୟ ବିଜ୍ଞାନ ଦିବସ ମାଧ୍ୟମରେ ବିଜ୍ଞାନ ଗବେଷଣାର ବାର୍ତ୍ତା ପ୍ରସାର କରାଯାଉଛି। ଇତିମଧ୍ୟରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପ୍ରୟାସ ଓ ବୈଜ୍ଞାନିକମାନଙ୍କ କଠିନ ପରିଶ୍ରମ ଯୋଗୁ ବିଜ୍ଞାନ ଗବେଷଣାରେ ଭାରତବର୍ଷର ବହୁ ସଂସ୍ଥା ଓ ଅନୁଷ୍ଠାନର ଉନ୍ନତି ଘଟିଛି, ଯାହାଫଳରେ ଆଇଆଇଏସ୍‌ସି ଓ କିଛି ଆଇଆଇଟି ବିଶ୍ୱର ଶ୍ରେଷ୍ଠ ୨୦୦ ଅନୁଷ୍ଠାନ ମଧ୍ୟରେ ନିଜର ସ୍ଥାନ ବଜାୟ ରଖିଛନ୍ତି।

ସେହିପରି ସ୍କିମାଗୋ ଇନ୍‌ଷ୍ଟିଚ୍ୟୁଶନ ର୍‍ୟାଙ୍କିଙ୍ଗ ୨୦୧୭ ରିପୋର୍ଟ ଅନୁଯାୟୀ ବିଶ୍ୱର ୧୨୦୭ଟି ସରକାରୀ ଅନୁଷ୍ଠାନ ମଧ୍ୟରୁ ସିଏସ୍‌ଆଇଆର୍ ସାରା ବିଶ୍ୱରେ ନବମ ସ୍ଥାନ ଅଧିକାର କରି ଭାରତକୁ ବିଶ୍ୱରେ ଗବେଷଣା କ୍ଷେତ୍ରରେ ଅଗ୍ରଣୀ ଦେଶଭାବେ ପରିଚିତ କରାଇପାରିଛି। କିନ୍ତୁ ବିଜ୍ଞାନ ଗବେଷଣାରେ ଭାରତ ଏକ ନୂତନ ସୂର୍ଯ୍ୟୋଦୟର ସ୍ୱପ୍ନ ଦେଖୁଥିବା ବେଳେ କିଛି ବୁଦ୍ଧିଜୀବୀ, ନେତା ଓ ଏପରିକି ବୈଜ୍ଞାନିକଙ୍କ ଦ୍ୱାରା ଛଦ୍ମ ବିଜ୍ଞାନର ପ୍ରଚାର ପ୍ରସାର ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

୨୦୧୬ରେ ଭାରତ ଜନ୍ମିତ ନୋବେଲ ପୁରସ୍କାର ବିଜେତା ତଥା ଜୀବବିଜ୍ଞାନୀ ପ୍ରଫେସର ଭେଙ୍କଟରମଣ ରାମକ୍ରିଷ୍ଣନ୍ ଭାରତୀୟ ବିଜ୍ଞାନ କଂଗ୍ରେସକୁ ଏକ ସର୍କସ ବୋଲି କହି କ୍ଷୋଭ ପ୍ରକାଶ କରିଥିଲେ ଏବଂ ଏଥିରେ ଭବିଷ୍ୟତରେ କେବେ ବି ଯୋଗ ଦେବେ ନାହିଁ ବୋଲି ସୂଚାଇଥିଲେ। ତାଙ୍କ ଅନୁଯାୟୀ ଭାରତୀୟ ବିଜ୍ଞାନ କଂଗ୍ରେସରେ କମ୍ ବିଜ୍ଞାନ ଓ ଅଧିକ ବିଜ୍ଞାନ ମିଶ୍ରିତ ପୌରାଣିକ ବିଚାରଧାରା ଆଲୋଚନା କରାଯାଏ। ଭାରତରେ ୨୦୦୦ ବର୍ଷ ପୂର୍ବେ ଋଷିମାନେ ଉଡ଼ାଜାହାଜ ଉଦ୍ଭାବନ କରିଥିବା ୨୦୧୫ ବିଜ୍ଞାନ କଂଗ୍ରେସରେ ଜଣେ ବକ୍ତା ତାଙ୍କ ଅଭିଭାଷଣରେ ଜଣାଇଥିଲେ। ସେହିପରି ଜାନୁୟାରୀ ୨୦୧୯ରେ ଅନୁଷ୍ଠିତ ୧୦୬ତମ ବିଜ୍ଞାନ କଂଗ୍ରେସରେ ଆନ୍ଧ୍ରପ୍ରଦେଶ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜି. ନାଗେଶ୍ୱର ରାଓ ଅନେକ ଛଦ୍ମ ବିଜ୍ଞାନଭିତ୍ତିକ ତଥ୍ୟ ଶିଶୁ ବିଜ୍ଞାନୀ ଓ ଅନ୍ୟ ଯୁବଗବେଷକମାନଙ୍କୁ ବଖାଣିଥିଲେ, ଯେମିତିକି ୧୦୦ କୌରବ ଭାଇଙ୍କ ଟେଷ୍ଟଟ୍ୟୁବ୍ ମାଧ୍ୟମରେ ଜନ୍ମ, ରାବଣର ୨୪ଟି ଏୟାରକ୍ରାଫ୍ଟ ଓ ଲଙ୍କାରେ ଅନେକ ବିମାନ ବନ୍ଦର ଥିବା, ବିଷ୍ଣୁଙ୍କ ଦଶାବତାର କିପରି ଚାର୍ଲସ ଡାରୱିନଙ୍କ ତତ୍ତ୍ୱଠାରୁ ଅଧିକ ବିକଶିତ ଇତ୍ୟାଦି। ଏହି ଦାବିଗୁଡ଼ିକରେ କେତେ ଅନୁସନ୍ଧାନ ଭିତ୍ତିକ ସତ୍ୟତା ରହିଛି, ତାହା ବକ୍ତବ୍ୟ ଦେବା ପୂର୍ବରୁ ଜାଣିବା ଦରକାର ଥିଲା। ପ୍ରଫେସର ନାଗେଶ୍ୱର ରାଓଙ୍କର ଏପରି ମତ ବିରୋଧରେ ଦେଶର ୩୭ ଜଣ ବରିଷ୍ଠ ବୈଜ୍ଞାନିକ ଭାରତୀୟ ବିଜ୍ଞାନ କଂଗ୍ରେସ-୨୦୧୯ ଅଧ୍ୟକ୍ଷଙ୍କୁ ଅବଗତ କରାଇଛନ୍ତି। ବିଜ୍ଞାନ କଂଗ୍ରେସର ବକ୍ତା ଚୟନ ଉପରେ ପ୍ରଶ୍ନ ମଧ୍ୟ କରିଛନ୍ତି। ସେହିପରି ଗଣେଶଙ୍କ ପ୍ଲାଷ୍ଟିକ ସର୍ଜରି, ପ୍ରହ୍ଲାଦଙ୍କ ଅଗ୍ନି ନିରୋଧକ ପ୍ରଲେପ ଇତ୍ୟାଦି ଅନେକ ମିଥ୍ୟା ବିଜ୍ଞାନର ଚର୍ଚ୍ଚା ବିଜ୍ଞାନ ସମାଜରେ ଏକ ଦ୍ୱନ୍ଦ୍ୱ ଓ ବିଶୃଙ୍ଖଳା ସୃଷ୍ଟି କରିଚାଲିଛି।

ବର୍ତ୍ତମାନ କୋମଳମତି ଶିଶୁ ମନରେ ପ୍ରଶ୍ନ ଉଠେ, ଏଗୁଡ଼ିକ ସତରେ ବିଜ୍ଞାନ ନା ଛଦ୍ମ ବିଜ୍ଞାନ? ସତ୍ୟର ଅନୁସନ୍ଧାନ ହିଁ ବିଜ୍ଞାନ। ଜଣେ ବୈଜ୍ଞାନିକ ପ୍ରକୃତିରେ ଘଟୁଥିବା ଘଟଣାକୁ ପ୍ରଥମେ ପୂର୍ବ ବିଜ୍ଞାନଭିତ୍ତିକ ତଥ୍ୟ ମାଧ୍ୟମରେ ପରିକଳ୍ପନା କରେ ଓ ପରେ ପରୀକ୍ଷା ନିରୀକ୍ଷା ମାଧ୍ୟମରେ ତା'ର ସତ୍ୟତା ପ୍ରତିପାଦନ କରେ। ପରିଶେଷରେ ଏଗୁଡ଼ିକ ସିଦ୍ଧାନ୍ତରେ ପରିବର୍ତ୍ତିତ ହୋଇ ଜନସମାଜ ଦ୍ୱାରା ଗୃହୀତ ହୁଏ। ଯଦି ପରୀକ୍ଷାରେ ସଫଳ ନ ହୁଏ, ତେବେ ସେହି ପରିକଳ୍ପନା ପରିକଳ୍ପନାରେ ହିଁ ରହିଯାଏ। ବିଜ୍ଞାନରେ ବିଫଳତାକୁ ଖୋଜି ବାରମ୍ବାର ଅନୁଧ୍ୟାନ ଓ ବିଶ୍ଳେଷଣ କରାଯାଇଥାଏ, କାରଣ ଠିକ୍ ସିଦ୍ଧାନ୍ତ କେବେ ଭୁଲ ଭବିଷ୍ୟବାଣୀ କରେନାହିଁ। ଯେଉଁଠି ନୂଆ ପରୀକ୍ଷାମୂଳକ ପ୍ରମାଣ ପୁରୁଣା ସିଦ୍ଧାନ୍ତକୁ ଅସ୍ୱୀକାର କରେ, ସେଠି ପୁରୁଣା ସିଦ୍ଧାନ୍ତକୁ ପରିତ୍ୟାଗ କରାଯାଏ। ଅପରପକ୍ଷେ ଛଦ୍ମ ବିଜ୍ଞାନ କେବଳ ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ କଳ୍ପିତ, ଯେଉଁଠି ନା ଅନୁସନ୍ଧାନ ଥାଏ ନା ନିର୍ଭୁଲ ସମୀକ୍ଷା। ବିଜ୍ଞାନ ପରି ଏଥିରେ କୌଣସି ମାନଦଣ୍ଡ ନ ଥାଏ। କେବଳ ଥାଏ ଅଜ୍ଞତା ଓ ତଥ୍ୟ ଅଭାବରୁ ଅପ୍ରାସଙ୍ଗିକ ଯୁକ୍ତି। କେବଳ ଧାର୍ମିକ ତଥା ପୌରାଣିକ ପୁସ୍ତକଗୁଡ଼ିକ ଆମକୁ ଏପରି ଆସ୍ଥା ଓ ବିଶ୍ୱାସ ପ୍ରକଟ କରାଏ, ଯାହାକୁ ଆମେ ପୁରାତନ ବିଜ୍ଞାନ ସହିତ ଜଡ଼ିତ ବୋଲି ଦାବି କରୁ।

ଏଣୁ ରାଜନୈତିକ ନେତା, ଶିକ୍ଷକ, ବୈଜ୍ଞାନିକ ଓ ବକ୍ତାମାନଙ୍କୁ ସର୍ବସାଧାରଣ ସ୍ଥାନ, ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀ ବା ଇଲେକ୍ଟ୍ରୋନିକ ମିଡ଼ିଆରେ ଏପରି ଛଦ୍ମ ବିଜ୍ଞାନ ସମ୍ପର୍କିତ ଅଭିଭାଷଣରୁ ନିବୃତ୍ତ ରହିବା ଉଚିତ। ଶିକ୍ଷକମାନେ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ଠିକ୍ ଓ ଶୃଙ୍ଖଳିତ ବୈଜ୍ଞାନିକ ଚିନ୍ତାଧାରାରେ ମନୋନିବେଶ କରାଇ ପରୀକ୍ଷାମୂଳକ ବିଜ୍ଞାନଭିତ୍ତିକ ତଥ୍ୟ ପ୍ରଦାନ କଲେ ଭାରତବର୍ଷ ଅନେକ ସି.ଭି. ରମଣଙ୍କୁ ସୃଷ୍ଟି କରିପାରିବ ଏବଂ ନିଜକୁ ଏକ ଅଗ୍ରଣୀ ଦେଶ ଭାବରେ ବିଶ୍ୱରେ ପରିଚୟ ସୃଷ୍ଟି କରିବ ଏଥିରେ ସନ୍ଦେହ ନାହିଁ।

ଆଇତିପୁର, ଆଶ୍ରମ ବାଲିକୁଦା, କେନ୍ଦ୍ରାପଡ଼ା, ମୋ- ୯୮୫୩୩୨୩୬୫୩, sushantanano@gmail.com

## ଏଇ ଭାରତରେ

ଦେଶର ବେକାରି ସମସ୍ୟା ବଢ଼ୁଥିବା ଯୋଗୁ କେତେକ ଉଚ୍ଚଶିକ୍ଷିତ ଛାତ୍ର ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ଅଭିଯୋଗ ହେଉଛି। ଉଚ୍ଚଶିକ୍ଷାର ଡିଗ୍ରୀ ହାସଲ କରିବା ପରେ ନିଜ ମନ ମୁତାବକ ଚାକିରି ନ ମିଳିବାରୁ କମ୍ ସମୟରେ ଅଧିକ ଟଙ୍କା ରୋଜଗାର କରିବା ପାଇଁ ସେମାନେ ଆଦରି ନେଉଛନ୍ତି କିଛି ହୀନ ଓ କୁତ୍ସିତ କାର୍ଯ୍ୟ। ମହାରାଷ୍ଟ୍ରର କପୁରଓ୍ୱାବାଡ଼ି ଥାନା ପୋଲିସ ଏଭଳି ମାମଲାରେ ଜଡ଼ିତ ଥିବା ବଦ୍ମେ ଆଇଆଇଟିର ଜଣେ ଛାତ୍ରଙ୍କୁ ଗିରଫ କରିଛି। ଜଣେ ମହିଳାଙ୍କ ଅଭିଯୋଗ ଆଧାରରେ ପୋଲିସ ତାଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ମହିଳା ଜଣକ ତାଙ୍କ ଗାଧୁଆଘରେ ଗୋଟିଏ ମୋବାଇଲ୍ ପଡ଼ିଥିବା ଦେଖି ତାଙ୍କ ସ୍ୱାମୀଙ୍କୁ ଡାକିଥିଲେ। ଏହି ସମୟରେ ଅଭିଯୁକ୍ତ ଯୁବକ ସେଠାରୁ ଦୌଡ଼ି ପଳାଇଥିଲା। ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ବେକାର ଥିବାରୁ ମହିଳାଙ୍କ ନଗ୍ନ ଫଟୋ ଉଠାଇ ଏ ବାବଦରେ କିଛି ଅର୍ଥ ରୋଜଗାର କରିବାକୁ ସେ ଇଚ୍ଛା କରିଥିଲେ ବୋଲି ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ଶାସନରେ ଅଭାବ ଅନୁଶାସନ



**ଅରୁଣ କୁମାର ପଣ୍ଡା**

ଆଜିକାଲି ପ୍ରାୟ ଲୋକଙ୍କ ଅଭିଯୋଗ ହେଲା ଯେ, ବର୍ତ୍ତମାନ ଭାରତରେ ବାସ୍ତବିକ ଅର୍ଥରେ ଶାସନ ବୋଲି କିଛି ନାହିଁ। ଦେଶରେ ଯାହା ବି ଆଇନକାନୁନ୍ ଅଥବା ସରକାରୀ ନିର୍ଦ୍ଦେଶ ଜାରି ହେଉଛି ସେସବୁକୁ ଉଲ୍ଲଂଘନ କରିବା ପାଇଁ ଲୋକେ କିଛି ନା କିଛି ଉପାୟ ବାହାର କରୁଛନ୍ତି। କାନୁନ୍, ବିଧି ବ୍ୟବସ୍ଥା ତଥା ସମ୍ବିଧାନର ସୁରକ୍ଷା ପାଇଁ ଗଠିତ ନ୍ୟାୟାଳୟଗୁଡ଼ିକରେ ସେହି ଅନୁସାରେ ଏତେ ଅଧିକ ସଂଖ୍ୟାରେ ମକଦ୍ଦମା ଦାଏର ହେଉଛି, ଯାହାର ଶୁଣାଣି ପାଇଁ ବର୍ଷ ବର୍ଷ ବିତିଯାଉଛି। ଅନେକ କ୍ଷେତ୍ରରେ ମକଦ୍ଦମାଗୁଡ଼ିକର ଫଏସଲା ଅର୍ଥାତ୍ ରାୟ ବ୍ୟକ୍ତିର ମୃତ୍ୟୁ ପରେ ହିଁ ହେଉଛି। ଖୋଲାଖୋଲି ଅଭିଯୋଗ ହେଉଛି ଯେ ନ୍ୟାୟାଳୟ ଏବଂ ମନ୍ତ୍ରଣାଳୟଗୁଡ଼ିକ ଦୁର୍ନୀତି ଓ ଭ୍ରଷ୍ଟାଚାରର ଦୁର୍ଗରେ ପରିଣତ ହେଲାଣି, ଯେଉଁଠି ନ୍ୟାୟସମ୍ମତ ରୀତିରେ କାର୍ଯ୍ୟହେବା ପରିବର୍ତ୍ତେ ଦିଆନିଆରେ ହେଉଛି। ଗତ ଦୁଇଦଶନ୍ଧି ଭିତରେ ମନ୍ତ୍ରୀ ଓ ପ୍ରଶାସକଙ୍କ ବିରୋଧରେ ଯେଉଁସବୁ ଭ୍ରଷ୍ଟାଚାର ଓ ପ୍ରିୟାପ୍ରୀତି ତୋଷଣ ଅଭିଯୋଗ ଆସିଛି, ସେସବୁର ସମୀକ୍ଷା କଲେ ଜଣାଯାଏ ଶାସନ ପୂତିଗନ୍ଧମୟ ହୋଇଯାଇଛି। ସାଧୁତା, ସ୍ୱଚ୍ଛତା ଏବଂ ସଚ୍ଚୋଟତା ବୋଲି କିଛି ନାହିଁ।

ଆମ ସଂସ୍କୃତିରେ ଆଦର୍ଶ ରାଜା (ଶାସକ)ର ସଂଜ୍ଞା ହେଲା- ପ୍ରଜାପାଳକ, ଜନରକ୍ଷକ, ଜନସେବକ ଓ ଜନରଞ୍ଜକ। ଅନ୍ୟ ଅର୍ଥରେ ରାଜାଙ୍କୁ 'ଜନାର୍ଦ୍ଦନ'ର ଉଚ୍ଚ ଆସନ ଦିଆଯାଇଥିଲା। ପରନ୍ତୁ ଆଜିକାଲିର ଶାସନ ଧକ୍କା ମାରି ଗାଡି ଚଳାଇବା ସ୍ଥିତିରେ ରହିଛି। ଏବେ ଶାସନ 'କିସ୍‌ସା କୁର୍ସିକା'ରେ ପରିଣତ ହୋଇଛି, ଯେଉଁଠାରେ କ୍ଷମତା ପାଇଁ କନ୍ଦଳ ଏବଂ ଗୋଡ ଟଣାଟଣି ମୁଖ୍ୟ ହୋଇଛି। କଳେବଳେକୌଶଳେ ନିର୍ବାଚନ ଜିଣି କ୍ଷମତାସୀନ ହେବା ହିଁ ଏକମାତ୍ର ଲକ୍ଷ୍ୟ। ରାଷ୍ଟ୍ର, ସମାଜ ଓ ଜନସ୍ୱାର୍ଥକୁ ଅଣଦେଖା କରି କ୍ଷମତାସୀନ ବ୍ୟକ୍ତି ନିଜର ଓ ନିଜ ପରିବାରର ସ୍ୱାର୍ଥ ଲାଗି ସବୁକିଛି କରୁଛି। ରାଜନୀତିରୁ ନୀତି ଶବ୍ଦ ଲୋପ ପାଇ କେବଳ 'ରାଜ' ହିଁ ରହିଯାଇଛି। ସତ୍ତା, ସେବା ପରିବର୍ତ୍ତେ ଶୋଷଣର କେନ୍ଦ୍ର ହୋଇଛି। ଶାସନ, ଜନତାର ଦୁଃଖଯନ୍ତ୍ରଣା, ଅଭାବ ଅଭିଯୋଗର ନିରାକରଣ କରିବା ବଦଳରେ ଅନ୍ୟାୟ, ଅତ୍ୟାଚାରର ପୃଷ୍ଠପୋଷକ ସାଜିଛି। ଆର୍ତ୍ତ ଜନତାର ଆକୁଳ ଚିତ୍କାର ଶୁଣିବା ପାଇଁ କାହାକୁ ଫୁରସତ୍ ନାହିଁ। ଏଭଳି ଅବସ୍ଥାରେ ଏ ଦେଶକୁ ଭଗବାନଙ୍କ ବ୍ୟତୀତ ଆଉ କେହି ରକ୍ଷା କରିବାପାରିବେ ନାହିଁ ବୋଲି ସାଧାରଣରେ ଧାରଣା ଜନ୍ମୁଛି।

ଆମେ ଅବଶ୍ୟ ପରସ୍ପରକୁ ଭେଟିଲେ 'ଆପଣଙ୍କ ହାଲ୍‌ଚାଲ୍ କ'ଣ?' 'ଖୁସିରେ ଅଛନ୍ତି ତ?' ବୋଲି ପଚାରୁଛୁ। ପରନ୍ତୁ ଆଜିର ହାଲ୍ କେବଳ ଚାଲ୍‌ରେ ଭରପୂର। ବୋଧହୁଏ ଅଳ୍ପ କେତେକଙ୍କୁ ଛାଡିଦେଲେ କେହି ଖୁସିରେ ନାହାନ୍ତି। ମୁହାଁମୁହିଁ ହେଲେ ଏସବୁ ପଚାରିବା କେବଳ ଏକ ଔପଚାରିକତା ପାଲଟିଛି।

ପ୍ରଶ୍ନ ଉଠୁଛି – ଏସବୁର କାରଣ କ'ଣ? ଏହାର ମୂଳକାରଣ ହେଲା ମଣିଷର ଅଦମନୀୟ ସ୍ୱାର୍ଥ ଲାଳସା। ମନୁଷ୍ୟ ପାଇଁ ସ୍ୱାର୍ଥର ବିକାଶ ସର୍ବାଧିକ ହୋଇଛି। ଏହାର ପରିଣାମରେ ଆମକୁ ମିଳିଛି ଅନିୟନ୍ତ୍ରିତ, ବିଶୃଙ୍ଖଳିତ, ସ୍ୱେଚ୍ଛାଚାରଯୁକ୍ତ ସମାଜ ଏବଂ ଶାସନ, ଯାହାର ଆଭୂଷଣ ହେଲା- ଲୁଟ୍‌ପାଟ୍, ଲଢେଇ, ଝଗଡ଼ା ଏବଂ ସବୁପ୍ରକାର ଅନୀତି ଓ ଅତ୍ୟାଚାର। ଏଠାରେ 'ସ୍ୱାର୍ଥ'ର ଅଭିପ୍ରାୟ ହେଲା 'ଦେହାର୍ଥ', କାରଣ ମନୁଷ୍ୟ 'ସ୍ୱ' କହିଲେ ଆତ୍ମାକୁ କମ୍ ଓ ଦେହକୁ ବେଶି ବୁଝେ।

ମନୁଷ୍ୟ ଏକଥା ଜାଣେ ଯେ ଦେହ ବିନାଶୀ ଓ କ୍ଷଣଭଙ୍ଗୁର। ଏହା ଚିରକାଳ ରହିପାରିବ ନାହିଁ। ଦେହ ଉପରେ କୌଣସି ଭରସା ନାହିଁ, ତଥାପି ମଣିଷ ଅର୍ଥ ଲାଳସାରେ ନିଜର ଶ୍ୱାସ, ଶକ୍ତି, ସମୟକୁ ନଷ୍ଟ କରୁଛି କାହିଁକି? ଆଜି ଯିଏ ତୁମର ପ୍ରଶଂସା କରୁଛି, ଯଶଗାନ କରୁଛି, କାଲି ସେହି ବ୍ୟକ୍ତି ବିରୋଧୀ ହୋଇ ଏଣେତେଣେ ତୁମର ନିନ୍ଦା ହିଁ କରିବ। ତେବେ କ୍ଷଣିକ କୀର୍ତ୍ତି ଲୋଭରେ ଆମେ ଜୀବନର ମୂଲ୍ୟବାନ ମୁହୂର୍ତ୍ତ, ଶକ୍ତିକୁ ନଷ୍ଟ କରିବା ପାଇଁ କାହିଁକି ଲାଗି ପଡିଛେ? ଅର୍ଥ ପଛରେ ଗୋଡାଉଥିବା ବ୍ୟକ୍ତିଙ୍କୁ ପଚାରିଲେ ଉତ୍ତର ମିଳେ- ମୁଁ ଏସବୁ ପିଲା, ପରିବାର, ଜ୍ଞାତିପରିଜନ, ଭାଇପୁତୁରାଙ୍କ ପାଇଁ କରୁଛି- ଯେପରି କି ସେମାନଙ୍କ ପ୍ରତି ସେ ମୋହଗ୍ରସ୍ତ। ସ୍ୱାର୍ଥର କାରଣ ମଧ୍ୟ ମୋହ। ମୋହ ହିଁ ମନୁଷ୍ୟକୁ ନିଜ ଅଙ୍ଗୁଳିର ଇସାରାରେ ମାଙ୍କଡ଼ ପରି ନଚାଉଛି।

ଏହି ସ୍ୱାର୍ଥ ଏବଂ ମୋହରୁ ଭୋଗବାଦର ଜନ୍ମ। ଭୋଗବାଦୀ ମନୁଷ୍ୟ ପାଇଁ ରୋଟି-କପଡା-ମକାନ ସବୁକିଛି। ଆଉ ଟିକିଏ ଉପରକୁ ଗଲେ କ୍ଷମତା ଏବଂ ତାକୁ ହାସଲ କରିବା ପାଇଁ ଅନୈତିକ ମାର୍ଗ ଯାହାକୁ ଦୁର୍ନୀତି, ଭ୍ରଷ୍ଟାଚାର, ଅନୀତି କୁହାଯାଇପାରେ। ଅନ୍ୟକୁ ଦିନରେ ଓଳିଏ ଖାଇବାକୁ ମିଳୁଛି କି ନାହିଁ ସେ ବିଷୟରେ ଚିନ୍ତା କରିବା ପାଇଁ ତା'ର ଆଗ୍ରହ ନାହିଁ କି ବେଳ ମଧ୍ୟ ନାହିଁ। ଶାସନର ଅବସ୍ଥା ଅନୁରୂପ। ହାତଗୁଞ୍ଜା ନ ଦେଲେ ଅଫିସ୍‌ରେ ଫାଇଲ ଗୋଟିଏ ଇଞ୍ଚ ମଧ୍ୟ ଆଗକୁ ଘୁଞ୍ଚିବ ନାହିଁ। ସର୍ବତ୍ର 'ମୁଦ୍ରା' (ଟଙ୍କା)ର ପ୍ରାଧାନ୍ୟ। ପଇସା ଦିଅ କାମ ନିଅ ନଚେତ୍ ଘରକୁ ଯାଅ। ନାଁ ହେଉଛି 'ପ୍ରଶାସନ', କିନ୍ତୁ କାମ ହେଉଛି 'ପରେଶାନ' (ହଇରାଣ)।

ପ୍ରଶ୍ନ ଉଠୁଛି ଭାରତ ପରି ଦେଶରେ ଏଭଳି ଅବସ୍ଥା ହେଲା କାହିଁକି? ଏହାର ଉତ୍ତର ହେଲା ଅନୁଶାସନର ଅଭାବ, ଯେଉଁ ଦେଶର ଶାସକ ଅନୁଶାସନହୀନ ହେବେ ସେମାନେ ଶାସନ କିଭଳି କରିବେ? ଦେଶ ଓ ସମାଜରେ ସୁଖଶାନ୍ତି ଆସିବ କିପରି? ଅନୁଶାସନର ବାସ୍ତବ ଅର୍ଥ ହେଲା- ମଣିଷ ନିଜ ଇନ୍ଦ୍ରିୟ ଏବଂ ବ୍ୟବହାର ଉପରେ ନିୟନ୍ତ୍ରଣ ରଖିବା। 'ମର୍ଯ୍ୟାଦା' ପାଳନ କରିବା, ନିୟମର ଉଲ୍ଲଂଘନ କରିବା ନାହିଁ, ତେବେ ଯାଇ ଆମେ ଅନୁଶାସିତ ହୋଇପାରିବା।

ପୂର୍ଣ୍ଣିମା, ୧୩୪୮/୪ ସି, ସେକ୍ଟର-୬, ମର୍କତନଗର, କଟକ-୧୪

## ଚିରନ୍ତନୀ

ସବୁରି ପଛରେ ଆସି ଚଳିଯାଏ ସକଳର ଆଗେ,
ଅଧର ନ ହେଉଁ ତା'ର ବିରଚିତ ନବ ହାସ୍ୟରାଗେ,
ଆସିଥାଏ କ୍ରନ୍ଦନର ଭାଷା ଘେନି ଖାଲି
ଶେଷ କ୍ରନ୍ଦନରେ ଯାଏ ଚାଲି!
ପୂର୍ଣ୍ଣ ଦୁଇଗୋଟି ଶଶୀ ନ ଖେଳୁଣୁ ତା' ନୟନ ପରେ
ନ ଶିଖୁଁ ଡାକିବା ପାଇଁ ତୋଳି ତାକୁ କ୍ଷୁଦ୍ର ଦୁଇ କରେ
ଦିଓଟି ଶଶୀରେ ତା'ର ସରିଯାଏ କ୍ରୀଡ଼ା!
ନ ଦେଖଇ ସୁଖ ପୀଡ଼ା।

(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | E | | 8 | 9 | | 4 | C | | 0 | 1 | | A | | |
| 3 | | | | | | | | | | | | 0 | | |
| | | | | | 1 | E | | | 2 | | 4 | B | | |
| | | 1 | D | | | | 5 | | B | A | | | 9 | |
| 2 | | C | E | 7 | | | 9 | | 5 | | | | D | |
| 0 | C | | | | D | | | | | 2 | A | | | |
| | | 5 | | | | 9 | | | | | | | | 3 |
| | | | | | E | 5 | 2 | | | | | 6 | A | 0 |
| D | 2 | | C | | | | | 6 | | 9 | 1 | | | |
| B | 1 | 7 | | | | | 8 | | | | | | | 2 |
| | | | 4 | | 9 | | 1 | | 7 | | | | | |
| 6 | | 9 | B | | C | D | | 8 | | | | | | |
| | A | 4 | | E | 5 | | | | C | 6 | | | | |
| 1 | 0 | | | A | | | 6 | 5 | D | | 9 | | 8 | |
| | B | | | 0 | | C | | 9 | A | E | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦାୟିତ୍ୱହୀନ ମନ୍ତବ୍ୟ

ମହାଶୟ,

ରାଜନେତାଙ୍କଠାରୁ ସାଧାରଣ ଜନତା ଅନେକ କିଛି ଶିଖନ୍ତି, ଅନୁକରଣ କରନ୍ତି। କିନ୍ତୁ ବେଳେବେଳେ ଦାୟିତ୍ୱହୀନ ମନ୍ତବ୍ୟ ଦେବା ଦ୍ୱାରା ନେତାମାନଙ୍କର ସମ୍ମାନହାନି ହେବା ସହ ଲୋକେ ସେମାନଙ୍କୁ ଘୃଣା କରନ୍ତି। ଗୋଟିଏ ଜାତି ବା ସମ୍ପ୍ରଦାୟର ଲୋକଙ୍କୁ ଆକ୍ଷେପ କରି ବିବୃତି ଦେବା ପରେ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଏ। ଦାୟିତ୍ୱହୀନ ମନ୍ତବ୍ୟ ପାଇଁ ନେତାଙ୍କୁ ବହୁମୂଲ୍ୟ ଦେବାକୁ ପଡ଼େ। ବନ୍ଧୁକରୁ ଗୁଳି, ତୁଣ୍ଡରୁ କଥା ବାହାରିଗଲେ ଆଉ ଫେରେନାହିଁ। ତେଣୁ ନେତାମାନେ କିଛି କହିବା ପୂର୍ବରୁ ଆଗପଛ ବିଚାର କରିବା ଓ ପରିଣାମ ଚିନ୍ତା କରିବା ଆବଶ୍ୟକ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

### ପ୍ରକୃତ ବନ୍ଧୁ

ଧରିତ୍ରୀ (୬/୨)ରେ ପ୍ରକାଶିତ ଅଭିମନ୍ୟୁ ଧଳଙ୍କ ଦ୍ୱାରା ଲିଖିତ 'ଭଲ ବନ୍ଧୁଟିଏ ଖୋଜିବା' ପ୍ରବନ୍ଧଟି ପାଠ କଲି। ପ୍ରକୃତ ବନ୍ଧୁ କିଏ ତାହା ସେ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି। କେତେକ ବନ୍ଧୁ ସମ୍ପଦ କାଳରେ ଦେଖାଦେଇ ବିପଦ ସମୟରେ ଉଭେଇଯାଆନ୍ତି। କିନ୍ତୁ ଯେଉଁ ଲୋକ ସମ୍ପଦ ଓ ବିପଦ ଉଭୟ ସମୟରେ ବନ୍ଧୁ ନିକଟରେ ଉପସ୍ଥିତ ହୁଅନ୍ତି, ସେ ହିଁ ପ୍ରକୃତ ବନ୍ଧୁ।

ମୀନାକୁମାରୀ ମହାପାତ୍ର, ମହତାବରୋଡ, ପୁରୁଣା ଭୁବନେଶ୍ୱର

### ଦୁର୍ନୀତି ବଢ଼ିଛି ନା କମିଛି

ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି କରିଛନ୍ତି ଯେ, ଗତ ସାଢ଼େ ୪ ବର୍ଷ ମଧ୍ୟରେ ତାଙ୍କ ସରକାର ଦେଶବାସୀଙ୍କୁ ଏକ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନ ଦେଇ ପାରିଛନ୍ତି। ଅବଶ୍ୟ ଏ କଥା ଆମକୁ ସ୍ୱୀକାର କରିବାକୁ ହେବ ଯେ, ଏନ୍‌ଡିଏ ଶାସନ ସମୟର ସାଢ଼େ ୪ ବର୍ଷରେ କେନ୍ଦ୍ର ସରକାର ଓ କୌଣସି କେନ୍ଦ୍ରମନ୍ତ୍ରୀ ଦୁର୍ନୀତିରେ ଲିପ୍ତ ଥିବାର ପ୍ରମାଣିତ ହୋଇନାହିଁ। ତେବେ ଏହାର ଅର୍ଥ ନୁହେଁ ଯେ, ଏହି ସମୟ ମଧ୍ୟରେ ଦେଶରେ ଦୁର୍ନୀତି ହୋଇନାହିଁ। ସତକଥାଟି ହେଲା ଦେଶରେ ଦୁର୍ନୀତି ହ୍ରାସ ପାଇବା ବଦଳରେ ବୃଦ୍ଧି ପାଇଛି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ଦ୍ୱାରା ପ୍ରକାଶିତ ଏକ ସର୍ଭେ ରିପୋର୍ଟରେ ଦର୍ଶାଯାଇଛି ଯେ, ଭାରତ ଏସିଆ ମହାଦେଶର ସବୁଠାରୁ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର। ଏଠାରେ ଅର୍ଦ୍ଧାଧିକ ଲୋକ ବିଭିନ୍ନ ସରକାରୀ ସେବା ଓ ସୁବିଧା ପାଇବା ପାଇଁ ଲାଞ୍ଚ ଦେଇଥାନ୍ତି। ଏହି ଲାଞ୍ଚ ଆଦାନପ୍ରଦାନର ହାର ୬୯ ପ୍ରତିଶତ। ଏହାଛଡ଼ା ସୁପ୍ରିମ୍‌କୋର୍ଟଙ୍କ ବାରମ୍ବାର ତାଗିଦ ସତ୍ତ୍ୱେ ଦେଶରୁ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ପ୍ରଣୀତ ସବୁଠାରୁ ଶକ୍ତିଶାଳୀ ଲୋକପାଳ ଆଇନକୁ କାର୍ଯ୍ୟକ୍ଷମ କରିବାରେ କେନ୍ଦ୍ର ସରକାରଙ୍କ ଅବହେଳା ଦେଶରେ ଦୁର୍ନୀତିକୁ ପ୍ରୋତ୍ସାହନ ଦେବାରେ ସହାୟକ ହୋଇଛି। ଏଣୁ ଏହା ନିଃସନ୍ଦେହ ଯେ, ଏହି ୪ ବର୍ଷ ମଧ୍ୟରେ ଦେଶରେ ଦୁର୍ନୀତି ବଢ଼ିଛି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

**୨୮ ଫେବୃୟାରୀ ୧୯୯୪**

- ଋଷିଆ ନିର୍ମିତ ଏକ ଯାତ୍ରୀବାହୀ ବିମାନ ପେରୁର ପୂର୍ବାଞ୍ଚଳରେ ଥିବା ଟିଙ୍ଗୋମାରିଆ ନିକଟସ୍ଥ ଏକ ପର୍ବତ ସହ ପିଟି ହେବା ଫଳରେ ୩୧ ଯାତ୍ରୀ ପ୍ରାଣ ହରାଇଛନ୍ତି।
- ପାର୍ଲାମେଣ୍ଟ ସଦସ୍ୟମାନେ ନିଜ ନିର୍ବାଚନମଣ୍ଡଳୀର ବିକାଶ ପାଇଁ ବର୍ଷକୁ ୧ କୋଟି ଟଙ୍କାର ପ୍ରକଳ୍ପ ଜିଲାପାଳଙ୍କ ନିକଟରେ ଉପସ୍ଥାପିତ କରିପାରିବା ନେଇ ଏକ ନିୟମାବଳୀ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଶାଖାପଟନମ୍ ଗସ୍ତକୁ ବିରୋଧ କରି ବିକ୍ଷୋଭକୁ ଓହ୍ଲାଇବେ ବୋଲି ତେଲୁଗୁ ଦେଶମ ପାର୍ଟି (ଟିଡିପି) ସୁପ୍ରିମୋ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ବୁଧବାର ଦଳୀୟ ନେତାଙ୍କୁ ଟେଲିକନ୍‌ଫରେନ୍ସ ଯୋଗେ ଜଣାଇଛନ୍ତି। ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବି ନେଇ ବିକ୍ଷୋଭରେ ସାମିଲ୍ ହେବାକୁ ସେ ନେତାମାନଙ୍କୁ ଅନୁରୋଧ କରିଛନ୍ତି।

## ନେପାଳରେ ହେଲିକପ୍ଟର ଦୁର୍ଘଟଣା

# ପର୍ଯ୍ୟଟନ ମନ୍ତ୍ରୀଙ୍କ ସମେତ ୭ ମୃତ

**କାଠମାଣ୍ଡୁ,୨୭।୨ (ପି.ଟି.)**



ପୂର୍ବାଞ୍ଚଳ ନେପାଳର ତାପେଲଜୁଙ୍ଗ୍ ଜିଲାରେ ବୁଧବାର ହେଲିକପ୍ଟର ଦୁର୍ଘଟଣାରେ ନେପାଳ ପର୍ଯ୍ୟଟନ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରବୀନ୍ଦ୍ର ଅଧିକାରୀ (୩୯)ଙ୍କ ସମେତ ୭ଜଣଙ୍କ ମୃତ୍ୟୁ ଘଟିଛି। ଏୟାର ଡାଇନେଷ୍ଟି ନାମକ ଏକ ଘରୋଇ ହେଲିକପ୍ଟର ଯୋଗେ ମନ୍ତ୍ରୀ ଅଧିକାରୀ ୬ଜଣିଆ ସଦସ୍ୟ ଟିମ୍‌ଙ୍କ ସହ କାଠମାଣ୍ଡୁରୁ ତାପେଲଜୁଙ୍ଗସ୍ଥିତ ପାଥିଭାରା ମନ୍ଦିରରୁ ଯାତ୍ରା କରିଥିଲେ। ପୂଜାର୍ଚ୍ଚନା କରି ସେଠାରୁ ଫେରିବା ସମୟରେ ହେଲିକପ୍ଟରଟି ଏକ ପାହାଡ଼ରେ ଧକ୍କା ହୋଇ ଜଳିଯାଇଥିଲା। ମନ୍ତ୍ରୀ ଅଧିକାରୀଙ୍କ ସମେତ ହେଲିକପ୍ଟରରେ ଥିବା କ୍ୟାପଟେନ ପ୍ରଭାକର କେସି, ଇଣ୍ଟରପ୍ରିନିୟର ଟିରିଙ୍ଗ୍ ସେର୍‌ପା, ସୁରକ୍ଷା କର୍ମୀ ଅର୍ଜୁନ ଘିମିରେ, ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସହଯୋଗୀ ଯୁବରାଜ ଦହାଲ, (ସିଏଏନ୍) ଉପନିର୍ଦ୍ଦେଶକ ବୀରେନ୍ଦ୍ର ସେରଷ୍ଠା, ଏବଂ ଇଞ୍ଜିନିୟର ଧ୍ରୁବ ଦାସ ଭୋଟିଭାୟ ସମସ୍ତେ ଏଥିରେ ପ୍ରାଣ ହରାଇଥିବା ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ମନ୍ଦିର ନିକଟରୁ ହେଲିକପ୍ଟର ଉଡ଼ାଣ କରିବାର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁଃଖଦ ଘଟଣା ପରେ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଜରୁରିକାଳୀନ କ୍ୟାବିନେଟ୍ ବୈଠକ ଡକାଯାଇଛି।

# ଟ୍ରେନ ଦୁର୍ଘଟଣାରୁ ଅଗ୍ନିକାଣ୍ଡ : ୨୫ ଦଗ୍ଧ

**କାଏରୋ,୨୭।୨ (ପି.ଟି.)**



ଇଜିପ୍ଟର କାଏରୋସ୍ଥିତ ମୁଖ୍ୟ ରେଳଷ୍ଟେଶନରେ ବୁଧବାର ଏକ ଦ୍ରୁତଗାମୀ ରେଳକାର୍ ଦୁର୍ଘଟଣାଗ୍ରସ୍ତ ହେବା ପରେ ଜଳିଯାଇଛି। ଏଥିରେ ୨୫ଜଣ ପୋଡ଼ିଯାଇ ପ୍ରାଣ ହରାଇଥିବାବେଳେ ୪୭ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା କାଏରୋ ରେଲ୍‌ରୋଡ ହସ୍ପିଟାଲର ମୁଖ୍ୟ ସୂଚନା ଦେଇଛନ୍ତି। ଦ୍ରୁତଗତିରେ ଥିବା ରେଳକାର୍‌ଟି ଷ୍ଟେଶନରେ ପହଞ୍ଚିବା ପରେ ବାଡ଼ଘେରକୁ ଧକ୍କା ଦେଇଥିଲା। ଏଥିରେ ତେଲ ଟାଙ୍କି ବିସ୍ଫୋରଣ ଘଟି ଜଳି ଉଠିଥିଲା। ଷ୍ଟେଶନର ଚଉଦିଗକୁ ନିଆଁ ବ୍ୟାପିଥିଲା। ନିଆଁ ଓ ଧୂଆଁର ପ୍ରକୋପରେ ଉପସ୍ଥିତ ଲୋକେ ଫସି ରହିଥିଲେ। ପରେ ଏକାଧିକ ସଂଖ୍ୟାରେ ଅଗ୍ନିଶମ ଗାଡ଼ି ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପ୍ରଧାନମନ୍ତ୍ରୀ ମୁସ୍ତାଫା ମଦ୍‌ବୌଲି ଦୁର୍ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଇଜିପ୍ଟର ଅଧିକାଂଶ ଷ୍ଟେଶନରେ ଯାତ୍ରୀଙ୍କ ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନ ଥିବା ଜଣାଯାଇଛି। ସରକାରୀ ସୂଚନାନୁଯାୟୀ, ୨୦୧୭ରେ ୧,୭୯୩ ଟ୍ରେନ ଦୁର୍ଘଟଣା ଘଟିଥିଲା।

# ‘ଇଟାଲୀରୁ ଫ୍ରାନ୍ସ ରେଳ ସେବା କାର୍ଯ୍ୟକ୍ଷମ ହେବ’

**ରୋମ୍,୨୭।୨ (ପି.ଟି.)**

ଇଟାଲୀ ଓ ଫ୍ରାନ୍ସ ମଧ୍ୟରେ ରେଳ ଯୋଗାଯୋଗ ସମ୍ଭବ ହେବ। ୮.୬ ବିଲିୟନ ୟୁରୋର ଏହି ପ୍ରୋଜେକ୍ଟ ପୁନଃତର୍ଜମା କରାଯିବା ପରେ ଦୁଇଦେଶ ମଧ୍ୟରେ ଦ୍ରୁତଗାମୀ ରେଳଲାଇନ ଟନେଲ୍ ନିର୍ମାଣକୁ ନେଇ ଉଠିଥିବା ବିବାଦ ଦୂର ହେବ। ଫଳରେ ଉଭୟ ଦେଶ ମଧ୍ୟରେ ଟ୍ରେନ ଚଳାଚଳ କାର୍ଯ୍ୟକ୍ଷମ ହୋଇପାରିବ ବୋଲି ଇଟାଲୀର ଉପପ୍ରଧାନମନ୍ତ୍ରୀ ମାଟିଓ ସାଲଭିନୀ କହିଛନ୍ତି। ଟ୍ରେନ ଟନେଲ ନିର୍ମାଣ କରିବାକୁ ତାଙ୍କ ଦଳ (ଲିଗ୍ ପାର୍ଟି) ଚାହୁଁଥିବାବେଳେ ସହଯୋଗୀ ଦଳ ନେତା ଲୁଇଗି ଦି ମାୟିଓ ବିରୋଧ କରିଆସୁଛନ୍ତି।

# ୨ ଜାମତ୍-ଉଲ୍- ମୁଜାହିଦ୍ଦିନ ସଦସ୍ୟ ଗିରଫ



**କୋଲକାତା,୨୭।୨ (ପି.ଟି.)**

କୋଲକାତା ପୋଲିସର ସ୍ପେଶାଲ୍ ଟାସ୍କଫୋର୍ସ ପଶ୍ଚିମବଙ୍ଗର ମୁର୍ଶିଦାବାଦ୍ ଜିଲାରୁ ଜାମତ୍-ଉଲ୍-ମୁଜାହିଦ୍ଦିନ (ଜେଏମ୍‌ବି) ବଙ୍ଗଳାଦେଶର ୨ ସକ୍ରିୟ ସଦସ୍ୟ ମୋସିବୁର ରହମନ (୩୫), ରୁହୁଲ ଅମିନ (୨୬)ଙ୍କୁ ବୁଧବାର ଗିରଫ କରିଛି। ଉଭୟେ ମୁର୍ଶିଦାବାଦ୍‌ର ରଘୁନାଥଗୁଞ୍ଜ୍ ଅଞ୍ଚଳର ବାସିନ୍ଦା ହୋଇଥିବାବେଳେ ଆତଙ୍କବାଦୀ ଗତିବିଧି ଚଳାଇଆସୁଥିଲେ। ବର୍ଦ୍ଧମାନ ଜିଲାର ଖଗ୍ରାଗଡ଼ଠାରେ ୨୦୧୪ରେ ଘଟିଥିବା ବିସ୍ଫୋରଣର ଅନ୍ୟତମ ମାଷ୍ଟରମାଇଣ୍ଡ ଜେଏମ୍‌ବି ନେତା କୌସରଙ୍କ ସହ ସେମାନେ ସମ୍ପର୍କରେ ଥିଲେ। ସେମାନଙ୍କ ନିକଟରୁ ଏକାଧିକ ପରିମାଣରେ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ଆଂଶିକ ମେଘୁଆ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସାମାନ୍ୟ ବର୍ଷା କିମ୍ବା ଘଡଘଡି ସହ ବର୍ଷା ହୋଇପାରେ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୫ | ୧୮.୩ |
| ଚାନ୍ଦବାଲି | ୩୧.୭ | ୨୩.୪ |
| କଟକ | --- | ୨୨.୦ |
| ପାରାଦ୍ୱୀପ | ୨୯.୬ | ୨୫.୦ |
| ଭୁବନେଶ୍ୱର | ୩୨.୮ | ୨୩.୦ |
| ଗୋପାଳପୁର | ୩୦.୦ | ୨୪.୫ |
| ପୁରୀ | ୩୦.୨ | ୨୫.୦ |
| ଅନୁଗୋଳ | ୩୧.୧ | ୧୭.୮ |
| ବାରିପଦା | ୨୯.୪ | ୧୮.୦ |
| ଝାରସୁଗୁଡ଼ା | ୩୧.୫ | ୧୮.୮ |
| କେନ୍ଦୁଝର | ୨୮.୩ | ୧୮.୦ |
| ସମ୍ବଲପୁର | ୩୨.୦ | ୧୯.୦ |
| ସୁନ୍ଦରଗଡ଼ | ୩୪.୦ | ୧୪.୦ |
| ହୀରାକୁଦ | ୩୧.୩ | ୧୬.୪ |
| ତାଲଚେର | ୩୩.୧ | ୨୨.୦ |
| ଭବାନୀପାଟଣା | ୩୩.୦ | ୨୧.୫ |
| ବଲାଙ୍ଗୀର | ୩୩.୫ | ୨୦.୨ |
| କୋରାପୁଟ | ୩୦.୬ | ୧୫.୦ |
| ଫୁଲବାଣୀ | --- | ୧୭.୦ |
| ଟିଟିଲାଗଡ଼ | --- | ୧୯.୦ |
| ମାଲକାନଗିରି | ୩୪.୫ | ୧୭.୪ |
| ସୋନପୁର | ୩୪.୬ | ୧୮.୪ |
| ଦାରିଙ୍ଗିବାଡ଼ି | ୨୮.୫ | ୧୭.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍





# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଲେ ଚାଲେ ଗଲା ଚାଲୁଆ ମୂଷା**
**କେହି ନ ଜାଣିଲେ ସାହି ପଡ଼ିଶା ।**

ଧୂର୍ତ୍ତ ପ୍ରକୃତିର ବ୍ୟକ୍ତିର କାର୍ଯ୍ୟକଳାପକୁ କେହି ସହଜରେ ଜାଣି ପାରି ନ ଥାନ୍ତି। ଏପରି କଳକୌଶଳ ବା ଖଞ୍ଜରେ କାମ କରନ୍ତି ଯେ ତା'ର ଟେର୍ କେହି ବି ପାଇପାରି ନ ଥାନ୍ତି। ଲୁଚାଛପାରେ ନିଜର ଈପ୍‌ସିତ କାର୍ଯ୍ୟ ହାସଲ କରିନେବାରେ ସେମାନେ ସିଦ୍ଧହସ୍ତ ହୋଇଥାନ୍ତି। ଅତି ସନ୍ତର୍ପଣ ସହକାରେ ନିଜର ଫାଇଦା ଉଠାଇ ନିଆଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚେଇଁ ଶୋଇବ ଯିଏ**
**ତାକୁ ଉଠାଇବ କିଏ ?**

ଜାଣିଶୁଣି ଛଟା ଗାଳି ପଡ଼ିବା। କଥାଟି କ'ଣ ହେଉଛି ଦେଖାଯାଉ, ଚୁପ୍‌ଚାପ୍ ରହିଗଲେ ଗଲା ବୋଲି ବିଚାର କରିବା। ଯେଉଁ ଲୋକ ଶୋଇଛି ବୋଲି ବାହାନା କରିଥାଏ ତାକୁ ଯେତେ ଡାକିଲେ କି ହଲାହଲି କଲେ ବି ସେ ଉଠି ନ ଥାଏ। ନିଜକୁ ଅନ୍ଧ ବୋଲି ଛଳନା କରୁଥିବା ବ୍ୟକ୍ତିଙ୍କୁ ବାଟକୁ ଆଣିବା କଷ୍ଟକର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଖଟିରେ ଖଟିରେ...

## ଭଲରେ ଜାଣିଛି

ଗଲା ମଙ୍ଗଳବାର ଶହୀଦନଗର ଚା ଖଟିରେ ପାପୁଲି ଦଳର ଦୁଇ ପୁରାତନ କର୍ମୀଙ୍କ ମଧ୍ୟରେ ଟିକେଟ ବଣ୍ଟାକୁ ନେଇ ଚାଲିଥିଲା ଗରମ ଆଲୋଚନା। ହଠାତ୍ ସେଠି ପହଞ୍ଚିଗଲେ ପୂର୍ବରୁ ଶଙ୍ଖ ଚିହ୍ନରେ ଲଢି କେନ୍ଦ୍ରରେ ମନ୍ତ୍ରୀ ହୋଇଥିବା ଜଣେ ମହାଶୟ। ଆଉ ପାପୁଲିର ଦୁହେଁ ଧାଇଁ ଯାଇ ପୂର୍ବତନ ମନ୍ତ୍ରୀ ମହାଶୟଙ୍କୁ ଦୋକାନ ଆଡେ ପାଛୋଟି ଆଣିଲେ। ଏହାପରେ ପୁଣି ଟିକେଟ ବଣ୍ଟନ ଆଲୋଚନା ଆରମ୍ଭ ହେଇଗଲା। ସେଠାରେ ଉପସ୍ଥିତ ଜଣେ ପୁରୀ ଆଡିଆ ମହାଶୟ ପାଖକୁ ଚାଲିଆସି ଧୀରେକିନା ପଚାରିଲେ, ଆଜ୍ଞା ଏମିତି କ'ଣ ହେଲା ଯେ, ଛାମୁ ଆପଣଙ୍କ ଟିକେଟ ଖଣ୍ଡକ ଛଡାଇ ଦେଲେ। ଏହାପରେ ଟିକେ ହସ ମାରି ପୂର୍ବତନ ମନ୍ତ୍ରୀ କହିଲେ ଛାଡ଼ ସେ କଥା। ହେଲେ କିଛି ସମୟ ପରେ ସେ କହିଲେ, ଡଲଫିନ୍ ବୁଲୁଥିବା ଏରିଆ ମାନ୍ୟବରଙ୍କ ଦକ୍ଷତା ବଳରେ ଏମିତି ହେଇଥିଲା। ସେଇଠୁ ପ୍ରଶ୍ନ କରିଥିବା ମହାଶୟ କହିଲେ, କ'ଣ ହବ ଆଜ୍ଞା ସେଇ ମାନ୍ୟବର ତ ଏବେ ଶଙ୍ଖର ମୁଖ୍ୟ ଖେଳାଳି। ସେଇଠୁ ପୂର୍ବତନ ମନ୍ତ୍ରୀ ଦାନ୍ତ ଚିପିଦେଇ କହିଲେ, ବ୍ୟସ୍ତ ନାହିଁ ପୁଅ। ତଳ ବରଡା ଖସୁଛି, ଉପର ବରଡା ହସୁଛି। ହେଲେ ତା'ର ବି ଦିନେ ସମୟ ଆସିବ, ଏକଥା ସେ ଭଲରେ ଜାଣିଛି।

## ସଙ୍ଗରେ ଅଛୁ

ଲଢୁଆ ବାୟୁସେନା ବିମାନ ପାକ୍ ଉପରେ ଆକ୍ରମଣ ବର୍ତ୍ତମାନ ଖଟିଗୁଡିକର ମୁଖ୍ୟ ଟପିକ୍। ଓଡ଼ିଶା ପାକିସ୍ତାନ ସୀମାନ୍ତରୁ କାହିଁ କେତେ ଦୂରରେ। ପଞ୍ଜାବ, ଦିଲ୍ଲୀ, କଶ୍ମୀର ଭଳି ଉତ୍ତେଜନା ଏତେଟା ଅନୁଭବ ହୁଏ ନାହିଁ। ହେଲେ ଓଡ଼ିଆଙ୍କ ଫେସବୁକ୍ ଟୁଇଟରରେ ଯୁଦ୍ଧ ଗରମ ବାରି ହୋଇପଡୁଛି। ଏସବୁ ଭିତରେ ବି କେତେଜଣ ଭୋଟ ଚିନ୍ତାରେ ବୁଡି ରହୁଛନ୍ତି। ଖଟିରେ ଫୁଲବାଲାଙ୍କ ଛାତି କୁଣ୍ଢେ ମୋଟ। ଜଣେ କହିଲେ, ଦେଖିଲ ୫୬ ଇଞ୍ଚ କି ନାହିଁ। ଏକଥା ଶୁଣି ପାପୁଲି ଦଳର ଜଣେ ସଦସ୍ୟ କହିଲେ, ସବୁ ଠିକ୍ ଅଛି। ହେଲେ ଗୋଳମାଳ କରି କଥାକୁ ପ୍ରଘଟ କରିବା ଅଭ୍ୟାସ ଯାଇନି। ସେଇଠୁ ଫୁଲଞ୍ଚଦଳିଆ ସଦସ୍ୟ କହିଲେ, ମାନେ କ'ଣ କହିବାକୁ ଚାହୁଁଛ। ସେଠୁ ପାପୁଲି ଦଳିଆଟି କହୁଛି- ୩୫ ମରିଥିବେ କି ନାହିଁ, ୩୫୦ କହୁଚ। ଆଗକୁ ନିର୍ବାଚନ ତେଣୁ ସବୁ ଘଟଣାରୁ ନଜର ହଟାଇବା ବାହୁସ୍ଫୋଟ ମାରୁଛ। ଠିକଣା ଢଙ୍ଗରେ ପାକ୍‌କୁ ଜବାବ ଦିଅ, ଆମେ ତୁମ ସଙ୍ଗରେ ଅଛୁ।

# ପ୍ରସାଦ ବାଣ୍ଟିବା ଭଳି ଜୁରିଙ୍କ ପୁରସ୍କାର ଚୟନ

**ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର**

- ବିବାଦ ଉଠିବ ବୋଲି ଆଗୁଆ କହିଥିଲା ଚୟନ କମିଟି
- ଅଭିଯୋଗ ଆଣିଲେ ପ୍ରଯୋଜକ, ଫିଲ୍ମ ନିର୍ମାତା

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ପ୍ରଥମେ ବିଳମ୍ବ। ତା'ପରେ ଜୁରି କମିଟି ଚୟନରେ ପ୍ରିୟାପ୍ରୀତି ତୋଷଣ। ଆଉ ଏବେ ପୁରସ୍କାର ଚୟନରେ ପାତରଅନ୍ତର ହୋଇଥିବା ନେଇ ଅଭିଯୋଗ। ଗତ ୩ବର୍ଷ ହେଲା ବିବାଦ ଘେରରେ ରହିଆସୁଥିବା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରକୁ ଏଥର ବି ବିବାଦ ପିଛା ଛାଡ଼ିନି। ପ୍ରତିଭାକୁ ପୁରସ୍କାର ନ ଦେଇ ସମସ୍ତଙ୍କୁ ଖୁସି କରିବା ପାଇଁ ପ୍ରସାଦ ବାଣ୍ଟିବା ଭଳି ଏଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଦିଆଯାଇଥିବା ନେଇ ଆସିଛି ସାଂଘାତିକ ଅଭିଯୋଗ। ଚଳଚ୍ଚିତ୍ର ପ୍ରଯୋଜକଙ୍କଠାରୁ ଆରମ୍ଭକରି ନିର୍ମାତାଙ୍କ ପର୍ଯ୍ୟନ୍ତ, ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରି ସହ ଜଡ଼ିତ ବହୁ ଜଣାଶୁଣା ବ୍ୟକ୍ତି ଏଭଳି ଅଭିଯୋଗ ଆଣିଛନ୍ତି। ଏପରି କି, ଖୋଦ୍ ଜୁରି କମିଟି ମଧ୍ୟ ଏ ନେଇ ଆଗୁଆ ସ୍ୱୀକାର କରିଛି। ପୁରସ୍କାର ଘୋଷଣା ସମୟରେ ଆଗକୁ ବିବାଦ ଉଠିବ ବୋଲି ଜୁରି କମିଟି ଅଧ୍ୟକ୍ଷ ଆଗୁଆ ଭବିଷ୍ୟବାଣୀ କରିଥିବା ବେଳେ ତାହା ଏକପ୍ରକାର ସତ ହୋଇଛି। ଅନ୍ୟପକ୍ଷରେ ଚଳଚ୍ଚିତ୍ର ପୁରସ୍କାରକୁ ନେଇ ଲାଗିରହିଥିବା ବିବାଦ ଯୋଗୁ ମୁଖ୍ୟମନ୍ତ୍ରୀ ଗତ କିଛିବର୍ଷ ହେଲା ପୁରସ୍କାର ପ୍ରଦାନ ଉତ୍ସବରେ ଯୋଗଦେଉ ନ ଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି।

୨୦୧୫ରୁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ରିଲିଜ ହୋଇ ନ ଥିବା ଏକ ଚଳଚ୍ଚିତ୍ରକୁ ୨୦୧୪ ମସିହା ପାଇଁ ଶ୍ରେଷ୍ଠ ଫିଲ୍ମ ଭାବେ ମୋହନ ସୁନ୍ଦର ଦେବ ଗୋସ୍ୱାମୀ ସମ୍ମାନ ଦିଆଯିବା ପରେ ବିବାଦ ଉଠିଥିଲା। ଏହାପରେ କେତେବେଳେ ଜୟଦେବ ପୁରସ୍କାର ତ କେତେବେଳେ ଶ୍ରେଷ୍ଠ ଫିଲ୍ମ ଓ ଶ୍ରେଷ୍ଠ ଅଭିନେତ୍ରୀ, ଅଭିନେତା, କିଛି ନା କିଛି କଥାକୁ ନେଇ କେଁ ଉଠିଲା। ତେବେ ଏ ସବୁ ପଛରେ ଥିଲା ସଂସ୍କୃତି ବିଭାଗର ଜୁରି କମିଟି ଚୟନରେ ପ୍ରିୟାପ୍ରୀତି ତୋଷଣ। ଚୟନକର୍ତ୍ତା ଚୟନରେ ପାତରଅନ୍ତର ହେବାରୁ ପ୍ରତିଭା ଚୟନରେ ପାତରଅନ୍ତର ହେଲା। ଚଳିତବର୍ଷ ମଧ୍ୟ ଆରମ୍ଭରୁ ସେଭଳି ଅଭିଯୋଗ ଆସିଥିଲା। ଜଣେ ବିବାଦୀୟ ବ୍ୟକ୍ତିତ୍ୱଙ୍କୁ ଚଳଚ୍ଚିତ୍ର ଜୁରି କମିଟିରେ ସ୍ଥାନ ଦିଆଯିବା ନେଇ ବିବାଦ ଉଠିଥିଲା। ପଦବୀର ଅପବ୍ୟବହାର କରି ନିଜ ସ୍ତ୍ରୀ ଓ ସମ୍ପର୍କୀୟଙ୍କ ନାମ ପୁରସ୍କାର ପାଇଁ ସୁପାରିସ କରିଥିବା ଜଣେ ବ୍ୟକ୍ତିଙ୍କୁ ଜୁରି କମିଟିରେ ରଖାଯାଇଥିବା ଚଳଚ୍ଚିତ୍ର ପ୍ରଯୋଜକ ଶ୍ରୀଧର ମାର୍ଥା ଅଭିଯୋଗ କରିଥିଲେ। ୨୦୧୪-୧୫ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ବିବାଦ ଏବେ ମଧ୍ୟ ଭୁବନେଶ୍ୱର କୋର୍ଟରେ ବିଚାରାଧୀନ ଥିବାବେଳେ ଏଥିରେ ପ୍ରିୟାପ୍ରୀତି ତୋଷଣ କରି ବିବାଦ ମଧ୍ୟରେ ଫସିଥିବା ଅଧିକାରୀଙ୍କୁ ଚୟନକର୍ତ୍ତା କରାଯାଇଥିବାରୁ ସେ ନିଜ ଫିଲ୍ମ 'କଥା ଦେଲି ମଥା ଛୁଇଁ'କୁ ପୁରସ୍କାର ଦୌଡ଼ରୁ ପ୍ରତ୍ୟାହାର କରିନେଇଥିଲେ। ପୁରସ୍କାର ଘୋଷଣା ପରେ ସେ ଆହୁରି ପ୍ରଶ୍ନ କରିଛନ୍ତି ଯେ, ଟେଲି ପୁରସ୍କାର ଜୁରି କମିଟିରେ ଥିବା ଜଣେ ସଦସ୍ୟଙ୍କୁ କିଭଳି ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ବିଭାଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଦିଆଗଲା। ଯଦି ସେ ଜୁରି କମିଟିରେ ରହିଲେ ତେବେ ତାଙ୍କୁ ପୁରସ୍କାର ଦୌଡ଼ରେ କ'ଣ ପାଇଁ ସାମିଲ କରାଗଲା କିମ୍ବା ଯଦି ସେ ପୁରସ୍କାର ଦୌଡ଼ରେ ରହିଲେ ତାଙ୍କୁ ଜୁରି କମିଟି ସଦସ୍ୟ କ'ଣ ପାଇଁ କରାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ନେଇ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା।

### 'କ୍ଷଣିକା' ଓ ପ୍ରକୃତିଙ୍କ ପ୍ରତି ଅବହେଳା ଅଭିଯୋଗ

ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିବା 'ହାଲୋ ଆର୍ସି'ର ଅଭିନେତ୍ରୀ ପ୍ରକୃତି ମିଶ୍ର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଚୟନ ପ୍ରକ୍ରିୟାରୁ କିଭଳି ବାଦ୍ ପଡ଼ିଲେ, ସେ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି ଜଣାଶୁଣା ଚଳଚ୍ଚିତ୍ର ନିର୍ମାତା ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ। ସେହିଭଳି ୧୩ଟି ଦେଶର ୨୩ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇଥିବା ତଥା ବହୁ ଅନ୍ତର୍ଜାତୀୟ ଓ ଜାତୀୟ ପୁରସ୍କାର ହାସଲ କରିଥିବା 'କ୍ଷଣିକା' କେବଳ ସମ୍ପାଦନା ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସୋସିଆଲ ମିଡିଆରେ ମଧ୍ୟ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଚୟନ ପ୍ରକ୍ରିୟାକୁ ସମାଲୋଚନା କରାଯାଇଛି।

# ମୃତ ଘୋଷିତ ସ୍ୱାମୀ ଫେରିଲେ

**ସଧବା ସାଜିଲେ ସ୍ତ୍ରୀ**

ପରଜଙ୍ଗ, ୨୭।୨(ଡି.ଏନ.ଏ.)

ପୋଲିସ ଜାରି କରିଥିଲା ମୃତ୍ୟୁ ଆଡଭାଇଜରି। ମୃତଦେହ ଚିହ୍ନଟ କରିଥିଲେ ପରିବାର। ସରିଥିଲା ଶୁଦ୍ଧିକ୍ରିୟା। ବିଧବା ସାଜିଥିଲେ ସ୍ତ୍ରୀ। ହେଲେ ୩ମାସ ପରେ ମୃତ ଘୋଷିତ ବ୍ୟକ୍ତି ସୁରକ୍ଷିତ ଭାବେ ଫେରି ଆସିଛନ୍ତି ଘରକୁ। ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁଆଲୋ ପଞ୍ଚାୟତ ପରମହଂସପୁର ଗ୍ରାମରେ।

ଗ୍ରାମର ଶରତ ଚନ୍ଦ୍ର ସାହୁ (୬୫) ଦୀର୍ଘଦିନ ହେଲା ବିଭିନ୍ନ ଆଶ୍ରମରେ ରହି ଆସୁଥିଲେ। ମଝିରେ ମଝିରେ ଘରକୁ ଆସି ପୁଣି ଚାଲି ଯାଉଥିଲେ। ଗତ ଡିସେମ୍ବର ୫ରେ ଭୁବନେଶ୍ୱର ନୟାପଲ୍ଲୀ ଥାନାରେ ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତ୍ୟୁକୁ ନେଇ ଅପମୃତ୍ୟୁ ମାମଲା ନଂ. ୧୦୨/୧୮ ରୁଜୁ କରାଯାଇଥିଲା। ମୃତଦେହ ଚିହ୍ନଟ ଲାଗି ଖବରକାଗଜରେ ବାହାରିଥିଲା ଆଡଭାଇଜରି। ବୃଦ୍ଧଙ୍କ ମୃତ୍ୟୁ ଦୁର୍ଘଟଣାରେ ହୋଇଥିବା ଏବଂ ମୃତଦେହ କ୍ୟାପିଟାଲ ହସ୍ପିଟାଲରେ ରଖାଯାଇଥିବା ଏଥିରେ ଉଲ୍ଲେଖ ଥିଲା। ଗଣମାଧ୍ୟମରୁ ସୂଚନା ପାଇ ଶରତଙ୍କ ପରିବାର ଲୋକେ ଡିସେମ୍ବର ୧୭ରେ ନୟାପଲ୍ଲି ଥାନାରେ ପହଞ୍ଚିଥିଲେ। ତେବେ ୧୦ ତାରିଖରୁ ମୃତଦେହ ପୋଲିସ ପୋଡ଼ିଦେଇଥିଲା। ତଦନ୍ତ ସମୟର ଫଟୋ ଦେଖାଇବା ପରେ ମୃତଦେହ ଶରତଙ୍କ ବୋଲି ଚିହ୍ନଟ କରିଥିଲେ ପରିବାର ଲୋକେ। ଏହାପରେ ବିଧି ଅନୁଯାୟୀ ୨୬ରେ ଦଶାହ ଏବଂ ୨୭ ତାରିଖରେ ଏକାଦଶାହ କାର୍ଯ୍ୟ ସାରିଥିଲେ। ତେବେ ବୁଧବାର ସକାଳେ ଶରତ ବହ୍ଲର ଛକରେ ଏକ ଗାଡ଼ିରେ ବସିଥିବା ଦେଖି କୁଆଲୋ ସରପଞ୍ଚ ଅନିଲ ଭୂତିଆ ତାଙ୍କୁ ଘର ଠିକଣା ପଚାରିଥିଲେ। ଏହି ସମୟରେ ଶରତ ଘରକୁ ଯାଉଥିବା କହିଥିଲେ। ପରମହଂସପୁର ଛକରେ ଗାଡ଼ିରୁ ଓହ୍ଲାଇ ସେ ସିଧା ଝିଅ ଘରକୁ ଯାଇଥିଲେ। ଘଟଣା ପ୍ରଘଟ ପରେ ତାଙ୍କୁ ଦେଖିବାକୁ ବନ୍ଧୁବାନ୍ଧବଙ୍କ ଭିଡ଼ ଜମିଥିଲା। ସ୍ୱାମୀଙ୍କୁ ଦେଖିବା ପରେ ସ୍ତ୍ରୀ ରତନୀ ସଙ୍ଗେସଙ୍ଗେ ସଧବା ବେଶରେ ସଜେଇ ହୋଇଯାଇଥିଲେ। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାଯୋଗ୍ୟ, ଶରତଙ୍କ ଘରେ ଦୁଇ ପୁଅ, ବୋହୂ, ସ୍ତ୍ରୀ ରହୁଛନ୍ତି। ଏକମାତ୍ର ଝିଅ ବିବାହ କରି ଗ୍ରାମରେ ହିଁ ରହୁଛନ୍ତି।



ଶରତ ଚନ୍ଦ୍ର ସାହୁ

# ଓଡ଼ିଶା କ୍ୟାଡରକୁ ଆସିଲେ ଅନନ୍ୟା

ଭୁବନେଶ୍ୱର,୨୭।୨(ବ୍ୟୁରୋ)

୨୦୧୫ ବ୍ୟାଚ୍ ଗୁଜରାଟ କ୍ୟାଡର ଆଇଏଏସ୍ ଅଧିକାରୀ ଅନନ୍ୟା ଦାସ ଓଡ଼ିଶା କ୍ୟାଡରରେ ଯୋଗଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ସୂତ୍ରରୁ ଏହି ଖବର ମିଳିଛି। ଅନନ୍ୟା ଗୁଜରାଟର ମହିଷାନଗର ସ୍ଥିତ ବାଲାସିନୋର ଅତିରିକ୍ତ ଜିଲାପାଳ ଭାବେ ଦାୟିତ୍ୱ ତୁଲାଇଛନ୍ତି।

# ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଘରୁ ସଶସ୍ତ୍ର ଡକାୟତି

ଭୁବନେଶ୍ୱର, ୨୭।୨(ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ କାନନବିହାରରେ ବୁଧବାର ଭୋର୍ ସମୟରେ ବଡ଼ଧରଣର ସଶସ୍ତ୍ର ଡକାୟତି ହୋଇଛି। ଫେଜ୍-୧ସ୍ଥିତ ପ୍ଲଟ୍ ନଂ.୧୬୪ରେ ରହୁଥିବା ଅବସରପ୍ରାପ୍ତ ସେନା କର୍ମଚାରୀ ସୁଧାକର ଦାସଙ୍କ ଘରୁ ଡକାୟତମାନେ ନଗଦ ୧ ଲକ୍ଷ ଟଙ୍କା ସମେତ ୨୫୦ ଗ୍ରାମର ସୁନାରୁପା ଅଳଙ୍କାର, ରୁପା ମୂର୍ତ୍ତି, ୬ ଦାମୀ ମୋବାଇଲ୍ ଫୋନ୍, ଆସବାବପତ୍ର ଆଦି ବିପୁଳ ସମ୍ପତ୍ତି ଲୁଟି ନେଇଛନ୍ତି। ୧୨ରୁ ଊର୍ଦ୍ଧ୍ୱ ମୁଖାଧାରୀ ଡକାୟତ ଦୁଇ ଘଣ୍ଟା ଧରି ଏହି କାଣ୍ଡ ଘଟାଇଥିଲେ। ପରିବାର ସଦସ୍ୟଙ୍କୁ ମାଡ଼ ମାରିବା ସହ ହାତଗୋଡ଼ ବାନ୍ଧି ଦେଇଥିଲେ। ଏପରିକି ପରିବାରର ଜଣେ ଶିଶୁଙ୍କ ବେକରେ ଛୁରି ଲଗାଇ ଚାବି ହାତେଇନେବା ପରେ ଲୁଟ୍‌ପାଟ କରି ଚାଲିଯାଇଥିଲେ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଲୋକେ ନିଜକୁ ଅସୁରକ୍ଷିତ ମଣିବା ସହ କମିଶନରେଟ ପୋଲିସର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କେଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ

ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଧନଲକ୍ଷ୍ମୀ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ଡିଜିଟାଲ ଉପକରଣ -କମ୍ପାନୀ- SMS JOB

ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

**ପାଠକଙ୍କ ପାଇଁ ସୂଚନା** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ODISHA HYDRO POWER CORPORATION LIMITED
OFFICE OF THE SENIOR GENERAL MANAGER (ELECTRICAL)
Balimela Hydro Electric Project, Post: Balimela, Dist: Malkangiri (Odisha), Pin: 764051, Phones: 06861-232581 (O)/ 232641 (R), Fax: 06861-232541, E-Mail: unit.head_balimela@yahoo.com
REGD. OFFICE: ODISHA HYDRO POWER CORPORATION LIMITED
(A Government of Odisha Undertaking)
Odisha State Police Housing & Welfare Corporation Building, Vanivihar Chouk, Janapath, Bhubaneswar-22
Tel: 91-0674-2542983, 2542802, 2545526, 2542826, Fax: 2542102, Gram: Hydropower, E-mail: ohpc.co@gmail.com/ md@ohpcltd.com, Web: www.ohpcltd.com, CIN: U40101OR1995SGC003963
No. BHEP: 13H/1166 Dated 25.02.2019
1st CORRIGENDUM TO TENDER CALL NOTICE NO. 39/18-19, DTD. 07.02.2019 BHEP, BALIMELA
No.CAD-1501:-
1) The last date and time of submission of the tender document is extended upto 12.30 PM of Dtd 07.03.2019.
2) The last date and time of opening of the above tender is at 12.30 PM of 07.03.2019.
All other terms and conditions of the above Tender remain unchanged.
Further details like corrigendum to the tender call notice etc can be available in www.ohpcltd.com.
Sd./- SENIOR GENERAL MANAGER (EL)
BALIMELA HYDRO ELECTRIC PROJECT, BALIMELA
04019/11/0117/1819

DIRECTORATE OF MEDICAL EDUCATION & TRAINING,ODISHA
Notice Regarding Digital / Online Registration and Renewal of Registration by Odisha Nurses and Midwives Registration Council (ONMRC)
No.937-E:- The Digital /Online Registration and Renewal of Registration of Nursing personel under ONMRC will start from Dt. 10.03.2019. The link will be available in website of DMET, Odisha, i,e. www.dmetodisha.gov.in under the name of ONMRC.
Henceforth no student will be allowed to visit the ONMRC physically for the above purpose. Prospective candidates are advised to log in to DMET, Odisha website apply on-line for needful.
Sd./- Joint DMET (O) (In situ) and Member Convener, ONMRC
10016/11/0057/1819

TENDER NOTICE FOR COLLECTION OF CASHEW NUTS AND APPLES OF STATE GOSADAN BABANDHA FOR THE YEAR 2018-19
No.97-M
Sealed tenders in plain paper are invited from the intending persons/ institutions for collecting Cashew nuts and Apples from the cashew plantation field at Go-sadan, Babandha in Dhenkanal District for the year 2018-19. The last date for receipt of sealed tender is 12.03.2019 up to 05.00 PM & the same will be opened on 13.03.2019 at 03.00PM in presence of the tender committee and the tenders or their authorized representative . The tender papers should be submitted through Courier Service or by Registered post. An amount equal to 20% of the quoted value should be deposited along with the tender papers in shape of Bank draft in favour of the undersigned payable at SBI, Dhenkanal towards earnest money. The tenderers are required to furnish Sale-Tax, Income Tax Clearance certificate from the competent authority. The sealed cover containing the quotation with other document should be mentioned in capital letter "TENDER FOR COLLECTION OF CASHEW NUTS AND APPLES 2018-19" should be addressed to the CDVO, Dhenkanal.
On acceptance of highest Tender, the tenders/ institutions earnest money deposited will be converted towards security deposit of the quoted value and 50% of the tender value should be deposited on the same day by the tenderer and the balance 50% amount including all taxes as admissible should be deposited within seven days after which the approval order will be issued failing which the cashew field will not be handed over and have no right to collect nuts and apples from the field and the earnest money so deposited will be for feited. The department will not be held responsible for any natural calamity what so ever. The authority reserves the right to cancel the tender without assigning any reason thereof.
CASHEW FIELD, STATE GO-SADAN BABANDHA.
Location- 8 Kms from NH -42, Odapada (Hindol road).
Ara -55 Acs of old & 35 Acs of new cashew field.
Sd./- (Dr Bikas Das) Chief District Veterinary Officer, Dhenkanal
06033/11/0002/1819

GOVERNMENT OF ODISHA 1335-B
OFFICE OF THE SUPERINTENDING ENGINEER, NORTHERN (R&B) CIRCLE, SAMBALPUR
Fax & Ph. No. 0663-2412303
e - Procurement
BID IDENTIFICATION No SENC(R&B)/17/ 2018-19
No. 278 Dtd. 25.02.2019
1. The Superintending Engineer, Northern (R&B) Circle, Sambalpur on behalf of Governor of Odisha invites Percentage Rate bids in double cover system in ONLINE MODE for the construction of Road works as detailed in the DTCN from the eligible class of contractors.
2. No of Road works : 17 (Seventeen).
3. Tender Cost : Rs. 10,000/-
4. Class of contractor : "Special" Class, "A" Class and "B" Class
5. Date & Time of available in website & receipt of Bids from 12.03.2019 to 17.00 hours of 27.03.2019.
6. Date of opening of Technical Bid 30.03.2019 at 11.00 hours.
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum / Addendum will be displayed in the website www.tendersodisha.gov.in.
Sd./- (S.K.Sahoo), Superintending Engineer Northern (R&B) Circle, Sambalpur
34035/11/0024/1819

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
E-mail ID: cebuildings_orissa@yahoo.co.in, cebuildings@rediffmail.com
Tel. -(0674)- 2391523, Fax:- (0674)-2395245
INVITATIONS FOR BIDS (IFB)
File No-B-III- SC & ST-01/2019 10682 / Bhubaneswar, the 26th Feb. 2019
Invitation for Bids
1336-B
Bid Identification No. CE (B) – 55 / 2018-19

| | | | |
|---|---|---|---|
| 1. | The Chief Engineer (Buildings), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for Construction of Building works as detailed below. | | |
| 2. | Nature of work | : | Building work (Composite work) |
| 3. | No. of work | : | 01 No. |
| 4. | Bid Cost | : | Rs.10,000/- |
| 5. | Class of Contractor | : | 'A' Class & Special Class |
| 6. | Availability of Bid Documents in the website | : | From dt..02.03.2019 to 17:00 hours of dt.19.03.2019. |
| 7. | Date of Opening of Bid | : | Dt.20.03.2019 at 11:30 AM |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website. | | |

Sd./- Chief Engineer (Buildings), Odisha, Bhubaneswar
34117/11/0224/1819

## ସଂକ୍ଷେପରେ

### ବିଜୁ ଯୁବବାହିନୀ ସଦସ୍ୟଙ୍କୁ ମୋବାଇଲ୍ ପ୍ରଦାନ



**ପାଟକୁରା ୨୭।୨(ଡି.ଏନ୍.ଏ.):** ଗରଦପୁର ବ୍ଲକ ସଭାଗୃହରେ ବ୍ଲକ ଅଧୀନ ୧୮ ପଞ୍ଚାୟତର ବିଜୁ ଯୁବ ବାହିନୀ ସଦସ୍ୟଙ୍କୁ ବୁଧବାର ମୋବାଇଲ୍ ବଣ୍ଟନ କରାଯାଇଛି। ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ଶ୍ରୀକାନ୍ତ ପରିଡ଼ାଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟଙ୍କୁ ଏହି ମୋବାଇଲ୍ ଫୋନ୍ ପ୍ରଦାନ କରାଯାଇଥିଲା। ବ୍ଲକର ମୋଟ ୭୪୧ ଯୁବ ବାହିନୀ ସଦସ୍ୟଙ୍କୁ ମୋବାଇଲ ବଣ୍ଟନ କରାଯିବ। ତେବେ ଅନେକ ସଦସଙ୍କୁ ମୋବାଲ୍ ଫୋନ ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ତେବେ ମୋବାଇଲ ପ୍ରଦାନ ସମୟରେ ଫଟୋ ଉଠାଇବାକୁ ଉଦ୍ୟମ କରାଯିବାରୁ ବ୍ଲକ ସଂଯୋଜକ ଏଥିପାଇଁ ବାରଣ କରିଥିଲେ। ଏହା ସରକାରୀ କାର୍ଯ୍ୟକ୍ରମ ହୋଇଥିବା ବେଳେ ଫଟୋ ଉଠାଇବାକୁ ବାରଣ କରାଯାଉ ଥିବାରୁ ଏ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

### ସମାଜସେବା କ୍ଷେତ୍ରରେ ବ୍ରଜଙ୍କ ଅବଦାନ ଅତୁଳନୀୟ

**ରାଜକନିକା, ୨୭।୨ (ଡି.ଏନ.ଏ.):** ରାଜକନିକା ବ୍ଲକ ଅନ୍ତର୍ଗତ ଦେଉଳତରା ଗ୍ରାମର ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ବ୍ରଜସୁନ୍ଦର ଦାସଙ୍କ ଏକାଦଶରେ ମଙ୍ଗଳବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଦାସଙ୍କ ଜନ୍ମମାଟିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିବେଶବିତ୍ ସୁଭାସଚନ୍ଦ୍ର ରାଉତ ପୌରୋହିତ୍ୟ କରିଥିଲେ। ସମାଜସେବା କ୍ଷେତ୍ରରେ ବ୍ରଜସୁନ୍ଦରଙ୍କ ଅବଦାନ ଅତୁଳନୀୟ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଖରସ୍ରୋତା ସାଂସ୍କୃତିକ ପରିଷଦର ସଭାପତି ଲକ୍ଷ୍ମୀଧର ରାଉତ, ପ୍ରାକ୍ତନ ସମ୍ପାଦକ ନିରଞ୍ଜନ ବେହେରା,ପ୍ରାକ୍ତନ ସମିତିସଭ୍ୟ ବାବୁରାମ ଜେନା, ଶିବରାମ ଦାସ ଓ ନରେଶଚନ୍ଦ୍ର ବଳ ପ୍ରମୁଖ ଯୋଗଦେଇ ତାଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ।

### ପଟ୍ଟାମୁଣ୍ଡାଇ ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ

**ପଟ୍ଟାମୁଣ୍ଡାଇ,୨୭।୨(ସ୍ୱ.ପ୍ର):** ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ବୁଧବାର ଅପରାହ୍ନରେ ନୂତନ ଆଇଆଇସି ଭାବେ ରାକେଶ କୁମାର ତ୍ରିପାଠୀ ଯୋଗ ଦେଇଛନ୍ତି। ପୋଲିସ ଆଇଜିଙ୍କ ନିର୍ଦ୍ଦେଶରେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନାରେ କାର୍ଯ୍ୟରତ ନୂତନ ଆଇଆଇସି ତ୍ରିପାଠୀ ଏଠାକୁ ବଦଳି ହୋଇ ଆସିଛନ୍ତି। ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ପ୍ରମୋଦ କୁମାର ମଲିକଙ୍କୁ ଜିଲା ଗୁଇନ୍ଦା ବିଭାଗକୁ ବଦଳି କରାଯାଇଛି। ଏଥିସହିତ ଚଉଦକୁଲାଟ ଫାଣ୍ଡିରେ କାର୍ଯ୍ୟରତ ପୋଲିସ ଏସଆଇ ପଞ୍ଚାନନ ମିଶ୍ରଙ୍କ ସ୍ଥାନରେ ରାଜକନିକା ଥାନାର ଏସଆଇ ଗୋବର୍ଦ୍ଧନ ସାହୁ ବୁଧବାର ଫାଣ୍ଡିରେ ଯୋଗ ଦେଇଛନ୍ତି। ଏସଆଇ ମିଶ୍ରଙ୍କର ଡେରାବିଶ ଥାନାକୁ ବଦଳି ହୋଇଛି। ପଟ୍ଟାମୁଣ୍ଡାଇ ଥାନାରେ ନୂତନ ଆଇଆଇସି ତ୍ରିପାଠୀଙ୍କ ଯୋଗଦାନକୁ ପଟ୍ଟାମୁଣ୍ଡାଇବାସୀଙ୍କ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇଛି। କଟକ ପୋଲିସ ଆଇଜି ଘନଶ୍ୟାମ ଉପାଧ୍ୟାୟ ପଟ୍ଟାମୁଣ୍ଡାଇ ଗସ୍ତ କରି ଆଦର୍ଶ ଥାନାର ବିଭିନ୍ନ କାର୍ଯ୍ୟ ଓ ଆଇନଶୃଙ୍ଖଳା ପରିସ୍ଥିତି ସଂପର୍କରେ ଅନୁଧ୍ୟାନ କରି ସନ୍ଧ୍ୟାରେ ଫେରି ଯାଇଛନ୍ତି। ସୂଚନାଯୋଗ୍ୟ ଯେ, ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ମଲ୍ଲିକଙ୍କ ବଦଳି ବାତିଲ କରିବା ଦାବିରେ ମଙ୍ଗଳବାର ପଟ୍ଟାମୁଣ୍ଡାଇ ସ୍ୱାଭିମାନ ନାଗରିକ ମଞ୍ଚ ପକ୍ଷରୁ ରାସ୍ତାରୋକୋ କରାଯିବା ସହ ଜିଲା ବିଜେଡି ସଭାପତି ଧ୍ରୁବ ସାହୁଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏହାସତ୍ତ୍ୱେ ମଧ୍ୟ ଆଇଆଇସିଙ୍କ ବଦଳି ଆଦେଶ କାର୍ଯ୍ୟକାରୀ ହୋଇଛି।

■ ସୂଚନା ଅଧିକାର ଅଭିଯାନର ସଭା

# ଆଇନର କାର୍ଯ୍ୟକାରିତାକୁ ସରକାରଙ୍କ ପଛଘୁଞ୍ଚା

**କେନ୍ଦ୍ରାପଡା ଅଫିସ, ୨୭।୨**

ଦେଶର ହିତ ପାଇଁ ସୂଚନା ଅଧିକାର ଆଇନ ଆସିଛି। ସେହିପରି ଶିକ୍ଷା ଅଧିକାର ଆଇନ ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ପ୍ରଚଳନ ହୋଇଛି। ତେବେ ଏହି ଆଇନର କାର୍ଯ୍ୟକାରିତାକୁ ନେଇ ସର୍ବଦା ରାଜ୍ୟ ସରକାର ପଛଘୁଞ୍ଚା ଦେଉଛନ୍ତି। ଓଡ଼ିଶା ସୂଚନା ଅଧିକାର ଅଭିଯାନର ୨୦ତମ ସଭା କେନ୍ଦ୍ରାପଡା ସହରର ତହସିଲ ସମ୍ମୁଖ ପଡିଆରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଜିଲା ଆବାହକ ରଞ୍ଜନ କୁମାର ଦାସଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି ସଭାରେ ଅତିଥିମାନେ ଉପରୋକ୍ତ ମତ ଦେଇଛନ୍ତି। ସଭାରେ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ, ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତି, ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ସୂଚନା ଅଧିକାର କର୍ମୀ ସଂଯୁକ୍ତା ପାଣିଗ୍ରାହୀ, ୱାହିଦ ଅଲ୍ଲୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ ଦର୍ଶାଇଥିଲେ ଯେ, ସୂଚନା ଅଧିକାର ଆଇନରେ ବିଭିନ୍ନ ସମୟରେ ରାଜ୍ୟ ସରକାର ତଥ୍ୟ ଦେଉନାହାନ୍ତି। ସେହିପରି ଶିକ୍ଷା ଅଧିକାର ଆଇନରେ ୧୪ ବର୍ଷ ପର୍ଯ୍ୟନ୍ତ ଶିକ୍ଷାର୍ଥୀଙ୍କୁ ସରକାରୀ ଖର୍ଚ୍ଚରେ ମାଗଣାରେ ଶିକ୍ଷା ଦେବାକୁ ବ୍ୟବସ୍ଥା ଥିଲେ ମଧ୍ୟ ଭିତ୍ତିଭୂମି ଅଭାବରୁ ବେସରକାରୀ ଶିକ୍ଷାନୁଷ୍ଠାନରେ ଶିକ୍ଷାର୍ଥୀଙ୍କ ଭିଡ଼ ବଢୁଛି। କର୍ମନିଯୁକ୍ତି ପାଇଁ ପ୍ରତି ଜବ୍‌କାର୍ଡ ହୋଲ୍‌ଡରଙ୍କୁ ୧୦ ହଜାର ଟଙ୍କା କେନ୍ଦ୍ର ଓ ରାଜ୍ୟ ସରକାର ଆର୍ଥିକ ବ୍ୟବସ୍ଥା କରୁଛନ୍ତି। ତେବେ କେତେଜଣ ଠିକାଦାର ନକଲି ମଷ୍ଟର ରୋଲ ସହାୟତାରେ ଏହି ଅର୍ଥ ଉଠାଇ ନେଉଛନ୍ତି। ଏହି ସଭାରେ ପୂର୍ବତନ ମନ୍ତ୍ରୀ ଡା. ରାଉତ ନାବାଳିକାଙ୍କୁ ବଳାତ୍କାର, ଖଣି ଲୁଟ, ଚାରା ଘୋଟଲା ପ୍ରସଙ୍ଗ ଉଠାଇବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କୁ ଟାର୍ଗେଟ କରିଥିଲେ। ଚିଟ୍ ଫଣ୍ଡ ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସିବିଆଇର ଜେରା ପ୍ରସଙ୍ଗ ଉଠାଇଥିଲେ। ଏହି ସଭାକୁ ସୂଚନା ଅଧିକାର କର୍ମୀ ଅମରବର ବିଶ୍ୱାଳ, ପ୍ରମୋଦ ସ୍ୱାଇଁ, ପ୍ରତାପ କୁମାର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।



ସଭାରେ ଉପସ୍ଥିତ ଅତିଥିବୃନ୍ଦ।

# ମହିଁଷାସୁର ଗ୍ରାମପଞ୍ଚାୟତ ୱାର୍ଡ କମିଟି ବୈଠକ

**ରାଜନଗର,୨୭।୨(ଡିଏନଏ)**

ରାଜନଗର ବ୍ଲକ ମହିଁଷାସୁର ଗ୍ରାମ ପଞ୍ଚାୟତ ବିଜୁ ଜନତା ଦଳର ପଞ୍ଚାୟତସ୍ତରୀୟ ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହିଁଷାସୁରସ୍ଥିତ ଲକ୍ଷ୍ମୀନାରାୟଣ ପଡିଆଠାରେ ମଙ୍ଗଳବାର ପଞ୍ଚାୟତର ସମିତି ସଭ୍ୟ ପ୍ରଶାନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ବୈଠକରେ ଜିଲା ବିଜେଡି ସଭାପତି ତଥା ରାଜନଗର ନିର୍ବାଚନ ମଣ୍ଡଳୀ ବିଜେଡି ନେତା ଧ୍ରୁବ ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ କର୍ମୀମାନଙ୍କୁ ଅବଗତ କରିଥିଲେ। ସରକାରଙ୍କ ଯୋଜନା ସଂପର୍କରେ ଘର ଘର ବୁଲି ଅବଗତ କରାଇବା ପାଇଁ ସେ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ମହିଁଷାସୁର ସରପଞ୍ଚ ପ୍ରତିମା ମହାନ୍ତି, ପଞ୍ଚାୟତ ବିଜେଡି ସଭାପତି ତ୍ରିଲୋଚନ ସାହୁ, ମହୁଲିଆ ସରପଞ୍ଚ ମୁଳା ଦାସ, ବ୍ଲକ ବିଜେଡି ଦଳିତ ସେଲର ସଭାପତି ସୁରେନ୍ଦ୍ର ଘଡାଇ, ନିର୍ବାଚନମଣ୍ଡଳୀ ସୋସିଆଲ ମିଡିଆ ସଂଯୋଜିକା କବିତା ସାମଲ, ନାଏବ ସରପଞ୍ଚ କୌଶିକ ଚରଣ ରାଉତ, ଜିଲା ଛାତ୍ର ବିଜେଡି ସାଧାରଣ ସଂପାଦକ ଦୀପକ କୁମାର ରାଉତ, ଯୁବନେତା ଅଶୋକ କୁମାର ମହାନ୍ତି, ବିଜ୍ଞାନ ରଞ୍ଜନ ଜେନା, ନକୁଳ ଚରଣ ଦାସ, ନୃସିଂହ ଚରଣ ରାଉତ, ଗଣେଶ୍ୱର ସାହୁ, ଅକ୍ଷୟ ନାୟକ, କୃପାସିନ୍ଧୁ ରାଉତ ପ୍ରମୁଖ ଯୋଗଦେଇ ପଞ୍ଚାୟତର ଦଳୀୟ ସାଂଗଠନିକ ସ୍ଥିତି ସଂପର୍କରେ ମତ ରଖିଥିଲେ। ଏହି ଅବସରରେ ମହିଁଷାସୁର ପଞ୍ଚାୟତ କୃଷକ ସେଲର ସଭାପତି ଭାବେ ଶଙ୍କର୍ଷଣ ରାଉତ ମନୋନୀତ ହୋଇଥିଲେ। ଏହାଛଡା ସଦସ୍ୟ ଭାବେ ଉମାକାନ୍ତ ବିଶ୍ୱାଳ, ଅଯୋଧ୍ୟା ରାଉତ, ମନୋରମା ରାଉତ, ଅଶ୍ୱିନୀ କୁମାର ପ୍ରଧାନ, ସୋମନାଥ ରାଉତ, ନିରଞ୍ଜନ ସେଠୀ, ହେମନ୍ତ ସାମଲ, ଜନ୍ମେଜୟ ବେହେରା, ବଳଦେବ ଦାସ, ସନ୍ତୋଷ କୁମାର ପାଣ୍ଡବଙ୍କୁ ମନୋନୀତ କରାଯାଇଥିଲା।



ବୈଠକରେ ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ଓ ଅନ୍ୟମାନେ।

# ଭୂମିହୀନ ଚାଷୀଙ୍କ ପ୍ରଶିକ୍ଷଣ ଶିବିର

**ପାଟକୁରା, ୨୭।୨(ଡି.ଏନ୍.ଏ)**

କାଳିଆ ଯୋଜନାରେ ସାମିଲ ହୋଇଥିବା ଗରଦପୁର ବ୍ଲକ ଅଧୀନ ବେଡ଼ାରୀ ପଞ୍ଚାୟତ ଅଞ୍ଚଳର ଭୂମିହୀନ ଚାଷୀଙ୍କ ନିମନ୍ତେ ବୁଧବାର ପଞ୍ଚାୟତ ସଭାଗୃହରେ ଏକ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ବୈଜୟନ୍ତି ବେହେରା, ସରପଞ୍ଚ ଗୋକୁଳାନନ୍ଦ ବେହେରା, ବ୍ଲକ ପ୍ରାଣୀଧନ ଚିକିତ୍ସକ ସଞ୍ଜୟ କୁମାର ବେହେରା, ବ୍ଲକ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଶଙ୍କର୍ଷଣ ପଣ୍ଡା ଉପସ୍ଥିତ ଥିଲେ। ଶିବିରରେ ବେଡ଼ାରୀ, ହରିଦାସପୁର, ପରକଣା, ଦଲୁଆଣୀ, ସୋଲପାଟ, ଶ୍ରୀଚନ୍ଦନପୁର ଓ କୁଲଡୁଠୀ ଗ୍ରାମର ୫୨ ଜଣ ଭୂମିହୀନ ଚାଷୀ ଯୋଗଦେଇଥିଲେ। ଗରିବ ଲୋକମାନେ ଏହି ଟଙ୍କାରେ ଛେଳି ଓ କୁକୁଡ଼ା ପାଳନ କରିବା ପାଇଁ ପ୍ରାଣୀଧନ ଚିକିତ୍ସକ ପରାମର୍ଶ ଦେଇଥିଲେ। ଏତଦ୍‌ବ୍ୟତୀତ ମତ୍ସ୍ୟଜିବୀ ସମ୍ପ୍ରଦାୟର ଚାଷୀମାନେ ଜାଲ, ଲାଇଫ୍ ଜ୍ୟାକେଟ୍ ଓ ସୋଲାର ଲଣ୍ଠନ କ୍ରୟ କରି ସ୍ଥାନୀୟ ନଦୀନାଳରୁ ମାଛ ଧରି ଜୀବିକା ନିର୍ବାହ କରିବାକୁ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଶଙ୍କର୍ଷଣ ପଣ୍ଡା ପରାମର୍ଶ ଦେଇଥିଲେ। ଭୂମିହୀନ ଚଷୀଙ୍କ ନିମନ୍ତେ ଜୀବିକା ଚୟନ ଫର୍ମ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିଲା। ସେଥିରେ ଛେଳି ପାଳନ, ବାଡ଼ି ଅଗଣାରେ କୁକୁଡ଼ା ପାଳନ, ଅଳ୍ପ ସଂଖ୍ୟକ ଅଣ୍ଡାଦିଆ କୁକୁଡ଼ା ପାଳନ, ବତକ ପାଳନ, ମହୁଚାଷ, ଛତୁ ଚାଷ, ମାଛ ଚାଷ କିଟ ପ୍ରଭୃତି ଜୀବୀକା ଉଲ୍ଲେଖ ଥିଲା। ଏଗୁଡ଼ିକ ମଧ୍ୟରୁ ଚାଷୀମାନେ ଯେ କୌଣସି ଜୀବିକା ପାଇଁ ୨ଟି ଜୀବିକା ପାଇଁ ପ୍ରଥମ ଓ ଦ୍ୱିତୀୟ ପସନ୍ଦ ହିସାବରେ ଚୟନ କରିବେ।



ଶିବିରରେ ଉପସ୍ଥିତ ଥିବା ପଦାଧିକାରୀମାନେ।

# ବିଧାୟକଙ୍କ ଦ୍ୱାରା ଶିଳାନ୍ୟାସ ଓ ଉଦ୍‌ଘାଟନ

**ରାଜନଗର, ୨୭।୨ (ଡିଏନଏ)**

ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ବୁଧବାର ଦୁଇଟି ପ୍ରକଳ୍ପର ଶିଳାନ୍ୟାସ କରିବା ସହିତ ଗୋଟିଏ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ବିଧାୟକ ମହାନ୍ତି ରାଜନଗର ବ୍ଲକ ଭିତରଗଡ଼ ଗ୍ରାମପଞ୍ଚାୟତ ନୂତନ କାର୍ଯ୍ୟାଳୟ ଗୃହର ଶିଳାନ୍ୟାସ କରିଛନ୍ତି। ୩୫ ଲକ୍ଷ ଟଙ୍କା ବ୍ୟୟରେ ଏହି କାର୍ଯ୍ୟାଳୟ ନିର୍ମାଣ କରାଯିବ। ସେହିପରି ଭିତରଗଡ଼ ଅଙ୍ଗନୱାଡି କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସଙ୍ଗୀତା ବଳ, ସମିତିସଭ୍ୟା ପ୍ରେମଲତା ରାଉଳ, ନାଏବ ସରପଞ୍ଚ ଅନନ୍ତ ସାହାଣୀ, ପ୍ରମୁଖ ଯୋଗ ଦେଇଥିଲେ। ସେହିପରି କେରେଡାଗଡ-ଅଳତାଙ୍ଗ ଲୁଣା ଘେରିବନ୍ଧକୁ ହଂସୁଆ ନଦୀ ଗ୍ରାସରୁ ରକ୍ଷା କରିବା ପାଇଁ ନୂତନ ପଥର ପ୍ୟାକିଂ କରାଯିବ। ଏହି ପ୍ରକଳ୍ପର ଶିଳାନ୍ୟାସ ବିଧାୟକ ମହାନ୍ତି କରିଛନ୍ତି। ଏହି ପଥର ପ୍ୟାକିଂ ନିର୍ମାଣ ପାଇଁ ୧୫ କୋଟି ୫୫ ଲକ୍ଷ ୭୦ ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହି ଶିଳାନ୍ୟାସ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ପ୍ରଭାତ ଚନ୍ଦ୍ର ମିଶ୍ର, ସମିତି ସଭ୍ୟ ସତ୍ୟବାନ ସେଠୀ, ଚୌଧୁରୀ ରବୀନ୍ଦ୍ର ରାଉତରାୟ, ଅଶୋକ ବଳ, ଅରୁଣ ରାଉତ, ପୃଥ୍ୱିରାଜ ପାତ୍ର, ପ୍ରମୋଦ ସ୍ୱାଇଁଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।

FORM NO.13
**BEFORE THE DEBTS RECOVERY TRIBUNAL, CUTTACK, ODISHA**
**C-71, SECTOR-7, CDA, CUTTACK, ODISHA**
**O.A. No. 87 of 2015**

Andhra Bank, Chandrasekharpur Branch,
Bhubaneswar, Dist.: Khurda ...Applicant
- Versus -
Sri Ugrasen Sahu & others ...Defendants

To,
D/3.**Srutiksha Consultancy and Constructions Private Limited,** represented by its Managing Director: Sri Karunakar Nayak, aged about 46 years, S/o- Kailash Chandra Nayak, resident of Plot No.: N3/158, IRC Village, Nayapalli, Bhubaneswar-751015, District: Khurda (Odisha), At present- Plot No.: 418, Sisu Bihar, Patia, Bhubaneswar.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 87 of 2015** in the Court of the Debts of Recovery Tribunal, Cuttack for recovery of **Rs.1,27,60,782/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **03.04.2019 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **18th day of February, 2019.**

Sd/- Registrar

# ଲକ୍ଷ୍ମୀନାରାୟଣ ପୂଜା ଉଦ୍‌ଯାପିତ

**ପଟ୍ଟାମୁଣ୍ଡାଇ, ୨୭।୨ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ତରଡିପାଳ ଗ୍ରାମର ୩୬ତମ ବାର୍ଷିକ ଲକ୍ଷ୍ମୀନାରାୟଣ ପୂଜା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୫ଦିନ ଧରି ଅନୁଷ୍ଠିତ ଏହି ପୂଜା ଉତ୍ସବରେ ପ୍ରତ୍ୟହ ସନ୍ଧ୍ୟାରେ ଭଜନ ସମାରୋହ, କୀର୍ତ୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଯବରାଜ ପାଢୀ ଓ ତାଙ୍କ ସହଯୋଗୀମାନେ ରୀତିନୀତି ଅନୁସାରେ ଲକ୍ଷ୍ମୀନାରାୟଣଙ୍କ ପୂଜାର୍ଚ୍ଚନା କରିଥିଲେ। ପୂଜା କମିଟି ସଦସ୍ୟ ଓ ଗ୍ରାମବାସୀ ପୂଜା ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ଭୁବନେଶ୍ୱର ଓ କଟକର ନାମୀଦାମୀ କଣ୍ଠଶିଳ୍ପୀମାନଙ୍କୁ ସଙ୍ଗୀତ ପରିବେଷଣ କରିବାକୁ ଆମନ୍ତ୍ରିତ କରିଥିଲେ।

**Bank of Maharashtra**
बैंक ऑफ महाराष्ट्र
A GOVT. OF INDIA UNDERTAKING
एक परिवार एक बैंक

ମୁଖ୍ୟ କାର୍ଯ୍ୟାଳୟ: "ଲୋକମଙ୍ଗଳ", ୧୫୦୧, ଶିବାଜୀ ନଗର, ପୁଣେ-୪୧୧୦୦୫, ଜୋନାଲ କାର୍ଯ୍ୟାଳୟ: ୩, ଏନ୍.ଏସ୍. ରୋଡ୍, କୋଲକାତା-୭୦୦୦୦୧ ଫୋନ୍ ନଂ. ୦୩୩-୪୦୩୭ ୪୯୦୯, ଫାକ୍ସ: ୦୩୩ ୨୨୩୧୦୩୯୨, ଇମେଲ: legal_cal@mahabank.co.in

**ଅଳଙ୍କାର ନିଲାମ ପାଇଁ ନୋଟିସ**

**ଶାଖା: ପାରାଦୀପ**
ଇ-ମେଲ୍: bom1891@mahabank.co.in, ଫୋନ୍ ନଂ. ୦୬୭୨୨-୨୩୦୦୧

ଆମର **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ପାରାଦୀପ ଶାଖା**ରେ ବନ୍ଧକ ରଖାଯାଇଥିବା ଅଳଙ୍କାରଗୁଡ଼ିକୁ ମୁକୁଳାଯାଇନାହିଁ । ଋଣଗ୍ରହୀତାଙ୍କୁ ଆଗୁଆ ସୂଚନା ପଠାଇବା ପରେ ମଧ୍ୟ ସେ ଋଣ ପରିଶୋଧ କରିନାହାନ୍ତି। ତେଣୁ ବନ୍ଧକ ଅଳଙ୍କାରଗୁଡ଼ିକୁ **"ଯେପରି ଅଛି ଯେଉଁଠାରେ ଅଛି" ଭିତ୍ତିରେ ତା୨୯।୦୩।୨୦୧୯ରିଖ ଅପରାହ୍ନ ୪.୦୦ ଘଟିକାରେ ପାରାଦୀପ ଶାଖା**ରେ ନିଲାମ କରାଯିବ।
**ସ୍ୱର୍ଣ୍ଣ ଋଣ ଖାତା ସଂଖ୍ୟା ଓ ତାରିଖ: ୬୦୨୪୫୩୭୧୩୬୬ ତାରିଖ ୨୯।୦୩।୨୦୧୬**
**ଋଣଗ୍ରହୀତାଙ୍କ ନାମ ଓ ଠିକଣା: ଶ୍ରୀ ଦେବଦତ୍ତ ସ୍ୱାଇଁ,** ପିତା- ସଚି ଭୂଷଣ ସ୍ୱାଇଁ, ସ୍ଥାନ- ଗ୍ରାମ- ଚୂନବେଲାରି, ଥାନା- ପାରାଦୀପଲକ୍, ଭାୟା- କୁଜଙ୍ଗ, ଜିଲ୍ଲା- ଜଗତ୍‌ସିଂହପୁର-୭୫୪୧୪୧, ଓଡ଼ିଶା।
**ସର୍ବମୋଟ ଓଜନ: ୪୭.୧୦ ଗ୍ରାମ**
**ବକେୟା ଅର୍ଥରାଶି: ଖାତା ୬୦୨୪୫୩୭୧୩୬୬- ଟ.୧,୦୯,୪୭୦/-** (ଏକ ଲକ୍ଷ ନଅ ହଜାର ଚାରିଶହ ସତୁରି ଟଙ୍କା ମାତ୍ର) ତଥା ଲାଗୁ ହୋଇ ନ ଥିବା ସୁଧ। ନିଲାମ ପୂର୍ବରୁ ସୁନା/ଅଳଙ୍କାରକୁ ମୁକୁଳାଇବାର ଅଧିକାର ଋଣଗ୍ରହୀତାଙ୍କ ନିକଟରେ ରହିଛି। ଋଣଗ୍ରହୀତା ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ଅର୍ଥରାଶି ପରିଶୋଧ କରିବା ଆବଶ୍ୟକ, ଅନ୍ୟଥା ବ୍ୟାଙ୍କ ଅଳଙ୍କାରଗୁଡ଼ିକୁ ନିଲାମ କରିବ ଏବଂ ଏହାର ଋଣ, ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚକୁ ଆଦାୟ କରିବା ପାଇଁ ଏହି ଅର୍ଥରାଶିକୁ ଉପଯୋଗ କରିବ।
**ନିଲାମର ସର୍ତ୍ତାବଳୀ:**
୧. ଅଳଙ୍କାରର ଗୁଣମାନ ଏବଂ ସ୍ୱତନ୍ତ୍ରତା ପାଇଁ ବ୍ୟାଙ୍କ ଦାୟୀ ରହିବ ନାହିଁ । ଅଳଙ୍କାରଗୁଡ଼ିକୁ "ଯେପରି ଅଛି ଯେଉଁଠାରେ ଅଛି" ସର୍ତ୍ତରେ ଋଣଗ୍ରହୀତା ଏବଂ କ୍ରେତାଙ୍କ ଦାୟିତ୍ୱରେ ନିଲାମ କରାଯିବ।
୨. ନିଲାମ ପାଇଁ ପ୍ରସ୍ତାବିତ ଅଳଙ୍କାରଗୁଡ଼ିକୁ ଶାଖା ପରିଚାଳକ/ଭାରପ୍ରାପ୍ତ ଅଧିକାରୀଙ୍କ ଉପସ୍ଥିତିରେ କାର୍ଯ୍ୟାଳୟ ନିର୍ଘଣ୍ଟ ଅବଧିରେ ଯାଞ୍ଚ କରାଯାଇପାରିବ।
୩. କୌଣସି କାରଣ ନ ଦର୍ଶାଇ ଯେକୌଣସି ବିଡ୍‌କୁ ନାକଚ କରିବାର ଅଧିକାର ବ୍ୟାଙ୍କ ନିକଟରେ ସଂରକ୍ଷିତ।
୪. ନିଲାମରେ ଅଂଶଗ୍ରହଣ କରିବା ପାଇଁ ଆଗ୍ରହୀ ବ୍ୟକ୍ତିମାନଙ୍କୁ **ତା୨୯।୦୩।୨୦୧୯ରିଖ ଅପରାହ୍ନ ୩.୩୦ ଘଟିକା ପୂର୍ବରୁ ଟ.୫୦୦୦/-**ର ଫେରସ୍ତଯୋଗ୍ୟ ଜମାରାଶି ଦାଖଲ କରିବା ଏବଂ ରସିଦ ହାସଲ କରିବାକୁ ପଡ଼ିବ।
୫. ନିଲାମ ସେହିଦିନ **ଅପରାହ୍ନ ୪.୦୦ ଘଟିକାରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ପାରାଦୀପ ଶାଖା**ରେ ଅନୁଷ୍ଠିତ ହେବ।

**ତାରିଖ: ୨୮।୦୨।୨୦୧୯, ସ୍ଥାନ: ପାରାଦୀପ, ଓଡ଼ିଶା।** **ଶାଖା ପରିଚାଳକ / ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ପାରାଦୀପ ଶାଖା**








ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।

-ଲର୍ଡ କର୍ଜନ



# ଶିଳ୍ପ ପାଇଁ ସଙ୍କଟରେ ମତ୍ସ୍ୟଜୀବୀ

ଯାଜପୁର ଅଫିସ, ୨୭।୨



- ନଦୀଗର୍ଭରେ ଇନ୍‌ଟେକ୍ ୱେଲ ସାଜିଛି କାଳ
- ସପନ ହୋଇଛି ଇଲିଶି ମାଛ
- ଅଲୋଡ଼ା ହୋଇଛନ୍ତି ମତ୍ସ୍ୟଜୀବୀ

ବ୍ରାହ୍ମଣୀ ଓ ଏହାର ଉପନଦୀ ଖରସ୍ରୋତାରେ ଦୀର୍ଘ ୨୦ ବର୍ଷ ହେଲା ଦାମିକା ମାଛ ଆଉ ଦେଖିବାକୁ ମିଳୁନାହିଁ। ବଡ ସାଇଜ ଚିଙ୍ଗୁଡ଼ି, କୋକଟ, ଇଲିଶି, ବଚା, ଜଳଙ୍ଗ ଆଦି ପ୍ରଜାତିର ମାଛ ମିଳିବା ସପନ ହୋଇଯାଇଛି । ଏହା ସୁସ୍ୱାଦୁ ହୋଇଥିବାରୁ ବଜାରରେ ଏହାର ବେଶ୍ ଚାହିଦା ରହିଥିଲା। ଗ୍ରୀଷ୍ମ ଋତୁରେ ଏହି ପ୍ରଜାତିର ମାଛ ଯୋକଡ଼ିଆ, ମାର୍ଥାପୁର, ବ୍ରାହ୍ମଣୀ ଗାଁ, ପଙ୍କପାଳ ଆଦି ଦରହରେ ନଦୀଗର୍ଭ କୂଳରେ ଆଶ୍ରୟ ନେଇଥାନ୍ତି। ପାଣି ନେବାକୁ ଶିଳ୍ପ ସଂସ୍ଥାର ଇନ୍‌ଟେକ ୱେଲରେ ଲାଗୁଥିବା ଉଚ୍ଚ କ୍ଷମତା ସମ୍ପନ୍ନ ପମ୍ପରେ ଟାଣି ହୋଇ ମାଛମାନେ ମୃତ୍ୟୁବରଣ କରିବା ସହ ରୋଗାକ୍ରାନ୍ତ ହେଉଛନ୍ତି । ସେମାନଙ୍କ ଆଶ୍ରୟ ପାଇଁ ସୁରକ୍ଷିତ ସ୍ଥାନ ମିଳୁ ନାହିଁ । ଯଦ୍ୱାରା ମାଛ ଉତ୍ପାଦନ ପ୍ରାୟ ୫୦ ପ୍ରତିଶତ ହ୍ରାସ ପାଇଛି। ଫଳରେ ମତ୍ସ୍ୟଜୀବୀଙ୍କ ଜୀବନଜୀବିକା ସଙ୍କଟରେ ପଡ଼ିଛି। ବୃହତ୍ତର ଜନତାଙ୍କ ସ୍ୱାର୍ଥ ପରିବର୍ତ୍ତେ ମୁଷ୍ଟିମେୟ ଶିଳ୍ପପତିଙ୍କ ସ୍ୱାର୍ଥ ଗୁରୁତ୍ୱ ଲାଭ କରୁଥିବାରୁ ଏଭଳି ପରିଲକ୍ଷିତ ହେଉଥିବା ମତପ୍ରକାଶ ପାଇଛି।

କଳିଙ୍ଗନଗରରେ ଗଢ଼ି ଉଠିଥିବା କଳକାରଖାନାଗୁଡ଼ିକୁ ନଦୀରୁ ଜଳଯୋଗାଣ ପାଇଁ ସରକାର ଅନୁମତି ପ୍ରଦାନ କରିଛନ୍ତି। ଏଥିପାଇଁ ଖରସ୍ରୋତା ଓ ବ୍ରାହ୍ମଣୀ ନଦୀ ଭିତରେ ପଙ୍କପାଳ ନିକଟରେ ଇଡ୍‌କୋ ଓ ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ, ମାର୍ଥାପୁର ନିକଟରେ ନୀଳାଚଳ ଓ ଟାଟା ଷ୍ଟିଲ ଏବଂ ବ୍ରାହ୍ମଣୀ ଗାଁ ନିକଟ ନଦୀଗର୍ଭରେ ଭିସା ଷ୍ଟିଲର ଇନ୍‌ଟେକ ୱେଲ ନିର୍ମାଣ ହୋଇଛି। ଏହାସହ ଜଳଭଣ୍ଡାରକୁ କଳକାରଖାନାର ରାସାୟନିକ ବର୍ଜ୍ୟବସ୍ତୁର ଦୂଷିତ ପାଣି ନିଷ୍କାସିତ ହେବା ଯୋଗୁ ମତ୍ସ୍ୟ ଉତ୍ପାଦନ ଦ୍ରୁତ ଗତିରେ ହ୍ରାସ ପାଇଛି। ଏଥିରେ ନିର୍ଭର କରୁଥିବା ହଜାର ହଜାର ମତ୍ସ୍ୟଜୀବୀଙ୍କ ଜୀବିକାକୁ ସଂକଟଗ୍ରସ୍ତ କରିଛି। କିନ୍ତୁ ମତ୍ସ୍ୟଜୀବୀଙ୍କ ସାଂଗଠନିକ ଶକ୍ତିର ଅଭାବ କାରଣରୁ ଏହି ପ୍ରସଙ୍ଗ ସାଧାରଣଙ୍କ ଦୃଷ୍ଟି ଆଢ଼ୁଆଳରେ ରହିଯାଉଛି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଯୋକଡ଼ିଆ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ୧୯୫୬ମସିହାରେ ପ୍ରତିଷ୍ଠା ହୋଇଥିଲା। ଏହି ସମବାୟ ସମିତିରେ ଏବେ ୧୧୨ଜଣ ମତ୍ସ୍ୟଜୀବୀ ସଦସ୍ୟ ରହିଛନ୍ତି। ତେବେ ୧୯୫୬ ପରବର୍ତ୍ତି ସମୟରେ ଶ୍ରୀବନ୍ତପୁର, ଯୋକଡ଼ିଆ, ତରାପୁର, ସୁକୁଦେଇପୁର ପ୍ରମୁଖ ସମିତି ଗଠନ ହୋଇଥିଲା। ମତ୍ସ୍ୟଜୀବୀମାନେ ଏହି ସମିତି ଜରିଆରେ ଜଳ ସମ୍ପଦ ବିଭାଗରୁ ନିଲାମରେ ଆଣି ମତ୍ସ୍ୟ ଉତ୍ପାଦନ କରିଥାନ୍ତି । ଯୋକଡ଼ିଆ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ସଭ୍ୟଙ୍କ କହିବା ଅନୁସାରେ ୨୦୧୯ରେ ୨ ଲକ୍ଷ ୨୮ହଜାର ଟଙ୍କା ରାଜସ୍ୱ ଦେଇ ନିଲାମ ଆଣିଛନ୍ତି। କିନ୍ତୁ ଗ୍ରୀଷ୍ମ ମାସରେ ସମ୍ପୃକ୍ତ କାରଖାନାଗୁଡ଼ିକ ଇନ୍‌ଟେକ ୱେଲ ଯୋଗେ ପାଣି ଶୋଷୁଥିବାରୁ ଆବଶ୍ୟକ ଜଳ ଜମା ହୋଇ ରହୁନାହିଁ । କାରଖାନା ପ୍ରତିଷ୍ଠା ହେବା ପୂର୍ବରୁ ଯାଜପୁର ଜିଲ୍ଲାର ସୁକିନ୍ଦାଠାରୁ ବିଞ୍ଝାରପୁର ଓ ବରୀ ପର୍ଯ୍ୟନ୍ତ ଖରସ୍ରୋତା ଓ ବ୍ରାହ୍ମଣୀ ନଦୀରେ ଏପ୍ରିଲ ଓ ମେ ମାସରେ ୩୦/୪୦ ଫୁଟ ପାଣି ଜମା ରହୁଥିଲା। ତେବେ କଳକାରଖାନାକୁ ପାଣି ନେବା ପାଇଁ ଇନ୍‌ଟେକ୍ ୱେଲ ନିର୍ମାଣ କରି ଜଳଯୋଗାଣ ପ୍ରକ୍ରିୟା ଆରମ୍ଭ ହେବା ପରେ ସମ୍ପୃକ୍ତ ନଦୀଗୁଡ଼ିକରେ ପୂର୍ବଭଳି ପାଣି ରହୁନାହିଁ ବୋଲି ଏଠାକାର ମତ୍ସ୍ୟଜୀବୀ ପ୍ରକାଶ କରିଛନ୍ତି। ଏହାସାଙ୍ଗକୁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପ୍ରତିଷ୍ଠିତ ଶିଳ୍ପ କାରଖାନାଗୁଡ଼ିକରୁ ନିର୍ଗତ ବିଷାକ୍ତ ବର୍ଜ୍ୟବସ୍ତୁ ଓ କୋଇଲାଗୁଣ୍ଡ ନଦୀଗର୍ଭରେ ପଡୁଥିବାରୁ ମାଛବଂଶ ବୃଦ୍ଧିରେ ବାଧକ ସୃଷ୍ଟି ହେଉଛି ବୋଲି ପରିବେଶବିତ୍ ଏବଂ ମତ୍ସ୍ୟ ଉତ୍ପାଦନ ବିଶାରଦମାନେ ମତପ୍ରକାଶ କରନ୍ତି। ଗତ କିଛିବର୍ଷ ହେଲା ଅନେକ ପ୍ରଜାତିର ମାଛ ନଦୀଗର୍ଭରେ ବିଲୁପ୍ତ ପ୍ରାୟ ହୋଇଗଲେଣି ବୋଲି ମତ୍ସ୍ୟଜୀବୀମାନଙ୍କ ଠାରୁ ଜଣାପଡ଼ିଛି। କାରଖାନାରୁ ନିର୍ଗତ କାର୍ବନଡାଇଅକସାଇଡ, କାର୍ବନମନୋକସାଇଡ, ସଲଫରଡାଇଅକସାଇଡ, ମିଥେନ ଆଦି ବିଷାକ୍ତ ଗ୍ୟାସର ପ୍ରଭାବରେ ନଦୀଗର୍ଭ ବିଷ ଭଣ୍ଡାରରେ ପରିଣତ ହୋଇଛି। ଫଳରେ ଗତ ୨୦ବର୍ଷ ହେଲା ନଦୀ ତଟବର୍ତ୍ତୀ ଗ୍ରାମବାସୀ ନଦୀପାଣି ଆଉ ବ୍ୟବହାର କରୁ ନାହାନ୍ତି । ଯୋକଡ଼ିଆ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିର ସଦସ୍ୟ ଶ୍ରୀନିବାସ ରାଓ ଓ ଅଜୟ ଦାସ କୁହନ୍ତି ଆଗ ଭଳି ମାଛ ଉତ୍ପାଦନ ହୋଇପାରୁନାହିଁ। କଳକାରଖାନା ଯୋଗୁ ନଦୀଜଳ ଦୂଷିତ ହେବାରୁ ମାଛ ବଂଶ ଲୋପ ପାଇବାରେ ଲାଗିଛି । ଯାହାକି ଆମ ଜୀବନଜୀବିକା ଉପରେ ପ୍ରଭାବ ପଡୁଛି । ଏହାସହ ସରକାର ମତ୍ସ୍ୟଜୀବୀଙ୍କ କଲ୍ୟାଣ ପାଇଁ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ସେମାନେ କହିଛନ୍ତି। ଏ ସଂକ୍ରାନ୍ତରେ ଜାରକା ଜଳସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ବାମାପଦ ବିଶ୍ୱାଳଙ୍କୁ ପଚାରିବାରେ ସେ କହିଛନ୍ତି କଳକାରଖାନାରୁ ନିର୍ଗତ ବିଭିନ୍ନ ତୈଳ ଓ ରାସାୟନିକ ମିଶ୍ରିତ ପାଣି ଜଳଭଣ୍ଡାରରେ ମିଶୁଛି। ତାହା ତୁରନ୍ତ ବନ୍ଦ ହେବା ଆବଶ୍ୟକ ରହିଛି। ତେବେ ଖରା ମାସରେ ନଦୀଗର୍ଭରେ ଦେଖା ଦେଉଥିବା ଜଳଧାରଣ କ୍ଷମତା ଖୁବଶୀଘ୍ର ଦୂର ହେବ। ରେଙ୍ଗାଲି ଡ୍ୟାମର ପାୱାର ପ୍ଲାଣ୍ଟ କାର୍ଯ୍ୟକାରୀ ହେଲେ ଆବଶ୍ୟକ ପରିମାଣର ଜଳ ପ୍ରବାହିତ ହେବ। ତେବେ ମାଛ ସମ୍ବନ୍ଧରେ ତାଙ୍କ କୌଣସି ଧାରଣା ନାହିଁ ବୋଲି କହିଛନ୍ତି ।

## ଭିଭିପାଟ୍‌ର ଉପଯୋଗୀ ସମ୍ପର୍କରେ ଡେମୋ ପ୍ରଦର୍ଶନ

ଯାଜପୁର ଅଫିସ,୨୭।୨

ଜିଲ୍ଲା କୋର୍ଟ ପରିସରରେ ମଙ୍ଗଳବାର ଜିଲ୍ଲା ଜଜ୍ କୋର୍ଟର ସମସ୍ତ ମାଜିଷ୍ଟ୍ରେଟ୍ ଓ କର୍ମଚାରୀଙ୍କୁ ନିର୍ବାଚନରେ ମତଦାନ ଏବଂ ଭିଭିପାଟ୍‌ର ଉପଯୋଗ ଓ ବିଶ୍ୱାସନୀୟତା ସମ୍ପର୍କରେ ଅବଗତ କରାଯାଇଛି। ଚଳିତ ନିର୍ବାଚନରେ ସମସ୍ତ ବୁଥରେ ଭିଭିପାଟ୍‌ର ଉପଯୋଗ କରିବାକୁ ନିର୍ବାଚନ କମିଶନର ସ୍ଥିର କରିଛନ୍ତି। ସମସ୍ତ ବିଚାରପତିଙ୍କୁ ଡେମୋ ମାଧ୍ୟମରେ ଏହାର ପ୍ରଦର୍ଶନ ଦେଖାଯାଇଥିଲା। ସେମାନେ ମଧ୍ୟ ଏହାର ଉପଯୋଗିତାକୁ ମକ୍‌ପୁଲ ମାଧ୍ୟମରେ ନିଜେ ଅନୁଧ୍ୟାନ କରିଥିଲେ। ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ରାଉତ ଏହାକୁ ପ୍ରଦର୍ଶନ ଓ ପରିଚାଳନା କରିଥିଲେ। ସେହିପରି ସେମାନଙ୍କ ନାମ ନିଜ ନିର୍ବାଚନ ମଣ୍ଡଳୀର ଭୋଟର ତାଲିକାରେ ରହିଛି କି ନାହିଁ ତାହା ମଧ୍ୟ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ୱେବ୍ ସାଇଟ୍‌ରୁ ଯାଞ୍ଚ କରିଥିଲେ। ଏଥିରେ ଜିଲ୍ଲା ଓ ଦୌରାଜଜ ବିରଞ୍ଚି ନାରାୟଣ ମିଶ୍ର, ପରିବାର ଅଦାଲତ ଜଜ୍ ପବିତ୍ର ମୋହନ ସାମଲ, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ପ୍ରଶାନ୍ତ କୁମାର ନାୟକ, ସିଜେଏମ୍ ରାଜେଶ ନାୟାର, ରେଜିଷ୍ଟ୍ରାର ସୁଷମା ସ୍ୱାଇଁ, ବରିଷ୍ଠ ସିଭିଲ ଜଜ ଚିନ୍ମୟୀ ଦେହୁରୀ, ଅତିରିକ୍ତ ବରିଷ୍ଠ ସିଭିଲଜଜ୍ ସରିତା ମହାନ୍ତି, ସିଭିଲ ଜଜ୍ ଜୁନିୟର ବର୍ଗ ଦେବୀଜ୍ୟୋତି ମହାପାତ୍ର, ଏସଡିଜେଏମ ଶତରୂପା ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଆତଙ୍କବାଦୀ ଆଡ୍ଡା ଉପରେ ଆକ୍ରମଣ
### ଅନ୍ତର୍ଜାତୀୟ ଧାବିକା ଗାଁ ଉତ୍ସବ ମୁଖର

ରସୁଲପୁର,୨୭।୨(ଡି.ଏନ୍.ଏ.): ଦୌଡ଼ରାଣୀ ସରସ୍ୱତୀ ଓ ଦୂତୀ ଚାନ୍ଦଙ୍କ ଗ୍ରାମ ଚକଗୋପାଳପୁରରେ ଭାରତ ପକ୍ଷରୁ ଆତଙ୍କବାଦୀ ବିରୋଧୀ ପଦକ୍ଷେପକୁ ସ୍ୱାଗତ କରାଯାଇଛି। ଭାରତୀୟ ବାୟୁସେନା ପକ୍ଷରୁ ଆତଙ୍କବାଦୀ ଆଡ୍ଡା ଉପରେ ଘନ ଘନ ଆକ୍ରମଣ ଅତ୍ୟନ୍ତ ପ୍ରଶଂସନୀୟ। ଏନେଇ ଗାଁ ଉତ୍ସବ ମୁଖର ହୋଇଉଠିଛି । ଧାବିକା ସରସ୍ୱତୀ ଚାନ୍ଦଙ୍କ ନେତୃତ୍ୱରେ ଗ୍ରାମର ଯୁବକମାନେ ଗାଁ ପରିକ୍ରମା କରି ଜୟ ଯବାନ, ଜୟହିନ୍ଦ୍ ନାରା ଦେଇଥିଲେ। ଆତସବାଜି ଫୁଟାଇ ଓ ଦୀପଜାଳି ଗାଁ ଲୋକେ ଖୁସି ମନାଇଥିଲେ। ଜମ୍ମୁ-କଶ୍ମୀର ସୀମାରେ ଯବାନମାନଙ୍କୁ ଉତ୍ସାହିତ କରିବା ପାଇଁ ବୀର ଯବାନମାନେ ଧର୍ଯ୍ୟର ସହ ଲଢେଇ ଜାରି ରଖନ୍ତୁ। ସେମାନଙ୍କ ପଛରେ ସମଗ୍ର ଭାରତବର୍ଷ ରହିଛି । ଏଥିସହ ଆତଙ୍କବାଦୀ ରାଷ୍ଟ୍ର ପାକିସ୍ଥାନକୁ ଭାରତର ଦୃଢ଼ ଜବାବ ବୋଲି ସରସ୍ୱତୀ ପ୍ରକାଶ କରିଛନ୍ତି।

### ବିଜୁ ଯୁବବାହିନୀଙ୍କୁ ମୋବାଇଲ ବଣ୍ଟନ



ରସୁଲପୁର,୨୭।୨(ଡି.ଏନ୍.ଏ.): ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ୨୮ ପଞ୍ଚାୟତ ମଧ୍ୟରୁ ୧୯ଗୋଟି ପଞ୍ଚାୟତରେ ବିଜୁ ଯୁବ ବାହିନୀର ସଦସ୍ୟଙ୍କୁ ମୋବାଇଲ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅସିତ୍ କୁମାର ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ମେଳାରେ ଯାଜପୁର ଏମ୍‌ପି ରୀତା ତରାଇ, ବରୀ ବିଧାୟକ ଦେବାଶିଷ ନାୟକ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାଏ, ଯୁବନେତା ପ୍ରକାଶ ସାମଲ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଯୁବକଙ୍କୁ କ୍ରିୟାଶୀଳ କରିବା ସହ ସୂଚନା ଆଦାନପ୍ରଦାନ ଦିଗରେ ଯୁବକଙ୍କୁ ସକ୍ରୀୟ କରିବା ପାଇଁ ନବୀନ ବାବୁଙ୍କ ଏହା ହେଉଛି ଅଭିନବ ପ୍ରୟାସ ବୋଲି କହିଥିଲେ। ଯୁବକମାନେ ମୋବାଇଲ ବ୍ୟବହାର କରି ସରକାରଙ୍କ ଜନହିତକର କାର୍ଯ୍ୟ, ନିଯୁକ୍ତି ସୂଚନା, ଦେଶ ବିଦେଶର ଖବର ସହଜରେ ପାଇପାରିବେ। ଯାହାଦ୍ୱାରା ଯୁବକଙ୍କ ଦକ୍ଷତା ବୃଦ୍ଧି ଘଟାଇବାରେ ସହାୟକ ହେବ ବୋଲି ଅତିଥିମାନେ ମତପୋଷଣ କରିଥିଲେ। ଯୁବ ବାହିନୀର ବ୍ଲକ ସଂଯୋଜକ ସାଗର ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ପ୍ରଗତି ସହାୟକ ତଥା ନୋଡାଲ ଅଧିକାରୀ ପ୍ରିତୀଶରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀରୁ ୯ଗୋଟି ଓ ବରୀ ନିର୍ବାଚନ ମଣ୍ଡଳୀରୁ ୧୦ଗୋଟି ପଞ୍ଚାୟତରୁ ୪୦୦ରୁ ଉର୍ଦ୍ଧ୍ୱ ଯୁବକ ଯୋଗ ଦେଇଥିଲେ। ଏବେ ସୁଦ୍ଧା ବ୍ଲକ ଅଧିନରେ ମୋଟ ୮୯୬ଜଣ ଯୁବକ ନିଜ ନାମ ପଞ୍ଜିକରଣ କରିଛନ୍ତି । ପ୍ରତ୍ୟେକ ଯୁବକଙ୍କୁ ପର୍ଯ୍ୟାୟକ୍ରମେ ମୋବାଇଲ ପ୍ରଦାନ କରାଯିବ ବୋଲି ନୋଡାଲ ଅଧିକାରୀ ସ୍ୱାଇଁ ସୂଚନା ଦେଇଛନ୍ତି।

■ ରାଜରାସ୍ତାରେ ଗର୍ଜିଲେ ମଦ ବିରୋଧୀ ଶୋଭାଯାତ୍ରୀ

## ମଦମୁକ୍ତ ସମାଜ ଗଠନ ନ ହେଲେ ଭୋଟ ବର୍ଜନ



ମଦ ବିରୋଧୀ ଅଭିଯାନରେ ଏକାଠି ହୋଇଥିବା ମହିଳା।

ରସୁଲପୁର,୨୭।୨(ଡି.ଏନ୍.ଏ.)

ମଦମୁକ୍ତ ସମାଜ ଗଠନ ଆହ୍ୱାନ ଦେଇ ମିଳିତ ନିଶାନିବାରଣ ଅଭିଯାନ(ମୋନା) ରାଜରାସ୍ତାକୁ ଓହ୍ଲାଇଛି। ଆନ୍ଦୋଳନକାରୀମାନେ ସମାଜରୁ ମଦ ହଟିବ ନଚେତ ନବୀନ ଗାଦିରୁ ହଟିଯାଅ ଦାବି ଜୋର ଧରିଛି। ମଦ କାରବାରରୁ ସରକାରଙ୍କୁ ରାଜସ୍ୱ ଆଦାୟ ଚିନ୍ତା ଘାରିଥିବାବେଳେ ମଦ ଗରୀବ ଓ ମଧ୍ୟବିତ ପରିବାରକୁ ପ୍ରଭାବିତ କରୁଛି। ନିର୍ବାଚନ ପୂର୍ବରୁ ଗାଁ ରୁ ସହର ସବୁ ମଦମୁକ୍ତ ପାଇଁ ଦାବି କରି ସଂଗଠନ ପକ୍ଷରୁ ପଦଯାତ୍ରା ଆରମ୍ଭ ହୋଇଛି। ଏହି କ୍ରମରେ ପଦଯାତ୍ରୀମାନେ ୧୧ଟି ଜିଲ୍ଲା ପରିକ୍ରମାକରି ପୁନର୍ବାର ଭୁବନେଶ୍ୱରରେ ପହଞ୍ଚିବା ନେଇ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏସମସ୍ତ ଜିଲାରେ ଆନ୍ଦୋଳନକାରୀମାନେ ୧୧୦୦କି.ମି. ଦୂରତା ଅତିକ୍ରମ କରିବେ। ପ୍ରତ୍ୟେକ ଜିଲାରେ ସମାବେଶ କରି ମଦ ବିରୋଧୀ ଆନ୍ଦୋଳନକୁ ତ୍ୱରାନ୍ୱିତ କରାଯିବ। ଆନ୍ଦୋଳନକାରୀମାନେ ଗାଁ ଗଣ୍ଡାରେ ବୁଲି ମଦ ବନ୍ଦ କରିବା ଦିଗରେ ଜନ ସଚେତନତା ସୃଷ୍ଟି କରିବେ। ଏଥିପାଇଁ ସଂଗଠନ ପକ୍ଷରୁ ୨୩ଫେବୃଆରୀରୁ ଭୁବନେଶ୍ୱରସ୍ଥିତ ମହାତ୍ମାଗାନ୍ଧୀ ମାର୍ଗଠାରୁ ପଦଯାତ୍ରା ଆରମ୍ଭ ହୋଇଛି। ପଞ୍ଚାୟତରାଜ ଦିବସ(ମାର୍ଚ୍ଚ ୫ତାରିଖ)ରେ ମଦ ବିରୋଧୀ ନେତା ଓ କର୍ମୀ ଭୁବନେଶ୍ୱରରେ ପହଞ୍ଚି ଆନ୍ଦୋଳନ କରିବେ । ଏ ନେଇ ସଂଗଠନ ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଜିଲା ଅତିକ୍ରମ କରି ଯାଜପୁରରେ ପହଁଚିଛି। ମଙ୍ଗଳବାର ଆନ୍ଦୋଳନକାରୀମାନେ କୁଆଖିଆ ବଜାରଠାରେ ପହଁଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବଜାର ନିକଟସ୍ଥ ସାରଙ୍ଗପୁର, ସାନ ଓରାଳି, ଚଣ୍ଡିପୁର, ନଡିପୁର, ରସୁଲପୁର, କୁଆଖିଆ, ଓରାଳି ପ୍ରଭୃତି ଗାଁ ପରିକ୍ରମା କରିଥିଲେ। ସଂଗଠନର ପ୍ରମୁଖ ରମାକାନ୍ତ ମଣ୍ଡଳ, ବିଶ୍ୱଜିତ ମହାନ୍ତି, ପ୍ରିୟନାଥ ଆଚାର୍ଯ୍ୟ, ମଳୟ ତ୍ରିପାଠୀ, କାହ୍ନୁଚରଣ ବେହୁରା, ଇନ୍ଦୁମତି ସାହୁ, ସତ୍ୟବ୍ରତ ପୃଷ୍ଟି, ବସନ୍ତ ଖୁଣ୍ଟିଆ, ଉମାକାନ୍ତ ବେହେରା, ସ୍ୱୟମ ମହାନ୍ତି, କାଞ୍ଚନବାଳା ପତି, ବନ୍ଦିତା ଦାସ, ଉଦୟ ଧଳଙ୍କ ସମେତ ହଜାରୁ ଉର୍ଦ୍ଧ୍ୱ ମହିଳା ଶୋଭାଯାତ୍ରା ସାମିଲ ହୋଇ ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲେ। ଶୋଭାଯାତ୍ରାକାରୀ ସରକାର ବିରୋଧୀ ନାନା ସ୍ଲୋଗାନ ଦେଇଥିଲେ। ମଦମୁକ୍ତ ସମାଜ ଗଠନ ନଚେତ ଭୋଟ ବର୍ଜନ ବୋଲି ନାରା ଦେଇଥିଲେ।

## ଟ୍ରକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

କାଳିଆପାଣି, ୨୭।୨(ଡି.ଏନ୍.ଏ.)

କାଳିଆପାଣି ଥାନା ଅନ୍ତର୍ଗତ ଟମକା-ମଙ୍ଗଳପୁର ରାସ୍ତାର କୁସୁମୁଡିହା ଛକଠାରେ ବୁଧବାର ଟ୍ରକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ଢେଙ୍କାନାଳ ଜିଲା ଭୁବନ ବ୍ଲକ ଅନ୍ତର୍ଗତ ଅନଳ ନୂଆସାହି ଗ୍ରାମର ପହଲି ଦେହୁରୀ(୫୬)। ଏ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ସ୍ଥାନୀୟ ଲୋକେ କିଛି ସମୟ ପାଇଁ ରାସ୍ତାବନ୍ଦ କରିଦେଇଥିଲେ। କାଳିଆପାଣି ପୋଲିସ ପହଞ୍ଚି ମୃତଦେହ ଓ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଜବତ କରିଥିଲା। ତେବେ ଦୁର୍ଘଟଣାପରେ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡିଛି। ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରେ ପହଲି ନିଜ ଗ୍ରାମରୁ କୁସୁମଡ଼ିହା ଛକ ଅଭିମୁଖେ ଆସୁଥିଲେ। ଏହି ସମୟରେ କାଳିଆପାଣି ଖଣି ଅଞ୍ଚଳରୁ କ୍ରୋମାଇଟ ଲୋଡିଂ କରି ମଙ୍ଗଳପୁରକୁ (ଓଆର-୦୪-ଇ--୪୭୧୩) ନମ୍ବର ଟ୍ରକ୍ ଯାଉଥିବା ସମୟରେ କୁସୁମଡ଼ିହା ଛକ ଠାରେ ପହଲିଙ୍କୁ ଧକ୍କା ଦେଇଥିଲା । ଫଳରେ ପହଲି ଟ୍ରକ୍ ଚକାତଳେ ପଡିଯିବରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

■ ମୁଗୁପାଳ କଲେଜରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ

## ଶିକ୍ଷାନୁଷ୍ଠାନରେ ଦଳୀୟ କାର୍ଯ୍ୟକ୍ରମକୁ ନାପସନ୍ଦ

ରସୁଲପୁର,୨୭।୨(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଅଗ୍ରଣୀ କଲେଜ ଉପେନ୍ଦ୍ରନାଥ ସାରଦା ମହାବିଦ୍ୟାଳୟ(ମୁଗୁପାଳ) କଲେଜରେ ବୁଧବାର ଶାସକ ଦଳ ବିଜେଡି ଦଳ ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପିକା ଅଧ୍ୟାପକଙ୍କ ସମେତ ଅନ୍ୟ କର୍ମଚାରୀଗଣ ସହଯୋଗ କରିଛନ୍ତି। କଲେଜ ପରିସରକୁ କାର୍ଯ୍ୟଦିବସରେ ଦଳୀୟ କାର୍ଯ୍ୟକ୍ରମରେ ବ୍ୟବହାର କରାଯିବା ଘଟଣାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି।



ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ଜଣେ ଯୁବକ ରକ୍ତଦାନ କରୁଛନ୍ତି।

ପ୍ରକାଶ ଯେ, ଶାସକ ବିଜୁ ଜନତାଦଳ ପକ୍ଷରୁ ଦଳୀୟ କାର୍ଯ୍ୟକ୍ରମ ଜୀବନ ବିନ୍ଦୁ, ସାଂଗଠନିକ ବୈଠକ, ଦଳୀୟ ସଭା ହେଉ ଅବା ସରକାରୀ କାର୍ଯ୍ୟକ୍ରମ ଭାବରେ ପିଠା, ବିଜୁ ଯୁବବାହିନୀ, କାଳିଆ ଯୋଜନା ଭଳି କାର୍ଯ୍ୟକ୍ରମମାନ ଶିକ୍ଷାନୁଷ୍ଠାନରେ ଆୟୋଜନ କରାଯାଉଛି। ଏଦିଗରେ ରହିଥିବା ନିୟମକୁ ଶିକ୍ଷାନୁଷ୍ଠାନର ମୁଖିଆମାନେ ପାଳନ କରୁ ନାହାନ୍ତି। ଶିକ୍ଷାନୁଷ୍ଠାନକୁ ବ୍ୟବହାର କରାଯାଇ ନାନା କାର୍ଯ୍ୟକ୍ରମ ଆୟୋଜନ ହେଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। ଏହା ଜାଣି ଶିକ୍ଷା ବିଭାଗର ଉପରିସ୍ଥ ଅଧିକାରୀଗଣ ନୀରବ ରହିବା ଘଟଣା ଏ ଦିଗରେ ସେମାନଙ୍କ ଭୂମିକା ସନ୍ଦେହ ଘେରକୁ ଟାଣି ଆଣୁଛି। ସେଥିମଧ୍ୟରୁ ମୁଗୁପାଳ କଲେଜରେ ଆୟୋଜିତ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଏକ ଉଦାହରଣ ମାତ୍ର। ଏହା ପୂର୍ବରୁ ମୁଗୁପାଳ ପଞ୍ଚାୟତର ସାରଙ୍ଗପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାଳିଆ ଯୋଜନା, ଜାବରା ପଞ୍ଚାୟତର ଜାବରା ନୋଡାଲ ହାଇସ୍କୁଲ ପଡିଆରେ ପିଠା ଯୋଜନା କାର୍ଯ୍ୟକାରୀ ହେବା ଭଳି ଅନେକ ଘଟଣା ନଜରକୁ ଆସିଛି। ବୁଧବାର ଅନୁଷ୍ଠିତ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ କୋରାଇ ନିର୍ବାଚନ ମଣ୍ଡଳି ଅଧିନସ୍ଥ ରସୁଲପୁର ବ୍ଲକର୯ଟି ପଞ୍ଚାୟତର ବିଜୁ ଜନତା ଦଳ କର୍ମୀ ଯୋଗଦେଇ ଥିଲେ। ଶିବିରରେ ୧୭୭ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଯାଜପୁର ଏମ୍‌ପି ରୀତା ତରାଇ ଓ କୋରେଇ ବିଧାୟକ ଆକାଶ ଦାସ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏବେ ପରୀକ୍ଷା ଋତୁରେ ଶିକ୍ଷାନୁଷ୍ଠାନ ଗୁଡ଼ିକ ନିଷିଦ୍ଧାଞ୍ଚଳ ଭାବରେ ବ୍ୟବହାର କରାଯାଉଛି। କଲେଜ ପରିସରକୁ ଲାଗିଥିବା ମୁଗୁପାଳ ନୋଡାଲ ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା କେନ୍ଦ୍ର ରହିଛି। ହେଲେ ଏଥିପ୍ରତି ବିଭାଗୀୟ ଅଧିକାରୀମାନେ ଆଦୌ ଧ୍ୟାନ ଦେଉ ନାହାନ୍ତି। ଏହି ଘଟଣାକୁ ଭାଜପା ନେତା ସୁରେନ୍ଦ୍ର ପଣ୍ଡା କଡ଼ା ଭାଷାରେ ନିନ୍ଦା କରିଛନ୍ତି । ଏ ଦିଗରେ ରହିଥିବା ଆଇନ କାନୁନ ପ୍ରତି ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ ଓ ବିଭାଗୀୟ ଅଧିକାରୀ ନଜର ନ ଦେବା ଘଟଣା ଦୁର୍ଭାଗ୍ୟଜନକ ବୋଲି ପଣ୍ଡା ପ୍ରକାଶ କରିଛନ୍ତି। ଏସମ୍ପର୍କରେ କଲେଜର ଭାରପ୍ରାପ୍ତ ଅଧକ୍ଷ ଶିବଚରଣ ମାଝୀଙ୍କୁ ପଚାରିବାରୁ ସେ କାର୍ଯ୍ୟକ୍ରମ ପାଇଁ କଲେଜ ପରିସର ଆଇନ ସିଦ୍ଧ ନୁହେଁ । ତେବେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଅଧକ୍ଷା ସୁସ୍ମିତା ମିଶ୍ର ନିଷ୍ପତ୍ତି ନେଇଛନ୍ତି ବୋଲି କହି ନିଜ ମୁଣ୍ଡରୁ ଦୋଷ ଠେଲି ଦେଇଛନ୍ତି।

## ୨ ବାଲିଘାଟ ତଦନ୍ତକଲେ ସିଆ ପ୍ରତିନିଧି



ସିଆ କମିଟିର ସଦସ୍ୟମାନେ ବାଲିଘାଟ ତଦନ୍ତ କରୁଛନ୍ତି।

ଧର୍ମଶାଳା/ଜେନାପୁର, ୨୭।୨(ଡି.ଏନ୍.ଏ.)

ଗ୍ରୀନ୍ ଟ୍ରିବୁନାଲ ନିର୍ଦ୍ଦେଶ କ୍ରମେ ବୁଧବାର ଷ୍ଟେଟ ଏକ୍ସପର୍ଟ ଆପ୍ରାଇଜାଲ କମିଟି (ସିଆ)କର୍ତ୍ତୃପକ୍ଷଙ୍କ ଏକ ଟିମ୍ ବ୍ରାହ୍ମଣୀ ନଦୀର ଜେନାପୁର ଓ ବୃନ୍ଦାଦେଇପୁର ବାଲିଘାଟ ତଦନ୍ତ କରିଛନ୍ତି। ଧର୍ମଶାଳା ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ଜେନାପୁର ଓ ବୃନ୍ଦାଦେଇପୁର ବାଲିଘାଟକୁ ତହସିଲ ପକ୍ଷରୁ ୫ ବର୍ଷିଆ ଲିଜ୍ ଦିଆଯାଇଛି। କିନ୍ତୁ ଲିଜ୍‌ଧାରୀ ବିନା ଆର୍ ଫର୍ମରେ ପରିଶିମା ବାହାରୁ ଜେସିବି ସାହାଯ୍ୟରେ ପ୍ରତ୍ୟହ ଶହଶହ ଗାଡି ବାଲି ଚାଲାଣ କରିଆସୁଛନ୍ତି। ବନ୍ଧରାସ୍ତା ଦେଇ ପ୍ରତ୍ୟେହ ବାଲିଟ୍ରିପ୍ ଯାତାୟାତ କରିବା ଯୋଗୁ ସମଗ୍ର ଅଞ୍ଚଳ ପ୍ରଦୂଷିତ ହେବା ସହ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଏ ନେଇ ଜେନାପୁର ଗ୍ରାମର ରଞ୍ଜିତ ଦୋରା ନ୍ୟାଶନାଲ୍ ଗ୍ରୀନ୍ ଟ୍ରିବୁନାଲ୍ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଗ୍ରୀନ୍ ଟ୍ରୀବୁନାଲ (ସିଆ)କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଧାରରେ ଶିଆର ୨ଜଣ ବିଶେଷଜ୍ଞ ଅଧିକାରୀ, ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ମହାନ୍ତି, କଳିଙ୍ଗନଗର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ, ବୃନ୍ଦାଦେଇପୁର ଓ ଜେନାପୁର ବାଲିଘାଟ କ୍ଷେତ୍ର ପରିଦର୍ଶନ ସହ ସ୍ଥାନୀୟ ଜନସାଧାରଣଙ୍କ ସହିତ ଆଲୋଚନା କରି ଫେରିଥିବା ଜଣାପଡ଼ିଛି। ଏ ବାବଦରେ ସବିଶେଷ ବିବରଣୀ ନ୍ୟାଶନାଲ୍ ଗ୍ରୀନ୍ ଟ୍ରିବୁନାଲ୍ ନିକଟରେ ଦାଖଲ କରାଯିବ ବୋଲି ଉପଜିଲାପାଳ ଧଳ ସୂଚନା ଦେଇଛନ୍ତି।

## ୨୪ସ୍କୁଲର ପିଲାଙ୍କ ଆଧାର ସଂଯୋଗ ବାକି

ଯାଜପୁର ଅଫିସ,୨୭।୨

**ଯାଜପୁର ଜିଲା**

- କାମ କଲାନି ଅନୁମତି ବାତିଲ ଚେତାବନୀ
- ଏକାଧିକ ସ୍କୁଲରେ ଛାତ୍ରଙ୍କ ନାମଲେଖା ପ୍ରମୁଖ କାରଣ
- ମାର୍ଚ୍ଚ ୧୦ ସୁଦ୍ଧା ଏଡିଏମ୍‌ଆଇଏସ୍ ପ୍ରମାଣପତ୍ର ଦାଖଲ ନିର୍ଦ୍ଦେଶ

ଯାଜପୁର ଜିଲାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ପିଲାଙ୍କ ଆଧାର ସଂଯୋଗ କରିବାକୁ ପ୍ରାୟ ୨ ବର୍ଷ ହେବ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିପାଇଁ ଓଡ଼ିଶା ପ୍ରାଥମିକ ଶିକ୍ଷା ପରିଷଦ(ଓପେପା) ପକ୍ଷରୁ ବାରମ୍ବାର ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କିନ୍ତୁ ବେସରକାରୀ ସ୍କୁଲ କର୍ତ୍ତୃପକ୍ଷଙ୍କ ଅସହଯୋଗ କାରଣରୁ ଯାଜପୁର ଜିଲାର ୨୧ପ୍ରତିଶତ ସ୍କୁଲ ପିଲାଙ୍କ ନାମ ଏଯାଏ ଆଧାର ସଂଯୋଗୀକରଣ ହୋଇପାରିନାହିଁ । ଏଥିରେ ୧୮ଟି ବେସରକାରୀ ଓ ୬ଟି ପ୍ରାଥମିକ ସ୍କୁଲ ରହିଛି। ତେଣୁ ଆସନ୍ତା ମାର୍ଚ୍ଚ ମାସ ୧୦ତାରିଖ ସୁଦ୍ଧା ନିଶ୍ଚିତ ଭାବେ ସମସ୍ତ ବାକି ରହିଥିବା ଛାତ୍ରୀଛାତ୍ରଙ୍କ ଆଧାର ଷ୍ଟୁଡେଣ୍ଟ ଡାଟା ମ୍ୟାନେଜମେଣ୍ଟ ଇନଫରମେଶନ ସିଷ୍ଟମ(ଏସ୍‌ଡିଏମ୍‌ଆଇଏସ୍)ରେ ସମ୍ପୂର୍ଣ୍ଣ ପ୍ରମାଣପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୧୮ଫେବୃୟାରୀ ମାସରେ ଯେଉଁ ସ୍କୁଲ ପିଲାଙ୍କ ଅଧାର ସଂଯୋଗ ହୋଇନାହିଁ ସେହି ସ୍କୁଲଗୁଡ଼ିକୁ ଅନୁମତି ମିଳିବ ନାହିଁ ବୋଲି ଓପେପା ପକ୍ଷରୁ ଚେତାବନୀ ଦିଆଯାଇଥିଲା। ତେବେ ଏହି ଚେତାବନୀକୁ ଖାତିର ନ କରି ବେସରକାରୀ ସ୍କୁଲ କର୍ତ୍ତୃପକ୍ଷ ୧ବର୍ଷ ହେଲା ଆଧାର ସଂଯୋଗ କରିବାକୁ ଦିନ ଗଡ଼ାଇ ଚାଲିଛନ୍ତି।

ଶିକ୍ଷା ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଜିଲାର ୧୦ଟି ବ୍ଲକ ଓ ୨ଟି ପୌରାଞ୍ଚଳରେ ପ୍ରାୟ ୨ଲକ୍ଷ ୨୫ ହଜାର ଛାତ୍ରୀଛାତ୍ର ଅଧ୍ୟୟନରତ। ଏଥିରୁ ୭୯ ପ୍ରତିଶତ ଆଧାର ସଂଯୋଗ ହୋଇଥିବା ବିଭାଗୀୟ ରିପୋର୍ଟରେ ପ୍ରକାଶ ପାଇଛି। ଏହି ନୈରାଶ୍ୟଜନକ ଅଗ୍ରଗତି ଉପରେ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇ ଆସୁଛି। ସମୟ ସୀମା ମଧ୍ୟରେ ଧାର୍ଯ୍ୟଲକ୍ଷ୍ୟ ପୂରଣ ହୋଇ ନ ପାରିଲେ ସାରା ଜିଲା ପାଇଁ ଲଜ୍ଜାର ବିଷୟ ହେବ ବୋଲି ବ୍ଲକ ଶିକ୍ଷାଧିକାରୀଙ୍କୁ ତାଗିଦ କରାଯାଉଛି। ହେଲେ କର୍ତ୍ତୃପକ୍ଷ ଏହି ତାଗିଦକୁ ଫୁ କରି ଉଡ଼ାଇ ଦେଇଛନ୍ତି । ଏଯାଏ ଜିଲାର ବଡ଼ଚଣା ବ୍ଲକର ଡିଏଭି ଇଂଲିଶି ମିଡିୟମ ସ୍କୁଲ, ଉତ୍କଳ ଭାରତୀ ପ୍ଲେ ପବ୍ଲିକ ସ୍କୁଲ, ବାଲିପଦିଆ ବାଳିକା ହାଇସ୍କୁଲ, ଲକ୍ଷ୍ମୀଧର ବାଳିକା ହାଇସ୍କୁଲ, ଚମ୍ପାଦେବୀ ୟୁପି ସ୍କୁଲ ଓ ଛତିଆ ସେଣ୍ଟ ଜେଭିୟର ମୋଣ୍ଟେସରି ସ୍କୁଲ, ବରୀ ବ୍ଲକର ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲ, ଓଡିଶା ବ୍ରିଗେଡ ସ୍କୁଲ ଜାମପଦା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶିବାନନ୍ଦ ବିଦ୍ୟାମନ୍ଦିର ବାଲିଆ, ଦାମୋଦର ମାଧ୍ୟମିକ ସ୍କୁଲ, ବାବା ବୈକୁଣ୍ଠନାଥ ବିଦ୍ୟାପୀଠ ଓ ପ୍ରଭାକର ସଂସ୍କୃତ ବିଦ୍ୟାଳୟ, ବିଞ୍ଝାରପୁର ବ୍ଲକର ନନ୍ଦରଜା ବାଳିକା ହାଇସ୍କୁଲ, ଶ୍ରୀଅରବିନ୍ଦ ଇଣ୍ଟିଗ୍ରାଲ ଏଜୁକେଶନ ସେଣ୍ଟର, ବିବେକାନନ୍ଦ ବିଦ୍ୟାମନ୍ଦିର, ଆଜାଦ ହିନ୍ଦ ଶିଶୁ ନିକେତନ, ସୁବର୍ଣ୍ଣ ଦେବୀ ସଂସ୍କୃତ ସ୍କୁଲ, ଏଜିଆଇ ହାଇସ୍କୁଲ, ଦୋଳଗୋବିନ୍ଦ ହାଇସ୍କୁଲ ଓ ବରୁଣେଇ ବାଳିକା ହାଇସ୍କୁଲ, ଦାନଗଦୀ ବ୍ଲକର ଶ୍ରୀଗଣେଶ ଶିକ୍ଷା କେନ୍ଦ୍ର, ସୁକିନ୍ଦା ବ୍ଲକର ଶ୍ରୀଗଣେଶ ଶିକ୍ଷା କେନ୍ଦ୍ର ଏବଂ ବ୍ୟାସନଗର ମ୍ୟୁନିସିପାଲିଟିର ବ୍ୟାସନଗର ସରସ୍ୱତୀ ଶିଶୁ ମନ୍ଦିର ଏସ୍‌ଡିଏମ୍‌ଆଇଏସ୍‌ରେ ସଂଯୋଗ କରିପାରି ନାହାନ୍ତି। ତେବେ ଏହି ୨୪ଟି ସ୍କୁଲ କେଉଁ କାରଣରୁ ଆଧାର ସଂଯୋଗ କରି ପାରିନାହାନ୍ତି ତାହା ସାଧାରଣରେ ସନ୍ଦେହ ଉପୁଜିଛି। ଗତ ବର୍ଷ ଫେବୃୟାରୀ ମାସରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବେସରକାରୀ ସ୍କୁଲର ୧୦୦ପ୍ରତିଶତ ଆଧାର ସଂଯୋଗୀକରଣ ଏବଂ ନବୀକରଣ ହୋଇ ନ ଥିଲେ ସଂପୃକ୍ତ ସ୍କୁଲର ଅନୁମତି ବାତିଲ ଓ ପରବର୍ତ୍ତି ଅନୁମତି ନ ଦେବାକୁ ଓପେପା ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଥିଲା । ଏହି ପରୀପ୍ରେକ୍ଷୀରେ ଉପରୋକ୍ତ ସ୍କୁଲଗୁଡିକର ଅନୁମତି ବାତିଲ ହେବା ସମ୍ଭାବନା ଉପୁଜିଛି। ଫଳରେ ଏହି ସ୍କୁଲଗୁଡିକରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନେଇ ଅଭିଭାବକ ମହଲରେ ଚିନ୍ତାର କାରଣ ହୋଇଛି। ଓପେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୁପେନ୍ଦ୍ର ସିଂ ପୁନିଆ ତାଙ୍କ ପତ୍ରସଂଖ୍ୟା ୧୬୯୭/ଏମ୍‌ଆଇଏସ୍/୧୯ରେ ଆସନ୍ତା ମାର୍ଚ୍ଚ ୧୦ ତାରିଖ ସୁଦ୍ଧା ଆଧାର ସଂଯୋଗ ଏବଂ ଏସ୍‌ଡିଏମ୍‌ଆଇଏସ୍‌ରେ ଡାଟା ନବୀକରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ ପ୍ରତ୍ୟେକ ଗ୍ରାମରେ ୬ ରୁ ୧୮ ବର୍ଷ ମଧ୍ୟରେ ଡ୍ରପ ଆଉଟ ପିଲାଙ୍କୁ ଚିହ୍ନଟ କରି ରିପୋର୍ଟ ଦେବାକୁ ଗୁରୁତ୍ୱ ଦେଇଛନ୍ତି।

## ସଂକ୍ଷେପରେ

### ମାଧବାନନ୍ଦ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ



ବିରଜାକ୍ଷେତ୍ର,୨୭।୨(ଡ଼ି.ଏନ୍.ଏ)- ଯାଜପୁର ଥାନା ଅନ୍ତର୍ଗତ ଶାସନ୍ଦା ଗ୍ରାମ ଖେଳପଡ଼ିଆରେ ମାଧବାନନ୍ଦ ମେମୋରିଆଲ ଭବାନୀ ସ୍ପୋର୍ଟିଂ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୧୨ଟି ଦଳ ଭାଗ ନେଇଥିଲେ। ସାନସୁଆର ଓ ଇଞ୍ଜନପୁର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସାନସୁଆର ଦଳ ବିଜୟୀ ହୋଇଥିଲା। ସାନସୁଆର ଦଳର ବ୍ୟାଟ୍ସମ୍ୟାନ ଚିତ୍ତରଞ୍ଜନ ନାୟକ ଫାଇନାଲ ମ୍ୟାଚରେ ୯୮ରନ୍ କରିବା ସହ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଏହି ଟୁର୍ନାମେଣ୍ଟକୁ ଅଶୋକ କୁମାର ମଲ୍ଲିକ ଓ ମୋନାଫର ଅଲ୍ଲୀ ପରିଚାଳନା କରିଥିଲେ।

### ମୁଗ ଚାଷୀଙ୍କୁ ମିଳିପାରୁନି ଆର୍ଥିକ ସହାୟତା

**ଧର୍ମଶାଳା,୨୭।୨(ଡି.ଏନ୍.ଏ.):** ଧର୍ମଶାଳା ଅତିରିକ୍ତ କୃଷି ବିଭାଗ ପକ୍ଷରୁ ୨୦୧୭-୧୮ ଆର୍ଥିକ ବର୍ଷ ରବି ଋତୁରେ ମୁଗଚାଷ ପାଇଁ ଧର୍ମଶାଳା ବ୍ଲକର ବଡ଼କାଏମା, ଜାରକା, ଭୁବନ ପଞ୍ଚାୟତର ୩ଶହ ଚାଷୀଙ୍କୁ ୨ଶହ ହେକ୍ଟର ଜମିରେ ଗତ ରବି ଋତୁରେ ମୁଗ ଚାଷ ପାଇଁ କୃଷି ବିଭାଗ ପକ୍ଷରୁ ୪୦ କୁଇଣ୍ଟାଲ୍ ମୁଗ ବିହନ ଦିଆଯାଇଥିଲା। ଚାଷୀଙ୍କୁ ସାର ଓ ଔଷଧ ପାଇଁ ହେକ୍ଟର ପିଛା ୧୧ଶହ ଟଙ୍କା ଦିଆଯିବ ବୋଲି ପ୍ରକାଶ କରାଯାଇଥିଲା। ମାତ୍ର ପରବର୍ତ୍ତି ସମୟରେ ଏହା ପ୍ରଦାନ କରାଯାଇ ନ ଥିଲା। ଫଳରେ ଚାଷୀମାନେ ନିଜ ଉଦ୍ୟମରେ ସାର ଓ ଔଷଧ କିଣି ଜମିରେ ପ୍ରୟୋଗ କରିଥିଲେ। ଇତି ମଧ୍ୟରେ ଆର୍ଥିକ ସହାୟତା ବାବଦକୁ ଏକ ବର୍ଷ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା ମିଳିପାରି ନାହିଁ ଏ ନେଇ ଜାରକା ସମିତି ସଭ୍ୟ ତଥା ଚାଷୀ ସୁଦାମ ଚରଣ ବେହେରା, ପ୍ରମୋଦ ମହାପାତ୍ର, ହରିହର ବେହେରା, ନବୀନ ମହାନ୍ତି, ରାମଚନ୍ଦ୍ର ସାମଲ, ପ୍ରମୋଦ କୁମାର ଦାସ, ପ୍ରଦୀପ୍ତ ପ୍ରଧାନ, ଗୋବିନ୍ଦ ଖଟୁଆ ପ୍ରମୁଖ ଚାଷୀ କୃଷି ବିଭାଗ ନିକଟରେ ବାରମ୍ବାର ଜଣାଇଥିଲେ ମଧ୍ୟ ସୁଫଳ ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଧର୍ମଶାଳା ଅତିରିକ୍ତ କୃଷି ଅଧିକାରୀ ପଲ୍ଲବୀ ନାୟକଙ୍କୁ ପଚାରିବାରୁ ମୁଗଚାଷୀଙ୍କୁ ଆର୍ଥିକ ସହାୟତା ଦିଆଯିବା ପାଇଁ ପତ୍ର ସଂଖ୍ୟା ୩୧୨ତା-୨୦।୧୧।୧୮ରେ ଯାଜପୁର କୃଷି ଉପ ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଛି। କେତେଜଣ ଚାଷୀ ପ୍ରଦାନ କରିଥିବା ବ୍ୟାଙ୍କ ଖାତା ନମ୍ବରରେ ଭୁଲ ଥିବା ହେତୁ ସେମାନେ ଅଦ୍ୟାବଧି ଟଙ୍କା ପାଇ ପାରି ନାହାନ୍ତି। ସେମାନଙ୍କୁ ଖୁବଶୀଘ୍ର ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

### ସତ୍ୟସାଇ ସେବା ସମିତିର ବାଳବିକାଶ ସମାରୋହ

ଯାଜପୁର ଅଫିସ,୨୭।୨- ଯାଜପୁର ମୋଟରଙ୍ଗାପାଳ ଶିବମନ୍ଦିର ପ୍ରାଙ୍ଗଣରେ ସତ୍ୟସାଇ ସେବା ସମିତିର ସମସ୍ତ ଭଜନ ମଣ୍ଡଳୀ ତରଫରୁ ବାଳବିକାଶ ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଷଠିପୁର, ବିରଜାପୁର, ଖଇରାବାଦ, ଗଣେଶ୍ୱରପୁର ସ୍କୁଲ, ମୋଟରଙ୍ଗାପାଳ ଓ ସାଇମନ୍ଦିର ବାଳବିକାଶ କେନ୍ଦ୍ରରୁ ଅନ୍ୟୁନ ୨୦୦ବାଳକ ଓ ବାଳିକାମାନେ ଉପସ୍ଥିତ ରହି ବହୁ ଆଧାତ୍ମିକ ଓ ନୈତିକ ବୋଧକ କାର୍ଯ୍ୟକ୍ରମ କରିଥିଲେ। ଶିବରାତ୍ରୀ ଉତ୍ସବ ପାଇଁ ମନ୍ଦିର ଚତୁଃପାର୍ଶ୍ୱ ମଧ୍ୟ ସଫେଇ କରିଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ କୁଇଜ୍, ଡିବେଟ୍ ଓ ଭଜନ ମାଧ୍ୟମରେ ମ୍ୟୁଜିକ୍ ଚେୟାର କାର୍ଯ୍ୟକ୍ରମ କରାଯାଇଥିଲା। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମିତିର ବରିଷ୍ଠ ସଭ୍ୟ ବିରଜା ପ୍ରସାଦ ବସୁ ଜ୍ୟୋତି ଆବାହନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଆବାହକ ବିମ୍ବାଧର ଧଳ, ସହକାରୀ ଜିଲାପାଳ କୁଳମଣି ନାୟକ, ଅବସରପ୍ରାପ୍ତ ଅଧକ୍ଷ ରମାକାନ୍ତ ସାହୁ, ଅଭିମନ୍ୟୁ ମହାଳିକ, କିଶୋର କୁମାର ସାହୁ, ଇନ୍ଦ୍ରନୀଳ ବସୁ ଆଧାତ୍ମିକ ସଂଯୋଜକ ଜଗନ୍ନାଥ ବେହେରା, ଶିକ୍ଷା ବିଭାଗ ଓ ମହିଳା ସଂଯୋଜକ ଦିପ୍ତିରାଣୀ ମହାପାତ୍ର ଓ ଅପରାଜିତା ଧଳ, ଉତମ ନାଏକ, ଲକ୍ଷ୍ମୀନାରାୟଣ ରାଉତ ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

■ବରୀ ପଞ୍ଚାୟତ ସମିତି ବୈଠକ

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ, ଶିକ୍ଷା ବ୍ୟବସ୍ଥାକୁ ନେଇ ଅସନ୍ତୋଷ

ବରୀ,୨୭।୨(ସ୍ୱ.ପ୍ର)

ବରୀ ପଞ୍ଚାୟତ ସମିତି ସଭାଗୃହରେ ବୁଧବାର ୪ର୍ଥ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁନନ୍ଦା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ପ୍ରଭାସ ବେଉରା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ପରେ ଆଲୋଚନା ଆରମ୍ଭ ହୋଇଥିଲା। ବରୀ ବ୍ଲକର ୨୯ ପଞ୍ଚାୟତରେ ସ୍ୱାସ୍ଥ୍ୟ ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ଉପସ୍ଥିତ ସମିତି ସଭ୍ୟାସଭ୍ୟ, ସରପଞ୍ଚ ଅଭିଯୋଗ କରିଥିଲେ। ୨୦୧୬ରୁ ରୋଗୀ କଲ୍ୟାଣ ସମିତି ବୈଠକ ବସିନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଥିଲା। ଏହି ରୋଗୀ କଲ୍ୟାଣ ସମିତି ଅଧ୍ୟକ୍ଷ ବିଧାୟକ ଦେବାଶିଷ ନାୟକ ରହିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଥିଲା। ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬ଟି ଡାକ୍ତର ପଦବୀ ଖାଲି ପଡିଛି। ପାନୀୟ ଜଳ ବିଦ୍ୟୁତ୍ ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ସମସ୍ୟା ହୋଇ ଠିଆ ହୋଇଥିଲାବେଳେ ରୋଗୀଙ୍କ ବେଡ୍‌ରେ ବୁଲା କୁକୁର ଶୋଉଛି। କାଗଜ କଲମରେ ରୋଗୀ କଲ୍ୟାଣ ସମିତି ବୈଠକ ଚାଲୁଥିବା ନେଇ ଗୃହରେ ସରପଞ୍ଚ ସମୀର ମଲିକ ଅଭିଯୋଗ କରିଥିଲେ। ଶିକ୍ଷାକ୍ଷେତ୍ରରେ ବରୀ ବ୍ଲକ ପଛରେ ପଡିଛି। ଅନ୍ୟାସୀପୁର ଓ ମହାକାଳପଡ଼ା ପଞ୍ଚାୟତରେ ଥିବା ବିଦ୍ୟାଳୟଙ୍କୁ ଶିକ୍ଷୟିତ୍ରୀଶିକ୍ଷକ ଠିକ୍ ସମୟରେ ଆସୁନାହାନ୍ତି ବୋଲି ଗୃହରେ ଅଭିଯୋଗ ହୋଇଥିଲା। ମହାକାଳପଡା ପଞ୍ଚାତର ୫ନମ୍ବର ୱାର୍ଡରେ ଅଙ୍ଗନବାଡି କେନ୍ଦ୍ର ନ ଥିବାରୁ କୋମଳମତି ଶିଶୁମାନେ ଶିକ୍ଷାଦାନରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଥିଲା। ବିଦ୍ୟାଳୟରେ ଶିକ୍ଷୟିତ୍ରୀଶିକ୍ଷକ ଉପଯୁକ୍ତ ଶିକ୍ଷାଦେଉ ନ ଥିବାରୁ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟନ୍ତ ହୋଇ ପଡିଛି ବୋଲି କ୍ଷୋଭ ପ୍ରକାଶ ପାଇଥିଲା। ଚଳିତ ମାସ ଭତ୍ତା ବଣ୍ଟନ ହୋଇଥିଲାବେଳେ ଏଥିରେ ଅନିୟମିତତା ହୋଇଛି। ୪୦/୪୫ ବର୍ଷର ଯୁବତୀ ଯୁବକ ଭତ୍ତା ହାତେଇଥିବା ଖୋଦ ଅଧ୍ୟକ୍ଷା ଦାସ ଅଭିଯୋଗ କରିଥିଲେ। ଏ ନେଇ ଗୃହରେ ଉତ୍ତେଜନା ପ୍ରକାଶ ପାଇଥିଲା। ମହିଳା ଓ ଶିଶୁ ବିକାଶ ଯୋଜନା ବରୀରେ ଫେଲ ମାରିଛି। ଏହି ବିଭାଗରେ ଦୀର୍ଘଦିନ ଧରି ଅଧିକାରୀ କେହି ନ ଥିବାରୁ ମହିଳା ଓ ଶିଶୁଙ୍କ ପାଇଁ ଆସୁଥିବା ଯୋଜନା ବାଟବଣା ହେଉଛି ବୋଲି ଅଭିଯୋଗ ହୋଇଛି। ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ରାଶନ ମିଳୁନି ବୋଲି ଗୃହରେ ସରପଞ୍ଚ ବିଜୟ କିଶୋର ସାହାଣୀ ଅଭିଯୋଗ କରିଥିଲେ। ନିର୍ମାଣ ଶ୍ରମିକଙ୍କ ପାଇଁ ଆବାସ ଯୋଜନାରେ କେତେ ଗୃହ ବଣ୍ଟନ କରାଯାଇଛି। ଏନେଇ ସମିତି ସଭ୍ୟ ପ୍ରଦୀପ ଘଡ଼େଇ ପ୍ରଶ୍ନ ଉଠାଇଥିଲେ। ଉତ୍ତରରେ ବିଡିଓ ବେଉରା ୮ ପଞ୍ଚାୟତରେ ଶ୍ରମିକଙ୍କୁ ଗୃହ ବଣ୍ଟନ କରାଯାଇଛି ବୋଲି କହିଥିଲେ। ଗ୍ରାମୀଣ ଆବାସ ଯୋଜନା ବାଟବଣା ହେଉଛି। ଗମ୍ଭୁ ପଞ୍ଚାୟତରେ ୩ ଅଯୋଗ୍ୟ ହିତାଧିକାରୀଙ୍କୁ ଗୃହ ଦିଆଯାଇଛି ବୋଲି ସମିତି ସଭ୍ୟ ଅଙ୍କୁର ମଲିକ ଅଭିଯୋଗ କରିଥିଲେ। ଆମ ଗାଁ ଆମ ବିକାଶ ଯୋଜନା ବରୀରେ ବିଫଳ ହୋଇଛି। ଅରଙ୍ଗାବାଦ ପଞ୍ଚାୟତରେ ଏହି ଯୋଜନାରେ ନିର୍ମାଣାଧୀନ ଗୃହ ବେଆଇନ ବୋଲି ସରପଞ୍ଚ ଶ୍ରୀଧର ଧଳ ଅଭିଯୋଗ କରିଥିଲେ। ୪ର୍ଥଶ୍ରେଣୀ କର୍ମଚାରୀ ମାନଗୋବିନ୍ଦ ସାମଲ ଅସୁସ୍ଥ ହୋଇ ପଡିଥିବାରୁ ତାଙ୍କ ସ୍ଥାନରେ ତାଙ୍କ ପୁଅଙ୍କୁ ଥଇଥାନ କରିବା ପାଇଁ ସମିତି ସଭ୍ୟ ମଲିକ ଗୃହରେ ପ୍ରସ୍ତାବ ଦେଇଥିଲା ବେଳେ ତାହା ଗୃହୀତ ହୋଇଥିଲା। ଆଗକୁ ଗ୍ରୀଷ୍ମ ପ୍ରବାହ ଆସୁଥିବାରୁ ପ୍ରତ୍ୟେକ ପଞ୍ଚାୟତରେ ଜଳଛତ୍ର ଖୋଲିବା ପାଇଁ ସରପଞ୍ଚ ସଭ୍ୟା ଦାବି କରିଥିଲେ। ସରପଞ୍ଚଙ୍କ ନିଜସ୍ୱ ପାଣ୍ଠିରେ ଜଳଛତ୍ର ଖୋଲି ପାରିବେବୋଲି ବିଡିଓ ବେଉରା ଗୃହରେ ଘୋଷଣା କରିଥିଲେ। ଶେଷରେ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ଜନପ୍ରତିନିଧି ।

### ଭାଜପା-ବିଜେଡି କର୍ମୀ ମୁହାଁମୁହିଁ, ୨ ଆହତ

ବରୀ,୨୭।୨(ସ୍ୱ.ପ୍ର)

ବରୀ ବ୍ଲକ ପରିସରରେ ବୁଧବାର ଅପରାହ୍ନରେ ଭାଜପା ଓ ବିଜେଡି କର୍ମୀଙ୍କ ଭିତରେ ହଙ୍ଗାମା ସୃଷ୍ଟି ହୋଇଛି। ୨ଘଣ୍ଟା କାଳ ବ୍ଲକ ପରିସର ଉତ୍ତେଜନା ଲାଗି ରହିଥିବା ଦେଖିବାକୁ ମିଳିଛି। ସମିତି ସଭାଗୃହରେ ସମିତି ବୈଠକ ଚାଲିଥିଲାବେଳେ ବୈଠକର ଶେଷ ପର୍ଯ୍ୟାୟରେ ବ୍ଲକ ପରିସରରେ ପ୍ରବଳ ହୋ-ହାଲ୍ଲା ପାଟି ତୁଣ୍ଡ ଶୁଭିଥିଲା। ଏହି ପାଟିତୁଣ୍ଡ ଶୁଣି ବିଡିଓ ପ୍ରଭାସ ବେଉରା ପୋଲିସକୁ ଖବର ଦେଇଥିଲେ। ପୋଲିସ ଆସିବା ପୂର୍ବରୁ ୨ ଗୋଷ୍ଠୀଙ୍କ ଭିତରେ ଯୁକ୍ତିତର୍କ ସାଙ୍ଗକୁ ଧସ୍ତାଧସ୍ତି ଓ ପରେ ମାରପିଟ ଭଳି ଘଟଣା ଘଟିଯାଇଥିଲା। ଏଥିରେ ୨ ଜଣଙ୍କର ମୁଣ୍ଡ ଫାଟିଯାଇଥିବା ସୂଚନା ମିଳିଛି। ପୋଲିସ ପହଞ୍ଚିଲା ପରେ ପରିସ୍ଥିତି ଆୟତ୍ତ ଭିତରକୁ ଫେରିଥିବା ଜଣାପଡିଛି। ରିପୋର୍ଟ ଲେଖା ହେଲା ବେଳକୁ ବରୀ ଥାନାରେ କୌଣସି ଅଭିଯୋଗ ପହଞ୍ଚି ନ ଥିବା ପୋଲିସ କହିଛି। ତେବେ ବ୍ଲକ ପାଖ ଗାଁ ରାମଚନ୍ଦ୍ରପୁରରେ ଉତ୍ତେଜନା ଲାଗି ରହିଛି।

### ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ମାତୃ ବିୟୋଗ

କୋରେଇ,୨୭।୨(ସ୍ୱ.ପ୍ର)

କୋରେଇ ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ଲୋକସଭା ଏମ୍‌ପିଙ୍କ ପ୍ରତିନିଧି ଭିକାରୀ ବରାଳଙ୍କ ମା’ ଅମ୍ବିକା ବରାଳଙ୍କର (୮୯) ବୁଧବାର ପରଲୋକ ହୋଇଯାଇଛି। ସେ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ସେ ଜଣେ ପରୋପକାରୀ ତଥା ଧର୍ମ ପରାୟଣ ମହିଳା ଭାବେ ପରିଚିତ ଥିଲେ। ଖବର ପାଇ ଯାଜପୁର ଲୋକସଭା ଏମ୍‌ପି ରୀତା ତରାଇ, କୋରେଇ ବିଧାୟକ ଆକାଶ ଦାସନାୟକ, କୋରଇ ବ୍ଲକ ଅଧ୍ୟକ୍ଷା ମାଳତୀ ଗୁଡ୍ଡୁ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ବଳ, ୩ନଂ ଜୋନ ଜିଲା ପରିଷଦ ସଭ୍ୟ ଧରଣୀଧର ଘଡେଇ, କୋରେଇ ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁ, କନ୍ତୋର ସରପଞ୍ଚ ରୁନୁ ଭୂୟାଁ, ମହେନ୍ଦ୍ର ପ୍ରତାପ ସିଂହ, ସୁରେଖା ସେଠୀ, କୁଳମଣୀ ଦାସ ପ୍ରମୁଖ ଶେଷ ଦର୍ଶନ କରିଥିଲେ ।

## ୩ ପଞ୍ଚାୟତରେ ୧୦ ପ୍ରକଳ୍ପ ଉଦ୍‌ଘାଟିତ

କୋରେଇ,୨୭।୨(ସ୍ୱ.ପ୍ର)

କୋରେଇ ବ୍ଲକର ପାଟରଙ୍ଗା, କାଚରାସାହି, ପଛିକୋଟ ପଞ୍ଚାୟତରେ ବୁଧବାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ହୋଇଯାଇଛି। ଆମ ଗାଁ ଆମ ବିକାଶ ଯୋଜନାରେ ନିର୍ମିତ ଏହି ପ୍ରକଳ୍ପ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇଥିଲେ। କାଚରାସାହି ଗ୍ରାମରେ ଯୁବ ଗୋଷ୍ଠୀକେନ୍ଦ୍ର, ରାଉତପଡାରେ ଶ୍ରୀକ୍ଷେତ୍ର ପାଲ ଗୋଷ୍ଠୀକେନ୍ଦ୍ର, ରଙ୍ଗିଆଟିଗିର ଗ୍ରାମରେ ହେଙ୍ଗୁଳା ଗୋଷ୍ଠୀକେନ୍ଦ୍ର, ସହଁଗାଁର ମା’ କଳାଜାଇ ଗୋଷ୍ଠୀକେନ୍ଦ୍ର ଓ ଯୁବ ବିକାଶ କେନ୍ଦ୍ର, ତାଳଗଡିଆ ଗ୍ରାମର ମା’ ହେଙ୍ଗୁଳା ରୋଷେଇ ଘର ଓ ଆସନଗଡିଆ ଗ୍ରାମର ମା’ ମଙ୍ଗଳା କ୍ଲବ ଓ ସେହିପରି ପଛିକୋଟ ପଞ୍ଚାୟତର ପାରମାନନ୍ଦପୁର ହନୁମାନ ଯୁବ ବିକାଶ କେନ୍ଦ୍ର, ମା’ କାମୁଡେଇ କଲ୍ୟାଣ ମଣ୍ଡପ ଓ ଆଇଛିପୁର ଗ୍ରାମର ଯୁବ ବିକଶ କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା । ଏଥିରେ ସମ୍ମାନିତ ଆତିଥି ଭାବେ ଯାଜପୁର ଜିଲା ପରିଷଦ ଉପାଧ୍ୟକ୍ଷା ଅମୂଲ୍ୟବାଳା ପାତ୍ର ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁ, ସମିତି ସଭ୍ୟା ତିଳୋତ୍ତମା ସେଠୀ, ଯୁବ ନେତା ବଳରାମ ସେଠୀ, ଗୌରୀଶଙ୍କର ମହାପାତ୍ର, ସଲବେଗ ଜେନା, ବାଉରୀ ବନ୍ଧୁ ଯେନା, ଅମୂଲ୍ୟ ପୃଷ୍ଟି, କନ୍ତୋର ସରପଞ୍ଚ ରୁନୁ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

## ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ପଥପ୍ରାନ୍ତ ସଭା

ବରୀ,୨୭।୨(ସ୍ୱ.ପ୍ର)

ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ବୁଧବାର ପଥପ୍ରାନ୍ତ ସଭା ବରୀ ଅଞ୍ଚଳର ବିଭିନ୍ନ ଛକରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନର ସଭାପତି ପଦ୍ମଚରଣ ନାୟକଙ୍କ ନେତୃତ୍ୱରେ ନିଶା ନିବାରଣର ଏକ ରଥ ଭ୍ରମଣ କରୁଛି। ଏହି ରଥ ସାରା ଓଡିଶାରେ ବୁଲିବ ବୋଲି କୁହାଯାଇଛି। ମଦ ହଟାଅ ଦେଶ ବଞ୍ଚାଅ, ମଦ ହଟିଲେ ଦେଶ ବଞ୍ଚିବ ଗାଁ ହସିବ, ଆମର ସଂକଳ୍ପ ମଦ ମୁକ୍ତ ଓଡିଶା, ମଦ ନିବାରଣ କରିବ ଯିଏ ଆମରି ଭୋଟ ପାଇବ ସିଏ ଇତ୍ୟାଦି ସ୍ଲୋଗାନ ଦିଆଯାଇ ମଦ ମୁକ୍ତ ଓଡିଶା ଓ ମଦ ମୁକ୍ତ ଭାରତ ଆଜିର ଆହ୍ୱାନ ବୋଲି ଅଭିଯାନର କର୍ମକର୍ତ୍ତାମାନେ କହିବା ସହିତ ପଥପ୍ରାନ୍ତ ସଭା ଦ୍ୱାରା ଏ ନେଇ ସାଧାରଣ ଲୋକଙ୍କୁ ସଚେତନ କରୁଥିବା ଦେଖିବାକୁ ମିଳିଛି। ଏଥିରେ କାହ୍ନୁ ଚରଣ ବେହୁରା,ରମାକାନ୍ତ ମଣ୍ଡଳ, କୁଳମଣି ଶୁକ୍ଲା ପ୍ରମୁଖ ସାମାଜିକ କର୍ମୀମାନେ ସାମିଲ ହୋଇଥିଲେ।

## ବ୍ୟାସନଗର ନାଗରିକ କମିଟିର ବାର୍ଷିକ ଅଧିବେଶନ

**ଯାଜପୁରରୋଡ,୨୭।୨(ନି.ପ୍ର.)**

ଚଣ୍ଡିଖୋଲ ପାନ୍ଥଶାଳାଠାରେ ରବିବାର ବ୍ୟାସନଗର ନାଗରିକ କମିଟିର ବାର୍ଷିକ ଅଧିବେଶନ ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଗରିକ କମିଟି ସଭାପତି ହେମନ୍ତ କିଶୋର ସାହୁ ଅଧ୍ୟକ୍ଷତା କରିଥିଲେ। ସଭା ଆରମ୍ଭରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ନାଗରିକ କମିଟି ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ରାଉତ ବିବରଣୀ ପାଠ କରିଥିଲେ। ଟ୍ରାଫିକ୍ ସମସ୍ୟା ଦୂର ପାଇଁ ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ, ଗଳିପୋଲ ନିର୍ମାଣ, ତିନି ବର୍ଷ ତଳୁ ଗଢିଉଠିଥିବା କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ ଗୃହ ନିର୍ମାଣ ଉପରେ ଆଲୋଚନା କରାଯାଇଥିଲା। ଏ ନେଇ ନାଗରିକ କମିଟିର ଏକ ପ୍ରତିନିଧି ଦଳ, ଯାଜପୁର ଜିଲାପାଳ, ରାଜ୍ୟ ଶିକ୍ଷା ମନ୍ତ୍ରୀ ଖୁବ୍‌ଶୀଘ୍ର ରେଲୱେ ଓ କେନ୍ଦ୍ରୀୟ ମାନବ ସମ୍ବଳ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରିବେ। ୧୦ ବର୍ଷ ଧରି ଚାଲିଥିବା ଯୋକଡିଆ ପାଣି ପ୍ରକଳ୍ପ ଶେଷ ହୋଇଥିଲେ ମଧ୍ୟ ଉଦ୍‌ଘାଟନ କରାଯାଉନାହିଁ। ମୁଖ୍ୟମନ୍ତ୍ରୀ ଯାଜପୁର ଜିଲାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରୁଥିବା ବେଳେ ଯାଜପୁରରୋଡ ସହର ପ୍ରତି ଉପେକ୍ଷା କରୁଥିବା ନେଇ ନାଗରିକ କମିଟି ସଦସ୍ୟ କ୍ଷୋଭ ପ୍ରକାଶ କରିଛନ୍ତି। ଯୋକଡିଆ ପାଣି ପ୍ରକଳ୍ପ କେବେ ଉଦ୍‌ଘାଟନ ହେବ, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖବରଦାତା କୃଷ୍ଣଚନ୍ଦ୍ର ସାମଲ, ପୂର୍ବତନ ଉପନଗରପାଳ ହୃଦାନନ୍ଦ ସାମଲ, କମିଟି ସହସମ୍ପାଦକ ହୃଷୀକେଶ ସାହୁ, ବରିଷ୍ଠ ଆଇନଜୀବୀ ସୁଧାଂଶୁ ଶେଖର ଦାସ, ସିପିଏମ୍ ନେତା ପ୍ରଫୁଲ୍ଲ ନାୟକ, ପ୍ରମୋଦ ପରିଡା, ନାରାୟଣ ଚନ୍ଦ୍ର ପତିଙ୍କ ସମେତ ବହୁ ବୁଦ୍ଧିଜୀବୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯାଜପୁରରୋଡ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଚାପ ପକାଇବାକୁ ସ୍ଥିର କରାଯାଇଥିଲା।






## ସଂକ୍ଷେପରେ

### ସରସ୍ୱତୀ ଶିଶୁମନ୍ଦିରରେ ଜେଜେମା'ଜେଜେବାପା ସମ୍ମିଳନୀ

**ତିର୍ତ୍ତୋଲ,୨୭।୨(ଡି.ଏନ.ଏ.):** ତିର୍ତ୍ତୋଲ ନେହେରୁ କଲୋନୀସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବୁଧବାର ଜେଜେମା'ଜେଜେବାପା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଆଲୋଚନାଚକ୍ରକୁ ପରିଚାଳନା କମିଟି ଯୁଗ୍ମ ସମ୍ପାଦକ ନିତ୍ୟାନନ୍ଦ ଜେନା ପରିଚାଳନା କରିଥିଲେ। ପ୍ରଧାନଆଚାର୍ଯ୍ୟା ଅନୁପମା ଆଚାର୍ଯ୍ୟ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ବିଦ୍ୟାଳୟରେ ପାଠ ପଢା ଶୈଳୀ, ଉପସ୍ଥାପନ ଓ ଛାତ୍ରୀଛାତ୍ରଙ୍କ ଏଥିରେ ସହଭାଗିତା ବିଷୟରେ ଆଲୋକପାତ କରିଥିଲେ। ଅଭିଭାବକ, ଗୁରୁଜୀ, ଗୁରୁମା, ଛାତ୍ରୀଛାତ୍ରଙ୍କ ସମେତ ସେମାନଙ୍କ ଜେଜେମା'ଜେଜେବାପାଙ୍କୁ ଆତିଥ୍ୟ ପ୍ରଦାନ କରାଯାଇଥିଲା। ଜେଜେମା'ଜେଜେବାବାଙ୍କ ତରଫରୁ ପଣ୍ଡିତ ବେଲବିହାରୀ ଦାଶ, ସତ୍ୟଜିତ ମହାନ୍ତି, ଦୁର୍ଗାଚରଣ ପରିଜା, ଗୁରୁମା ରିନୁରାଣୀ ସାହୁ, ଭାରତୀ ସାମଲ, ସସ୍ମିତା ପାଲ, ଅହଲ୍ୟା ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଛାତ୍ରୀମାନେ ସରସ୍ୱତୀ ବନ୍ଦନା ଓ ଗୁରୁମାମାନେ ମନ୍ତ୍ର ପାଠ କରିଥିଲେ।

### ପାଟବୈଶ୍ୟ ସମିତିର ହରିହରପୁର ବୈଠକ

**ତିର୍ତ୍ତୋଲ,୨୭।୨(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଠାକୁରପାଟଣା ଗ୍ରାମରେଥିବା ହରିହର ମନ୍ଦିରରେ ବୁଧବାର ନିଖିଳ ଉତ୍କଳ ପାଟବୈଶ୍ୟ ସମିତିର ହରିହରପୁର ଚକଲାର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚକଲାର ସଭାପତି ସୁବାସ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ବୈଠକରେ ଜିଲା କାର୍ଯ୍ୟକାରୀଣୀ ଏବଂ ସାଙ୍ଗଠନିକ ଆଲୋଚନା କରାଯାଇଥିଲା। ଜିଲାର ସମସ୍ତ ୮ ଥାନପତି ଓ ପାଟରା ଜାତିର ଭାଇମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଚକଲାର ସମ୍ପାଦକ ନୀରଞ୍ଜନ ପରିଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଙ୍ଗଠନର ଆଭିମୁଖ୍ୟ ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ନିଖିଳ ଉତ୍କଳ ପାଟବୈଶ୍ୟ ସମିତିର ରାଜ୍ୟ ଉପସଭାପତି ନାଥ ଖୁଣ୍ଟିଆ, ପୂର୍ବତନ ଚକଲା ସଭାପତି ରବିନାରାୟଣ ସାହୁ, ରଞ୍ଜନ ସାହୁ, ଆଇନଜୀବୀ ବୀରନାରାୟଣ ପାତ୍ର, ଗୌରାଙ୍ଗ ବେହେରା, ଶୁଶାନ୍ତ ପାତ୍ର ଓ ହୃଷୀକେଶ ସାହୁଙ୍କ ସମେତ ଶତାଧିକ ସଭ୍ୟ ଉପସ୍ଥିତ ଥିଲେ।

### ବାଲିକୁଦାରେ କମଳ ଜ୍ୟୋତି କାର୍ଯ୍ୟକ୍ରମ

**ବାଲିକୁଦା,୨୭।୨(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ଆମ୍ବଶାଳ ପଞ୍ଚାୟତର ମଣ୍ଡକେଶ୍ୱର ଗ୍ରାମସ୍ଥିତ ନାଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଭାଜପା ପକ୍ଷରୁ ୧୦୮ ଦୀପ ପ୍ରଜ୍ୱଳନ କରାଯାଇଛି। ବୋରିକିନା ମଣ୍ଡଳ ସଭାପତି ରଘୁନାଥ ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୁଲୱାମା ଆତଙ୍କବାଦୀ ଶହୀଦ ହୋଇଥିବା ବୀର ଯବାନଙ୍କ ସ୍ମୃତିଚାରଣ କରାଯାଇଥିଲା। ଏଥିରେ ଜିଲା କାର୍ଯ୍ୟକରିଣୀ ସଦସ୍ୟ ଟୁକୁନା ରଉତ, ଜୟପ୍ରକାଶ ମହାନ୍ତି, ପ୍ରହଲ୍ଲାଦ ଦିକ୍ଷୀତ୍, ସୁଚିତ୍ରା ମହାନ୍ତି, ମଲ୍ଲି ପ୍ରଧାନ, ତଅପୋଇ ଜେନା ଓ ତନୁଲତା ମହାନ୍ତି ପ୍ରମୁଖ ଯୋଗଦେଇ ବୀର ଶହୀଦଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ କେନ୍ଦ୍ର ଯୋଜନାରେ ଉପକୃତ ଲାଭାର୍ଥୀଙ୍କ ଘରେ ଓ ଓଡିଶାର ୧୦୦୨ ମଣ୍ଡଳରେ 'କମଳ ଜ୍ୟୋତି' ସଂକଳ୍ପ କାର୍ଯ୍ୟକ୍ରମ କରାଯାଇଥିଲା।

### ବ୍ଲକସ୍ତରୀୟ ଉତ୍କଳ ପ୍ରଶିକ୍ଷଣ ଶିବିର

**ବିରିଡ଼ି,୨୭।୨(ଡି.ଏନ.ଏ.):** ବିରିଡ଼ି ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ଅଣଖିଆ ୟୁପି ସ୍କୁଲ ଓ ସୋମପୁର ପ୍ରାଇମେରୀ ସ୍କୁଲରେ ୧୦୯ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଉତ୍କଳ ଯୋଜନାରେ ପ୍ରଶିକ୍ଷଣ ଦିଆଯାଇଛି। ଏହି ପ୍ରଶିକ୍ଷଣ ଶୁକ୍ରବାର ୨୨ ତାରିଖରୁ ଆରମ୍ଭ ହୋଇ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅଣଖିଆ ୟୁପି ସ୍କୁଲରେ କରାଯାଇଥିବା ଶିବିରରେ ରିସୋର୍ସ ପର୍ଶନଭାବେ ବଂଶୀଧର ତ୍ରିପାଠୀ, ଆଲୋକ ଚନ୍ଦ୍ର ଦାଶ, ସୌଭାଗିନୀ ମିଶ୍ର, ମାନସୀ ଭୋଇ ଯୋଗଦେଇ ୫୫ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପ୍ରାଇମେରୀ ସ୍କୁଲରେ ୫୪ ଶିକ୍ଷୟିତ୍ରୀଶିକ୍ଷକ ପ୍ରଶିକ୍ଷଣ ନେଇଥିଲେ। ଏଠାରେ ରିସୋର୍ସ ପର୍ଶନଭାବେ ମଞ୍ଜୁଳା ସ୍ୱାଇଁ, ଗଣେଶ୍ୱର ବେହେରା, ଶ୍ରଦ୍ଧାଞ୍ଜଳି ସାବତ ଓ ଗେଣ୍ଡୁ ଭୋଇ ପ୍ରଶିକ୍ଷଣ ଦେଇଥିଲେ। ଅଣଖିଆ ୟୁପି ସ୍କୁଲର ଶିବିରକୁ ସିଆରସିସି ସୁରେନ୍ଦ୍ର ନାଥ ଦାସ ଓ ସୋମପୁର ପ୍ରାଇମେରୀ ସ୍କୁଲକୁ ସଆରସିସି ପ୍ରଫୁଲ୍ଲ ଦାଶ ପରିଚାଳନା କରିଥିଲେ।

■ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ସମୀକ୍ଷା ବୈଠକ

# ୧.୪୨ କୋଟି ଖର୍ଚ୍ଚ କରି ପାରିଲାନି ପୌର ପରିଷଦ

**ଜଗତ୍‌ସିଂହପୁର ଅଫିସ, ୨୭।୨**

ସ୍ପେଶାଲ ପ୍ରୋବ୍ଲେମ ଫଣ୍ଡ (ଏସ୍‌ପିଏଫ୍) ବିନିଯୋଗ କରିପାରିଲାନି ଜଗତ୍‌ସିଂହପୁର ପୌର ପରିଷଦ। ପରିଷଦ ଅଞ୍ଚଳରେ ୬୮ ପ୍ରକଳ୍ପ ପାଇଁ ୧ କୋଟି ୪୨ ଲକ୍ଷ ୭୦ ହଜାର ଟଙ୍କା ଅନୁଦାନ ଆସିଥିଲା। କିନ୍ତୁ ପରିଷଦ ଗୋଟିଏ ବି ପ୍ରକଳ୍ପ ସାରିପାରିଲା ନାହିଁ। ପୂର୍ବରୁ ଏନେଇ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ଦାସ ଅସନ୍ତୋଷ ବ୍ୟକ୍ତ କରିବା ସହ ତୁରନ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ପରିଷଦକୁ ପରାମର୍ଶ ଦେଇଥିଲେ। କିନ୍ତୁ ପରିଷଦ ନିର୍ବାହୀ ଅଧିକାରୀ ବଳଦେବ ବେହେରା ପ୍ରକଳ୍ପ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି। ଫଳରେ ସମସ୍ତ ଅନୁଦାନ ଜଗତ୍‌ସିଂହପୁର ବ୍ଲକକୁ ସ୍ଥାନାନ୍ତର କରି ଦିଆଯାଇଛି। ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ଦାସ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ସମୟରେ ଏହି ସୂଚନା ମିଳିଥିଲା। କେବଳ ଏତିକି ନୁହେଁ, ଏସ୍‌ପିଏଫ୍ ବିନିଯୋଗରେ ଜିଲାର ବିରିଡ଼ି ଓ ରଘୁନାଥପୁର ବ୍ଲକ ପଛରେ ପଡିଥିବା ନେଇ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଅସନ୍ତୋଷ ବ୍ୟକ୍ତ କରିଥିଲେ। ରାଜ୍ୟ ସରକାରଙ୍କ ଅନ୍ୟ ଯୋଜନାର ଅଗ୍ରଗତି ସମେତ କାଳିଆ ଯୋଜନା ସମ୍ପର୍କରେ ସମୀକ୍ଷା ହୋଇଥିଲା। ଜିଲାର ଜଣେ ହେଲେ ବି ଚାଷୀ ଯେପରି କାଳିଆ ଯୋଜନାରୁ ବଞ୍ଚିତ ନ ରୁହନ୍ତି ସେ ଦିଗରେ ଉପସ୍ଥିତ ଅଧିକାରୀ ଦୃଷ୍ଟିଦେବାକୁ ଦାସ ପରାମର୍ଶ ଦେଇଥିଲେ।


ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ଦାସ, ଜିଲାପାଳ ଓ ଅନ୍ୟ ଅଧିକାରୀ।

■ସମସ୍ତ ଅନୁଦାନ ଜଗତ୍‌ସିଂହପୁର ବ୍ଲକକୁ ସ୍ଥାନାନ୍ତର

■ଏସ୍‌ପିଏଫ୍ ବିନିଯୋଗରେ ବିରିଡ଼ି ଓ ରଘୁନାଥପୁର ବ୍ଲକ ମନ୍ଥର ନେଇ ଅସନ୍ତୋଷ

■କାଳିଆ ଯୋଜନାରୁ ଜଣେ ବି ଚାଷୀ ବଞ୍ଚିତ ନ ହେବାକୁ ପରାମର୍ଶ

ବୈଠକ ପ୍ରାରମ୍ଭରେ ଏସ୍‌ପିଏଫ୍ ଉପରେ ସମୀକ୍ଷା ହୋଇଥିଲା। ଏସ୍‌ପିଏଫ୍‌ରେ ତିର୍ତ୍ତୋଲ ବ୍ଲକର ୨୦ ପ୍ରକଳ୍ପ ମଧ୍ୟରୁ ୧୧ଟି ସରିଥିବା କୁହାଯାଇଥିଲା। ବିରିଡ଼ି ବ୍ଲକକୁ ଦିଆଯାଇଥିବା ୧କୋଟି ୧୬ ଲକ୍ଷ ଟଙ୍କା ଅନୁଦାନ ମଧ୍ୟରୁ ମାତ୍ର ୨ ପ୍ରକଳ୍ପ ବାବଦ ୮ଲକ୍ଷ ଟଙ୍କା ଖର୍ଚ୍ଚ ଦର୍ଶାଯାଇଛି। ଏ ନେଇ ଦାସ ତୁରନ୍ତ କାର୍ଯ୍ୟ ସାରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ ପାଣ୍ଠିରେ ନାଉଗାଁର ୨୧ରୁ ୧୧ଟି ପ୍ରକଳ୍ପ ସରିଛି। ବାଲିକୁଦା ବ୍ଲକର ୨୧ ପ୍ରକଳ୍ପ ମଧ୍ୟରୁ ୧୦ ଚାଲିଥିବା ବେଳେ ୯ଟି ସରିଛି। ଜଗତ୍‌ସିଂହପୁର ବ୍ଲକର ୮୨ ପ୍ରକଳ୍ପ ମଧ୍ୟରୁ ୪ଟା ଫେରିଯାଇଛି। ୬୦ ସରିଥିବା ବେଳେ ଅବଶିଷ୍ଟ କାମ ଚାଲିଛି। ଏରସମାରେ ଏହି ପାଣ୍ଠି ସନ୍ତୋଷଜନକ ଭାବେ ବିନିଯୋଗ ହୋଇଛି। ରଘୁନାଥପୁରର ୨୧ରୁ ମାତ୍ର ୩ଟି ପ୍ରକଳ୍ପ ସରିଛି। ବଡକଥା ହେଲା ମନଇଛା କାମ ହୋଇଛି। ବୈଠକକୁ ରଘୁନାଥପୁର ବିଡିଓ ଆସିବା କଥା। କିନ୍ତୁ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଅନୁପସ୍ଥିତ ଥିଲେ। ତାଙ୍କ ସ୍ଥାନରେ ଏବିଡିଓ ଓ ସହକାରୀ ଯନ୍ତ୍ରୀ ଯୋଗ ଦେଇଥିଲେ ସୁଦ୍ଧା ସେମାନେ କୌଣସି ସନ୍ତୋଷଜନକ ଉତ୍ତର ରଖିପାରି ନ ଥିଲେ। ସମସ୍ତ ଦସ୍ତାବିଜ୍ ବିଡିଓଙ୍କ ପାଖରେ ଥିବାରୁ ସେ କୌଣସି ସୂଚନା ଦେଇପାରିବେ ନାହିଁ ବୋଲି କହିଥିଲେ। ଏହା ଶୁଣି ଯୋଜନା ବୋର୍ଡ ଉପାଧ୍ୟକ୍ଷ ଅସନ୍ତୋଷ ବ୍ୟକ୍ତ କରିବା ସହ ଜିଲାପାଳ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଆଇନ ଶୃଙ୍ଖଳା ଉପରେ ଆଲୋଚନା କରି ଆଳିପିଙ୍ଗଳଠାରେ ବାଲି ଚୋରା ଚାଲାଣ, ହାଇୱା ଦ୍ୱାରା ଅଧିକ ଦୁର୍ଘଟଣା ହେଉଥିବା ସୂଚନା ଦେଇଥିଲେ।

ବୈଠକରେ ଜିଲାପାଳ ଗୁହା ପୁନମ ତାପସ କୁମାର ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଜୁ ପକ୍କା ଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆମ ଗାଁ ଆମ ବିକାଶ, ମିଶନ ଶକ୍ତି, ମୋ ଘରେ ଏଲ୍‌ଇଡି ଲାଇଟ୍, ନିର୍ମାଣ ଶ୍ରମିକ ଯୋଜନାରେ ଅଗ୍ରଗତି ସମ୍ପର୍କରେ ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କୁ ଅବଗତ କରିଥିଲେ। ଏହି ଅବସରରେ ଗ୍ରାମାଞ୍ଚଳ ଗୃହ ନିର୍ମାଣ ଯୋଜନାରେ ଜିଲାରେ ୮୮୮୫ ଘର ମଧ୍ୟରୁ ୫୧୩୭ଟି ଘର ସମ୍ପୂର୍ଣ୍ଣ ହୋଇଥିବା ସମୀକ୍ଷାରୁ ଜଣାପଡିଥିଲା। ଏହାପରେ ଅନୁସୂଚିତ ଜନଜାତି ଓ ଜାତିଙ୍କ ଜାତିଆଣ ମାମଲା ଓ ପୀଡିତାଙ୍କୁ କ୍ଷତିପୂରଣ ରାଶି ବଣ୍ଟନ ସମ୍ପର୍କରେ ଆଲୋଚନା ହୋଇଥିଲା। କାଳି ଯୋଜନା ଓ ଜୀବିକା ମିଶନ ଆଦି ଉପରେ ସମୀକ୍ଷା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଅତିରିକ୍ତ ଏସ୍‌ପି ବିଶ୍ୱନାଥ ମିଶ୍ର, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜ ଗୋପାଳ ଆଚାର୍ଯ୍ୟ, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ କୈଳସ ଚନ୍ଦ୍ର ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ବାପାଙ୍କ ଅଭିଯୋଗ ମୋ ପୁଅକୁ ହତ୍ୟା କରାଯାଇଛି

**ବାଲିଆ,୨୭।୨**

ବିରିଡି ଥାନା ଅନ୍ତର୍ଗତ ବିରିଡି ଗ୍ରାମର ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ମୃତକ ହେଲେ ଗୋପାଳ ରାଓଦୋରାଙ୍କ ୨୬ ବର୍ଷର ପୁଅ ମନୋଜ ରାଓଦୋରା। ମନୋଜ 'କାଳିଜାଇ' ଧାରାବାହିକରେ ଲାଇଟ ମ୍ୟାନ ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର କଟକ ଜଗତ୍‌ପୁର ଅଞ୍ଚଳରେ ସୁଟିଂ ଚାଲୁଥିବାବେଳ ରାତି ପ୍ରାୟ ୧୧ଟାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଘର ଲୋକେ ଖବର ପାଇଥିଲେ। ତାଙ୍କ ମୃତ୍ୟୁ ବିଦ୍ୟୁତ୍ ଶର୍ଟ ଶର୍କିଟ ଯୋଗୁ ହୋଇଥିବା କାଳିଜାଇ ଧାରାବାହିକ ନିର୍ମାତା କହିଥିଲେ। ଏ କଥା ଶୁଣି ଘର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ ମୋ ପୁଅକୁ ନିର୍ଯାତନା ଦେଇ ମାରି ଦିଆଯାଇଥିବା ମନୋଜଙ୍କ ବାପା ଗୋପାଳ ଜଗତ୍‌ପୁର ଥାନାରେ ରାତିରେ ଅଭିଯୋଗ କରିଛନ୍ତି। ମନୋଜ ୩ ମାସ ହେବ ଲାଇଟ ମ୍ୟାନ କାର୍ଯ୍ୟ କରୁଥିଲେ। ଏଥି ମଧ୍ୟରେ ତାଙ୍କୁ ମୋଟ୍ ୪ ହଜାର ଟଙ୍କା ପାରିଶ୍ରମିକ ମିଳିଥିଲା। ଜବାବ ମୁତାବକ ପାରିଶ୍ରମିକ ମାଗିବାରୁ ତାଙ୍କୁ ଧାରାବାହିକ ମାଲିକ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏହି କାରଣରୁ ମନୋଜଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପା ଦର୍ଶାଇଛନ୍ତି। ପୋଲିସ ଅଭିଯୋଗ ପାଇବା ପରେ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ମନୋଜ ୩ ମାସ ହେବ ଧାରାବାହିକ ନିର୍ମାତାଙ୍କ ପାଖରେ ମାସକୁ ୧୦ ହଜାର ଟଙ୍କା ଦରମାରେ କାମ କରିବା ପାଇଁ ଯାଇଥିଲେ।

## ବାର୍ଦ୍ଧକ୍ୟ ଭତ୍ତା ଚୟନରେ ବୟସ ଜାଲିଆତି

**ତିର୍ତ୍ତୋଲ,୨୭।୨(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଅଧୀନ ସଅଁରା ପଞ୍ଚାୟତରେ ନୂତନ ବାର୍ଦ୍ଧକ୍ୟ ଭତ୍ତା ତାଲିକାରେ ୬୫ ଜଣଙ୍କୁ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣ ବୟସ ଜାଲିଆତି କରି ଏଥିରେ ସାମିଲ ହୋଇଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶରେ ସେହି ହିତାଧିକାରୀ ବୟସ ପ୍ରମାଣପତ୍ର ଦେଖାଇ ଭତ୍ତା ନେବା ପାଇଁ ବୁଧବାର ଦିନଧାର୍ଯ୍ୟ ହୋଇଥିଲା। ବ୍ଲକ ପରିସରରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅବଦୁଲ ୱାହିଦ ଖାନ ଉପସ୍ଥିତ ରହି ହିତାଧିକାରୀଙ୍କ ଆଧାରକାର୍ଡ ଦେଖି ଭତ୍ତା ପ୍ରଦାନ କରିଥିଲେ। ମାତ୍ର ୧୨ ଜଣ ସେମାନଙ୍କର ଆଧାରକାର୍ଡରେ ବୟସ ୬୦ ବର୍ଷରୁ ଅଧିକ ଦେଖାଇ ଭତ୍ତା ନେଇଥିଲେ। ଅନ୍ୟମାନେ କୌଣସି କାରଣରୁ ଭତ୍ତା ନେବାକୁ ଆସି ନ ଥିଲେ। କେତେଜଣ ସେମାନଙ୍କ ଆଧାରକାର୍ଡ ନ ଦେଖାଇବାରୁ ଭତ୍ତା ପ୍ରଦାନ କରାଯାଇନାହିଁ। ଏହି ନୂତନ ଭତ୍ତା ଚୟନରେ ଅନିୟମିତତା ହୋଇଥିବା ସନ୍ଦେହକରି ଜିଲା ସାମାଜିକ ସୁରକ୍ଷା ବିଭାଗ ଏହି ନିଷ୍ପତ୍ତି ନେଇଛି। ଏ ସମ୍ପର୍କରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଖାଁ କହିଛନ୍ତି, ବହୁ ହିତାଧିକାରୀ ନ ଆସିବାରୁ ସେମାନଙ୍କୁ ଭତ୍ତା ପ୍ରଦାନ କରାଯାଇ ନାହିଁ। ସମସ୍ତେ ନିଜ ଆଧାରକାର୍ଡର ବୟସ ପ୍ରମାଣପତ୍ର ଦେଖାଇ ଭତ୍ତା ନେବାକୁ କୁହାଯାଇଛି। ଯେଉଁମାନେ ବୟସ ପ୍ରମାଣ ପତ୍ର ନ ଦେଖାଇବେ ସେମାନଙ୍କୁ ଭତ୍ତା ପ୍ରଦାନ କରାଯିବ ନାହିଁ। ସାଧାରଣ ନିର୍ବାଚନ ପରେ ଏ ସମ୍ପର୍କରେ ବିଚାର କରାଯିବ।

## ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସାଇକେଲ ଶୋଭାଯାତ୍ରା

**ପାରାଦୀପ,୨୭।୨(ସ୍ୱ.ପ୍ର.)**

ବନ୍ଦର ଭିତ୍ତିକ ଶିଳ୍ପାଞ୍ଚଳ ପାରାଦୀପରେ ଏବେ ପ୍ରଦୂଷଣ ମାତ୍ରା ଚରମ ସୀମାରେ ପହଞ୍ଚିଛି। ସେହିପରି ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କେତେକ ସଂଗଠନ ବିରୋଧ ଜାରି ରଖିଛନ୍ତି। ଏହି ବିରୋଧରେ ସାମିଲ ହୋଇଛନ୍ତି ଆଗାମୀ ସାଧାରଣ ନିର୍ବାଚନରେ ପ୍ରାର୍ଥୀ ହେବାକୁ ଥିବା ଆଶାୟୀମାନେ। ସମ୍ପୃକ୍ତ ରାଜନେତାମାନେ ଦଳ ବ୍ୟତିରେକ ଭିନ୍ନ ସଂଗଠନ ମାଧ୍ୟମରେ ଉପସ୍ଥିତ ଜାହିର କରୁଥିବା ଦେଖିବାକୁ ମିଳୁଛି। ଜାନୁୟାରୀ ୧୩ରେ ବିଜେଡିର ଆଶାୟୀ ପ୍ରାର୍ଥୀ ତଥା ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ପ୍ରଦୂଷଣକୁ ନେଇ ପଥୋତ୍ସବ କରିଥିଲେ। ଏଥିରେ ବିଭିନ୍ନ ବର୍ଗର ଲୋକଙ୍କୁ ସାମିଲ କରାଯାଇଥିଲା। ଏହାପରେ ବୁଧବାର କଂଗ୍ରେସର ଆଶାୟୀ ପ୍ରାର୍ଥୀ ତଥା ଶ୍ରମିକ ନେତା ଅରିନ୍ଦମ ଦାସ(ବାପି) ଶର୍ଖେଲ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଏକ ବିଶାଳ ସାଇକେଲ ଶୋଭାଯାତ୍ରା କରିଛନ୍ତି। ଏହି ଶୋଭଯାତ୍ରା ପାରାଦୀପ-ଏରସମା ଶ୍ରମିକ ସଂଘ ପକ୍ଷରୁ ଆୟୋଜନ କରାଯାଇଥିଲା। ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ସାଇକେଲ ଆରୋହୀ ଯୋଗ ଦେଇଥିଲେ। ଶୋଭାଯାତ୍ରା ମଧୁବନ ବୃନ୍ଦାବନ କଲୋନୀ ମଙ୍ଗଳାପୀଠରୁ ବାହାରି ବ୍ୟାଙ୍କ ଲେନ୍ ଦେଇ ବଡ଼ ପଡ଼ିଆ ଥାନା ଛକ ନିକଟରେ ଶେଷ ହୋଇଥିଲା। ଶୋଭାଯାତ୍ରାବେଳେ ବାପି ଭାଇ ଜିନ୍ଦାବାଦ କରିଥିଲେ ସମର୍ଥକ। ଶର୍ଖେଲ କହିଥିଲେ, ପାରାଦୀପର ପାଣିପବନ ଦୂଷିତ ହୋଇଗଲାଣି। ଏଥିପ୍ରତି ଶିଳ୍ପ ସଂସ୍ଥାମାନେ ଯେତିକି ଧ୍ୟାନ ଦେବା କଥା ତାହା କରୁନାହାନ୍ତି। ପାରଦୀପ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଏହି ବିରୋଧ ଜାରି ରହିବ। ଶୋଭାଯାତ୍ରାରେ ପାରାଦୀପ ନାଗରିକ ମଞ୍ଚ ମୁଖ୍ୟ ତଥା ପ୍ରକୃତିବନ୍ଧୁ ଅୟସକାନ୍ତ ରାୟ ସାମିଲ ହୋଇଥିଲେ।


ସାଇକେଲ ଶୋଭାଯାତ୍ରାରେ ବାପି ସର୍ଖେଲ ଓ ଅନ୍ୟମାନେ।

## ରୋଗୀ କଲ୍ୟାଣ ସମିତି ବୈଠକ


ରୋଗୀ କଲ୍ୟାଣ ସମିତି ବୈଠକରେ ଉପସ୍ଥିତ ବିଧାୟକ ପ୍ରଶାନ୍ତ ମୁଦୁଲି ଓ ପ୍ରଶାସନିକ ଅଧିକାରୀମାନେ।

**ବଲିକୁଦା,୨୭।୨(ସ୍ୱ.ପ୍ର.)**

ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ମଙ୍ଗଳବାର ଦ୍ୱିତୀୟ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରୋଗୀ କଲ୍ୟାଣ ସମିତିର ଅଧ୍ୟକ୍ଷ ତଥା ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ମେଡିକାଲ ଭାରପ୍ରାପ୍ତ ଅଧିକ୍ଷକ ଡା. ସୁବାସ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ, ଜିଲାପରିଷଦ ସଦସ୍ୟା ବବିତା ସ୍ୱାଇଁ, ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ଏମ୍‌ପିଙ୍କ ପ୍ରତିନିଧି କମଳାକାନ୍ତ ମହାପାତ୍ର, ସିଡିପିଓ ସରଳା ଦେଇ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସସ୍ମିତା ମହାପାତ୍ର, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ବନ ବିହାରି ମହାରଣା ପ୍ରମୁଖ ଯୋଗଦଦେଇ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ବ୍ଲକ ଆକାଉଣ୍ଟ ମ୍ୟାନେଜର ମାନବେନ୍ଦ୍ର ଶତପଥୀ ଗତ ବର୍ଷର ଆୟବ୍ୟୟ ବିବରଣୀ ପାଠ କରିଥିଲେ। ଆସନ୍ତା ବର୍ଷ ପାଇଁ ବ୍ୟୟ ବରାଦର ଚିଠା ପ୍ରଦାନ କରିଥିଲେ। ମେଡିକାଲ ସଭାଗୃହର ନବୀକରଣ ସହିତ ଚତୁଃପାର୍ଶ୍ୱରେ ବିଭିନ୍ନ ପ୍ରକାର ବୃକ୍ଷରୋପଣ, ମେଡିକାଲରେ ଥିବା ରକ୍ତ ଭଣ୍ଡାରକୁ କାର୍ଯ୍ୟକ୍ଷମ କରିବା, ପ୍ରସୂତିଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଲେବର ରୁମ ଓ ଓଟିରେ ଆବଶ୍ୟକ ଉନ୍ନତ ଲଗାଇବା ପାଇଁ ପ୍ରସ୍ତାବ ଗ୍ରହଣ ହୋଇଥିଲା। ବ୍ଲକ ଡାଟା ମ୍ୟାନେଜର ସୌରଜିତ୍ ସାହୁ, ଡା.ଶୁଭଶ୍ରୀ ଦେବିକା ମହାନ୍ତି, ସକୁନ୍ତଳା ପରିଡା, ବିଶ୍ୱକେଶନ ଖୁଣ୍ଟିଆ, ଆଶିଷ ଜେନା, ସ୍ୱାସ୍ଥ୍ୟ ପରିଦର୍ଶକ ଶରତ ଚନ୍ଦ୍ର ଗିରି, ପ୍ରଭାସିନୀ ମହାରଣା, ଦୀପେନ ମଲ୍ଲିକ, ନିରଞ୍ଜନ ଓଝା, ରୋଗୀ କଲ୍ୟାଣ ସମିତି ସଦସ୍ୟ ବିଦ୍ୟୁଲତା ବିଶ୍ୱାଳ ପ୍ରମୁଖ ଯୋଗଦେଇ ଥିଲେ। ପିଏଚଇଓ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଦୁର୍ଘଟଣାରେ ଯୁବକ ମୃତ

**କୁଜଙ୍ଗ,୨୭।୨(ସ୍ୱ.ପ୍ର.)**

କଟକ-ପାରାଦୀପ ରାସ୍ତାର କୁଜଙ୍ଗ ସନ୍ନିକଟ ଷଣ୍ଢପୁର ନିକଟରେ ବୁଧବାର ସନ୍ଧ୍ୟା ୭ଟାରେ ଏକ ଅଜଣା କାର୍ ଧକ୍କାରେ କୁଜଙ୍ଗ ବ୍ଲକ ଜିଲାନାସୀ ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜୟଦେବ ଓଝାଙ୍କ କନିଷ୍ଠ ପୁଅ ରାଜକିଶୋର ଓଝା ଓରଫ୍ (୨୩)। ପ୍ରତିଦିନ ପରି କୁଜଙ୍ଗ ହୁଣ୍ଡା ଶୋରୁମ୍‌ରୁ କାମ ସାରି ଘରକୁ ଫେରୁଥିବାବେଳେ ଦ୍ରୁତଗତିରେ ଯାଉଥିବା କାର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ତାଙ୍କୁ କୁଜଙ୍ଗ ମେଡିକାଲକୁ ନିଆଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ମଣିଜଙ୍ଗା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ମଣିଜଙ୍ଗାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ କୁଜଙ୍ଗ ସମେତ ସ୍ଥାନୀୟ ଗ୍ରାମରେ ପ୍ରବଳ ଉତ୍ତେଜନା ଦେଖା ଦେଇଥିଲା। ରାଜା ଗ୍ରାମର ଜଣେ ଉଦ୍ୟୀୟମାନ ଯୁବକ ଥିଲେ। ଜିଲାନାସୀ ସରପଞ୍ଚ ପ୍ରମୋଦ ସ୍ୱାଇଁ, ଯୁବ ସାମାଜିକ କର୍ମୀ ପ୍ରମୋଦ ସାମନ୍ତରାୟ, ହୁଣ୍ଡା ଶୋରୁମ୍ ପରିଚାଳକ ଅଜୟ ସାହୁ ଓ ତାଙ୍କ ସହଯୋଗୀ କର୍ମଚାରୀ ସ୍ୱପ୍ନେଶ ସେଠୀ ପ୍ରମୁଖ ଶୋକ ବ୍ୟକ୍ତ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

## ରଘୁନାଥପୁର-ବାସନ୍ଦରା କଲଭର୍ଟ ବିପଦସଙ୍କୁଳ

**ବିରିଡ଼ି,୨୭।୨(ଡି.ଏନ.ଏ.)**

ବିରିଡ଼ି ଗ୍ରାମ୍ୟ ଉନ୍ନୟନ ସେକ୍ସନ ଅଧୀନ ରଘୁନାଥପୁର-ବାସନ୍ଦରା ଆରଡି ରାସ୍ତାଟି ବମ୍ଫିଲୋ ଶାଖା କେନାଲ ଉପରେ ଯାଇଛି। ଏଣୁ ବମ୍ଫିଲୋ ଶାଖା କେନାଲର ଅଲ୍ଲୀପଡ଼ାଠାରେ ଏକ କଲଭର୍ଟ ନିର୍ମାଣ କରାଯାଇଥିଲା। ଉକ୍ତ ରାସ୍ତାଟି କଟକ ଜିଲାର ଗୋବିନ୍ଦପୁର ଅଞ୍ଚଳକୁ ସଂଯୋଗ କରୁଥିବାରୁ ଏହି ବାଟେ ଭାରୀ ଓ ହାଲୁକାଯାନ ଚଳାଚଳ କରୁଛି। ତେଣୁ କଲଭର୍ଟଟି ବିପଦ ସଙ୍କୁଳ ହୋଇପଡିଛି। କଲଭର୍ଟ ବାଟ ମଧ୍ୟ ଗାଡି ଧକ୍କାରେ ଭାଙ୍ଗିପଡ଼ି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଅନ୍ଧାର ରାତିରେ ଗାଡ଼ିଚାଳକ ଭାରସାମ୍ୟ ହରାଇ କେନାଲ ମଧ୍ୟକୁ ଖସି ପଡୁଛନ୍ତି। ଏଭଳି ଦୈନିକ ଛୋଟ ଛୋଟ ଦୁର୍ଘଟଣା ଘଟୁଛି। ଏ ସମ୍ବନ୍ଧରେ ସ୍ଥାନୀୟ ଲୋକେ ଜଳସେଚନ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅବଗତ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସୁଫଳ ମିଳି ପାରିନାହିଁ। ଏ ସଂକ୍ରାନ୍ତରେ ତୁରନ୍ତ ଜଳସେଚନ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ତଦନ୍ତ କରି ବିହୀତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

ଭିନ୍ନକ୍ଷମ ବ୍ୟକ୍ତିବିଶେଷ (ଦିବ୍ୟାଙ୍ଗଜନ) ସଶକ୍ତୀକରଣ ବିଭାଗ
ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ
ଭାରତ ସରକାର

ଦୀନଦୟାଲ ଭିନ୍ନକ୍ଷମ ପୁନର୍ବାସ ଯୋଜନା (ଡିଡିଆର୍‌ଏସ୍) ଉପରେ ଜାତୀୟ ସମ୍ମିଳନୀ

ତାରିଖ: ୦୧ ମାର୍ଚ୍ଚ, ୨୦୧୯ ସମୟ: ପୂର୍ବାହ୍ନ ୯.୩୦ ଘଟିକା ପରଠାରୁ
ସ୍ଥାନ: ଡକ୍ଟର ଆମ୍ବେଦକର ଇଣ୍ଟରନ୍ୟାଶନାଲ ସେଣ୍ଟର
(ଭୀମ ଅଡିଟୋରିୟମ୍), ୧୫ ଜନପଥ, ନୂଆଦିଲ୍ଲୀ

ମୁଖ୍ୟ ବୈଶିଷ୍ଟ୍ୟାବଳୀ

ଦୀନଦୟାଲ ଭିନ୍ନକ୍ଷମ ପୁନର୍ବାସ ଯୋଜନା (ଡିଡିଆର୍‌ଏସ୍) ପ୍ରାଥମିକ ହସ୍ତକ୍ଷେପ, ବିଶେଷ ଶିକ୍ଷା ଏବଂ ଗୋଷ୍ଠୀ ସହାୟତା ଇତ୍ୟାଦି କ୍ଷେତ୍ରରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପୁନର୍ବାସ ପାଇଁ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇଥାଏ।

➢ ଯୋଜନାକୁ ସଂଶୋଧିତ କରାଯାଇଛି ଏବଂ ଆର୍ଥିକ ସହାୟତାର ପରିମାଣକୁ ୨.୫ ଗୁଣ ବୃଦ୍ଧି କରାଯାଇଛି ।
➢ ପ୍ରକଳ୍ପ ରୂପାୟନ ଏଜେନ୍ସିଗୁଡ଼ିକ ଏବେ ଅନୁମତିଯୋଗ୍ୟ ଅନୁଦାନର ୯୦% ପାଇଁ ହକ୍‌ଦାର ହେବ। ବିଶେଷ କ୍ଷେତ୍ର (ଯୋଜନାରେ ବିନିର୍ଦ୍ଦିଷ୍ଟ) ମାମଲାରେ ୧୦୦% ଅନୁମତିଯୋଗ୍ୟ ହେବ।
➢ ଦରଖାସ୍ତ ଦାଖଲ ପାଇଁ ଅନ୍‌ଲାଇନ୍ ପୋର୍ଟାଲ୍ ଇ-ଅନୁଦାନକୁ ସରଳୀକୃତ କରାଯାଇଛି।
➢ ଦରଖାସ୍ତ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ସୁପାରିସ ପଠାଇବାର ପ୍ରକ୍ରିୟାକୁ ସରଳୀକୃତ କରାଯାଇଛି।

ଯୋଜନାର ସବିଶେଷ ସୂଚନା ଏହି ବିଭାଗର ୱେବ୍‌ସାଇଟ୍
www.disabilityaffairs.gov.inରେ ଉପଲବ୍ଧ

davp 38117/13/0133/1819

**ସଂକ୍ଷେପରେ**

## ମାର୍ଚ୍ଚ ୨ରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର କରିବେ ଅନଶନ

**କେନ୍ଦ୍ରାପଡା ଅଫିସ,୨୭।୨**-ବର୍ଷାଜନିତ କ୍ଷତିପୂରଣ ଦାବିରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ମାର୍ଚ୍ଚ ୨ରୁ ଅନଶନ କରିବେ। ଏନେଇ ସେ ଏକ ଲିଖିତ ଦାବିପତ୍ର ମଙ୍ଗଳବାର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଅନଶନ ସମ୍ପର୍କରେ କଂଗ୍ରେସ ମିଡିଆ ସେଲ ସମ୍ପାଦକ ସମ୍ବିତ ଶ୍ରୀଚନ୍ଦନ ସୂଚନା ଦେଇଛନ୍ତି ଯେ, ଗତ ୨୦୧୮ ମେ ଓ ଜୁନରେ ଲଗାଣ ବର୍ଷା ହୋଇଥିଲା । ବର୍ଷା ଯୋଗୁ ଜିଲାରେ ବହୁ ଖରିଫ ଧାନ ଫସଲ ନଷ୍ଟ ହୋଇଥିଲା। ମାତ୍ର ତଦନ୍ତ ସମୟରେ ଜିଲା ପ୍ରଶାସନର ଅବହେଳା ଯୋଗୁ ବହୁ ଚାଷୀ ଏପର୍ଯ୍ୟନ୍ତ କ୍ଷତିପୂରଣ ପାଇନାହାନ୍ତି। ଆସନ୍ତା ୨ ଦିନ ମଧ୍ୟରେ କ୍ଷତିପୂରଣ ପ୍ରଦାନ କରା ନଗଲେ ପୂର୍ବତନ ମନ୍ତ୍ରୀ ବେହେରା ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ଅଲିଭ୍ ରିଡ୍‌ଲେଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା

## ସାମିଲ ହେଲେ ୩୦ ହଜାର କଇଁଛ

**ରାଜନଗର, ୨୭।୨ (ଡି.ଏନ୍.ଏ.)**

ରାଜନଗର ବ୍ଲକସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବାବୁବାଲି ଦ୍ୱୀପରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ବୁଧବାର ବେଳାଭୂମିରେ ୩୦ ହଜାର କଇଁଛ ସମୂହ ଅଣ୍ଡାଦାନରେ ସାମିଲ ହୋଇଥିଲେ। ଗୋଟିଏ କଇଁଛ ପ୍ରାୟ ୮୦ରୁ ୧୦୦ ଅଣ୍ଡାଦାନ କରୁଥିବା ଦେଖାଯାଉଛି। ପାଗ ଅନୁକୂଳ ଥିବାରୁ ଲକ୍ଷ ଲକ୍ଷ କଇଁଛ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହେବାର ସମ୍ଭାବନା ରହିଛି। ଫଳରେ ରାଜନଗର ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ବନ ଅଧିକାରୀମାନେ ବିଭିନ୍ନ ସ୍ଥାନରେ କ୍ୟାମ୍ପ କରି କଇଁଛଙ୍କ ସୁରକ୍ଷା ଦିଗରେ ଦୃଷ୍ଟି ଦେଉଛନ୍ତି। ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ଗହୀରମଥା ଅତିରିକ୍ତ ବନ ସଂରକ୍ଷକ ଶ୍ରୀରାମପଦ ଅରବିନ୍ଦ ମିଶ୍ର, ବରିଷ୍ଠ ଏସିଏଫ୍‌ଓ ପ୍ରଦୋଷ ପଟ୍ଟନାୟକ, ହରେକୃଷ୍ଣ ମଲ୍ଲିକ. ବିଜୟ କୁମାର ପରିଡ଼ା, ଅମରେଶ ନାଥ ପ୍ରମୁଖ ଗହୀରମଥା ବନ କର୍ମଚାରୀଙ୍କ ସହ କଇଁଛଙ୍କ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି।



ସୂଚନାଯୋଗ୍ୟ, ଅଲିଭ ରିଡଲେଙ୍କ ଅନ୍ତୁଡିଶାଳ ଭାବେ ପରିଚିତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଗତ ଶୁକ୍ରବାରଠାରୁ କଇଁଛଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ରାୟ ୫ଶହ କଇଁଛ ସମୂହ ଅଣ୍ଡାଦାନ କରିଥିଲେ। ଏହି ପ୍ରକ୍ରିୟା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲିବ ବୋଲି ଅତିରିକ୍ତ ବନ ସଂରକ୍ଷକ ଶ୍ରୀରାମପଦ ଅରବିନ୍ଦ ମିଶ୍ର ସୂଚନା ଦେଇଛନ୍ତି। ଏହି ବିରଳ କଇଁଛମାନେ ଏହାକୁ ନିରାପଦ ସ୍ଥଳ ଭାବି ଯୋଜନ ଯୋଜନ ସାମୁଦ୍ରିକ ପଥ ଅତିକ୍ରମ କରି ଏଠାକୁ ଅଣ୍ଡାଦାନ କରିବାକୁ ଆସିଥାନ୍ତି। ଫଳରେ ପ୍ରତିବର୍ଷ ନଭେମ୍ବର ୧ରୁ ମେ ମାସ ୩୧ ପର୍ଯ୍ୟନ୍ତ ଏହି ଅଭୟାରଣ୍ୟ ଓ ଏହାର ଆଖପାଖ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥାଏ।

## ଅସନ୍ତୁଷ୍ଟ ଭାଜପା କର୍ମକର୍ତ୍ତାଙ୍କ ବନ୍ଧୁମିଳନ



ବନ୍ଧୁ ମିଳନ ସମାବେଶରେ ଅସନ୍ତୁଷ୍ଟ ଭାଜପା କର୍ମୀମାନେ।

**ମହାକାଳପଡ଼ା, ୨୭।୧ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ରାମନଗରସ୍ଥିତ ମା'ରାମଚଣ୍ଡୀ ପୀଠ ପରିସରରେ ଅସନ୍ତୁଷ୍ଟ ଭାଜପା କର୍ମକର୍ତ୍ତାଙ୍କ ବନ୍ଧୁମିଳନ ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅସନ୍ତୁଷ୍ଟ କର୍ମୀଙ୍କ ମଧ୍ୟରେ ଏକ କମିଟି ଗଠନ କରାଯାଇଥିଲା। ତ୍ରିଲୋଚନ ସ୍ୱାଇଁଙ୍କୁ ସର୍ବସମ୍ମତି କ୍ରମେ କମିଟିର ସଭାପତି ଭାବେ ନିର୍ବାଚିତ କରାଯାଇଥିଲା। ବରିଷ୍ଠ ଭାଜପା ନେତା ଇଂ. ଜ୍ଞାନଦେବ ବେଉରାଙ୍କ କାର୍ଯ୍ୟଧାରାକୁ ପ୍ରଶଂସା କରାଯିବା ସହ ଆଗାମୀ ଦିନରେ ତାଙ୍କହାତ ମୁଠାକୁ ଟାଣ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଲଳିତ ରାୟ, ବିଘ୍ନେଶ୍ୱର ସେଠୀ, ଅର୍ଜ୍ଜୁନ ମଣ୍ଡଳଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମୀ ଏଠାରେ ଯୋଗଦେଇଥିଲେ।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**କେନ୍ଦ୍ରାପଡା ଅଫିସ,୨୭।୨**

ଜିଲା ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ କେନ୍ଦ୍ରାପଡା ବ୍ଲକ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଦ୍ୱିତୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ କେନ୍ଦ୍ରାପଡ଼ା ବିଧାୟକ କିଶୋର ଚନ୍ଦ୍ର ତରାଇ, ଜିଲା ପରିଷଦ ସଭାପତି ମାନସ କୁମାର ପରିଡ଼ା, ବିଡିଓ ସୁଧୀର କୁମାର ସିଂ, ବିଭାଗୀୟ ଜିଲା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଭିନ୍ନକ୍ଷମଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହିତ ୧୯୯୮ ମଞ୍ଜୁରୀପ୍ରାପ୍ତ ହିତାଧିକାରୀଙ୍କ ମଧ୍ୟରୁ କେତେଜଣଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏଥିସହିତ ବ୍ଲକ ଅଞ୍ଚଳର ପ୍ରଥମ ଶିବିରର ଚିହ୍ନଟ ହିତାଧିକାରୀଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ, ଅରବିନ୍ଦ ମିଶ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ। ପ୍ରାରମ୍ଭରେ ପୁଲ୍‌ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ଏଥିରେ ହିତାଧିକାରୀଙ୍କ ସହ ଲୋକପ୍ରତିନିଧିମାନେ ସାମିଲ ହୋଇଥିଲେ।



ଶିବିରରେ କେତେଜଣ ଭିନ୍ନକ୍ଷମଙ୍କୁ ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଉଛି।

### ମହମ୍ମଦ ସାହିଦ କ୍ରିକେଟ ଟୁର୍ନାମେଣ୍ଟ

## କଣ୍ଟେଶ୍ୱରୀକୁ ହରାଇ ଗୋପ ଆଇସିଏଲ୍ ଚାମ୍ପିୟନ

**ଆଳି, ୨୭।୨ (ଡି.ଏନ୍.ଏ.)**

ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତର ଗୋପ-ପଦନପୁର ପଡ଼ିଆଠାରେ ଚାଲିଥିବା ମହମ୍ମଦ ସାହିଦ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମା'କଣ୍ଟେଶ୍ୱରୀ କ୍ଲବ ଓ ଗୋପ ଆଇସିଏଲ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଗୋପ ଆଇସିଏଲ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୬୦ ରନ୍ ସଂଗ୍ରହ କରିଥିଲା। ଜବାବରେ ମା'କଣ୍ଟେଶ୍ୱରୀ ଟିମ୍ ୧୦ ଓଭରରେ ୧୨୦ ରନ୍ ସଂଗ୍ରହ କରି ମ୍ୟାଚ୍ ହାରିଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବେ ଆଳି ବିଧାୟକ ଦେବେନ୍ଦ୍ର ଶର୍ମା ଯୋଗଦେଇ ଗୋପ ଆଇସିଏଲକୁ ଚାମ୍ପିୟନ ଟ୍ରଫି ସହ ନଗଦ ୬ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ସେହିପରି କଣ୍ଟେଶ୍ୱରୀ କ୍ଲବକୁ ରନର୍ସଅପ ଟ୍ରଫି ସହିତ ୪ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେକ ଆତିଫ, ସେକ ପାକୋ, ସେକ ମୁନ୍ନା, ସେକ ଅଲିମ, ସେକ ଏହେସାନ, କାଲା, ସେକ ଗୋରା, ଫତିଉଲା ଫଏଜାନ, ସେର ଅଲ୍ଲୀ, ସେକ ରମି ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଟିମ୍‌ର ଖେଳାଳିମାନେ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୮ ଫେବୃୟାରୀ, ୨୦୧୯



## ସଂକ୍ଷେପରେ

### ୪୦ ତୀର୍ଥଯାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ

ସୁସ୍ଥ ହେବାପରେ ଘରକୁ ଫେରିଲେ

**ଟାଙ୍ଗୀ(ଖୋର୍ଦ୍ଧା),୨୭।୨(ଡି.ଏନ.ଏ.):** ମଙ୍ଗଳବାର ବିଳମ୍ବିତ ରାତିରେ ଖାଦ୍ୟ ଖାଇ ୪୦ ତୀର୍ଥଯାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସମସ୍ତଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହେବା ପରେ ସମସ୍ତେ ଘରକୁ ଫେରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା କୋଟା ଭୋମାଲୀ ଗ୍ରାମର ତୀର୍ଥଯାତ୍ରୀମାନେ ଏକ ଘରୋଇ ବସ୍ ଶ୍ରୀକ୍ଷେତ୍ରରେ କୁମ୍ଭମେଳା ଅଭିମୁଖେ ଯାତ୍ରା କରୁଥିଲେ । ବସ୍‌ରେ ବସିବା ପୂର୍ବରୁ ସେମାନେ ସ୍ଥାନୀୟ ଏକ ମନ୍ଦିରରେ ରାତ୍ରିଭୋଜନ କରିଥିଲେ। ଭୋଜନରେ ଇଡିଲ୍, ସାମ୍ବର ଓ ଚଟଣୀ ଇତ୍ୟାଦି ଖାଇଥିଲେ । ତେବେ ରାତି ୨ ଟା ବେଳେ ସେମାନଙ୍କ ମଧ୍ୟରୁ ଜଣକ ପରେ ଜଣେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଗୁରୁତର ଯାତ୍ରୀଙ୍କୁ ଡ୍ରାଇଭର ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମାତ୍ର ନର୍ସ ରହିଥିବାରୁ ଚିକିତ୍ସା ପ୍ରଦାନରେ ସମସ୍ୟା ସୃଷ୍ଟି ହୋଇଥିଲା। ତଥାପି ବୁଧବାର ମଧ୍ୟାହ୍ନ ସୁଦ୍ଧା ଅସୁସ୍ଥ ତୀର୍ଥଯାତ୍ରୀମାନେ ସୁସ୍ଥ ହେବା ପରେ ଆଉ କୁମ୍ଭମେଳାକୁ ନ ଯାଇ ନିଜ ଗ୍ରାମକୁ ଫେରିଯାଇଥିବା ସୂଚନା ମିଳିଛି।

### ମହିଳାଙ୍କ ପ୍ରତି ବିଜେଡି ସମ୍ମାନ ନାହିଁ

**ଭୁବନେଶ୍ୱର, ୨୭।୨(ବ୍ୟୁରୋ):** ମହିଳା କମିଶନ ସଦସ୍ୟା ବିଜେଡି ବିଧାୟକଙ୍କ ଦ୍ୱାରା ନିର୍ଯାତିତା ହେଉଛନ୍ତି । ଏଥିରୁ ଜଣାପଡୁଛି ରାଜ୍ୟରେ ମହିଳାମାନେ କେତେ ସୁରକ୍ଷିତ । ମହିଳାଙ୍କୁ ଯିଏ ସୁରକ୍ଷା ଦେବା କଥା ସେ ନିଜେ ଦୁର୍ବ୍ୟବହାରର ଶିକାର ହେଉଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ମହିଳାଙ୍କୁ ସମ୍ମାନ ରାଜନୈତିକ ପ୍ରତିବଦ୍ଧତା ନୁହେଁ ବରଂ ସେମାନଙ୍କୁ ମୋହରା କରି ଡ୍ରାମା ଓ ନାଟକ ମାଧ୍ୟମରେ ସମର୍ଥନ ହାସଲ କରିବା ଗୋଟିଏ ମାତ୍ର କାମ ବୋଲି ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡ଼ା ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଭାତୀ ଏହା କହିଛନ୍ତି ।

### ଇଂଲିଶ ପରୀକ୍ଷା ବାତିଲ ପରେ ପରୀକ୍ଷାର୍ଥୀଙ୍କ ଧାରଣା

**ସଇଁତଲା,୨୭।୨(ଡି.ଏନ୍.ଏ.):** ରାଜ୍ୟର ୩ ପରୀକ୍ଷା କେନ୍ଦ୍ରରେ ସମୂହ କପି ହୋଇଥିବା ଦର୍ଶାଇ ବୋର୍ଡ ପକ୍ଷରୁ ସମ୍ପୃକ୍ତ କେନ୍ଦ୍ରଗୁଡ଼ିକରେ ଇଂଲିଶ ପରୀକ୍ଷା ବାତିଲ କରାଯାଇଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଛି। ଫଳରେ ସଇଁତଲା ବ୍ଲକ ଘୁନ୍‌ସର ସରକାରୀ ନୋଡାଲ କେନ୍ଦ୍ରରେ ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ର ଚିନ୍ତାରେ ପଡ଼ିଛନ୍ତି। ବୋର୍ଡର ଏହି ନିଷ୍ପତ୍ତି ପ୍ରତିବାଦରେ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରକୁ ଆସିଥିବା ୨ ବୋର୍ଡ ସ୍କ୍ୱାଡ୍‌ଙ୍କୁ ଅଟକ ରଖି ସ୍କୁଲ ସମ୍ମୁଖରେ ଧାରଣା ଦେଇଥିଲେ। ସୋମବାର ଘୁନସର ପରୀକ୍ଷା କେନ୍ଦ୍ରରେ ସମୂହ କପି ହୋଇଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ହଇଚଇ ସୃଷ୍ଟି ହୋଇଥିଲା। ପରେ ସମୂହ କପି ହୋଇଥିବା ଦର୍ଶାଇ ବୋର୍ଡ ପକ୍ଷରୁ ୩ ପରୀକ୍ଷା କେନ୍ଦ୍ରର ଇଂଲିଶ ପରୀକ୍ଷାକୁ ବାତିଲ କରାଯାଇଥିବା ସୂଚନା ଦିଆଯାଇଥିଲା। ଅନ୍ୟପକ୍ଷେ ଘୁନସର ହାଇସ୍କୁଲର ୨୨୨ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। ପରୀକ୍ଷାର୍ଥୀଙ୍କ କହିବା ଅନୁସାରେ, ସ୍ୱଚ୍ଛ ଓ କପିମୁକ୍ତ ପରୀକ୍ଷା ପରିଚାଳନା ଦାୟିତ୍ୱ ବୋର୍ଡର। ତେବେ ବୋର୍ଡ ନିଜ ଦାୟିତ୍ୱ ତୁଲାଇବାରେ ଫେଲ୍ ମାରିଛି। ଯଦି କେହି କପି ଯୋଗାଇଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। କୌଣସି ଏକ ଭିଡିଓକୁ ଦେଖି ଓ ପର୍ଯ୍ୟାପ୍ତ ତଦନ୍ତ ନ କରି ଘୁନ୍‌ସର ପରୀକ୍ଷା କେନ୍ଦ୍ରର ସମସ୍ତ ପରୀକ୍ଷାର୍ଥୀଙ୍କ ଇଂଲିଶ ପରୀକ୍ଷା ବାତିଲ କରିବା ଦୁର୍ଭାଗ୍ୟଜନକ ବୋଲି ପରୀକ୍ଷାର୍ଥୀ ଓ ଅଭିଭାବକମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଯଦି ଇଂଲିଶ ପରୀକ୍ଷା ପୁଣିଥରେ କରିବାକୁ ବୋର୍ଡ କର୍ତ୍ତୃପକ୍ଷ ନିଷ୍ପତ୍ତି ନେବେ ତେବେ ଆଗକୁ ଥିବା ଆଉ କୌଣସି ବିଷୟରେ ପରୀକ୍ଷା ଦେବୁ ନାହିଁ ଏବଂ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଧାରଣାରତ ପରୀକ୍ଷାର୍ଥୀମାନେ କହିଛନ୍ତି। ରାଜ୍ୟର ୩ ପରୀକ୍ଷା କେନ୍ଦ୍ରର ୬୭୫ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ନଷ୍ଟ କରିବା ଆଗରୁ ବୋର୍ଡ ଉଚିତ ତଦନ୍ତ କରିବାକୁ ପରୀକ୍ଷାର୍ଥୀମାନେ ଅନୁରୋଧ କରିଛନ୍ତି।

# ସବୁ ଦଳରେ ଆଶାୟୀଙ୍କ ଲମ୍ବାଧାଡ଼ି




**ରାକେଶ କୁମାର ରାଉତ**
**ଫୁଲବାଣୀ ଅଫିସ, ୨୭।୨**

କନ୍ଧମାଳ ଜିଲାର ତିନିଟି ବିଧାନସଭା କ୍ଷେତ୍ରରୁ ଫୁଲବାଣୀ ନିର୍ବାଚନ ମଣ୍ଡଳୀ ଅନ୍ୟତମ । ଗତ ୪ଟି ନିର୍ବାଚନରେ ବିଜେଡି ଅକ୍ତିଆରରେ ଏହା ରହିଛି । ଏଥର ମଧ୍ୟ ଦଳ ଜିତିବା ଲକ୍ଷ୍ୟରେ ରହିଛି । ରାଜ୍ୟର ଅନ୍ୟ ଦୁଇ ପ୍ରମୁଖ ଦଳ ମଧ୍ୟରୁ ଭାଜପା ଏଠାରେ ଦ୍ୱିତୀୟ ସ୍ଥାନରେ ରହୁଥିବା ବେଳେ କଂଗ୍ରେସ ତା' ପଛକୁ ରହିଛି । ଗତ ୪ଟି ନିର୍ବାଚନରେ ବିଜେଡି କାହାକୁ ଦ୍ୱିତୀୟ ଥର ଟିକେଟ ଦେଇନାହିଁ। ସବୁଥର ନୂଆ ପ୍ରାର୍ଥୀଙ୍କୁ ଟିକେଟ ଦେଉଛି । ସେହି କ୍ରମରେ ୨୦୧୯ ନିର୍ବାଚନରେ ଲୋକେ ନୂଆ ବିଧାୟକଙ୍କୁ ଦେଖିବେ ବୋଲି ଆଶା ରଖିଛନ୍ତି । କିନ୍ତୁ ଏଥର ପୂର୍ବ ଫର୍ମୁଲା ପରିବର୍ତ୍ତନ ହୋଇ ବର୍ତ୍ତମାନର ବିଧାୟକ ଦୁଗୁନି କହଁରଙ୍କୁ ପୁଣି ଟିକେଟ ମିଳିପାରେ ବୋଲି ମଧ୍ୟ ଆଲୋଚନା ହେଉଛି। ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବା ପାଇଁ ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସରେ ଆଶାୟୀଙ୍କ ଲମ୍ବା ଧାଡି ଲାଗିଛି ।

୨୦୦୯ ସୀମା ନିର୍ଦ୍ଧାରଣ ବେଳେ ଫୁଲବାଣୀ ନିର୍ବାଚନମଣ୍ଡଳୀରେ ଚକାପାଦ ବ୍ଲକ ମିଶ୍ରଣ ହୋଇଥିଲା । ହରଭଙ୍ଗା ବ୍ଲକ କଟି ବୌଦ୍ଧରେ ମିଶିଥିଲା। ଫୁଲବାଣୀ ବ୍ଲକ, ଫୁଲବାଣୀ ପୌର ପରିଷଦ, ଖଜୁରିପଡା, ଚକାପାଦ ଓ ଫିରିଙ୍ଗିଆ ବ୍ଲକକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ । ପୂର୍ବରୁ ଏହା ଅନୁସୂଚିତ ଜାତି(ଏସ୍‌ସି) ପାଇଁ ସଂରକ୍ଷିତ ଥିବା ବେଳେ ୨୦୦୯ ସୀମା ପୁନର୍ଗଠନ ପରଠାରୁ ଅନୁସୂଚିତ ଜନଜାତି(ଆଦିବାସୀ) ବର୍ଗଙ୍କ ପାଇଁ ସଂରକ୍ଷିତ ହୋଇଛି ।

୨୦୦୦ ମସିହାରୁ ଫୁଲବାଣୀ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ହାତରେ ରହିଛି । ଭୋଟ ବ୍ୟବଧାନକୁ ଲକ୍ଷ୍ୟ କଲେ ଗତ ୨ଟି ନିର୍ବାଚନରେ କଂଗ୍ରେସକୁ ପଛରେ ପକାଇ ଭାଜପା ଦ୍ୱିତୀୟ ସ୍ଥାନକୁ ଉଠିଛି । ବର୍ତ୍ତମାନର ପରିସ୍ଥିତିକୁ ଦେଖିଲେ ୩ ପ୍ରମୁଖ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି କୁହାଯାଉଛି । ବିଜେଡିରେ ବର୍ତ୍ତମାନର ବିଧାୟକ ଦୁଗୁନି କହଁରଙ୍କୁ ଦଳ ପୁଣି ଥରେ ପ୍ରାର୍ଥୀ କରିବା ନେଇ ଆଲୋଚନା ହେଉଛି। ହେଲେ ଅନ୍ୟ ଆଶାୟୀମାନେ ବି ଟିକେଟ ପାଇବା ପାଇଁ ଦାବିଦାର ଅଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ପୌରାଧ୍ୟକ୍ଷ ରାଜେନ୍ଦ୍ର କହଁର । ଯଦି ମୁଖ୍ୟମନ୍ତ୍ରୀ ମହିଳା କାର୍ଡ ଖେଳିବେ, ତା' ହେଲେ ସବୁଠୁ ଆଗରେ ରହିବେ ଜିଲା ବିଜେଡି ମହିଳା ସଭାନେତ୍ରୀ ଅନିମା କହଁର। ସେହିପରି ବ୍ୟାଙ୍କ ଚାକିରି ଛାଡି ନିର୍ବାଚନକୁ ଓହ୍ଲାଇବାକୁ ନବୀନ ଚନ୍ଦ୍ର କହଁର ମଧ୍ୟ ଆଶା ରଖିଛନ୍ତି। ଅପରପକ୍ଷେ ଉମା ଚରଣ ମଲ୍ଲିକ, ପୂର୍ବତନ ଫୁଲବାଣୀ ବ୍ଲକ ଅଧ୍ୟକ୍ଷ ଚକ୍ର କହଁର ମଧ୍ୟ ବିଜେଡି ଟିକେଟ୍ ପାଇବାକୁ ଆଶା ରଖିଛନ୍ତି। ଭାଜପା କଥା ଦେଖିଲେ ଗତ ଦୁଇଟି ନିର୍ବାଚନରେ ଦେବନାରାୟଣ ପ୍ରଧାନଙ୍କୁ ଦଳ ପ୍ରାର୍ଥୀ କରିଛି। ଦେବନାରାୟଣ ୨୦୦୯ରେ ବିଜେଡି ବିଧାୟକ ଦେବେନ୍ଦ୍ର କହଁର ଓ ୨୦୧୪ରେ ଦୁଗୁନି କହଁରଙ୍କଠାରୁ ହାରିଥିଲେ ହେଁ ଭାଜପା ଦୁଇ ନମ୍ବର ସ୍ଥାନକୁ ଯାଇଥିଲା । ଏଥର ବି ସେ ଆଶାୟୀ ଅଛନ୍ତି । ତାଙ୍କ ପଛକୁ ରଘୁପତି କହଁର, ପବିତ୍ର କହଁର ଓ ଗୋଲୋକ ବିହାରୀ କହଁର ଆଶାୟୀ ଅଛନ୍ତି। କଂଗ୍ରେସ କଥା ଦେଖିଲେ, ୧୯୮୫ରୁ ଏଠାରେ କଂଗ୍ରେସ ବିଜୟୀ ହୋଇ ପାରିନାହିଁ । ଗତ ଥର ନିର୍ବାଚନ ଲଢ଼ିଥିବା ସୁଦର୍ଶନ କହଁର ଏଥର ମଧ୍ୟ ଆଶାୟୀ ରହିଛନ୍ତି । କିଶୋର କହଁର, ଘନ ଶବର, ମହିଳା ନେତ୍ରୀ ତଥା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସଂଯୁକ୍ତା କହଁର, କୁନି ମଲ୍ଲିକ ଓ ଜାନକୀ ପ୍ରଧାନ କଂଗ୍ରେସ ଟିକେଟ୍ ପାଇବାକୁ ଆଶା ରଖିଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ବହୁ ସମସ୍ୟା ରହିଛି । ବିଶେଷ କରି ଫୁଲବାଣୀରେ ମେଡିକାଲ କଲେଜ ଖୋଲିବା, ଗୋଚ୍ଛାପଡାକୁ ବ୍ଲକ କରିବା ଲୋକଙ୍କର ଦୀର୍ଘ ଦିନର ଦାବି। ଆଜି ବି ଅନେକ ଗାଁ ଅଛି, ଯେଉଁଠିକି ରାସ୍ତା ନାହିଁ । ପାହାଡିଆ ଘାଟି ରାସ୍ତାରେ ଆମ୍ବୁଲାନ୍ସ ଯାଇପାରେ ନାହିଁ । ମେଡିକାଲ ଆସୁଥିବା ବେଳେ ରାସ୍ତାରେ ଗର୍ଭବତୀ ପିଲା ଜନ୍ମ କରିବା ଘଟଣା ଏଠାରେ ଅନେକ ସମୟରେ ଘଟେ । ପାନୀୟ ଜଳ ଏଠାରେ ଆଉ ଏକ ପ୍ରମୁଖ ସମସ୍ୟା। ଖରାଦିନେ ପାଣି ପାଇଁ ଲୋକେ ଡହଳ ବିକଳ ହୁଅନ୍ତି । ଗ୍ରାମକୁ ପାନୀୟ ଜଳ ବ୍ୟବସ୍ଥାକୁ ନେଇ ମଧ୍ୟ ଭୋଟ ନିର୍ଣ୍ଣାୟକ ହେବ । ଆଶାୟୀ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନରେ ଏସବୁ ସମସ୍ୟା ଚାଲେଞ୍ଜ ଭାବେ ଉଭା ହେବ ।

ବିଧାୟକ ଦୁଗୁନି କୁହନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୧୯ ବର୍ଷ ଶାସନ କାଳରେ ଫୁଲବାଣୀ ନିର୍ବାଚନ ମଣ୍ଡଳୀରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ରାସ୍ତା ଆଦି କ୍ଷେତ୍ରରେ ବହୁ ଉନ୍ନତି ହୋଇଛି । ବିଧାୟକ ଭାବେ ନିର୍ବାଚିତ ହେବା ପରେ ଗତ ୫ ବର୍ଷ ଧରି ମୁଁ ଲୋକଙ୍କ ସହ ରହି ଆସିଛି। ଯଦି ଏଥର ଟିକେଟ ପାଇବି, ଗତ ଥରଠାରୁ ଅଧିକ ଭୋଟରେ ବିଜୟୀ ହେବି । ମୁଁ ବିଜୁ ବାବୁଙ୍କ ସହ ତୃଣମୂଳସ୍ତରରୁ କାମ କରି ଆସିଛି। ଟିକେଟ ନ ମିଳିଲେ ଯିଏ ବି ପାଇବ ତାଙ୍କୁ ସହଯୋଗ କରିବି ବୋଲି କହିଛନ୍ତି।

କଂଗ୍ରେସର ଆଶାୟୀ ପ୍ରାର୍ଥୀ ସୁଦର୍ଶନ କହଁର କୁହନ୍ତି, ଗତ ନିର୍ବାଚନରେ ମୋତେ ଟିକେଟ୍ ଶେଷ ସମୟରେ ଦିଆଗଲା । ଅର୍ଥାତ ନାମାଙ୍କନପତ୍ର ଦାଖଲ ଶେଷ ଦିନ ପୂର୍ବରୁ ମୋତେ ଟିକେଟ ଆଣିବା ପାଇଁ ଭୁବନେଶ୍ୱର ଡକାଗଲା । ନାମାଙ୍କନପତ୍ର ଦାଖଲ ପରେ କର୍ମୀ ଏବଂ ଲୋକଙ୍କ ସହ ଭଲରେ ଯୋଗାଯୋଗ କରିବାକୁ ସମୟ ମିଳିଲା ନାହିଁ । ମାତ୍ର ୮/୧୦ ଦିନ ବୁଲି ୨୧ ହଜାର ୫୧୦ ଭୋଟ ପାଇ ଅମାନତ ରଖିଥିଲି। ମୁଁ ୧୯୯୨ରୁ ପ୍ରତ୍ୟେକ୍ଷ ରାଜନୀତିରେ ରହିଛି। ଏଥର ଦଳ ମୋତେ ଟିକେଟ ଦେବ ବୋଲି ଆଶା ରଖିଛି । ଏଥର ନିର୍ବାଚନରେ କଡା ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି କହିଛନ୍ତି ।

ଭାଜପାର ଦେବନାରାୟଣ ପ୍ରଧାନ କୁହନ୍ତି, ମୁଁ ପୂରା ଆଶାୟୀ ରହିଛି, ଏଥର ନିର୍ବାଚନରେ ଟିକେଟ ପାଇବି । ଲୋକଙ୍କ ସେବାରେ ମୁଁ ସବୁବେଳେ ରହି ଆସିଛି। ଗତ ଦୁଇଟି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ଦ୍ୱିତୀୟ ସ୍ଥାନରେ ରହିଥିଲି। ଏଥର ଟିକେଟ ପାଇଲେ ଜିତିବାର ଆଶା ଅଧିକ। ଯଦି ଦଳ ଟିକେଟ ନ ଦେବ, ଆମ ବୁଥ ଲେଭଲ କାର୍ଯ୍ୟକର୍ତ୍ତା, କର୍ମୀ, ମଣ୍ଡଳ କର୍ମକର୍ତ୍ତା ଯାହା କହିବେ ସେହି ଅନୁସାରେ କାର୍ଯ୍ୟ କରିବି । ଯଦି ସେମାନେ କହିବେ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ତାହେଲେ ନିଶ୍ଚିତ ଲଢ଼ିବି । ବିଶ୍ୱାସ ଅଛି ଦଳ ସେପରି କରିବ ନାହିଁ । କାରଣ ତୃଣମୂଳସ୍ତରରୁ ମୁଁ ସଂଗଠନ କରି ଆସିଛି ବୋଲି କହିଛନ୍ତି ।

**୨୦୦୯ ନିର୍ବାଚନ ଫଳାଫଳ**

| ଦଳ | ପ୍ରାର୍ଥୀଙ୍କ ନାମ | ଭୋଟ |
|---|---|---|
| ଭାଜପା | ଦେବନାରାୟଣ ପ୍ରଧାନ | ୨୯,୩୬୩ |
| ବିଜେଡି | ଦେବେନ୍ଦ୍ର କହଁର | ୩୮, ୦୯୨ |
| କଂଗ୍ରେସ | ଜଳନ୍ଧର କହଁର | ୨୩, ୬୬୯ |

**୨୦୧୪ ନିର୍ବାଚନ ଫଳାଫଳ**

| ଦଳ | ପ୍ରାର୍ଥୀଙ୍କ ନାମ | ଭୋଟ |
|---|---|---|
| ଭାଜପା | ଦେବନାରାୟଣ ପ୍ରଧାନ | ୩୨, ୪୭୮ |
| ବିଜେଡି | ଦୁଗୁନି କହଁର | ୫୮,୨୭୩ |
| କଂଗ୍ରେସ | ସୁଦର୍ଶନ କହଁର | ୨୧, ୫୧୦ |

**ଭୋଟର ସଂଖ୍ୟା**

| ପୁରୁଷ | ମହିଳା | ଅନ୍ୟାନ୍ୟ | ମୋଟ |
|---|---|---|---|
| ୯୦, ୪୫୯ | ୯୪, ୧୮୧ | ୦୯ | ୧, ୮୪, ୬୪୯ |

## ଖରାପ ପାଗ ପାଇଁ ଲାଞ୍ଜିଗଡ଼ ବଦଳରେ ଜୟପୁରରେ ଓହ୍ଲାଇଲା ମୁଖ୍ୟମନ୍ତ୍ରୀଙ୍କ ବିମାନ

**ଜୟପୁର,୨୭।୨(ଡି.ଏନ୍.ଏ./ନି.ପ୍ର.)**

ରାୟଗଡ଼ା ଗସ୍ତ ପାଇଁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ସ୍ୱତନ୍ତ୍ର ବିମାନରେ କଳାହାଣ୍ଡିର ଲାଞ୍ଜିଗଡ଼ରେ ପହଞ୍ଚି ସେଠାରୁ ହେଲିକପ୍ଟର ଯୋଗେ ରାୟଗଡ଼ା ଯିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଲାଞ୍ଜିଗଡ଼ରେ ପାଗ ଖରାପ ଯୋଗୁଁ ଭିଜିବିଲିଟି ଅଭାବରୁ ମୁଖ୍ୟମନ୍ତ୍ରୀଙ୍କ ବିମାନକୁ ଲାଞ୍ଜିଗଡ଼ ବଦଳରେ ଜୟପୁର ଏୟାରଷ୍ଟ୍ରିପ୍‌ରେ ଅବତରଣ କରିବା ପାଇଁ ଭୁବନେଶ୍ୱର ଏୟାର ଟ୍ରାଫିକ କଣ୍ଟ୍ରୋଲ ନିର୍ଦ୍ଦେଶ ଦେଇଥିଲା। ଜୟପୁରରେ ମୁଖ୍ୟମନ୍ତ୍ରୀଙ୍କ ବିମାନ ଅବତରଣ କରୁଥିବା ଖବର ପାଇବା ପରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଏସ୍‌ପି କନଓ୍ୱର ବିଶାଲ ସିଂ ଏୟାରଷ୍ଟ୍ରିପ୍‌ରେ ପହଞ୍ଚିଥିଲେ। ସଶସ୍ତ୍ର ସୁରକ୍ଷାବଳଙ୍କୁ ତୁରନ୍ତ ନିରାପତ୍ତା ଦାୟିତ୍ୱ ଦିଆଯିବା ସହ ମୁଖ୍ୟମନ୍ତ୍ରୀଙ୍କ ରହଣି ଓ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ଏସ୍‌ଡିପିଓ ସାଗରିକା ନାଥ, ସିଡିଏମ୍‌ଓ ଡ. ଲଳିତ ମୋହନ ରଥ, ଉପଜିଲାପାଳ ଲୋକନାଥ ଦଳବେହେରା, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ତପନ ପାଣିଗ୍ରାହୀ ସେଠାରେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ସେଠାରେ ୧ ଘଣ୍ଟା ରହିବା ପରେ ଲାଞ୍ଜିଗଡ଼ରେ ଅପେକ୍ଷା କରିଥିବା ହେଲିକପ୍ଟର ଜୟପୁରରେ ପହଞ୍ଚିଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ରାୟଗଡ଼ା ଗସ୍ତ କରିଥିଲେ। ଅପରାହ୍ନରେ ସେଠାରୁ ପୁଣି ଜୟପୁର ଆସି ବିମାନ ଯୋଗେ ଭୁବନେଶ୍ୱର ଫେରିଥିଲେ।

## କଂଗ୍ରେସରେ ଯୋଗଦେଲେ ବହୁ ଭାଜପା, ବିଜେଡି କର୍ମୀ

**ଭୁବନେଶ୍ୱର, ୨୭।୨(ବ୍ୟୁରୋ)**

ବୌଦ୍ଧ ନିର୍ବାଚନମଣ୍ଡଳୀର ଶତାଧିକ ବିଜେଡି ଏବଂ ଭାଜପା କର୍ମୀ ନବକୁମାର ମିଶ୍ରଙ୍କ ନେତୃତ୍ୱରେ କଂଗ୍ରେସରେ ଯୋଗଦେଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଏହି କର୍ମୀମାନେ ଦଳରେ ଯୋଗ ଦେଇଥିବା କହିଛନ୍ତି। ଏହି ଯୋଗଦାନ ସମାବେଶରେ ନିରଞ୍ଜନ ନୂତନ କର୍ମୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଦଳରେ ସାମିଲ କରିଛନ୍ତି।

## ଆଜି ଜାତୀୟ ବିଜ୍ଞାନ ଦିବସ

ପ୍ରତିବର୍ଷ ଫେବୃୟାରୀ ୨୮କୁ 'ଜାତୀୟ ବିଜ୍ଞାନ ଦିବସ' ରୂପେ ପାଳନ କରାଯାଇଥାଏ। ବିଜ୍ଞାନକୁ ଆହୁରି ଲୋକପ୍ରିୟ କରାଇବା ଏବଂ ଏଥିରେ ସଂଶ୍ଲିଷ୍ଟ ବ୍ୟକ୍ତିବିଶେଷଙ୍କୁ ଗବେଷଣା ଦିଗରେ ଆହୁରି ଉତ୍ସାହିତ କରାଇବା ଏହି ଦିବସର ପ୍ରମୁଖ ଲକ୍ଷ୍ୟ ମଧ୍ୟରେ ଅନ୍ୟତମ। ୧୯୮୭ ଫେବୃୟାରୀ ୨୮ରେ ନ୍ୟାଶନାଲ କାଉନ୍‌ସିଲ ଫର୍ ସାଇନ୍‌ସ ଆଣ୍ଡ ଟେକ୍ନୋଲୋଜି କମ୍ୟୁନିକେଶନ (ଏନ୍‌ସିଏସ୍‌ଟିସି) ପକ୍ଷରୁ ପ୍ରଥମ ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଇଥିଲା। ତେବେ ଏହି ଶୁଭ ଦିନରେ ଏକ ସ୍ମରଣୀୟ ଘଟଣା ଘଟିଥିଲା, ଯାହାକୁ ମନେ ପକାଇବା ପାଇଁ ଉକ୍ତ ଦିନ ଅର୍ଥାତ ଫେବୃୟାରୀ ୨୮କୁ ଜାତୀୟ ବିଜ୍ଞାନ ଦିବସ ଭାବରେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହି ଦିବସର ସ୍ଲୋଗାନ ରହିଛି 'ମନୁଷ୍ୟ ପାଇଁ ବିଜ୍ଞାନ ଏବଂ ବିଜ୍ଞାନ ପାଇଁ ମନୁଷ୍ୟ'। ଏହି ଦିନ ଆମ ଦେଶର ବିଶିଷ୍ଟ ବୈଜ୍ଞାନିକ ଚନ୍ଦ୍ରଶେଖର ଭେଙ୍କଟ ରମଣ, ଯିଏକି ସି.ଭି. ରମଣ ଭାବରେ ପରିଚିତ 'ରମଣ ଇଫେକ୍ଟ' ଉଦ୍ଭାବନ କରିଥିଲେ। ଏହା ଭାରତୀୟ ବୈଜ୍ଞାନିକଙ୍କୁ ଗବେଷଣାରେ ଆହୁରି ନିମଗ୍ନ ରହିବାକୁ ପ୍ରେରଣା ଯୋଗାଇଥିଲା। କେବଳ ସେତିକି ନୁହେଁ, ବିଶ୍ୱସ୍ତରରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଜାତୀୟ ବିଜ୍ଞାନ ଦିବସ ଅବସରରେ ବିଭିନ୍ନ ସ୍ଥାନରେ ବିଜ୍ଞାନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ବିଶେଷଭାବରେ ସ୍କୁଲ ଏବଂ କଲେଜ ସ୍ତରରେ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ପ୍ରତି ଆହୁରି ଆକର୍ଷିତ କରିବାକୁ ଆଲୋଚନାଚକ୍ରମାନ ଆୟୋଜିତ ହୋଇଥାଏ।

### ସି. ଭି. ରମଣ



୧୯୨୮ ଫେବୃୟାରୀ ୨୮ ଭାରତୀୟ ବିଜ୍ଞାନ ଗବେଷଣା ଇତିହାସରେ ଏକ ସ୍ମରଣୀୟ ଦିନ। ଏହି ଦିନ ଆବିଷ୍କୃତ ହୋଇଥିଲା 'ରମଣ ଇଫେକ୍ଟ'। ଦୀର୍ଘବର୍ଷର ଚେଷ୍ଟା ଶେଷରେ ଫଳବତୀ ହୋଇଥିଲା। ବିଜ୍ଞାନ ଇତିହାସରେ ଏହା ସୃଷ୍ଟି କରିଥିଲା ଏକ ସ୍ୱତନ୍ତ୍ର ଅଧ୍ୟାୟ। ହେଲେ ସେଥିପାଇଁ କିଏ ସ୍ମରଣୀୟ ଜାଣନ୍ତି ? ଭାରତର ବିଶିଷ୍ଟ ବୈଜ୍ଞାନିକ ସି.ଭି. ରମଣ। ବିଜ୍ଞାନ କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ। ବିଶେଷଭାବରେ 'ରମଣ ଇଫେକ୍ଟ' ତାଙ୍କୁ ବିଶ୍ୱସ୍ତରରେ ଦେଇଥିଲା ଏକ ସ୍ୱତନ୍ତ୍ର ପରିଚୟ। ୧୮୮୮ ନଭେମ୍ବର ୭ରେ ଚନ୍ଦ୍ରଶେଖର ଭେଙ୍କଟ ରମଣ (ସି. ଭି. ରମଣ) ତାମିଲନାଡୁର ଏକ ବ୍ରାହ୍ମଣ ପରିବାରର ଜନ୍ମଗ୍ରହଣ କରିଥିଲେ। ପିଲାଟିଦିନରୁ ସେ ବିଜ୍ଞାନ ପ୍ରତି ଆକର୍ଷିତ ହୋଇଥିଲେ। ପାଠପଢ଼ା ପରେ ସେ ନିଜକୁ ଗବେଷଣାରେ ନିୟୋଜିତ ରଖିଥିଲେ। ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୂଆ ନୂଆ ତଥ୍ୟ ଉନ୍ମୋଚନ ତାଙ୍କୁ ଆହୁରି ପରିଚିତ କରାଇ ପାରିଥିଲା। 'ରମଣ ଇଫେକ୍ଟ' ଉଦ୍ଭାବନ ପାଇଁ ତାଙ୍କୁ ୧୯୩୦ରେ ସମ୍ମାନଜନକ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। କେବଳ ସେତିକି ନୁହେଁ, ୧୯୫୪ରେ 'ଭାରତ ରତ୍ନ' ସମ୍ମାନରେ ମଧ୍ୟ ସେ ସମ୍ମାନିତ ହୋଇଥିଲେ। ଶିକ୍ଷାଦାନରେ ସ୍ୱତନ୍ତ୍ରତା ପାଇଁ ସେ ଛାତ୍ରୀଛାତ୍ରଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ୧୯୭୦ ନଭେମ୍ବର ୨୧ରେ ତାଙ୍କ କର୍ମମୟ ଜୀବନର ଅବସାନ ଘଟିଥିଲା।

## 'ପ୍ରକୃତି ଭବନ' ଲୋକାର୍ପିତ

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**



ଲୋକାର୍ପଣ ଉତ୍ସବରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଓ ଅନ୍ୟମାନେ।

ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟ 'ପ୍ରକୃତି ଭବନ'କୁ ବୁଧବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଲୋକାର୍ପଣ କରିଛନ୍ତି। ଏହି ଭବନରେ ଉଚ୍ଚକୋଟୀର ଭିତ୍ତିଭୂମି ସହ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି, ଯାହା ଆଗାମୀ ଦିନରେ ବନ୍ୟପ୍ରାଣୀ ଶାଖାକୁ ଅଧିକ କ୍ରିୟାଶୀଳ କରିବ ବୋଲି ମନ୍ତ୍ରୀ ରାଉତରାୟ କହିଛନ୍ତି। ଶହୀଦ ନଗରଠାରେ ୫୦୦୦ ବର୍ଗଫୁଟ ପରିମିତ ଜାଗାରେ ନିର୍ମାଣ ହୋଇଥିବା ଏହି ୪ ମହଲା ବିଶିଷ୍ଟ ଭବନରେ ରହିଛି ଇଣ୍ଟରପ୍ରିଟେଶନ ସେଣ୍ଟର, ପରିବେଶ ପର୍ଯ୍ୟଟନ ସେଲ୍, ସମ୍ମିଳନୀ କକ୍ଷ, ଭିଡିଓ କନ୍‌ଫରେନ୍ସିଂ ସୁବିଧା ଥିବା ଏକ ମିନି ସମ୍ମିଳନୀ କକ୍ଷ । ସେହିଭଳି ରାଜ୍ୟ ବନ୍ୟପ୍ରାଣୀ ଅପରାଧ ସେଲ୍ ରହିଛି, ଯେଉଁଠି ୨୪ ଘଣ୍ଟିଆ ହେଲ୍ପଲାଇନ୍ ସୁବିଧା ଉପଲବ୍ଧ କରାଯାଇଛି। ଏହାସହ ବନ୍ୟସମ୍ପଦ ଆଧାରିତ ୩୦୦୦ ପୁସ୍ତକକୁ ନେଇ ଏକ ଗ୍ରନ୍ଥାଗାର ରହିଛି। ୮.୬୧୫୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକୃତି ଭବନରେ ସିସିଟିଭି କ୍ୟାମେରା, ଛାତ ଉପର ବର୍ଷାଜଳ ଅମଳ ପ୍ରକଳ୍ପ ଭଳି ଅତ୍ୟାଧୁନିକ ସୁବିଧା ଉପଲବ୍ଧ ରହିଛି।

### ରେସ୍କ୍ୟୁ ଭ୍ୟାନ୍‌କୁ ଲୋକାର୍ପଣ କଲେ ମନ୍ତ୍ରୀ

ଏହି ଅବସରରେ ମନ୍ତ୍ରୀ ଏକ ରେସ୍କ୍ୟୁ ଭ୍ୟାନ୍‌କୁ ମଧ୍ୟ ଲୋକାର୍ପଣ କରିଥିଲେ। ୨୫ ଲକ୍ଷ ଟଙ୍କା ବ୍ୟୟରେ ମଧ୍ୟପ୍ରଦେଶର କାହ୍ନା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ଏହି ଭ୍ୟାନ୍ ଅଣାଯାଇଛି। ତୃଣଭୋଜି ବନ୍ୟପ୍ରାଣୀଙ୍କ ଉଦ୍ଧାର ଓ ସ୍ଥାନାନ୍ତର ପାଇଁ ମଧ୍ୟପ୍ରଦେଶରେ ଏହିପରି ଭ୍ୟାନ୍ ପୂର୍ବରୁ କାର୍ଯ୍ୟ କରୁଛି। ଉଭୟ ତୃଣଭୋଜି ଏବଂ ମାଂସାସୀ ବନ୍ୟପ୍ରାଣୀଙ୍କ ଉଦ୍ଧାର ଓ ସ୍ଥାନାନ୍ତର ପାଇଁ ଆଉ ୫ଟି ରେସ୍କ୍ୟୁ ଭ୍ୟାନ୍ ମଧ୍ୟ କିଣାଯିବାର ପ୍ରସ୍ତାବ ରହିଛି। ଏହାସହ ହାତୀ-ମନୁଷ୍ୟ ସଂଘର୍ଷ ରୋକିବା ପାଇଁ ପଶ୍ଚିମବଙ୍ଗରୁ ୪ଟି ଭ୍ୟାନ୍ କିଣାଯିବା ଯୋଜନା ରହିଛି। ଗୋଟିଏ ପିଛା ୨୫ ଲକ୍ଷ ଟଙ୍କା ବ୍ୟୟରେ ଅତ୍ୟାଧୁନିକ ସୁବିଧା ଥିବା 'ଐରାବତ୍' ନାମକ ଭ୍ୟାନ ଆସିବା ପରେ ହାତୀ-ମଣିଷ ସଂଘର୍ଷ ବନ୍ଦ କରିବାରେ ଅନେକ ମାତ୍ରାରେ ସହାୟକ ହେବ ବୋଲି ବିଭାଗ ଆଶାପ୍ରକଟ କରିଛି। ମନ୍ତ୍ରୀ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର(ଆର୍‌ପିଆର୍‌ସି)ଠାରେ ବନ ବିଭାଗରେ କାର୍ଯ୍ୟ କରି ଶହୀଦ ହୋଇଥିବା କର୍ମୀଙ୍କ ଉଦ୍ଦେଶ୍ୟରେ 'ଶହୀଦ ସ୍ତମ୍ଭ'ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାପରେ ଅରଣ୍ୟ ଭବନଠାରେ ଏକ ଅତ୍ୟାଧୁନିକ ପ୍ରେକ୍ଷାଳୟକୁ ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ପ୍ରଧାନ ମୁଖ୍ୟ ବନ୍ୟ ସଂରକ୍ଷକ ଡ. ଦେବବ୍ରତ ସ୍ୱାଇଁ, ମୁଖ୍ୟ ବନ୍ୟ ସଂରକ୍ଷକ(ବନ୍ୟପ୍ରାଣୀ) ସନ୍ଦୀପ ତ୍ରିପାଠୀ, ମୁଖ୍ୟ ବନ୍ୟ ସଂରକ୍ଷକ(କେନ୍ଦୁଲିଫ୍) ଅଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ସୁଦ୍ଧା ହେବ ନିର୍ବାଚନ ତାରିଖ ଘୋଷଣା

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**

ଭାରତର ନିର୍ବାଚନ କମିଶନ ଲୋକ ସଭା ଓ ବିଧାନସଭା ସକାଶେ ଯେ କୌଣସି ସମୟରେ ଅର୍ଥାତ ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ସୁଦ୍ଧା ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରିବା ସମ୍ଭାବନା ରହିଛି। ନିର୍ବାଚନ ଘୋଷଣା ହେବା ସହ ସମଗ୍ର ଦେଶରେ ନିର୍ବାଚନ ଆଚରଣ ବିଧି ଲାଗୁ ହେବ। ଆଚରଣ ବିଧି ଲାଗୁ ହେବାର ୨୪ ଘଣ୍ଟା ମଧ୍ୟରେ ସର୍ବସାଧାରଣ ସ୍ଥାନରୁ ରାଜନେତାଙ୍କ ଫଟୋ ହଟାଇବାକୁ ଭାରତର ନିର୍ବାଚନ କମିଶନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ପରେ ସିଇଓ ସୁରେନ୍ଦ୍ର କୁମାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ଚିଠି ଲେଖି ଫଟୋ ହଟାଇବା ଲାଗି ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି। ସିଇଓ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ସର୍ବସାଧାରଣ ସ୍ଥାନ, ସରକାରୀ କାର୍ଯ୍ୟାଳୟ ଏବଂ ୱେବ୍‌ସାଇଟରେ ଥିବା ସମସ୍ତ ରାଜନେତାଙ୍କ ଫଟୋକୁ ପ୍ରଥମେ ଚିହ୍ନଟ କରାଯାଉ। ଏ ନେଇ ଏକ ଡାଟାବେସ ପ୍ରସ୍ତୁତ କରାଯାଉ। ଏଥିସହିତ ରାଜ୍ୟ, ଜିଲା, ସବ୍‌ଡିଭିଜନ, ବ୍ଲକ ଓ ଗ୍ରାମ ପଞ୍ଚାୟତ ସ୍ତରରେ ଜଣେ ଲେଖାଏ ଅଫିସର ନିଯୁକ୍ତି କରିବା ସହ ନିର୍ବାଚନ ଆଚରଣ ବିଧି ଲାଗୁ ହେବାର ୨୪ ଘଣ୍ଟା ମଧ୍ୟରେ ସମସ୍ତ ରାଜନେତାଙ୍କ ଫଟୋ ହଟାଇବାକୁ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ରାଜ୍ୟରେ ଥିବା ୧୧୪ଟି ମହାନଗର ନିଗମ କମିଶନର, ପୌର ସଂସ୍ଥା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ଏ ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି।

## ୧୦ରେ ହୋଇପାରେ କଂଗ୍ରେସର ପ୍ରାର୍ଥୀ ତାଲିକା ଘୋଷଣା

**ଭୁବନେଶ୍ୱର, ୨୭।୨(ବ୍ୟୁରୋ)**

- ଚୂଡ଼ାନ୍ତ ହେଲା ସମ୍ଭାବ୍ୟ ପ୍ରାର୍ଥୀ ତାଲିକା
- ୬ରେ ବସିବ ପିଇସି
- କଂଗ୍ରେସ ଭବନରେ ତେଜିଲା ବିଧାୟକ ହଟାଅ ଅଭିଯାନ
- ଏଥର ଅଧିକାଂଶ ଯୁବକ, ମହିଳାଙ୍କୁ ମିଳିବ ଟିକେଟ: ନିରଞ୍ଜନ

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଆସନ୍ତା ୮ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ରାହୁଲ ଦୁଇଟି ଜିଲାରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ ବୋଲି ସୂଚନା ମିଳିଛି। ରାହୁଲଙ୍କ ଏହି ଗସ୍ତ ପୂର୍ବରୁ କେନ୍ଦ୍ରୀୟ ସ୍କ୍ରିନିଂ କମିଟି ସଦସ୍ୟମାନେ ଦୁଇଟି ପର୍ଯ୍ୟାୟରେ ଓଡ଼ିଶା ଆସି ୨୧ ଲୋକ ସଭା ଓ ଏହାର ଅନ୍ତର୍ଗତ ସବୁ ବିଧାନସଭା କ୍ଷେତ୍ର ପାଇଁ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରି ଦିଲ୍ଲୀ ଫେରିଯାଇଛନ୍ତି। ମିଳିଥିବା ସୂଚନା ମୁତାବକ ଆସନ୍ତା ୬ରେ ପିଇସି(ପ୍ରଦେଶ ଇଲେକ୍ସନ କମିଟି) ବୈଠକ କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ପିଇସି ପରେ ସିଇସି(ସେଣ୍ଟ୍ରାଲ ଇଲେକ୍ସନ କମିଟି) ବୈଠକରେ ଚୂଡାନ୍ତ ତାଲିକା ପ୍ରସ୍ତୁତ କରାଯିବ। ମାର୍ଚ୍ଚ ୧୦ସୁଦ୍ଧା ଦଳ ଚୂଡାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରିବ ବୋଲି ସ୍କ୍ରିନିଂ କମିଟି ଅଧ୍ୟକ୍ଷ ଭି.ଡି. ସାଥିସାନ ସୂଚନା ଦେଇଛନ୍ତି। ଅନ୍ୟପଟେ ଟିକେଟ ବଣ୍ଟନକୁ ନେଇ ଦଳୀୟ କାର୍ଯ୍ୟାଳୟଠାରେ ବୁଧବାର ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି।

ସ୍କ୍ରିନିଂ କମିଟିର ୩ ସଦସ୍ୟ ଭି.ଡି. ସାଥିସାନ, ନୌସାଦ ସୋଲାଙ୍କି ଏବଂ ଜିତିନ୍ ପ୍ରସାଦ ଗତ ୨୪ ତାରିଖରୁ ଓଡ଼ିଶା ଗସ୍ତରେ ଆସିଥିଲେ। ପ୍ରଥମ ପର୍ଯ୍ୟାୟ ପରେ ବାକି ଥିବା ୧୦ ଲୋକ ସଭା ନିର୍ବାଚନମଣ୍ଡଳୀ ଓ ଏହାର ଅନ୍ତର୍ଗତ ବିଧାନସଭା କ୍ଷେତ୍ର ନିମନ୍ତେ ସେମାନେ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଚୂଡାନ୍ତ କରିଛନ୍ତି। ବୁଧବାର ସେମାନେ ରାଜ୍ୟ କାର୍ଯ୍ୟାଳୟଠାରେ କନ୍ଧମାଳ, ଯାଜପୁର ଓ ସମ୍ବଲପୁର ଲୋକ ସଭା ଆସନ ଓ ଏହା ଅନ୍ତର୍ଗତ ବିଧାନସଭା କ୍ଷେତ୍ର ପାଇଁ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଚୂଡାନ୍ତ କରିଛନ୍ତି। ହେଲେ ଜି ଉଦୟଗିରି ବିଧାୟକ ଜାକବ୍ ପ୍ରଧାନଙ୍କୁ ଟିକେଟ ନ ଦେବା ଲାଗି ଗୋଟିଏ ଗୋଷ୍ଠୀ କଂଗ୍ରେସ କାର୍ଯ୍ୟାଳୟରେ ନାରାବାଜି କରିଥିଲେ। ସ୍କ୍ରିନିଂ କମିଟି ସଦସ୍ୟଙ୍କ ଆଗରେ ସେମାନେ ଏନେଇ ଅଭିଯୋଗ କରିଥିବା ଜଣାପଡିଛି। ବିଧାୟକ ହେବାପରେ ଜାକବ୍ କଂଗ୍ରେସ କର୍ମୀମାନଙ୍କୁ ଅଣଦେଖା କରିଛନ୍ତି। ଏହାବ୍ୟତୀତ ଭାଜପାକୁ ସହଯୋଗ କରିବା ସହିତ ଦଳୀୟ କର୍ମୀଙ୍କୁ ବିଭିନ୍ନ ଯୋଜନା ଅନ୍ତର୍ଗତ ପକ୍କାଘର ଦେବା ପାଇଁ ୧୫ରୁ ୨୦ହଜାର ଲେଖା ଟଙ୍କା ନେଇଥିବା ସେମାନେ ଅଭିଯୋଗ କରିଛନ୍ତି। ତେଣୁ ଜାକବ୍‌ଙ୍କୁ ଏଥର ଟିକେଟ ମିଳିଲେ ସମର୍ଥନ କରିବୁ ନାହିଁ ବୋଲି ସ୍କ୍ରିନିଂ କମିଟି ଆଗରେ ବିରୋଧୀ ଗୋଷ୍ଠୀ ସିଧା ଚେତାବନୀ ଦେଇଯାଇଛନ୍ତି। ହେଲେ ଏଭଳି ଅଭିଯୋଗକୁ ଜାକବ୍ ଖଣ୍ଡନ କରିଛନ୍ତି। ଯଦି ଅଭିଯୋଗ ସତ ହୁଏ ତେବେ ରାଜନୀତି ଛାଡିଦେବେ ବୋଲି ଜାକବ୍ କହିଛନ୍ତି। ଅପରପକ୍ଷରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଏଥର ଦଳରେ ଅଧିକାଂଶ ଯୁବକ, ମହିଳାଙ୍କୁ ଟିକେଟ ଦିଆଯିବ। ସୂଚନାଥାଉ କି, ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ୧୧ଟି ଲୋକ ସଭା ଓ ଏହା ଅଧୀନ ବିଧାନସଭା କ୍ଷେତ୍ର ପାଇଁ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ସ୍କ୍ରିନିଂ କମିଟି ଦ୍ୱାରା ଚୂଡ଼ାନ୍ତ ହୋଇସାରିଛି।

# ପାରାଦୀପ-ନିଆଳି-ଭୁବନେଶ୍ୱର ରେଳପଥ ଦାବି ତେଜୁଛି

■ଛପଡ଼ାରୁ ନିଆଳି ରୋଡ ଷ୍ଟେଶନ ଦୂରତା ରହିବ ମାତ୍ର ୨୫ କି.ମି.

■ଅର୍ଥନୀତି, ପର୍ଯ୍ୟଟନ, ପରିବହନ ପାଇଁ ସୃଷ୍ଟି ହେବ ଅନୁକୂଳ ପରିବେଶ




**ଜଗତ୍‌ସିଂହପୁର ଅଫିସ,୨୭।୨**

ଦୀର୍ଘ ୧ ବର୍ଷ ହେବ ଜଗତ୍‌ସିଂହପୁର-ନିଆଳି-ଭୁବନେଶ୍ୱର ରେଳପଥ ପାଇଁ ଦାବି ହୋଇଆସୁଛି। ଏହି ଦାବି ପୂରଣ ହେଲେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ ଓ ଖୋର୍ଦ୍ଧା ଜିଲାର ବହୁ ଲୋକ ବିଶେଷ ଭାବେ ଉପକୃତ ହେବେ। ଜଗତ୍‌ସିଂହପୁରରୁ ନିଆଳିର ଦୂରତା ପାଖାପାଖ ୨୫ କିମି ମଧ୍ୟରେ ସୀମିତ ରହିବ। ମାଲ ପରିବହନଠାରୁ ଆରମ୍ଭ କରି ଯାତ୍ରୀଙ୍କ ଯାତାୟାତ କ୍ଷେତ୍ରରେ ଅପୂର୍ବ ସୁଯୋଗ ସୃଷ୍ଟି ହେବ। ଏନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ବହୁବାର ଦାବିପତ୍ର ପ୍ରଦାନ କରାଯାଇଛି। କିନ୍ତୁ ଅଦ୍ୟାବଧି କେନ୍ଦ୍ର ସରକାର କୌଣସି ସକରାତ୍ମକ ନିଷ୍ପତ୍ତି ନେଇନାହାନ୍ତି, ଯେଉଁଥିପାଇଁ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଆଗକୁ ନିର୍ବାଚନ ଥିବାବେଳେ କେନ୍ଦ୍ର ସରକାର ଏଥିପ୍ରତି ଦାୟିତ୍ୱବାନ ନ ହେଲେ ଭାଜପା ବିରୋଧରେ ଜନମତ ସୃଷ୍ଟି ହେବାର ଅଶଙ୍କା ଥିବା କୁହାଯାଉଛି।

ଦୀର୍ଘବର୍ଷ ପରେ ବାରଙ୍ଗ (ନୂଆ ଭୁବନେଶ୍ୱର)-ନିଆଳି-ଅସ୍ତରଙ୍ଗ ରେଳପଥ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି। ରେଳପଥ ପୂର୍ଣ୍ଣାଙ୍ଗ ହେଲେ ପ୍ରାଥମିକ ପର୍ଯ୍ୟାୟରେ ମାଲ ପରିବହନ ଓ ପରେ ଯାତ୍ରୀଙ୍କ ଯାତାୟାତ ପାଇଁ ବ୍ୟବସ୍ଥା ହେବ। କିନ୍ତୁ ଜଗତ୍‌ସିଂହପୁର ସହ ଏହି ରେଳ ଲାଇନ ସଂଯୋଗ ହୋଇଗଲେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ ଓ କଟକର କିଛି ଅଞ୍ଚଳର ଲକ୍ଷାଧିକ ଲୋକ ରେଳସେବା ପାଇପାରିବେ। ଏଥିପାଇଁ ସମ୍ପୃକ୍ତ ଜିଲାଗୁଡିକର ଶହସ୍ରାଧିକ ଲୋକ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି ଜଣାଇଥିଲେ। ସେମାନେ ଦାବିପତ୍ରରେ ଉଲ୍ଲେଖ କରିଥିଲେ ଯେ ପାରାଦୀପ ବନ୍ଦର ସମେତ ଏଠାରେ ଥିବା ବୃହତ ଓ କ୍ଷୁଦ୍ର ଶିଳ୍ପ ଦେଶର ଅର୍ଥନୀତିକୁ ସମୃଦ୍ଧ କରୁଛି। ବନ୍ଦରର କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ପଣ୍ୟ ପରିବହନର ପ୍ରମୁଖ ମାଧ୍ୟମ ହେଉଛି କଟକ-ପାରାଦୀପ ରେଳପଥ। ଏହା କଟକ ରେଳଷ୍ଟେଶନରୁ ବାହାରି କନ୍ଦରପୁର-ରଘୁନାଥପୁର-ଛପଡ଼ା-ରାହାମା ଦେଇ ପାରାଦୀପକୁ ସଂଯୋଗ କରୁଛି। ତେଣୁ ଏହି ରେଳପଥ ସର୍ବଦା ବ୍ୟସ୍ତବହୁଳ ରହୁଛି। ରେଳପଥ ଜିଲାର ଗୋଟିଏ ପାର୍ଶ୍ୱ ଦେଇ ଯାଇଛି। ଫଳରେ ଜିଲା ସଦର ମହକୁମାରେ ବସବାସ କରୁଥିବା ଲୋକେ ରେଳସେବା ପାଇପାରୁନାହାନ୍ତି। ରେଳ ଯୋଗେ ଯାତାୟାତ କରିବାକୁ ହେଲେ ଜଗତ୍‌ସିଂହପୁର ସହରରୁ ୧୦ କିଲୋମିଟର ଦୂର ଛପଡ଼ା ଷ୍ଟେଶନକୁ ଯିବାକୁ ପଡୁଛି। ଅନ୍ୟପକ୍ଷରେ ବାରଙ୍ଗ (ନୂଆ ଭୁବନେଶ୍ୱର)-ନିଆଳି-ଅସ୍ତରଙ୍ଗ ବନ୍ଦର ରେଳପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଚାଲିଛି। ଏହି ରେଳପଥରେ ବାରଙ୍ଗ, କଣ୍ଟାପଡ଼ା ଓ ନିଆଳି ତହସିଲ ଅଞ୍ଚଳ ରହିବ। ନିଆଳି ତହସିଲର ସଳେଇ, ଅଂଲୋ, ଅଥଙ୍ଗା, ବାହାରଣା, ଜଲ୍ଲାରପୁର, ତାମ୍ପଡ଼ା, ମାଧବ, ପୀତାପଡ଼ା ଆଦି ୩୦ଟି ରାଜସ୍ୱ ଗ୍ରାମ ପାର୍ଶ୍ୱ ଦେଇ କାକଟପୁର, ଅସ୍ତରଙ୍ଗକୁ ରେଳ ଲାଇନ ସଂଯୋଗ କରିବ। ଏହା ପୂର୍ଣ୍ଣାଙ୍ଗ ରୂପ ନେଲେ ରେଳ ସେବାରେ ନୂଆ ଫର୍ଦ ଯୋଡି ହୋଇଯିବ। ଏଥିସହ ଯଦି ଜଗତ୍‌ସିଂହପୁର ଜିଲାକୁ ସଂଯୋଗ କରାଯାଏ ତାହା ଅଧିକ ଫଳପ୍ରଦ ହେବ। ଜଗତ୍‌ସିଂହପୁର ସର୍କିଟ ହାଉସଠାରୁ କାଳିଆବୋରା-ଆଳିପିଙ୍ଗଳ-ସିଠାଲୋ-ଶଗଡ଼ାଇଲୋ-ବାହାରଣା (ନିଆଳି ରୋଡ ରେଳ ଷ୍ଟେସନ)ର ଦୂରତା ମାତ୍ର ୧୫ କିଲୋମିଟର। ଛପଡ଼ା ଷ୍ଟେସନରୁ ସର୍କିଟ୍ ହାଉସ ପାର୍ଶ୍ୱ ଦେଇ ନିଆଳି ରୋଡ ଷ୍ଟେସନ (ବାହାରଣା)ର ଦୂରତା ହେବ ୨୫ କିଲୋମିଟର। ତେଣୁ ମାତ୍ର ୨୫ କିଲୋମିଟର ଅଧିକ ରେଳ ଲାଇନ ସଂଯୋଗ ହୋଇଗଲେ ବ୍ୟାପକ ଅଞ୍ଚଳର ଲୋକେ ରେଳସେବା ପାଇପାରିବେ। କେବଳ ଏତିକି ନୁହେଁ, ଏହାଦ୍ୱାରା ଭୁବନେଶ୍ୱରରୁ ପାରାଦୀପ ସିଧା ଓ ବିକଳ୍ପ ରେଳପଥର ସୁବିଧା ମିଳିପାରିବ। ଜଗତ୍‌ସିଂହପୁର ଜିଲା ସଦର ମହକୁମାର ଲୋକେ ରଳସେବା ପାଇ ପାରିବେ। ପାରାଦୀପରୁ ଭୁବନେଶ୍ୱର ଦୂରତା କମିଯିବ। ଅର୍ଥନୀତି, ପରିବହନ, ପର୍ଯ୍ୟଟନ ପାଇଁ ଏହା ଖୁବ ଅନୁକୂଳ ଓ ଉପଯୋଗୀ ହୋଇପାରିବ। ଏଭଳି ପରିକଳ୍ପନା କରି ଜଗତ୍‌ସିଂହପୁର ସଦର ମହକୁମା ସମେତ ଯଶୋବନ୍ତପୁର, ଆଳିପିଙ୍ଗଳ, ପଟସରା, ସିଠାଲୋ, ଶଗଡ଼ାଇଲୋ, ରାଣୀଓଳା, କସର୍ଦା, ପହଙ୍ଗା, ପୋଖରୀଗାଁ, ବିଳାଶୁଣି ଏବଂ ବାହାରଣା ଗ୍ରାମପଞ୍ଚାୟତର ବହୁ ଲୋକ ଜଗତ୍‌ସିଂହପୁର-ନିଆଳି ରେଳପଥ ପାଇଁ ଦାବି କରିଛନ୍ତି। ସେମାନେ ନକ୍ସା ସହ ଦାବିପତ୍ର ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ନକଲ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ଦାସଙ୍କ ସମେତ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ଖିରିଖାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ

**କୁଜଙ୍ଗ,୨୭।୨(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ୍ ବଳରାମପୁର ଗ୍ରାମର ମା ଖିରୀଖାଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଛି। ୮ ଦିନ ଧରି ଚାଲିଥିବା ଏହି ଉତ୍ସବରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଆଶିଷ ଲାଭ କରିଥିଲେ। ପ୍ରଥମ ଦିବସରେ ଅଙ୍କୁରାପୋଣ ପରେ ୩ ଦିନ ଧରି ଯଜ୍ଞ ହୋଇଥିଲା। ପରେ ଅଷ୍ଟମପ୍ରହର ନାମଯଜ୍ଞ ସହ ଫତେପୁରସ୍ଥିତ ନିମସୁନ୍ଦରୀ ରାମଲୀଳା ପ୍ରଚାର ସମିତି ପକ୍ଷରୁ ୩ ଦିନ ବ୍ୟାପୀ ରାମଲୀଳା ନାଟକ ପରିବେଷିତ ହୋଇଥିଲା। ବିଧାୟକ ଦାମୋଦର ରାଉତଙ୍କ ସମେତ କଂଗ୍ରେସ ନେତା ଅରିନ୍ଦମ ସର୍ଖେଲ, ଭାଜପା ନେତା ସମ୍ପଦ ସ୍ୱାଇଁ, ଓକିଲ ସଂଘ ସଭାପତି ଅନ୍ତର୍ଯ୍ୟାମୀ ନାରାୟଣ ଦାସ ଯାଦବ, ଆଇନଜୀବୀ ଭାରତଭୂଷଣ ଦାସ, ରମେଶ ଚନ୍ଦ୍ର ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା, ସରପଞ୍ଚ ଭାରତଭୂଷଣ ନାୟକ, କୋଠିର ପୂର୍ବତନ ସରପଞ୍ଚ ଅରକ୍ଷିତ ଦାସ, ଦେବୀପ୍ରସାଦ ପଟ୍ଟନାୟକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ। କମିଟିର ସଭାପତି ରଘୁନାଥ ସାହୁ, ସମ୍ପାଦକ ବିଚିତ୍ରାନନ୍ଦ ପ୍ରଧାନଙ୍କ ସମେତ ପରିଚାଳନା ବୋର୍ଡର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

### ଭୋଟର ତାଲିକାରେ ତ୍ରୁଟି ଅଭିଯୋଗ

**ବାଲିଆ,୨୭।୨:** ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ପ୍ରକାଶିତ ହୋଇଥିବା ଭୋଟର ତାଲିକାରେ କେତେକ ତ୍ରୁଟି ରହିଥିବା ଅଭିଯୋଗ ହୋଇଛି। ଇତିମଧ୍ୟରେ ବିରିଡ଼ି ବ୍ଲକର ସମସ୍ତ ୨୧ ପଞ୍ଚାୟତର ଭୋଟର ତାଲିକା ପ୍ରକାଶ ପାଇଛି। ଏଥିରେ ପୁରଣ ପଞ୍ଚାୟତରେ ପ୍ରକାଶିତ ଭୋଟର ତାଲିକାରେ ଅଧିକ ତ୍ରୁଟି ରହିଥିବା ସାମାଜିକ କର୍ମୀ ପ୍ରବୀର ଦାସ କହିଛନ୍ତି। ପ୍ରଥମତଃ ଅନେକ ଭୋଟରଙ୍କ ନାମ ଅନ୍ୟ ରାଜସ୍ୱ ଗ୍ରାମ ଓ ଅନ୍ୟ ବୁଥକୁ ଚାଲିଯାଇଛି। ସେହିପରି କେତେଜଣ ଭୋଟରଙ୍କ ବୟସ ଠିକ୍ ନାହିଁ। କେତେକ କ୍ଷେତ୍ରରେ ବାପଠାରୁ ପୁଅର ବୟସ ଅଧିକ ଥିବାବେଳେ ଆଉ କେତେକ କ୍ଷେତ୍ରରେ ସ୍ୱାମୀଠାରୁ ସ୍ତ୍ରୀର ବୟସ ୧୦ ବର୍ଷରୁ ଅଧିକ ରହିଛି। କେତେଜଣ ମୃତବ୍ୟକ୍ତିଙ୍କ ନାମ ମଧ ଭୋଟର ତାଲିକାରୁ କଟିନାହିଁ। ଏସବୁ ସମସ୍ୟା ନେଇ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଯାଇଥିଲେ। ତୁରନ୍ତ ଏସବୁ ତ୍ରୁଟି ସଂଶୋଧନ କରି ନିର୍ଭୁଲ ତାଲିକା ପ୍ରକାଶ କରିବାକୁ ଦାବି ହୋଇଛି।

### ନିଖିଳ ଉତ୍କଳ ବାରିକ ସମିତିର ବାର୍ଷିକ ଉତ୍ସବ

**ପାରାଦୀପ,୨୭।୨(ସ୍ୱ.ପ୍ର.):** ପାରାଦୀପ ମଧୁବନ ଅଲେଖ ମଠ ପରିସରରେ ମଙ୍ଗଳବାର ନିଖିଳ ଉତ୍କଳ ବାରିକ ସମିତିର ପଞ୍ଚମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏଥିରେ ସମିତିର ପାରାଦୀପ ଶାଖା ସଭାପତି ପ୍ରଭାତ କୁମାର ବାରିକ ଅଧ୍ୟକ୍ଷତା କରିଥିଲେ। ଜିଲା ସଭାପତି ପ୍ରଦ୍ୟୁମ୍ନ ବାରିକ ମୁଖ୍ୟଅତିଥି, ଅକ୍ଷୟ କୁମାର ବାରିକ, ନାରାୟଣ ବାରିକ, ଜପହରି ବାରିକ, ଧ୍ରୁବ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସେଲୁନ ଓ ପାର୍ଲରରେ କାର୍ଯ୍ୟରତ ବାରିକ ଭଉଣୀ ଭାଇଙ୍କୁ ସରକାର ଅଣସଂଗଠିତ ଶ୍ରମିକ ମାନ୍ୟତା ଦେଇଛନ୍ତି। ସେହି ଆଧାରରେ ଜିଲାର ୩୦ଜଣଙ୍କୁ ଅଣସଂଗଠିତ କାର୍ଡ ବଣ୍ଟନ କରାଯାଇଥିଲା। ବାରିକ ସମ୍ପ୍ରଦାୟକୁ କଳାକାର କିମ୍ବା କାରିଗର ଭତ୍ତା ପ୍ରଦାନ, ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରିବା, ସେମାନଙ୍କ ପିଲାଙ୍କ ପାଇଁ ଉଚ୍ଚଶିକ୍ଷାରେ ସଂରକ୍ଷଣ ବ୍ୟବସ୍ଥା କରିବା, ସ୍ୱତନ୍ତ୍ର ଯୋଜନାରେ ସରକାରୀ ସହାୟତା ଦେବାକୁ ଏଥି ଦାବି ହୋଇଥିଲା। ଲକ୍ଷ୍ମୀଧର ବାରିକ, କ୍ଷୀରୋଦ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭୋଟର ସଚେତନତା ରଥ ଶୁଭାରମ୍ଭ

**ଜଗତ୍‌ସିଂହପୁର ଅଫିସ, ୨୭।୨**

ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ଭୋଟରଙ୍କୁ ସଚେତନ କରିବା ପାଇଁ ଓଡ଼ିଶା ଇଲେକ୍ସନ ୱାଚ୍ ତରଫରୁ ଭୁବନେଶ୍ୱରରୁ ଭୋଟର ସଚେତନତା ରଥର ବ୍ଲୁ ବଟନ ଏକ୍ସପ୍ରେସ୍ ବାହାରି ଜଗତ୍‌ସିଂହପୁରରେ ପହଞ୍ଚିଛି। ଏହି ରଥକୁ ଜିଲାପାଳଙ୍କ କାର୍ଯ୍ୟାଳୟ ପଡିଆରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ୱାଚ୍ର ଜିଲା ସଂଯୋଜକ ଲକ୍ଷ୍ମୀପ୍ରିୟା ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଚେତନତା ସଭାରେ ଭୋଟରଙ୍କୁ ସଚେତନ କରିବା ପାଇଁ ପଦକ୍ଷେପ ନିଆଯାଉଥିବା କୁହାଯାଇଥିଲା। ଏଥିରେ ଡିଆରଡ଼ିଏ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜ ଗୋପାଳ ଆଚାର୍ଯ୍ୟ ଯୋଗ ଦେଇଥିଲେ।

### ଅଗ୍ନି ବିପନ୍ନଙ୍କୁ ସହାୟତା

**ନାଉଗାଁ,୨୭।୨(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅଧୀନ ନାଉଗାଁ ଗ୍ରାମର ଅଗ୍ନି ବିପନ୍ନ ଶରତ ଦାସଙ୍କ ପରିବାରକୁ ବୁଧବାର ଜଗତ୍‌ସିଂହପୁର ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଭେଟିବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଗତ ରବିବାର ଅଗ୍ନିକାଣ୍ଡ ଘଟି ଶରତଙ୍କ ଘର ଜଳି ଯାଇଥିଲା। ଏଥିସହିତ ତାଙ୍କର ଏକ ଗାଈ ଓ ୫ ଛେଳି ଜୀବନ୍ତ ଦଗ୍ଧ ହୋଇଥିଲେ। ଶରତ ଗୋପାଳନ କରି ପରିବାର ପ୍ରତିପୋଷଣ କରୁଥିଲେ। ବିଧାୟକଙ୍କ ସହ ଛାତ୍ର ନେତା ସୁନୀଲ ମାଟିଆ ଓ ବିନୟ ଭୂଷଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ବିଚ୍ ଭଲି ଟୁର୍ନାମେଣ୍ଟରେ ଶାଶ୍ୱତ ରେଫରି

**ପାରାଦୀପ,୨୭।୨(ସ୍ୱ.ପ୍ର.)**

୨୮ରୁ ମାର୍ଚ୍ଚ ୩ ପର୍ଯ୍ୟନ୍ତ ବିଶାଖାପାଟଣାର ରାମକ୍ରିଷ୍ଣ ବେଳାଭୂମିରେ ବିଶ୍ୱ ବିଚ୍ ଭଲିବଲ୍ ଟୁର୍ନାମେଣ୍ଟ ହେବ। ଉକ୍ତ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟରେ ଓଡ଼ିଶାର ଶାଶ୍ୱତ ଭାରତୀୟ ରେଫରି ଭାବେ ମନୋନୀତ ହୋଇଛନ୍ତି। ଭାରତୀୟ ବିଚ୍ ଭଲିବଲ୍ ସଂଘ ପକ୍ଷରୁ ଆନୁଷ୍ଠାନିକ ଭାବେ ଚିଠି ପାଇବା ପରେ ଶାଶ୍ୱତ ମଙ୍ଗଳବାର ପାରାଦୀପରୁ ବିଶାଖାପାଟଣା ଯାଇଛନ୍ତି। ଶାଶ୍ୱତ ପାରାଦୀପର ପିପିଏଲ ଡିଏଭି ସ୍କୁଲରେ କ୍ରୀଡ଼ା ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ଏହା ପୂର୍ବରୁ ୫ଟି ଅନ୍ତର୍ଜାତୀୟ ଓ ୭ଟି ସିନିୟର ଭଲିବଲ ପ୍ରତିଯୋଗିତାରେ ରେଫରି ରହିଥିଲେ। ବିଶାଖାପାଟଣାରେ ପୁରୁଷ ବିଭାଗରେ ୨୦ଟି ଦେଶର ୩୦ଟି ଦଳ ଓ ମହିଳା ବିଭାଗରେ ୧୨ଟି ଦେଶର ୨୦ ଦଳ ଭାଗ ନେଇଛନ୍ତି। ସେଥିରେ ଆମେରିକା, ଅଷ୍ଟ୍ରେଲିଆ, ଜାପାନ, ବ୍ରାଜିଲ, ଦକ୍ଷିଣ ଆଫ୍ରିକା, କୋରିଆ, ବେଲଜିୟମ, ଋଷିଆ, ଅଷ୍ଟ୍ରିଆ, ମାଲେସିଆ, ସିଙ୍ଗାପୁର ଆଦି ଦେଶର ଖେଳାଳି ଅଛନ୍ତି। ଶାଶ୍ୱତ ରେଫରି ଭାବେ ନିଯୁକ୍ତ ପାଇବା ପରେ ଓଡ଼ିଶା ଭଲିବଲ ସଂଘ ସମ୍ପାଦକ ଗଗନେନ୍ଦୁ ଦାଶଙ୍କ ସମେତ ବହୁ କ୍ରୀଡ଼ା ସଙ୍ଗଠନର କର୍ମକର୍ତ୍ତା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପୀତବାସ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

**କୁଜଙ୍ଗ,୨୭।୨(ସ୍ୱ.ପ୍ର)**

କୁଜଙ୍ଗ ପଞ୍ଚାୟତ ବଳରାମପୁର ଗ୍ରାମର ବିଜୁ ଜନତା ଦଳର ପ୍ରମୁଖ ସଂଗଠକ ତଥା ପଞ୍ଚାୟତ ସଭାପତି ପୀତବାସ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟକ ଦାମୋଦର ରାଉତ, କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା, ସରପଞ୍ଚ ଭାରତ ଭୂଷଣ ନାୟକ, ଚିତ୍ତରଞ୍ଜନ ମିଶ୍ର, ଭାଇ ତଥା କୃଷକ ସଂଘ ସଭାପତି ଶ୍ରୀନିବାସ ମହାନ୍ତି, ଗଜେନ୍ଦ୍ର ନାଥ ମହାନ୍ତି, ଗିରିଜା ପ୍ରସାଦ ମହାନ୍ତି, ପୂର୍ବତନ ସରପଞ୍ଚ ଚିରସ୍ମିତା ବେଉରା ପ୍ରମୁଖ ଯୋଗ ଦେଇଥିଲେ। ପୁତ୍ର ମୃତ୍ୟୁଞ୍ଜୟ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



ବିଧାୟକ ଚିରଞ୍ଜୀବ ବିଶ୍ୱାଳ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

**ନାଉଗାଁ,୨୭।୨(ସ୍ୱ.ପ୍ର.)**

ନାଉଗାଁ ବ୍ଲକରେ ଜଗତ୍‌ସିଂହପୁର ବିଧାୟକ ଚିରଞ୍ଜୀବ ବିଶ୍ୱାଳ ମଙ୍ଗଳବାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ରାଜ୍ୟସଭା ଏମ୍‌ପିଙ୍କ ଆଞ୍ଚଳିକ ସହାୟତା ପାଣ୍ଠିରୁ ଅଲଣା ପଞ୍ଚାୟତର ମୁଣ୍ଡାଳ ବଜାର, ନାଉଗାଁ ପଞ୍ଚାୟତର ନାଉଗାଁ ବଜାର, ଶିଖର ପଞ୍ଚାୟତର ସାରେଇକୂଳ, ଡେରିକି ପଞ୍ଚାୟତର ଗଙ୍ଗଦାହାଟ, ଜାମୁଗାଁ ପଞ୍ଚାୟତର ନନ୍ଦୀଗ୍ରାମ, ପଞ୍ଚାୟତ ସମିତି ଉନ୍ନୟନ ପାଣ୍ଠିରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ହାଇମାଷ୍ଟ ଲାଇଟ୍ ବିଧାୟକ ଉଦ୍‌ଘାଟନ କରିଥିଲେ। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମିତ ଘୋଡ଼ାଂଶ-ଚକୁଳିପଡ଼ା ରାସ୍ତା, ନାରସୀମା-ରୋହିଆ ରାସ୍ତା, ହରି ନବେଇ-କଲେଜ ରାସ୍ତା, ରାଜ୍ୟସଭା ଏମ୍‌ପିଙ୍କ ପାଣ୍ଠିରୁ ତୁହୁଡ଼ା-ତହସିଲ ରାସ୍ତା, ଅଲିସର ରାସ୍ତା, ଇଚ୍ଛାପୁର ରାସ୍ତା, ତିହୁଡ଼ା ମହିଷାମୁଣ୍ଡା ରାସ୍ତା ଉଦ୍‌ଘାଟିତ ହୋଇଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ବାଂଶ-ପାଟେଣୀ ଗାଁ ରାସ୍ତା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଜଗତ୍‌ସିଂହପୁର ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ନାଉଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗନ୍ନାଥ ଦାସ, ଉପାଧ୍ୟକ୍ଷା ମାମିନା ଦଳେଇ, ଛାତ୍ରନେତା ସୁନିଲ ମାଟିଆ, ପ୍ରୀତମ ପରିଜା, ବ୍ଲକ କଂଗ୍ରେସ ସଭାପତି ନିରଞ୍ଜନ ବେହୁରା, ରବୀନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଏହି ଉଦ୍‌ଘାଟନକୁ ନେଇ ବିରୋଧୀଦଳ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବାଂଶଠାରୁ ପାଟେଣୀ ଗାଁ ରାସ୍ତା ୫ ମାସ ତଳୁ ନିର୍ମାଣ କରାଯାଇଥିଲେ ମଧ ବର୍ତ୍ତମାନ କିପରି ଏଥିପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସେହିପରି ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ଅଧିକାରୀମାନେ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ନ ଥିଲେ। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ବିନୋଦ ତରାଇ କହିଛନ୍ତି ଯେ ଉଦ୍‌ଘାଟନ ବିଷୟରେ ଆମ କାର୍ଯ୍ୟାଳୟରେ କିଛି ସୂଚନା ନାହିଁ। ସେହିପରି ବ୍ଲକ ବିଜେଡି ସଭାପତି ସୁଜିତ ମଲିକ କହିଛନ୍ତି ଯେ ଯେଉଁ ରାସ୍ତା ନିର୍ମାଣ କରାଯାଇଛି, ସେ ସବୁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ପ୍ରଚେଷ୍ଟାରେ ହୋଇଛି।

## ମହିଳା ଫେଡେରେଶନଙ୍କୁ ଘୂର୍ଣ୍ଣାୟମାନ ପାଣ୍ଠି ପ୍ରଦାନ




ପୌର ପ୍ରଶାସନ ବୈଠକରେ ଯୋଗଦେଇଥିବା ଅତିଥିମାନେ।

**ପାରାଦୀପ,୨୭।୨(ସ୍ୱ.ପ୍ର.)**

ପାରାଦୀପ ପୌର ପ୍ରଶାସନ ସମ୍ମିଳନୀ କକ୍ଷରେ ବୁଧବାର ୨ ବୈଠକ ଅନୁଷ୍ଠିତ ହୋଇଛି। ଗୋଟିଏରେ ପୌରାଞ୍ଚଳରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନେଇ ଗଠିତ ଏରିଆ ଫେଡେରେଶନଙ୍କୁ ଘୂର୍ଣ୍ଣାୟମାନ ପାଣ୍ଠି ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଅନ୍ୟଟି ହେଲା, ସ୍ୱଚ୍ଛଭାରତ ମିଶନରେ ନିର୍ମାଣ ହେବାକୁଥିବା ବ୍ୟକ୍ତି ଓ ଗୋଷ୍ଠୀ ଗତ ଶୌଚାଳୟ ପାଇଁ କାର୍ଯ୍ୟାଦେଶ ବଣ୍ଟନ। ପୌରାଞ୍ଚଳର ୭ଟି ଫେଡେରେଶନ ଗଠିତ ହୋଇଛି। ଆଉ ୫ଟି ଫେଡେରେଶନ ପାଇଁ ସମସ୍ତ କାଗଜପତ୍ର ପ୍ରସ୍ତୁତି ସରିଛି। ସେହି ଏଏଲଏଫ୍ (ଏରିଆ ଲେବୁଲ ଫେଡେରେଶନ) ପାଇଁ ସରକାର ପ୍ରତ୍ୟକଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ସେହି ଅର୍ଥକୁ କିପରି ମହିଳାମାନେ ସାମାଜିକସ୍ତରରେ ବିନିଯୋଗ କରିବେ ତାହା ବୈଠକରେ କୁହାଯାଇଥିଲା। ବସ୍ତି ଅଞ୍ଚଳ ଲୋକଙ୍କୁ ଦକ୍ଷତା ବିକାଶ କ୍ଷେତ୍ରରେ ସାହାଯ୍ୟ କରିବା, ବାହ୍ୟ ଶୌଚକୁ ସମ୍ପୂର୍ଣ୍ଣରୂପେ ବନ୍ଦ କରିବା, ଅସହାୟ ବୃଦ୍ଧାବୃଦ୍ଧଙ୍କୁ ସହାୟତା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଉପାଧ୍ୟକ୍ଷ ପ୍ରଭାତୀ ନାୟକ, ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି, ସମସ୍ତ କାଉନସିଲର ଓ ଜାତୀୟ ଜୀବିକା ମିଶନର ଗୋଷ୍ଠୀ ସହାୟିକା ପ୍ରମୁଖ ଉପସ୍ଥିତ ଥିଲେ। ପରେ ସଫେଇ କ୍ଷେତ୍ରରେ ଭଲ କାମ କରିଥିବା କର୍ମଚାରୀଙ୍କୁ ମାନପତ୍ର ମିଳିଥିଲା। ଶେଷରେ ଶୌଚାଳୟ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।

## ଗ୍ରାମେଶ୍ୱର ଜାଗର ଯାତ୍ରା ପ୍ରସ୍ତୁତି

**ଏରସମା,୨୭।୨(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଏରସମା ବ୍ଲକ ନାରଦିଆ ପଞ୍ଚାୟତର ପଞ୍ଚପଲ୍ଲୀ ଗ୍ରାମେଶ୍ୱରଙ୍କ ପୀଠରେ ହେବାକୁଥିବା ଜାଗର ଯାତ୍ରା ପାଇଁ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ପ୍ରଶାନ୍ତ କୁମାର ମହାନ୍ତି, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁରେନ୍ଦ୍ରନାଥ ମିଶ୍ର, ପୂର୍ବତନ ସରପଞ୍ଚ ଶିଶିର କୁମାର ବିଶ୍ୱାଳ, ସୀମାଇ ଭୋଳ, ସ୍ମୃତିରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଶେଷ କରି ଶୃଙ୍ଖଳା ରକ୍ଷା, ଆଲୋକୀକରଣ, ପାନୀୟଜଳ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରିବାକୁ ଏଥିରେ କୁହାଯାଇଥିଲା। ସେହିପରି ଏରସମା କାଶୀ ବିଶ୍ୱନାଥ ମନ୍ଦିର ପକ୍ଷରୁ ଜାଗର ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ହୋଇଛି। ଏଥିରେ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସନ୍ତୋଷ ପଟ୍ଟନାୟକ, ଶିବସୁନ୍ଦର ସ୍ୱାଇଁ, ସୁରେନ୍ଦ୍ର ଚୌଧୁରୀ, କାର୍ତ୍ତିକ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ, ପ୍ରବଚନ ଆଦି କାର୍ଯ୍ୟକ୍ରମ କରିବାକୁ ସ୍ଥିର ହୋଇଥିଲା।

## ୮ ଦିନ ହେଲା ଜିଲା କୃଷିବିଜ୍ଞାନ କେନ୍ଦ୍ର ବନ୍ଦ

**ତିର୍ତ୍ତୋଲ,୨୭।୨(ଡି.ଏନ.ଏ.)**




ବନ୍ଦ ହୋଇ ରହିଥିବା ଜିଲା କୃଷି ବିଜ୍ଞାନ କେନ୍ଦ୍ର।

ତିର୍ତ୍ତୋଲ ବ୍ଲକ ମଣିଜଙ୍ଗାସ୍ଥିତ ଜିଲା କୃଷି ବିଜ୍ଞାନକେନ୍ଦ୍ର କର୍ମଚାରୀମାନେ ବିଭିନ୍ନ ଦାବି ନେଇ କାର୍ଯ୍ୟାଳୟରେ ତାଲା ପକାଇବା ସହ ଆନ୍ଦୋଳନ ଚଳାଇଛନ୍ତି। ଫଳରେ ୮ଦିନ ହେଲା ଏହି କାର୍ଯ୍ୟାଳୟ ବନ୍ଦ ରହିଛି। କର୍ମଚାରୀମାନଙ୍କ ଆନ୍ଦୋଳନ ଯୋଗୁ ଜିଲାର କୃଷକମାନେ ଏଠାରୁ କୌଣସି ପରାମର୍ଶ ପାଇପାରୁନାହାନ୍ତି। କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ ଏହି କୃଷି ବିଜ୍ଞାନ କେନ୍ଦ୍ରର କର୍ମଚାରୀଙ୍କ ପ୍ରତି ରାଜ୍ୟ ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସେମାନେ ବହୁବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ତେଣୁ ସେମାନେ କାର୍ଯ୍ୟବନ୍ଦ କରି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ କରିବେ ବୋଲି କହିଛନ୍ତି। ସ୍ଥାୟୀ ନିଯୁକ୍ତି, ପେନସନ, ଜୀବନ ବୀମା, କ୍ୟାରିୟର ଆଡଭାନ୍ସମେଣ୍ଟ ଆଦି ସେମାନେ ଦାବି କରିଛନ୍ତି। ଏହି ଆନ୍ଦୋଳନ ଯୋଗୁଁ ରବି ଫସଲ ନିମନ୍ତେ ଚାଷୀ ଆବଶ୍ୟକ ପରାମର୍ଶ ଓ ସହାୟତା ପାଇପାରୁନାହାନ୍ତି।

■ ବୋରିକିନା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ

## ମୌଳିକ ସମସ୍ୟା ଉପରେ ଆଲୋଚନା

■ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବର୍ତ୍ତିତ କରିଥିବାରୁ ବୈଠକରେ ସ୍ୱାସ୍ଥ୍ୟ ବିଭାଗକୁ ସାଧୁବାଦ

■ ଥଣ୍ଡା ପାନୀୟ ଜଳ ଯୋଗାଣ ଉପରେ ବିଶେଷ ଗୁରୁତ୍ୱ

**ବାଲିକୁଦା,୨୭।୨(ସ୍ୱ.ପ୍ର.)**

ବୋରିକିନା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବୁଧବାର ୨ୟ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରୋଗୀ କଲ୍ୟାଣ ସମିତି ଅଧ୍ୟକ୍ଷ ତଥା ୩ନଂ ଜୋନ୍ ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି ଯୋଗଦେଇ ମେଡିକାଲର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟ ସରକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବର୍ତ୍ତିତ କରିଥିବାରୁ ବୈଠକରେ ସ୍ୱାସ୍ଥ୍ୟ ବିଭାଗକୁ ସାଧୁବାଦ ଜ୍ଞାପନ କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସାସ୍ୱତୀ ଶୁଭଦର୍ଶିନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏବିଡିଓ ଅଜୟ ବେହେରା, ଫାର୍ମାସିଷ୍ଟ ଜ୍ୟୋତିପ୍ରକାଶ ନାୟକ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ବନବିହାରୀ ମହାରଣା, ମହିଳା ସ୍ୱାସ୍ଥ୍ୟକର୍ମୀ ଜୟଶ୍ରୀ ଦାସ, ସ୍ୱାସ୍ଥ୍ୟ ପରିଦର୍ଶିକା କନକଲକ୍ଷ୍ମୀ ଦାସ, ପୁରୁଷ ସ୍ୱାସ୍ଥ୍ୟ ପରିଦର୍ଶକ ଶରତ ଚନ୍ଦ୍ର ଗିରି, ବୋରିକିନା ଉଚ୍ଚ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ମାୟାଧର ଲେଙ୍କା, ଅଙ୍ଗନୱାଡି ସୁପରଭାଇଜର ବାସନ୍ତୀ ବେହେରା, ବ୍ଲକ ଆକାଉଣ୍ଟ ମ୍ୟାନେଜର ମାନବେନ୍ଦ୍ର ଶତପଥୀ, ବ୍ଲକ ଡାଟା ମ୍ୟାନେଜର ସୌରଜିତ୍ ସାହୁ ପ୍ରମୁଖ ଯୋଗଦେଇ ମେଡିକାଲର ବିଭିନ୍ନ ସମସ୍ୟା ସମାଧାନ ଦିଗରେ ମତ ରଖିଥିଲେ। ମେଡିକାଲ ପରିସରରେ ଥଣ୍ଡା ପାନୀୟ ଜଳ ଯୋଗାଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଅନ୍ୟପକ୍ଷରେ ମେଡିକାଲର ଥିବା ମୌଳିକ ସମସ୍ୟା ଗୁଡିକ ଉପରେ ଆଲୋଚନା କରାଯିବା ସହିତ ସେଗୁଡିକର ସମାଧାନ ଦିଗରେ ଆବଶ୍ୟକ ଅର୍ଥ ମଞ୍ଜୁର କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ମେଡିକାଲ ମଧ୍ୟରେ ଥିବା ଅସୁରକ୍ଷିତ ଔଷଧ କେନ୍ଦ୍ରର ମରାମତି, ଅଂଶୁଘାତ ଗୃହ ପଇଁ ଶୀତତାପ ନିୟନ୍ତ୍ରଣ ମେଶିନ ଯୋଗାଇବା, ଆବଶ୍ୟକ ଆସବାବପତ୍ର ଯୋଗାଇ ଦେବା, ମେଡିକାଲ ପରିସର ସଫାସୁତୁରା ରଖିବା, ମେଡିକଲରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରିବା, ପରିଷ୍କାର ପରିଚ୍ଛନ ରଖିବା ଓ ବେଡସିଟ୍ ସଫା କରିବା ପାଇଁ ଜଣେ ଅସ୍ଥାୟୀ ରଜକକୁ ଦାୟିତ୍ୱ ଦେବା ଉପରେ ଆଲୋଚନା କରାଯାଇଥିଲା। ଦିଲୀପ ସାହୁ, ବିଚିତ୍ରାନନ୍ଦ ନାୟକ, ଜଗମୋହନ ଦାସ ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ। ମହିଳା ସ୍ୱାସ୍ଥ୍ୟକର୍ମୀ ଜୟଶ୍ରୀ ଦାସ ଧନ୍ୟବାଦ ଦେଇଥିଲେ।



# ଶ୍ରଦ୍ଧାଙ୍କ ଫରେନ ଟୁର୍

ଶ୍ରଦ୍ଧା କପୁର ଏବେ ଲଣ୍ଡନରେ ଡେରା ପକାଇଛନ୍ତି। ଠାକୁର ଦେଖାକୁ କଦଳୀ ଖିଆ ପରି ଯେଉଁ କାମ ପାଇଁ ସେଠାକୁ ଯାଇଛନ୍ତି ତାହା ତ ହେଉଛି, ତା'ସହ ବୁଲାବୁଲି ପୁଣି ଶପିଂ ବି ଚାଲିଛି। ହେଲେ ସେ ଲଣ୍ଡନ ଯିବା ପଛରେ ମୁଖ୍ୟ କାରଣ କ'ଣ ଜାଣନ୍ତି? ଫିଲ୍ମ ଶୁଟିଂ। କଥା କ'ଣ କି, ହିନ୍ଦୀ ସିନେମା 'ଷ୍ଟ୍ରିଟ୍ ଡ୍ୟାନ୍ସର ଥ୍ରୀ'ର ଶୁଟିଂ ଏବେ ଲଣ୍ଡନରେ ଚାଲିଛି। ତେଣୁ ଏକ ୧୫ଦିନିଆ ସିଡ୍ୟୁଲରେ ଫିଲ୍ମର ୟୁନିଟ୍ ସେଠାରେ ଡେରା ପକାଇଛି। କେବଳ ଶ୍ରଦ୍ଧା ନୁହନ୍ତି, ଫିଲ୍ମର ନାୟକ ବରୁଣ ଧାୱନ ମଧ୍ୟ ସେଠାରେ ଅଛନ୍ତି। ନିକଟରେ ଏହାର ନିର୍ଦ୍ଦେଶକ ରେମୋ ଡିସୌଜା ବରୁଣଙ୍କ ସହ ନିଜ ଫଟୋକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।



ଦିଶା ପଟାନି

## ବଲିଉଡ୍ ହାଲ୍‌ଚାଲ୍

❖ମଲାଇକା ଆରୋରା ନିକଟରେ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଏକ ରୋଚକ କଥା କହିଛନ୍ତି। ଅରବାଜଙ୍କ ସହ ଡିଭୋର୍ସ ହେବା ପୂର୍ବରୁ ଆମେ ଦୁହେଁ ଆଦୌ ଖୁସିରେ ନ ଥିଲୁ ବୋଲି କହିଛନ୍ତି ସେ।

❖ଟିଗମାଂସୁ ଧୁଲିଆଙ୍କ ନିର୍ଦ୍ଦେଶିତ 'ମିଲନ ଟକିଜ୍' ଚଳିତ ବର୍ଷ ମାର୍ଚ୍ଚ ୧୫ରେ ରିଲିଜ ହେବାକୁ ଯାଉଛି। ଏହାର ଲିଡ୍ ରୋଲରେ ଅଛନ୍ତି ଅଲ୍ଲୀ ଫଜଲ ଏବଂ ଶ୍ରଦ୍ଧା ଶ୍ରୀନାଥ।

❖'ଗଲି ବୟ' ଦେଖିବା ପରେ କେବଳ ରଣବୀର ସିଂଙ୍କୁ ନୁହେଁ ଆଲିୟା ଭଟ୍ଟଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି କ୍ୟାଟ୍ରିନା।

❖ଆଦିତ୍ୟ ରୟ କପୁରଙ୍କ ଆଗାମୀ ଆକ୍ସନ-ଥ୍ରୀଲର ଫିଲ୍ମରେ ଅନିଲ କପୁର ଖଳନାୟକ ଭୂମିକାରେ ଅବତୀର୍ଣ୍ଣ ହେବେ। ଏଥିରେ ଆଦିତ୍ୟଙ୍କ ସହ ସ୍କ୍ରିନ ଶେୟାର କରିବେ ଦିଶା ପଟାନି। ଫିଲ୍ମର ଶୁଟିଂ ଚଳିତବର୍ଷ ମାର୍ଚ୍ଚରୁ ଗୋଆରେ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି।

❖ଲଗାତର ଫିଲ୍ମ ଫ୍ଲପ ହେବା ପରେ ଶାହରୁଖ ଏବେ ଏକ ଦମଦାର କାହାଣୀ ସନ୍ଧାନରେ ଅଛନ୍ତି।

ଅପେରା ହାଲ୍‌ଚାଲ୍

# କଥା ୨୩ ବର୍ଷର



ଟୁନି

ଚାହୁଁ ଚାହୁଁ ଜଲିଉଡ୍‌ରେ ୨୩ ବର୍ଷ ହୋଇଗଲା। ଆକ୍ଟିଂର ଲମ୍ବା ଇନିଂସ୍ ଖେଳୁଥିବା ଏହି ଆଗଧାଡିର ଅଭିନେତ୍ରୀ ଜଣକ ହେଲେ ଟୁନିଆ ମଲ୍ଲିକ। ଟୁନି ନାମରେ ସେ ଇଣ୍ଡଷ୍ଟ୍ରିରେ ପରିଚିତା। ବର୍ତ୍ତମାନ ସେ ଯାତ୍ରାଗାଁ ଅପେରା ପାର୍ଟିରେ ଅଭିନୟ ଜାରି ରଖିଛନ୍ତି। ଚଳିତ ଯାତ୍ରା ସିଜନରେ ଦୁଇଟି ନାଟକ- 'ଲୁହର ଓଜନ ଲୁହାଠୁ ବେଶି' (ଶର୍ମିଳା, ଲଗ୍ନା) ଏବଂ 'ତୁ ମୋ ସପନର ରାଣୀ' (ସଞ୍ଜନା, ଶେଫାଳି)ରେ ତାଙ୍କର ଡବଲ ରୋଲ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଛି। ଏହି ଚରିତ୍ରଗୁଡିକୁ ସେ ବେଶ୍ ସୁନ୍ଦର ଭାବରେ ଫୁଟାଇ ପାରିଛନ୍ତି ଏବଂ ସାଉଁଟିଛନ୍ତି ଅନେକ ପ୍ରଶଂସା। 'ଲୁହର ଓଜନ ଲୁହାଠୁ ବେଶି' ଏବଂ 'ତୁ ମୋ ସପନର ରାଣୀ'ରେ ଡବଲ ରୋଲ୍ ମୋ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। କିନ୍ତୁ ଆଖଡ଼ା ପରେ ତାହାକୁ ତୁଲାଇବାର ସହଜ ଉପାୟ ପାଇଯାଇଥିଲି। ମୋ ପରିଶ୍ରମକୁ ଦର୍ଶକେ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ଼ କଥା ବୋଲି କୁହନ୍ତି ଟୁନିଆ।' ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରୁ ଆରମ୍ଭ ହୁଏ ତାଙ୍କ ଅଭିନୟ ଜୀବନ। ତୁଳସୀ ଗଣନାଟ୍ୟରେ ପ୍ରବେଶ ପରେ ତାଙ୍କର ଆକ୍ଟିଂ କ୍ୟାରିୟର ନିଏ ନୂଆ ମୋଡ଼। ବିଶେଷଭାବରେ ଟ୍ରାଜେଡି ଭୂମିକାରେ ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିବାରେ ସକ୍ଷମ ହୋଇଛି, ଯେଉଁଥିପାଇଁ ସେ ଜଲିଉଡ୍‌ରେ 'ଟ୍ରାଜେଡି କୁଇନ୍' ଭାବରେ ପରିଚିତା।

# ରେହନୁମା ରେହନୁମା..

ନିର୍ମାଣାଧୀନ ଓଡ଼ିଆ ସିନେମା 'ବିଶ୍ୱରୂପ'ରେ ସଂଯୋଜିତ ଗୀତ 'ରେହନୁମା ରେହନୁମା'କୁ ନେଇ ଚର୍ଚ୍ଚା। ଗୀତଟିର କମ୍ପୋଜିଶନ ସମୟରେ ବେଶ୍ ପରିଶ୍ରମ କରିଥିଲେ ଏହାର ସଙ୍ଗୀତ ନିର୍ଦ୍ଦେଶକ ବିଭୂତି ଭୂଷଣ ଗଡ଼ନାୟକ। ନାୟକ ବିଶ୍ୱରୂପ ଏବଂ ନାୟିକା ଅମ୍ରିତାଙ୍କୁ ନେଇ ଏହାର ଦୃଶ୍ୟାୟନ ସୁଦୂର ଆସାମ, ମେଘାଳୟ ଏବଂ ସିକ୍କିମ୍‌ରେ କରାଯାଇଛି। ଗୀତଟି ପାଇଁ କଣ୍ଠଦାନ କରିଛନ୍ତି ସତ୍ୟଜିତ୍ ଏବଂ ଦୀପ୍ତିରେଖା। କେବଳ କମ୍ପୋଜିଶନ ନୁହେଁ, ଗୀତଟି ରଚନା ସମୟରେ ଏହାର ପ୍ରତିଟି ଧାଡ଼ି କିପରି ବେଶ୍ ଶ୍ରୁତିମଧୁର ହୋଇପାରିବ ସେଥିପାଇଁ ଚେଷ୍ଟା କରାଯାଇଥିଲା। ଏ.ବି. କ୍ରିଏଶନ ବ୍ୟାନର ତଥା ବିଶ୍ୱଜିତ୍ ମିଶ୍ରଙ୍କ ପ୍ରଯୋଜନାରେ ନିର୍ମିତ 'ବିଶ୍ୱରୂପ'ର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସରୋଜକାନ୍ତ।



ବିଶ୍ୱରୂପ – ଅମ୍ରିତା

# ଦୋଛକିରେ ପଡ଼ିଛନ୍ତି ଈଶାନ

ନବାଗତ ଈଶାନ ଖଟ୍ଟର। 'ଧଡକ୍' ସିନେମାରୁ ସେ ତାଙ୍କର ବଲିଉଡ୍ ଜର୍ନି ଆରମ୍ଭ କରିଛନ୍ତି। ନିକଟରେ ସେ ଦୋଛକିରେ ପଡିଯାଇଛନ୍ତି। ପୁଣି ଏମିତି ଏଣୁ ମାରିଲେ ଗୋହତ୍ୟା ତେଣୁ ମାରିଲେ ବ୍ରହ୍ମହତ୍ୟା। ଏପରି ଏକ ସମସ୍ୟାର ସମାଧାନ କିପରି କରିବେ ତାହାର ବାଟ ଖୋଜୁଛନ୍ତି ସେ। ହାତୀ ମୁଣ୍ଡରେ ସୁନା କଳସ ଢାଳିବା ପରି ତାଙ୍କୁ ଆଉ ଏକ ଭଲ ଅଫର ମିଳିଛି। ତାହା ପୁଣି ବିଶିଷ୍ଟ ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲିଙ୍କ କ୍ୟାମ୍ପରୁ ଜାଣନ୍ତି। ଶୁଣିବାକୁ ମିଳୁଛି ଯେ ସଞ୍ଜୟ ଏକ ଲଭ୍ ଷ୍ଟୋରିକୁ ହିନ୍ଦୀ ସିନେମାରେ ରୂପାନ୍ତରିତ କରିବାକୁ ଯାଉଛନ୍ତି। ଆଉ କାହାଣୀ ଅନୁସାରେ ଏହାର ମେଲ୍ ଲିଡ୍ ପାଇଁ ସେ ଈଶାନଙ୍କ ନାମକୁ ପ୍ରାଥମିକତା ଦେଉଛନ୍ତି। ଯଦିଓ ସବୁକିଛି ଆଲୋଚନା ସ୍ତରରେ ରହିଛି, ହେଲେ ଏଭଳି ଖବର ପାଇବା ପରେ ଈଶାନଙ୍କ ଖୁସି କହିଲେ ନ ସରେ। ହେଲେ ସେପଟେ ତାଙ୍କୁ ଆଉ ଏକ ଭଲ ଅଫର ମିଳିଛି। ତେଣୁ କାହାକୁ ହଁ ଭରିବେ କାହାକୁ ମନା କରିବେ ସେ ନେଇ ଅଡୁଆରେ ପଡିଯାଇଛନ୍ତି ଏହି ଅଭିନେତା। ତେବେ ଆଗକୁ କ'ଣ ହେବା ତାହା ଜାଣିବାକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡିବ।



ଈଶାନ

# ବିନ୍‌ଦାସ ଦୀପକ

ଆଶା କାହାର ନ ଥାଏ କହିଲେ? ଯେତେବେଳେ ତାହା ପୂରଣ ହୋଇଯାଏ ସେତେବେଳେ ଖୁସି କହିଲେ ନ ସରେ। ଆଉ ସେଥିରୁ ଦୀପକ ବାଦ୍ ବା ପଡ଼ନ୍ତେ କିପରି? ନିକଟରେ ତାଙ୍କର ଏପରି ଏକ ଆଶା ପୂରଣ ହେବା ପରେ ସେ ଖୁସିରେ ଉଛୁଳୁଛନ୍ତି। କଥା କ'ଣ କି, ନିର୍ମାଣାଧୀନ ଓଡ଼ିଆ ଚଳଚ୍ଚିତ୍ର 'ଜୋର୍ କା ଝଟ୍‌କା'ରେ ତାଙ୍କୁ ମିଳିଛି ଏକ ଚ୍ୟାଲେଞ୍ଜିଂ ଭୂମିକା। ପୁଣି ରୋଲ୍‌ଟି ତାଙ୍କ ମନଲାଖି। ଏ ସମ୍ପର୍କରେ ଦୀପକ କହନ୍ତି, ଏହି ଫିଲ୍ମର କାହାଣୀରେ ଲଭ୍, ଇମୋଶନ ଏବଂ କମେଡି ରହିଛି। ଏଥିରେ ମୋତେ ମିଳିଛି ଜଣେ ବିନ୍‌ଦାସ ଯୁବକର ଭୂମିକା। ହଠାତ୍ ମୋର ଜଣେ ସୁନ୍ଦରୀ ସହ ଭେଟ ହେଉଛି ଏବଂ ସେହି ପ୍ରଥମ ଦେଖାରେ ହିଁ ଆମ ଭିତରେ ପ୍ରେମ ଆରମ୍ଭ ହୋଇଯାଉଛି। ବାସ୍ ତା'ପରେ କ'ଣ ହେଉଛି ତାହା ସିନେମାରେ ଦେଖିବାକୁ ମିଳିବ। ସବୁଦୃଷ୍ଟିରୁ ଏହି ଭୂମିକା ମୋତେ ପ୍ରଭାବିତ କରିଛି। ଏହା ହେଉଛି ମୋର ଡ୍ରିମ୍ ରୋଲ୍, ଯେଉଁଥିରେ ସବୁପ୍ରକାର ମସଲା ରହିଛି।' ଶିବାନୀ ଫିଲ୍ମସ ବ୍ୟାନରରେ ଏହି ଫିଲ୍ମକୁ ପ୍ରଯୋଜନା କରିଛନ୍ତି ଅଶୋକ ବେହେରା। ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳୁଛନ୍ତି ପିନୁ ନାୟକ। ଦୀପକଙ୍କ ଅପୋଜିଟ୍‌ରେ ପିଙ୍କି ପ୍ରିୟଦର୍ଶିନୀ ନାୟିକା ସାଜିଥିବା ବେଳେ ଶ୍ରୀତମ୍ ଦାସ, ମିହିର ଦାସ, ପ୍ରତିଭା ପ ଣ୍ଡ ।, ହରିହର ମହାପାତ୍ର, ପ୍ରଜ୍ଞା ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ। ଡ. ନିର୍ମଳ ନାୟକ ସଂଳାପ ରଚନା କରିଛନ୍ତି ଏବଂ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ୍ ମଜୁମ୍‌ଦାର।



ଦୀପକ–ପିଙ୍କି

# ବ୍ୟସ୍ତ ଅଛନ୍ତି ରଣବୀର

ରଣବୀର ସିଂଙ୍କ ପାଖରେ ଏବେ ଟାଇମ୍ ନାହିଁ। କାରଣ ପ୍ରସ୍ତୁତିରେ ଏବେ ସମୟ ବିତି ଯାଉଛି। କ'ଣ ପାଇଁ ଜାଣନ୍ତି ? ସେ ଏବେ ବିଶିଷ୍ଟ କ୍ରିକେଟ ଖେଳାଳି ତଥା ଭାରତକୁ ପ୍ରଥମ ଥର ପାଇଁ ବିଶ୍ୱକପ ଚାମ୍ପିୟନର ସ୍ୱାଦ ଚଖାଇଥିବା କପିଳ ଦେବଙ୍କ ବାୟୋପିକରେ ଅଭିନୟ କରିବାକୁ ଯାଉଛନ୍ତି। ତେଣୁ ଏଭଳି ଏକ ଭୂମିକାରେ କିପରି ସଫଳ ହେବ ସେ ନେଇ ଦିନରାତି ଏକାଠି କରିଦେଇଛନ୍ତି ରଣବୀର। ବିଶେଷ ଭାବରେ ପଡିଆରେ କପିଳଙ୍କ ଆକ୍ସନକୁ କିପରି ଠିକ୍ ଭାବରେ ସେ ଫଲୋ କରିବା ସହ ଭୂମିକାଟିକୁ ତୁଲାଇ ପାରିବେ ସେଥିପାଇଁ ବିଶେଷ ଧ୍ୟାନ ଦେଉଛନ୍ତି। 'କେବଳ ଏହି ଭୂମିକା ନୁହେଁ, ସିନେମାଟି ମୋ ପାଇଁ ଏକ ଚ୍ୟାଲେଞ୍ଜ। ତେଣୁ ଏହାକୁ ପ୍ରପର ଜଷ୍ଟିସ ଦେବାକୁ ଲାଗି ପଡିଛି ବୋଲି କହିଛନ୍ତି ରଣବୀର।' ସୂଚନାଯୋଗ୍ୟ, ନିକଟରେ ରଣବୀରଙ୍କ ଅଭିନୀତ 'ଗଲି ବୟ' ରିଲିଜ ହୋଇ ଭଲ ବିଜନେସ କରୁଛି।

"୨୦୧୯ ବିଶ୍ୱକପ୍ କିଏ ଜିତିବ, ଅନୁମାନ କରିବା କଷ୍ଟସାଧ୍ୟ ହେଲେ ମଧ୍ୟ ଭାରତ ଓ ପାକିସ୍ତାନ ନିକଟରେ ଚାମ୍ପିୟନ ହେବାର ଭଲ ସୁଯୋଗ ରହିଛି।

– ଏବି ଡି ଭିଲର୍ସ, ପ୍ରାକ୍ତନ ଦକ୍ଷିଣ ଆଫ୍ରିକା କ୍ରିକେଟର



"କ୍ରିସ୍ ଗେଲ୍ଙ୍କ ପରି ଛକା ମାରିପାରିବି ନାହିଁ। କିନ୍ତୁ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିପାରିବି।

– ଜୋ ରୁଟ୍, ଇଂଲଣ୍ଡ କ୍ରିକେଟର



## ସଂକ୍ଷେପରେ

### ମନୁ-ସୌରଭ ଜିତିଲେ ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୨୭।୨(ପିଟି)- ସ୍ଥାନୀୟ ଡ. କାର୍ନି ଶୁଟିଂ ରେଞ୍ଜଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍‌ରେ ବୁଧବାର ଭାରତକୁ ୩ୟ ସ୍ୱର୍ଣ୍ଣ ପଦକ ମିଳିଛି। ମନୁ ଭାକର ଓ ସୌରଭ ଚୌଧାରୀଙ୍କ ଯୋଡ଼ି ୧୦ ମିଟର ଏୟାର ପିସ୍ତଲ ମିକ୍ସଡ୍ ଦଳଗତ ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି। ଟିନ ଏଜ ଯୋଡ଼ି ୫.୭ ପଏଣ୍ଟ ବ୍ୟବଧାନରେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିସହ ଭାରତ ଟୁର୍ନାମେଣ୍ଟର ସର୍ବାଧିକ ସଂଖ୍ୟକ ପଦକ ଜିତି ପଦକ ତାଲିକାରେ ହଙ୍ଗେରୀ ସହ ଶୀର୍ଷରେ ରହିଛି। କିନ୍ତୁ ଏହି ଇଭେଣ୍ଟରୁ ଭାରତ କେବଳ ଗୋଟିଏ ଅଲିମ୍ପିକ୍ କୋଟା ପାଇଛି। ସେ ହେଉଛନ୍ତି ସୌରଭ। ସେ ୧୦ ମି. ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପଦକ ତାଲିକାରେ ୩ୟ ସ୍ଥାନରେ ଥିବା ଚାଇନା ସର୍ବାଧିକ ସଂଖ୍ୟକ ପଦକ ଜିତିଛି। ଚାଇନିଜ ଶୁଟରମାନେ ୧୦ ପଦକ ସହ ୫ ଅଲିମ୍ପିକ୍ କୋଟା ପାଇଛନ୍ତି। ଭାକର ଓ ସୌରଭ ମିଳିତ ଭାବେ ଫାଇନାଲରେ ୪୮୩.୪ ସ୍କୋର କରିଥିଲେ। ପୂର୍ବରୁ ଅନୁଷ୍ଠିତ କ୍ୱାଲିଫାୟର୍ସ ରାଉଣ୍ଡରେ ଦୁଇ ଭାରତୀୟ ଶୁଟର ୭୭୮ ସ୍କୋର କରି ବିଶ୍ୱ ରେକର୍ଡ ସହ ଫାଇନାଲରେ ପ୍ରବେଶ କରିଥିଲେ। ଏହି ଇଭେଣ୍ଟରେ ଚାଇନା (୪୭୭.୭) ଓ କୋରିଆ (୪୧୮.୮) ସହ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

### କ୍ୱାର୍ଟରରେ ସୌରଭ

ସିକାଗୋ,୨୭।୨(ପିଟି)- ଭାରତୀୟ ସ୍କ୍ୱାଶ୍ ଖେଳାଳି ସୌରଭ ଘୋଷାଲ ଏଠାରେ ଚାଲିଥିବା ପିଏସ୍ଏ ବିଶ୍ୱ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ୩୨ ବର୍ଷୀୟ ଭାରତୀୟ ୧୧-୧୩, ୧୧-୭, ୧୧-୭, ୧୩-୧୧ ଗେମ୍‌ରେ ୱେଲ୍ସ ଜୋଏଲ ମାକିନଙ୍କୁ ହରାଇ ଦେଇଛନ୍ତି। ପ୍ରଥମ ଗେମ୍‌ରେ ପରାସ୍ତ ହେବା ପରେ ୧୧ତମ ସିଡ୍ ସୌରଭ ଚମତ୍କାର ପ୍ରଦର୍ଶନ ବଳରେ ମ୍ୟାଚ୍‌କୁ ଫେରିବା ସହ ଜିତି ନେଇଥିଲେ। ସୌରଭ ଆଗାମୀ ମ୍ୟାଚ୍‌ରେ ଜର୍ମାନୀର ସିମୋନ ରୋଶ୍‌ନରଙ୍କୁ ଭେଟିବେ।

### ଭାରତ ଗସ୍ତରୁ ରିଚାର୍ଡସନ ବାଦ୍

ମୁମ୍ବାଇ,୨୭।୨(ପିଟି)- ଅଷ୍ଟ୍ରେଲିଆନ ଫାଷ୍ଟ ବୋଲର କେନ ରିଚାର୍ଡସନ ସମ୍ପୂର୍ଣ୍ଣ ଭାରତ ଗସ୍ତରୁ ବାଦ୍ ପଡ଼ିଛନ୍ତି। ଆହତ ସମସ୍ୟା ଯୋଗୁ ତାଙ୍କୁ ଏଭଳି ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଛି। ଏ ନେଇ ବୁଧବାର କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ କୁହାଯାଇଛି। ଭାରତୀୟ ଦଳ ବିପକ୍ଷରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବା ପୂର୍ବରୁ ଅଭ୍ୟାସ ସେସନ୍‌ବେଳେ ସେ ଆହତ ହୋଇଥିଲେ। ତାଙ୍କ ବଦଳରେ ଆଣ୍ଡ୍ରୁ ଟାଏ ଦଳରେ ସ୍ଥାନ ପାଇଛନ୍ତି। ଭାଇଜାଗଠାରେ ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍ ପୂର୍ବରୁ ରିଚାର୍ଡସନ ଶରୀରର ବାମପାର୍ଶ୍ୱରେ ଯନ୍ତ୍ରଣା ହେଉଥିବା ଅଭିଯୋଗ କରିଥିଲେ। ଦୁର୍ଭାଗ୍ୟବଶତଃ ଦ୍ୱିତୀୟ ମ୍ୟାଚ୍ ପୂର୍ବରୁ ଫିଟ୍ ନ ହେବାରୁ ତାଙ୍କୁ ଗସ୍ତରୁ ବାଦ୍ ଦିଆଯାଇଛି। ସେ ଏବେ ସ୍ୱଦେଶ ଫେରିଯିବେ ବୋଲି ଅଷ୍ଟ୍ରେଲିଆ ଦଳର ଫିଜିଓଥେରାପିଷ୍ଟ ଡେଭିଡ ବେକଲି କହିଛନ୍ତି। ଏଥିଯୋଗୁ ମିଚେଲ ଷ୍ଟାର୍କ ଓ ଜୋଶ ହାଜେଲଉଡଙ୍କ ବିନା ଭାରତ ଗସ୍ତ କରିଥିବା ଅଷ୍ଟ୍ରେଲିଆ ଦଳକୁ ଶକ୍ତ ଧକ୍କା ଲାଗିଛି।

# ଅଷ୍ଟ୍ରେଲିଆ ସିରିଜ ବିଜୟୀ

## ମ୍ୟାକ୍ସୱେଲଙ୍କ ଶତକ

ବେଙ୍ଗାଲୁରୁ,୨୭।୨(ପି.ଟି.)

ଗ୍ଲେନ୍ ମ୍ୟାକ୍ସୱେଲଙ୍କ ଅପରାଜିତ ଶତକ (୧୧୩ ରନ, ୫୫ ବଲ, ୭ ଚୌକା, ୯ ଛକା) ବଳରେ ଅଷ୍ଟ୍ରେଲିଆ ବୁଧବାର ଦ୍ୱିତୀୟ ତଥା ଅନ୍ତିମ ଟି୨୦ କ୍ରିକେଟ ମ୍ୟାଚ୍‌ରେ ଘରୋଇ ଭାରତକୁ ୨ଟି ବଲ ବାକିଥାଇ ୭ ଉଇକେଟରେ ପରାସ୍ତ କରିଛି। ଫଳରେ ଦୁଇ ମ୍ୟାଚ୍ ବିଶିଷ୍ଟ ଏହି ସିରିଜକୁ ଅଷ୍ଟ୍ରେଲିଆ ୨–୦ରେ ସୁଇପ୍ କରିଛି। ଏଥିସହିତ ଭାରତ ମାଟିରେ ଅଷ୍ଟ୍ରେଲିଆ ପ୍ରଥମଥର ପାଇଁ ଟି୨୦ ସିରିଜରେ ବିଜୟୀ ହୋଇଛି। ଅନ୍ୟପଟେ ପରାଜୟ ଫଳରେ ଭାରତର କ୍ରମାଗତ ସିରିଜ ଅପରାଜୟ ଧାରା ବ୍ୟାହତ ହୋଇଛି।

**ଘରୋଇ ପରିବେଶରେ ଭାରତର ଟି୨୦ ସିରିଜ ପରାଜୟ**

- ୨୦୧୧ ବନାମ ଇଂଲଣ୍ଡ (୧ ମ୍ୟାଚ): ୦-୧
- ୨୦୧୨ ବନାମ ନ୍ୟୁଜିଲାଣ୍ଡ(୨ ମ୍ୟାଚ): ୦-୧
- ୨୦୧୫ ବନାମ ଦକ୍ଷିଣ ଆଫ୍ରିକା(୩ ମ୍ୟାଚ): ୦-୨
- ୨୦୧୯ ବନାମ ଅଷ୍ଟ୍ରେଲିଆ(୨ ମ୍ୟାଚ): ୦-୨

ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଟସ୍ ଜିତି ଅଷ୍ଟ୍ରେଲିଆ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ୪ ଉଇକେଟ ହରାଇ ୧୯୦ ରନ ସଂଗ୍ରହ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୯.୪ ଓଭରରେ ୩ ଉଇକେଟ ହରାଇ ୧୯୪ ରନ କରି ବିଜୟୀ ହୋଇଥିଲା। ଦମଦାର ଶତକୀୟ ଇନିଂସ ଖେଳି ଭାରତ ହାତରୁ ମ୍ୟାଚ୍ ଛଡ଼ାଇ ନେଇଥିବା ମ୍ୟାକ୍ସୱେଲ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ସିରିଜ ବିବେଚିତ ହୋଇଛନ୍ତି। ଅଷ୍ଟ୍ରେଲିଆ ତରଫରୁ ଅନ୍ୟମାନଙ୍କ ମଧ୍ୟରେ ଡାର୍ସି ଶର୍ଟ ୨୮ ବଲରୁ ୪୦, ମାର୍କସ ଷ୍ଟୋଇନିସ ୭, ଅଧିନାୟକ ଆରୋନ ଫିଞ୍ଚ୍ ୮ ରନ କରି ଆଉଟ ହୋଇଥିବା ବେଳେ ପିଟର ହ୍ୟାଣ୍ଡ୍ସକମ୍ବ ୨୦ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ପକ୍ଷରୁ ବିଜୟ ଶଙ୍କର ୨, ସିଦ୍ଧାର୍ଥ କାଉଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ଶତକ ହାସଲ ପରେ ଗ୍ଲେନ ମ୍ୟାକ୍ସୱେଲ।

ଏହି ସିରିଜରେ କ୍ରମାଗତ ଦ୍ୱିତୀୟଥର ପାଇଁ ଭାରତ ଟସ୍ ହାରିଥିଲା। ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ଧୀମା ଆରମ୍ଭ କରିଥିଲା। ପରେ ଓପନର ଲୋକେଶ ରାହୁଲ ଧୁଆଁଧାର ବ୍ୟାଟିଂ କରି ସ୍କୋରକୁ ଆଗକୁ ବଢାଇଥିଲେ। ୨୬ଟି ବଲର ସମ୍ମୁଖୀନ ହୋଇ ରାହୁଲ ୩ ଚୌକା ଓ ୪ ଛକା ସହ ଦ୍ରୁତ ୪୭ ରନ କରିଥିବା ବେଳେ ନାଥନ କୁଲ୍ଟର– ନିଲଙ୍କ ଅଫ୍ ଷ୍ଟମ୍ପ ବାହାରର ବଲକୁ ଥାର୍ଡ ମ୍ୟାନ ଅଞ୍ଚଳକୁ ଖେଳି ଝେ ରିଚାର୍ଡଶନଙ୍କ ହାତରେ ଧରା ପଡିଥିଲେ। ଅଭିଜ୍ଞ ଶିଖର ଧାୱନ ୨୪ଟି ବଲ ଖେଳି ୧୪ ରନ କରି ଜାସନ ବେହରନଡର୍ଫଙ୍କ ବଲ୍‌ରେ ମାର୍କସ ଷ୍ଟୋଇନିସ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଓପନିଂ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୪୩ ବଲରୁ ୬୧ ରନ ସଂଗ୍ରହ କରିଥିଲେ। ରିଷଭ ପନ୍ତ ଡାର୍ସିଙ୍କ ବଲରେ ଲମ୍ବା ଶଟ୍ ଖେଳିବାକୁ ଯାଇ ସେ ଲଙ୍ଗଅପ୍‌ରେ ରିଚାର୍ଡଶନଙ୍କ ହାତରେ ଧରାପଡି ପୁଣିଥରେ ବିଫଳ ହୋଇଥିଲେ। ଏହାପରେ ଚତୁର୍ଥ ଉଇକେଟ ଯୋଡିରେ ଅଧିନାୟକ କୋହଲି ଓ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ୫୦ ବଲରୁ ୧୦୦ ରନ ସଂଗ୍ରହ କରି ଦଳକୁ ଏକ ଚ୍ୟାଲେଞ୍ଜିଂ ସ୍କୋର ପ୍ରଦାନ କରିଥିଲେ। ଧୀମା ଆରମ୍ଭ କରିଥିବା ଧୋନୀ ପରେ ୨୩ଟି ବଲ୍ ଖେଳି ୩ ଚୌକା ଓ ୩ ଛକା ସହ ଦ୍ରୁତ ୪୦ ରନ ସଂଗ୍ରହ କରିଥିବା ବେଳେ ପ୍ୟାଟ କୁମିନ୍ସଙ୍କ ବଲ୍‌ରେ ଲଙ୍ଗଅପ୍‌ରେ ଆରୋନ ଫିଞ୍ଚ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। କୋହଲି ଉପଯୋଗୀ ତଥା ଦ୍ରୁତଗତିରେ ବ୍ୟାଟିଂ କରି ଦଳର ସ୍କୋରକୁ ଆଗେଇ ନେଇଥିଲେ। ୩୮ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ଓ ୬ ଛକା ସହ ସେ ୭୨ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେହିପରି ଦୀନେଶ କାର୍ତ୍ତିକ ୩ଟି ବଲ ଖେଳି ୨ ଚୌକା ସହ ୮ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ବେହରନଡର୍ଫ, କୁଲ୍ଟର–ନିଲ, କୁମିନ୍ସ ଓ ଶର୍ଟ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଭାରତୀୟ ଦଳରେ ୩ଟି ପରିବର୍ତ୍ତନ ହୋଇଥିଲା। ରୋହିତ ଶର୍ମାଙ୍କୁ ବିଶ୍ରାମ ଦିଆଯାଇ ଶିଖର ଧାୱନ, ମୟଙ୍କ ମାର୍କଣ୍ଡେଙ୍କ ବଦଳରେ ଅଲରାଉଣ୍ଡର ବିଜୟ ଶଙ୍କର ଓ ଉମେଶ ଯାଦବଙ୍କ ବଦଳରେ ସିଦ୍ଧାର୍ଥ କାଉଲଙ୍କୁ ସୁଯୋଗ ପ୍ରଦାନ କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୯୦/୪ (କୋହଲି– ୭୨*, ରାହୁଲ– ୪୭, ଧୋନୀ– ୪୦, କାର୍ତ୍ତିକ– ୮*, ବେହରନଡୋର୍ଫ– ୧/୧୭, କୁଲ୍ଟର ନିଲ– ୧/୩୩, କୁମିନ୍ସ– ୧/୪୦, ଶର୍ଟ– ୧/୨୯)।

ଅଷ୍ଟ୍ରେଲିଆ ୧୯.୪ ଓଭରରେ ୧୯୪/୩ (ମ୍ୟାକ୍ସୱେଲ– ୧୧୩*, ଶର୍ଟ– ୪୦, ହ୍ୟାଣ୍ଡ୍ସକମ୍ବ– ୨୦*, ଶଙ୍କର– ୨/୩୮)।

# ଓଡ଼ିଶାର କ୍ରମାଗତ ୩ୟ ବିଜୟ



ବ୍ୟାଟିଂ ଅବସରରେ ରିଦ୍ଧିମାନ ଶାହା

**ସୟଦ ମୁସ୍ତାକ ଅଲି ଟି୨୦**

କଟକ ଅଫିସ,୨୭।୨

ଡ୍ରିମସ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ୭ ଉଇକେଟରେ ଆସାମକୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ଓଡ଼ିଶାର ଏହା କ୍ରମାଗତ ୩ୟ ବିଜୟ। ପ୍ରଥମ ଦୁଇଟି ମ୍ୟାଚ ପରାସ୍ତ ହେବା ପରେ ପରବର୍ତ୍ତୀ ୩ଟି ମ୍ୟାଚ୍‌ରେ ବିଜୟୀ ହୋଇ ୧୨ ପଏଣ୍ଟ ସହ ଓଡ଼ିଶା ଗ୍ରୁପ–ଡି ପଏଣ୍ଟ ଟେବୁଲର ୫ମ ସ୍ଥାନରେ ରହିଛି। ଆସାମ ବିପକ୍ଷ ମ୍ୟାଚ୍‌ରେ ସ୍ପିନର ପପୁ ରାୟ କ୍ୟାରିୟରର ଶ୍ରେଷ୍ଠ ବୋଲିଂ କରିଛନ୍ତି। ୨୧ରନ ବିନିମୟରେ ପପୁ ୪ଟି ଉଇକେଟ ଦଖଲ କରିଛନ୍ତି। ଶୁଭ୍ରାଂଶୁ ସେନାପତି ଆହତ ହୋଇଥିବାରୁ ଏହି ମ୍ୟାଚ୍‌ରେ ଅନୁରାଗ ଷଡ଼ଙ୍ଗୀ ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ଓଡ଼ିଶା ଟସ୍ ଜିତି ଆସାମକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଆସାମ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୪୨ରନ କରିଥିଲା। ଶିବଶଙ୍କର ରାୟ ସର୍ବାଧିକ ୪୨ଓ ଜିତୁମଣି କଳିତା ୩୧ରନ କରିଥିଲେ। ପପୁଙ୍କ ବ୍ୟତୀତ ଓଡ଼ିଶାର ସୂର୍ଯ୍ୟକାନ୍ତ ପ୍ରଧାନ, ଦେବବ୍ରତ ପ୍ରଧାନ, ବିପ୍ଳବ ସାମନ୍ତରାୟ ଓ ପ୍ରୟାସ ସିଂଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ଜବାବରେ ଓଡ଼ିଶା ୩ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରିଥିଲା। ଓପନର ସନ୍ଦୀପ ପଟ୍ଟନାୟକ ୨୧ ଓ ରାଜେଶ ଧୂପର ୨୭ରନରେ ଆଉଟ ହେବା ପରେ ଅଧିନାୟକ ଅନୁରାଗ ଓ ବିପ୍ଳବ ଓଡ଼ିଶାକୁ ବିଜୟ ଦ୍ୱାରରେ ପହଞ୍ଚାଇଥିଲେ। ଅର୍ଦ୍ଧଶତକରୁ ବଞ୍ଚିତ ହୋଇ ବିପ୍ଳବ(୪୯ରନ) ପ୍ୟାଭିଲିୟନ ଫେରିବା ପରେ ଅନୁରାଗ(୪୩ରନ) ଦଳକୁ ବିଜୟୀ କରାଇଥିଲେ। ଆସାମ ପକ୍ଷରୁ ଅବୁ ନଚିମ ଅହମ୍ମଦଙ୍କୁ ୨ଟି ଉଇକେଟ ମିଳିଥିଲା।

**ରିଦ୍ଧିମାନଙ୍କ ଶତକ**

ଆହତ ପରେ ଘରୋଇ ଟୁର୍ନାମେଣ୍ଟକୁ ପ୍ରତ୍ୟାବର୍ତ୍ତନ କରିଥିବା ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଦ୍ଧିମାନ ସାହଙ୍କ ଶତକୀୟ ଇନିଂସ ବଳରେ ବେଙ୍ଗଲ ୧୦୭ରନରେ ଅରୁଣାଚଳ ପ୍ରଦେଶକୁ ପରାସ୍ତ କରିଛି। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ରିଦ୍ଧିମାନ ୬୨ବଲରୁ ୧୨୯ରନ କରିବା ସହ ଟି୨୦ କ୍ୟାରିୟରରେ ସର୍ବାଧିକ ରନ ସଂଗ୍ରହ କରିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗଲ ୬ ଉଇକେଟ ବିନିମୟରେ ୨୩୪ରନ କରିଥିଲା। ବିଜୟଲକ୍ଷ୍ୟକୁ ପିଛା କରି ଅରୁଣାଚଳପ୍ରଦେଶ ୪ ଉଇକେଟ ହରାଇ ୧୨୭ରନ କରିବାକୁ ସକ୍ଷମ ହୋଇଥିଲା। ସେହିଭଳି ଅନ୍ୟ ଦୁଇଟି ମ୍ୟାଚ୍‌ରେ ହରିୟାଣା ଓ କର୍ନାଟକ ଯଥାକ୍ରମେ ମିଜୋରାମ ଓ ଛତିଶଗଡକୁ ହରାଇଛନ୍ତି। କର୍ନାଟକର ଏହା ଲଗାତର ୫ମ ବିଜୟ।

# ଆଇସିସିର ଆଶ୍ୱାସନା

ଦୁବାଇ, ୨୭।୨(ପିଟି)

ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ପରେ ବିସିସିଆଇ ପକ୍ଷରୁ ଆଗାମୀ ଆଇସିସି ବିଶ୍ୱକପ୍‌କୁ ନେଇ ସୁରକ୍ଷା ଚିନ୍ତା ପ୍ରକଟ କରାଯାଇଛି। ଏଠାରେ ଆୟୋଜିତ ଆଇସିସି ଚିଫ୍ କାର୍ଯ୍ୟକାରୀ କମିଟି (ସିଇସି) ବୈଠକରେ ବିସିସିଆଇ ସିଇଓ ରାହୁଲ ଜୋହରି ମେ' ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଇଭେଣ୍ଟରେ ଅଂଶଗ୍ରହଣ କରୁଥିବା ଭାରତୀୟ ଦଳ, ମ୍ୟାଚ୍ ଅଫିସିଆଲ ଓ ଭାରତୀୟ ପ୍ରଶଂସକଙ୍କ ସୁରକ୍ଷା ନେଇ ଚିନ୍ତାପ୍ରକଟ କରିଛନ୍ତି। ଏହାପରେ ଆଇସିସି ମୁଖ୍ୟ ଡେଭିଡ ରିଚାର୍ଡସନ ବିସିସିଆଇର ଚିନ୍ତା ଦୂର ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ସୁରକ୍ଷା ସମ୍ପର୍କରେ ଆଲୋଚନା କରିବା ବିସିସିଆଇର ମୁଖ୍ୟ ଏଜେଣ୍ଡାରେ ନାହିଁ। ଆତଙ୍କବାଦୀକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନକୁ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟରୁ ତଡ଼ିବା ଏହାର ମୁଖ୍ୟ ଲକ୍ଷ୍ୟ। ଉଲ୍ଲେଖଥାଉ କି, ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ୪୦ରୁ ଊର୍ଦ୍ଧ୍ୱ ସିଆରପିଏଫ୍ ଯବାନ ଶହୀଦ ହେବା ପରେ ସୌରଭ ଗାଙ୍ଗୁଲି ଓ ହରଭଜନ ସିଂଙ୍କ ଭଳି ପ୍ରଖ୍ୟାତ ଖେଳାଳି ଜୁନ୍ ୧୬ରେ ମାଞ୍ଚେଷ୍ଟରଠାରେ ଖେଳାଯିବାକୁ ଥିବା ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତ ନ ଖେଳିବା ଉଚିତ ବୋଲି ମନ୍ତବ୍ୟ ଦେଇଥିଲେ। କିନ୍ତୁ ଏ ସମ୍ପର୍କରେ ବିସିସିଆଇ ସିଇସି ବୈଠକରେ କୌଣସି ଆଲୋଚନା କରିନାହିଁ।

# ଫାଇନାଲରେ ଓଡ଼ିଶା

କଟକ ଅଫିସ,୨୭।୨

ମହାରାଷ୍ଟ୍ରର ଔରଙ୍ଗାବାଦଠାରେ ଅନୁଷ୍ଠିତ ୯ମ ଜାତୀୟ ଜୁନିୟର ବାଳକ ହକି ଚାମ୍ପିୟନଶିପ୍‌ରେ ଓଡ଼ିଶା ଫାଇନାଲରେ ପ୍ରବେଶ କରିଛି। ବୁଧବାର ମଧ୍ୟପ୍ରଦେଶ ବିପକ୍ଷରେ ଅନୁଷ୍ଠିତ ସେମି ଫାଇନାଲ ମ୍ୟାଚ୍‌ରେ ଗୋଲକିପର ସାହିଲ କୁମାର ନାୟକ ଚମତ୍କାର ପ୍ରଦର୍ଶନ ବଳରେ ଓଡ଼ିଶା ବିଜୟୀ ହୋଇଥିଲା। ୪ଟି ଯାକ କ୍ୱାର୍ଟର ଗୋଲଶୂନ୍ୟ ରହିବା ପରେ ପେନାଲ୍ଟି ସୁଟଆଉଟର ସହାୟତା ନିଆଯାଇଥିଲା। ଏଥିରେ ମଧ୍ୟପ୍ରଦେଶ ୨ଟି ଗୋଲ ସ୍କୋର କରିଥିବା ବେଳେ ଓଡ଼ିଶା ୪ଟି ଗୋଲ ଦେଇ ଫାଇନାଲରେ ପ୍ରବେଶ କରିଛି। ମଧ୍ୟପ୍ରଦେଶ ପକ୍ଷରୁ ହୋଇଥିବା ପ୍ରଥମ ଓ ୪ର୍ଥ ପ୍ରୟାସକୁ ଗୋଲକିପର ସାହିଲ ଚମତ୍କାର ଭାବେ ଅଟକାଇଥିଲେ। ସାହିଲଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଛି। ଫାଇନାଲରେ ବିଜୟୀ ହେବାର ଆଶା ରହିଛି ବୋଲି କୋଚ୍ ପ୍ରଣବ ପଟ୍ଟନାୟକ କହିଛନ୍ତି।

## ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସ

# ଭାରତୀୟ ଦଳରେ ଓଡ଼ିଶାର ୧୨

ଭୁବନେଶ୍ୱର, ୨୭।୨(କ୍ରୀଡ଼ା ପ୍ରତିନିଧି)

ଆବୁଧାବିଠାରେ ମାର୍ଚ୍ଚ ୧୪ରୁ ୨୧ ପର୍ଯ୍ୟନ୍ତ ୧୫ଶ ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସ ଅନୁଷ୍ଠିତ ହେବ। ଏଥିରେ ୧୭୬ ଦେଶରୁ ୭୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ସ୍ପେଶାଲ ଅଲିମ୍ପିକ୍ସ ଭାରତ ପକ୍ଷରୁ ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ୩୮୩ ଜଣିଆ ପ୍ରତିନିଧି ଦଳର ନାମ ଘୋଷଣା କରାଯାଇଛି। ଏହା ମଧ୍ୟରେ ୨୮୯ ଆଥଲେଟ୍, ୭୩ କୋଚ୍ ଏବଂ ୨୧ ଅଫିସିଆଲ ଓ ସପୋର୍ଟ ଷ୍ଟାଫ୍ ସାମିଲ। ଭାରତୀୟ ଦଳରେ ଓଡ଼ିଶାର ମୋଟ ୧୨ ଜଣ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ୯ ଆଥଲେଟ୍/ପାର୍ଟନର, ୨ କୋଚ୍ ଓ ଜଣେ ପ୍ରତିନିଧି ଦଳର ମୁଖ୍ୟ। ଆଥଲେଟ୍‌ମାନେ ହେଲେ ମୁକ୍ତା ମୁଣ୍ଡା, ରାଜଶ୍ରୀ ମହାପାତ୍ର, ରୁଶାଲି ଜେନା, ପ୍ରଭାତ ବରାଳ, ରୋନକ ପାରେଖ, ରଜତ କୁମାର କେଡିଆ, ସନ୍ଦୀପ, ଇନ୍ଦ୍ରମଣି କାଣ୍ଡି(ଆଥଲେଟ୍‌ଲିଡର) ଓ ବିଭାରାଣୀ ପାତ୍ର(ୟୁଥ୍‌ଲିଡର)। ମୁଖ୍ୟ କୋଚ୍ ଅର୍ପିତା ମହାପାତ୍ର, ମେଣ୍ଟର ବିବେକାନନ୍ଦ ମହାନ୍ତି ଓ ଭାରତୀୟ ପ୍ରତିନିଧି ଦଳର ସହକାରୀ ମୁଖ୍ୟ ପ୍ରକାଶ କୁମାର ରଥ। ଓଡ଼ିଶା ପ୍ରତିନିଧି ଦଳକୁ ବିଦାୟ ଦେବା ପାଇଁ ଏକ ସମାରୋହର ଆୟୋଜନ କରାଯାଇଥିଲା। ଏଥିରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କସ୍ତୁରୀ ମହାପାତ୍ର, ମିନତି ବେହେରା, ରୋଜାଲିନ ପାଟଶାଣୀ ମିଶ୍ର, ଜାଫର ଇକବାଲ, ଦୀକ୍ଷା ତିୱାରୀ ଓ ପ୍ରଦୀପ୍ତ ରଥ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ଓଡ଼ିଶାର ଦଳର ୟୁନିଫର୍ମ ଉନ୍ମୋଚନ କରିଥିଲେ। ଏହି ମେଗା ଇଭେଣ୍ଟରେ ୨୪ଟି ଅଲିମ୍ପିକ୍ସ କ୍ରୀଡ଼ା ସ୍ଥାନ ପାଇଥିବାବେଳେ ଭାରତ ୧୭ଟିରେ ଅଂଶଗ୍ରହଣ କରିବ।

# ଦୂତୀଙ୍କୁ କ୍ରମାଗତ ଦ୍ୱିତୀୟ ସ୍ୱର୍ଣ୍ଣ

## ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା

ଭୁବନେଶ୍ୱର, ୨୭।୨(କ୍ରୀଡ଼ା ପ୍ରତିନିଧି)

ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ସ୍ୱର୍ଣ୍ଣିମ ସଫଳତା ସହ ବର୍ଷ ଆରମ୍ଭ କରିଛନ୍ତି। କେବଳ ଗୋଟିଏ ଇଭେଣ୍ଟ ନୁହେଁ ଉଭୟ ୧୦୦ ଓ ୨୦୦ ମିଟରରେ ସେ ସ୍ୱର୍ଣ୍ଣ ପଦକ ହାସଲ ସହ ଆଗକୁ ବଢ଼ିଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି–୨ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟର ମହିଳା ୨୦୦ ମିଟରରେ ଦୂତୀ ୨୩.୩୦ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଫଳରେ ଦୂତୀ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। କାତାରର ଦୋହାଠାରେ ୨୩ତମ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ଏପ୍ରିଲ ୨୧ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗତା ପାଇଁ ମହିଳା ୨୦୦ ମିଟରରେ ଯୋଗ୍ୟତା ଟାଇମିଂ ୨୩.୩୦ ରହିଥିଲା। ଦୂତୀ ତାହା ସ୍ପର୍ଶ କରିପାରିଥିବାରୁ ଦୋହା ଚାମ୍ପିୟନଶିପ୍ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ହରିୟାଣାର ଅଞ୍ଜଳି ଦେବୀ ୨୪.୧୫ ସେକେଣ୍ଡ ସହ ରୌପ୍ୟ ଏବଂ ଆନ୍ଧ୍ର ପ୍ରଦେଶର ସୁପ୍ରିୟା ମାଣ୍ଡାଲି ୨୪.୪୮ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି। ୨୦୦ ମିଟର ଇଭେଣ୍ଟରେ ମୋଟ ୬ ପ୍ରତିଯୋଗୀ ୨ଟି ଗ୍ରୁପରେ ରେସ୍ କରିଥିଲେ। ସମସ୍ତଙ୍କ ଟାଇମିଂକୁ ଦେଖିବାପରେ ଲାଇନ୍‌ଅପ୍ ହୋଇଥିଲା ବୋଲି ଦୂତୀ ପ୍ରକାଶ କରିଛନ୍ତି। ଏହି ଲାଇନ୍‌ଅପ୍ ଅନୁସାରେ ତେଲେଙ୍ଗାନାର ହାରିକା ଦେବୀ ଆଣ୍ଟାରାମ ୨୪.୪୯, ପଶ୍ଚିମବଙ୍ଗର ସୋନିୟା ବୈଶ୍ୟ ୨୪.୫୬ ଓ ତାମିଲନାଡୁର ଭି.ଶୁଭା ୨୪.୯୦ ସେକେଣ୍ଡ ନେଇ ଯଥାକ୍ରମେ ୪ର୍ଥରୁ ୬ଷ୍ଠ ସ୍ଥାନରେ ରହିଛନ୍ତି।



କୋଚ୍ ଏନ. ରମେଶଙ୍କ ସହ ଦୂତୀ ଚାନ୍ଦ।

"୨୦୦ ମିଟରରେ ନିଜ ପ୍ରଦର୍ଶନରେ ସନ୍ତୋଷ ପ୍ରକଟ କରିଛନ୍ତି ଦୂତୀ। ପ୍ରତିଦ୍ୱନ୍ଦ୍ୱୀ ଅଧିକ ନ ଥିଲେ। ମୋଟ ୬ ପ୍ରତିଯୋଗୀ ୨ଟି ଗ୍ରୁପ୍‌ରେ ଦୌଡ଼ିଥିଲେ। ତେବେ ମୁଁ ସେଥିପ୍ରତି ଧ୍ୟାନ ନ ଦେଇ ଟାଇମିଂପ୍ରତି ଗୁରୁତ୍ୱ ଦେଇଥିଲି। ମୁଁ ମୋ ଟାର୍ଗେଟରେ ପହଞ୍ଚି ପାରିଛି ଏବଂ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିପାରିଛି। କୋଚ୍ ଏନ. ରମେଶ ମଧ୍ୟ ମୋ ପ୍ରଦର୍ଶନରେ ଖୁସି ଅଛନ୍ତି। ଆମେ ଯେଉଁ ଲକ୍ଷ୍ୟ ନେଇ ଏଠାକୁ ଆସିଥିଲୁ ତାହା ହାସଲ ହୋଇପାରିଥିବାରୁ ଏବେ ଆଗାମୀ ପ୍ରତିଯୋଗିତା ଉପରେ ଧ୍ୟାନ ଦେବା ସମୟ ଆସିଛି" ବୋଲି ଦୂତୀ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ପଟିଆଲାରେ ଗତ ୨୩ ତାରିଖରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି–୧ରେ ଦୂତୀ ମହିଳା ୧୦୦ ମିଟର ରେସ୍‌ରେ ୧୧.୫୧ ସେକେଣ୍ଡ ଟାଇମିଂ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତେବେ ଏହି ଇଭେଣ୍ଟରେ ସେ ଏସିଆନ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ପାଇ ପାରି ନ ଥିଲେ। କାରଣ ଏସିଆନ ଆଥଲେଟିକ୍ସ ପାଇଁ ମହିଳା ୧୦୦ ମିଟରରେ ଯୋଗ୍ୟତା ଟାଇମିଂ ୧୧.୪୦ ସେକେଣ୍ଡ ଥିବାବେଳେ ଦୂତୀ ୧୧.୫୧ ସେକେଣ୍ଡ ସମୟ ନେଇଥିଲେ। "ମୁଁ ମାର୍ଚ୍ଚ ୧୫ରୁ ୧୮ ପର୍ଯ୍ୟନ୍ତ ପଟିଆଲାରେ ଫେଡେରେଶନ କପ୍ ଜାତୀୟ ସିନିୟର ଆଥଲେଟିକ୍ସ ମିଟ୍‌ରେ ଅଂଶଗ୍ରହଣ କରିବି। ସେହି ପ୍ରତିଯୋଗିତାର ୧୦୦ ମିଟର ରେସ୍‌ରେ ୧୧.୪୦ ସେକେଣ୍ଡ ଟାଇମିଂ ହାସଲ କରିବା ମୋର ମୁଖ୍ୟ ଲକ୍ଷ୍ୟ ରହିବ। ଯଦି ତାହା ସମ୍ଭବ ହୁଏ ତେବେ ମୁଁ ଦୋହା ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଉଭୟ ୧୦୦ ଓ ୨୦୦ ମିଟରରେ ଅଂଶଗ୍ରହଣ କରିବି" ବୋଲି ଦୂତୀ କହିଛନ୍ତି।

**ଦୂତୀଙ୍କ ଟାଇମିଂ**

- ଇଣ୍ଡିଆନ ଗ୍ରାଁ ପ୍ରି-୧(୧୦୦ ମିଟର): ୧୧.୫୧
- ଇଣ୍ଡିଆନ ଗ୍ରାଁ ପ୍ରି-୨(୨୦୦ ମିଟର): ୨୩.୩୦
- ଏସିଆନ୍ ଆଥ୍‌ଲେଟିକ୍ସ ଯୋଗ୍ୟତା ଟାଇମିଂ
- ମହିଳା ୧୦୦ ମିଟର: ୧୧.୪୦
- ମହିଳା ୨୦୦ ମିଟର: ୨୩.୩୦

## ତୁର୍କିଶ ମହିଳା କପ୍ ଫୁଟବଲ

# ପରାଜୟରୁ ଭାରତର ଅଭିଯାନ

ନୂଆଦିଲ୍ଲୀ, ୨୭।୨(ପି.ଟି.)

ତୁର୍କୀର ଅଲାନ୍ୟାଠାରେ ଚାଲିଥିବା ତୁର୍କିଶ ମହିଳା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଭାରତ ପରାଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୦–୧ ଗୋଲରେ ଉଜ୍‌ବେକିସ୍ତାନଠାରୁ ପରାସ୍ତ ହୋଇଛି। ମ୍ୟାଚ୍‌ର ଚତୁର୍ଥ ମିନିଟ୍‌ରେ ଉଜ୍‌ବେକିସ୍ତାନର ବୁରହାନୋଭା ମଲିକା ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଏହାପରେ ସାରା ମ୍ୟାଚ୍‌ରେ ଭାରତ ଗୋଲ ପରିଶୋଧ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲା। ଫଳରେ ଶେଷରେ ଭାରତକୁ ପରାଜୟବରଣ କରିବାକୁ ପଡିଥିଲା। ଉଜବେକିସ୍ତାନ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ଗୋଲ କିପର ଆଦିତି ଚୌହାନ୍‌ଙ୍କ ନେତୃତ୍ୱରେ ଉଜ୍‌ବେକିସ୍ତାନକୁ ରୋକିବା ପାଇଁ ଭାରତୀୟ ଡିଫେନ୍ସକୁ ବେଶ୍ କଷ୍ଟ କରିବାକୁ ପଡିଥିଲା। ୨୫ତମ ମିନିଟ୍‌ରେ ମାଇକେଲ କାଷ୍ଟନାଙ୍କ ବଦଳରେ ଓଡ଼ିଆର ତାରକା ଜବାମଣି ଟୁଡୁ ଲେଫ୍ଟ ବ୍ୟାକ୍ ପୋଜିସନ୍‌ରେ ପଡିଆରେ ପ୍ରବେଶ କରିଥିଲେ। ଏହା ପରେ ଭାରତ ଆକ୍ରମଣାତ୍ମ ପ୍ରଦର୍ଶନ କରିଥିଲା। ତେବେ ପ୍ରତିପକ୍ଷ ଡିଫେନ୍ସ ଭାରତର ସବୁ ପ୍ରୟାସକୁ ପଣ୍ଡ କରିବାରେ ସଫଳ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଡାଙ୍ଗମେଇ ଗ୍ରେସ୍ ତାଙ୍କର ଫେଭରାଇଟ୍ ଲମ୍ବା ଶଟ୍ ମାରି କେତୋଟି ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ।

# ଓଡ଼ିଶାରୁ ଭାଗନେବେ ୮ ପ୍ରତିଯୋଗୀ

ଭୁବନେଶ୍ୱର, ୨୭।୨(କ୍ରୀଡ଼ା ପ୍ରତିନିଧି)

ନ୍ୟାଶନାଲ ହୁଇଲ୍ ଚେୟାର ଫେନ୍‌ସିଂ ଚାମ୍ପିୟନଶିପ୍‌ର ୧୨ଶ ସଂସ୍କରଣ ମାର୍ଚ୍ଚ ୧୪ ଓ ୧୫ ତାରିଖ ଦୁଇଦିନଧରି ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ମୋଟ ୮ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଓଡ଼ିଶା ହୁଇଲ୍ ଚେୟାର ଫେନ୍‌ସିଂ ଆସୋସିଏଶନ ସମ୍ପାଦକ ବିଷ୍ଣୁ ଚରଣ ସାହୁଙ୍କ ସୂତ୍ରରୁ ପ୍ରକାଶ। ଓଡ଼ିଶା ଦଳରେ ସାମିଲ ଥିବା ପ୍ରତିଯୋଗିମାନେ ହେଲେ ଭି.ରମେଶ ରାଓ, ରାଖାଲ କୁମାର ସେଠୀ, ପ୍ରଭାକର ବେହେରା, ଅକ୍ଷୟ କୁମାର ସାହୁ, ପ୍ରଫୁଲ୍ଲ ଖଣ୍ଡାୟତରାୟ, ଦେବମୃତ ସାହୁ, ପ୍ରଶାନ୍ତ ବେହେରା ଓ ମାଳତି ପନାଉର।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର ଫେବୃୟାରୀ ୨୮/୨୦୧୯ Bhubaneswar, Thursday, February 28/ 2019




# ପଣ୍ଡ ହେଲା ବାଲ୍ୟବିବାହ, ନାବାଳିକା ଉଦ୍ଧାର

କାଳିଆପାଣି,୨୭।୨(ଡି.ଏନ୍.ଏ)

ବାଲ୍ୟବିବାହ ରୋକିବାକୁ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ସଚେତନତା ସୃଷ୍ଟି କରାଯାଉଛି। ଏହା ସତ୍ତ୍ୱେ ଆଜିବି ଅନେକ ସ୍ଥାନରେ ଏହି କୁପ୍ରଥା ଚାଲିଛି। ଏହାର ଏକ ସଦ୍ୟତମ ଉଦାହରଣ ବୁଧବାର ଦେଖିବାକୁ ମିଳିଛି ସୁକିନ୍ଦା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମ ମହ୍ଲାର ସାହିରେ। ଏଠାକାର ଜଣେ ୧୩ବର୍ଷିୟା ନାବାଳିକାଙ୍କୁ ସେହି ଗ୍ରାମର ଜଣେ ୨୭ବର୍ଷୀୟ ଯୁବକ ଉଭୟ ପରିବାରର ଉପସ୍ଥିତିରେ ବିବାହ କରିବାକୁ ଯାଉଥିଲେ। ବିବାହ ନିମନ୍ତେ ସମସ୍ତ ଆୟୋଜନ ସରିଥିଲା। ଏହି ଖବର ଜାଣିପାରି ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟ କରୁଥିବା ଆସ୍ୱାୟାର ସଂସ୍ଥାର କର୍ମଚାରୀ, ସ୍ଥାନୀୟ ସରପଞ୍ଚ ଅକ୍ଷୟ ନାୟକ ଓ ସାମାଜିକକର୍ମୀ ରୋହିତ କୁମାର ଖୁଣ୍ଟିଆ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବିବାହକୁ ବନ୍ଦ କରିଥିଲେ। ଏଥିସହ ତୁରନ୍ତ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ରାଜକିଶୋର ଦୋରା ଓ ଜିଲା ଶିଶୁ ଶୁରକ୍ଷା ଅଧିକାରୀ ମିହିର ଜେନାଙ୍କୁ ଖବର ଦେଇଥିଲେ। ଖବରପାଇ ଘଟଣା ସ୍ଥଳରେ ସୁକିନ୍ଦା ଥାନା ଅଧିକାରୀ ବିଚିତ୍ରାନନ୍ଦ ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ସମ୍ପୃକ୍ତ ନାବାଳାକାଙ୍କୁ ଉଦ୍ଧାର କରିବା ସହ ଜିଲା ଶିଶୁମଙ୍ଗଳ ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲେ। ବାଲ୍ୟବିବାହ କରିବାକୁ ଯାଉଥିବା ନାବାଳିକା ଜଣକ ୭ମ ଶ୍ରେଣୀରେ ପାଠ ପଢୁଛନ୍ତି। ଏନେଇ କୌଣସି ମାମଲା ରୁଜୁ ହୋଇ ନ ଥିବାବେଳେ ଗୁରୁବାର ନାବାଳିକାଙ୍କୁ ଉପରିସ୍ଥ ଅଧିକାରୀଙ୍କୁ ହସ୍ତାନ୍ତର କରାଯିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଜେନା ସୂଚନା ଦେଇଛନ୍ତି।

# ମାରଣାସ୍ତ୍ର ଦେଖାଇ ଘରୁ ଲୁଟ

ସିଂହପୁର,୨୭।୨(ଡିଏନଏ)

ବିଞ୍ଝାରପୁର ଥାନା ସିଂହପୁର କଲେଜ ନିକଟରେ ଘର କରିଥିବା ଅବସରପ୍ରାପ୍ତ ପ୍ରଧାପକ ଅଜୟ ଓଝାଙ୍କ ଘରୁ ମଙ୍ଗଳବାର ରାତିରେ ସଶସ୍ତ୍ର ଡକାୟତି ହୋଇଥିବା ଅଭିଯୋଗ ହୋଇଛି। ରାତି ପ୍ରାୟ ୧୦ଟା ୩୦ରେ ପରିବାର ଲୋକେ ଶୋଇ ନ ଥିବାବେଳେ ସମ୍ମୁଖ ଗେଟ ଦେଇ ମୁଖାପିନ୍ଧା ୫ଜଣ ଡକାୟତ ଘରେ ପଶିଥିଲେ। ଏହାପରେ ସେମାନେ ପରିବାର ଲୋକଙ୍କୁ ମାରଣାସ୍ତ୍ର ଦେଖାଇ କାବୁ କରିବା ସହିତ ଦୀର୍ଘ ୩ଘଣ୍ଟା କାଳ ଘରେ ରହି ଲୁଟ କରିଥିଲେ। ଓଝାଙ୍କୁ ମାଡ ମାରିବା ସହ ତାଙ୍କ ପୁଅ ଆଶିର୍ବାଦଙ୍କୁ ନିସ୍ତୁକ ମାରି ଆହତ କରିଥିବା ଜଣାପଡ଼ିଛି। ପରେ ଘରର ମହିଳାଙ୍କୁ ମଧ୍ୟ ଧମକଚମକ ଦେଇ ସୁନା ମୁଦି, କାନଫୁଲ, ମଙ୍ଗଳସୂତ୍ର, ବାହୁଟି ଓ ନଗଦ ୫ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଚୋରି ଜିନିଷର ମୂଲ୍ୟ ୪ଲକ୍ଷରୁ ଉର୍ଦ୍ଧ୍ୱ ବୋଲି ଜଣାପଡିଛି। ପୋଲିସ ଘଟଣାର ତଦନ୍ତ କରୁଛି। ଡକାୟତମାନେ ସ୍ଥାନୀୟ ଅଞ୍ଚଳର ବୋଲି ସନ୍ଦେହ କରାଯାଉଛି। ପୋଲିସ ପାଟ୍ରୋଲିଂ କଡାକଡି କରିବାକୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କଠାରେ ସାଧାରଣରେ ଦାବି ହୋଇଛି।

# ବାଣ ନିଆଁରେ ନାବାଳକ ଗୁରୁତର

**ପାଟଣା, ୨୭।୨(ସ୍ୱ.ପ୍ର.):** ପାଟଣା ଥାନା ଟାଙ୍ଗରପଡ଼ା ପଞ୍ଚାୟତ ଅଙ୍କୁରା ଗ୍ରାମରେ ବୁଧବାର ରାତି ବାଣ ନିଆଁରେ ଜଣେ ୧୩ ବର୍ଷର ନାବାଳକ ଗୁରୁତର ହୋଇଛନ୍ତି। ଗୁରୁତର ହୋଇଥିବା ନାବାଳକ ହେଉଛନ୍ତି ତ୍ରିନାଥ ନାଏକଙ୍କ ପୁଅ ବିକାଶ। ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ନାବାଳକଙ୍କ ଦେହର ୪୦ ପ୍ରତିଶତ ପୋଡି ଯାଇଥିବା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଶୁଭେନ୍ଦୁସାଗର କୁମାର ନାଏକ କହିଛନ୍ତି। ୨ ତିନି ଦିନ ତଳେ ଗ୍ରାମକୁ ବରଯାତ୍ରୀ ଆସିଥିଲେ। ସେହି ସମୟର କିଛି ଅଫୁଟା ବାଣ ଗାଁ ଦାଣ୍ଡରେ ପଡିଥିଲା। ଉକ୍ତ ବାଣକୁ ନେଇ ବିକାଶ ବୁଧବାର ରାତି ଫୁଟାଇବାରୁ ବିସ୍ଫୋରଣ ହୋଇଥିଲା। ବିକାଶଙ୍କ ମୁହଁ, ଡାହାଣ ହାତ ଓ ବାମ ଗୋଡ ପୋଡି ଯାଇଛି।

# ୨ କନ୍‌ଷ୍ଟ୍ରକଶନ୍ କାର୍ଯ୍ୟାଳୟ ଉପରେ ଆୟକର ବିଭାଗର ଚଢ଼ାଉ

ବିରଜାକ୍ଷେତ୍ର,୨୭।୨(ଡି.ଏନ୍.ଏ)

ଭୁବନେଶ୍ୱର ତଦନ୍ତକାରୀ ଆୟକର ବିଭାଗ ପକ୍ଷରୁ ବୁଧବାର ଯାଜପୁର ସହରର ୨ଟି ସ୍ଥାନରେ ଚଢ଼ାଉ କରାଯାଇଛି। ସହରସ୍ଥିତ ଲଳିତେଶ୍ୱର ନଗରରେ ଥିବା ନିହାର ମାନ୍ଧାତା କନଷ୍ଟ୍ରକ୍‌ଶନ୍ କାର୍ଯ୍ୟାଳୟ ଉପରେ ଆୟକର ବିଭାଗ ଚଢ଼ାଉ କରି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିବା ଜାଣିବାକୁ ମିଳିଛି। ଖବର ଲେଖାହେବା ପର୍ଯ୍ୟନ୍ତ ନିହାର ମାନଧାତା କନଷ୍ଟ୍ରକଶନ୍ କାର୍ଯ୍ୟାଳୟ ଉପରେ ଆୟକର ବିଭାଗର ଚଢ଼ାଉ ଜାରି ରହିଥିଲା। ଆୟକର ବିଭାଗର ୪ଜଣ ବରିଷ୍ଠ ପଦାଧିକାରୀ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଏକ ଅସମର୍ଥିତ ସୂତ୍ରରୁ ପ୍ରକାଶ ନିହାର ମାନ୍ଧାତା କନଷ୍ଟ୍ରକଶନ୍ କୋଟିକୋଟି ଟଙ୍କାର ଆୟକର ଫାଙ୍କିଥିବା ଜାଣିବାକୁ ମିଳିଛି। ଏତଦ୍‌ବ୍ୟତୀତ ବେନାମୀ ନାମରେ ବହୁ କନଷ୍ଟ୍ରକଶନ୍ କାର୍ଯ୍ୟ କରୁଥିବା ଶୁଣିବାକୁ ମିଳିଛି। ସେହିପରି ମାର୍କେଟ ଛକଠାରେ ଥିବା ଅନ୍ୟ ଏକ କନଷ୍ଟ୍ରକଶନ୍ କାର୍ଯ୍ୟାଳୟ ଉପରେ ଆୟକର ବିଭାଗ ଚଢ଼ାଉ କରିଥିବା ଜାଣିବାକୁ ମିଳିଛି।

## ଘୋଷଣା

**୧୯୫୬ ମସିହା ରେଜିଷ୍ଟ୍ରେଶନ ଅଫ ନ୍ୟୁଜ ପେପର୍ସ (ସେଣ୍ଟ୍ରାଲ) ନିୟମ ଅନୁସାରେ ଦୈନିକ ଧରିତ୍ରୀର ବିବରଣୀ**

(ଚତୁର୍ଥ ଫର୍ମ ଅଷ୍ଟମ ଧାରା)

| | | | |
|---|---|---|---|
| ୧. | ପ୍ରକାଶ ସ୍ଥାନ | – | ଭୁବନେଶ୍ୱର |
| ୨. | ପ୍ରକାଶ ସମୟ | – | ପ୍ରତ୍ୟହ ପ୍ରଭାତ |
| ୩. | ମୁଦ୍ରାକରଙ୍କ ନାମ | – | ତଥାଗତ ସତପଥୀ |
| | ଜାତୀୟତା | – | ଭାରତୀୟ |
| | ଠିକଣା | – | ବି–୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର–୭୫୧୦୧୦ |
| ୪. | ପ୍ରକାଶକଙ୍କ ନାମ | – | ତଥାଗତ ସତପଥୀ |
| | ଜାତୀୟତା | – | ଭାରତୀୟ |
| | ଠିକଣା | – | ବି–୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର–୭୫୧୦୧୦ |
| ୫. | ସମ୍ପାଦକଙ୍କ ନାମ | – | ତଥାଗତ ସତପଥୀ |
| | ଜାତୀୟତା | – | ଭାରତୀୟ |
| | ଠିକଣା | – | ବି–୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର–୭୫୧୦୧୦ |
| ୬. | ସ୍ୱତ୍ୱାଧିକାରୀଙ୍କ ନାମ | – | ନବଜାତ ପ୍ରିଣ୍ଟର୍ସ ଆଣ୍ଡ ମିଡିଆ ପ୍ରାଇଭେଟ ଲିମିଟେଡ |
| | ଠିକଣା | – | ୧୦୭, ସୂର୍ଯ୍ୟ ନଗର ଭୁବନେଶ୍ୱର–୭୫୧୦୦୩ |

ଆମ୍ଭେ ତଥାଗତ ସତପଥୀ ଏତଦ୍ୱାରା ଘୋଷଣା କରୁଅଛୁ କି ଉପରୋକ୍ତ ବିବରଣୀମାନ ସତ୍ୟ ବୋଲି ଆମ୍ଭର ବିଶ୍ୱାସ ଓ ହୃଦ୍‌ବୋଧ ହୋଇଅଛି ।

ତଥାଗତ ସତପଥୀ
ପ୍ରକାଶକ, ଧରିତ୍ରୀ
୨୮।୨।୨୦୧୯



For Institutional and Bulk Sales please write to Kolkata@heromotocorp.com
ଅଥରାଇଜ୍ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ – 7799766422. ଭାରତ ହୀରୋ – 7799766378. ଡିଡି ହୀରୋ – 7799566329. ବାଲେଶ୍ୱର: ନୀଳମ ହୀରୋ – 7799766393. ବାରିପଦା : ଆଦିତ୍ୟ ହୀରୋ – 7799766370. ଭଦ୍ରକ : ସଞ୍ଜୀବ ହୀରୋ – 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ – 7799766362. କଟକ: ଜେଏମଜି ହୀରୋ – 7799766366. ସନୀ ହୀରୋ – 7799766401. ଏସେନ୍ ହୀରୋ – 7799766425. ଜଗତସିଂହପୁର: ତ୍ରିଶୂଳ ହୀରୋ – 7799766383. ଯାଜପୁର ରୋଡ: ସୌମିକ ହୀରୋ – 7799766410. ଜଳେଶ୍ୱର: ସାଇ ହୀରୋ – 7799766407. ଜଟଣୀ: ବିଶାଳ ହୀରୋ – 7799766398. କେନ୍ଦୁଝର: ସୁପ୍ରିମ ହୀରୋ – 7799766360. ନୟାଗଡ଼: ଭଗବତୀ ହୀରୋ – 7799766417. ପୁରୀ: ସଞ୍ଜୀବ ହୀରୋ – 06752-255881, 7894020001. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ – 253841, 9438757377. ବାଲୁଗାଁ: ମହାମୟୀ ମୋଟର୍ସ – (06756) 250280. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ – 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ – 221083. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ – 221511. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ – 252725. ପାରାଦୀପ: ପ୍ରଦୀପ ମୋଟର୍ସ – 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ – 220430. ପିପିଲି: ଶ୍ରୀରାମ ମୋଟର୍ସ – 240687. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ – 225552. ରାହାମା: ଶରଳା ଅଟୋମୋବାଇଲ୍ସ – 248001, 248002. ରାଇରଙ୍ଗପୁର: ନା ସାଙ୍କରୀ ମୋଟର୍ସ – 7008906387. ସୋରୋ: ଟୁଇଙ୍କିଲ ମୋଟର୍ସ – 221711, 9337375571.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ, ଉଦ୍‌ଘାଟିତ

**ବିରଜାକ୍ଷେତ୍ର, ୨୭।୨(ଡି.ଏନ୍.ଏ.):** ଯାଜପୁର ବ୍ଲକ ବରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଡ଼ସୁଆର ପଞ୍ଚାୟତରେ ମଙ୍ଗଳବାର ବିଧାୟକ ଦେବାଶିଷ ନାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଯାଇଛି। ବଡ଼ସୁଆରରେ ଆମ ଗାଁ ଶ୍ମଶାନ, ବନ୍ଧମୁଣ୍ଡାସ୍ଥିତ ମୁରଲୀଧର ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ, ବନ୍ଧମୁଣ୍ଡାସ୍ଥିତ ରାଧାକୃଷ୍ଣ ସିସି, ବନ୍ଧମୁଣ୍ଡାଠାରେ ଅଙ୍ଗନୱାଡ଼ି କେନ୍ଦ୍ରର ବିଧାୟକ ଶିଳାନ୍ୟାସ କରିଥିଲେ। ଯାଜପୁର ବ୍ଲକ ଅଧକ୍ଷ ପ୍ରଦୀପ କୁମାର ନାୟକ, ସରପଞ୍ଚ ସତ୍ୟଜିତ ପରିଡ଼ା, ସମିତି ସଭ୍ୟ ଅମୀୟ କୁମାର ପରିଡ଼ା, ବରୀ ବ୍ଲକ ବିଜେଡି ସଭାପତି ସେକ୍ ସୈଫିଉଦ୍ଦିନ୍, ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ମନୋରଞ୍ଜନ ବିଶ୍ୱାଳ, ସମ୍ପାଦକ ପର୍ଶୁରାମ ନାୟକଙ୍କ ସମେତ ବହୁ ବିଜେଡ଼ି କର୍ମୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ ଉଦ୍‌ଯାପିତ

**ବରୀ,୨୭।୨(ସ୍ୱ.ପ୍ର.) :** ବରୀ ବ୍ଲକ ଅଧୀନ ବାଲିବିଲି ପଞ୍ଚାୟତ କ୍ଷେମେଶ୍ୱର ଗ୍ରାମସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ସଭାପତି ମଦନ ମୋହନ ପତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ, ଆଦିତ୍ୟ ବାହିନୀ ଗୋବର୍ଦ୍ଧନ ମଠ ପୁରୀର ପଣ୍ଡିତ ମାତୃପ୍ରସାଦ ମିଶ୍ର ଯୋଗଦେଇ ଗୁରୁଜନଙ୍କୁ ଭକ୍ତି, ସମ୍ମାନ ଓ କନିଷ୍ଠଙ୍କୁ ଆନ୍ତରିକ ସ୍ନେହ ପ୍ରଦାନ କରିବା ଦ୍ୱାରା ସମାଜରେ ପରିବର୍ତ୍ତନ ହୋଇପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ସୌଦାମିନୀ ଧଳ ଯୋଗଦେଇ ଶ୍ରୀମା', ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବରୁଣ କୁମାର, ଗାୟିକା ସ୍ମରଣିକା ନନ୍ଦ, ଅନୁଷ୍ଠାନର ପ୍ରତିଷ୍ଠାତା ଅଧାପକ ପ୍ରଭାତ କୁମାର ସାମଲ ପ୍ରମୁଖ ଉପସ୍ଥିତ ସ୍ୱାଗତ ଥିଲେ।

# ପାଇପ୍ ବିଛାରେ ଅଟକିଛି ପ୍ରକଳ୍ପ କାମ

**କାଳିଆପାଣି,୨୭।୨(ଡି.ଏନ୍.ଏ.)**

ଖଣି ଅଞ୍ଚଳରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଅଧାରେ ଅଟକିଛି। ଆଦିବାସୀ ଅଧ୍ୟୁଷିତ ସୁକିନ୍ଦା ବ୍ଲକ ଅନ୍ତର୍ଗତ ୮ ପଞ୍ଚାୟତର ୫୨ ଗ୍ରାମରେ ପାନୀୟ ଜଳ ଯୋଗାଣ ଲକ୍ଷ୍ୟରେ ଜିଲା ଖଣିଜ ନ୍ୟାସ ପାଣ୍ଠି(ଡିଏମ୍ଏଫ୍)ରୁ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଜମି ହରାଇବା ଆଶଙ୍କାରେ ସ୍ଥାନୀୟ ଲୋକେ ପ୍ରକଳ୍ପ କାମକୁ ବିରୋଧ କରି ଆସୁଛନ୍ତି। ଫଳରେ ଭିତ୍ତିପ୍ରସ୍ତର ଓ ଫଳକ ସ୍ଥାପନର ତିନି ବର୍ଷ ପରେ ମଧ୍ୟ ପ୍ରକଳ୍ପ କାମ ଶେଷ ହୋଇପାରି ନାହିଁ। ଏବେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଥିବାରୁ ପାନୀୟ ଜଳ ସମସ୍ୟା ନେଇ ପଞ୍ଚାୟତବାସୀ ଚିନ୍ତାରେ ପଡିଛନ୍ତି। ଯଥାଶୀଘ୍ର ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ନେଇ ଦାବି ଜୋର ଧରିଛି।

ଭୁବନ ବ୍ଲକ ଅନ୍ତର୍ଗତ ଏକତାଳି ପଞ୍ଚାୟତର ପୁରୁଷୋତ୍ତମପୁର ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ଜଳ ଉଠାଯାଇ ବିଶୋଧନ ପରେ ପଞ୍ଚାୟତବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲକ୍ଷ୍ୟରେ ମେଗା ପାନୀୟ ଜଳ ପ୍ରକଳ୍ପ ପରିକଳ୍ପନା କରାଯାଥିଲା। ଏ ନେଇ ମୁଖ୍ୟମନ୍ତ୍ରୀ ୨୦୧୬ ନଭେମ୍ବର ୨୫ରେ ଭୁବନର ଏକତାଳିଠାରେ ଉକ୍ତ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଫଳକ ସ୍ଥାପନ କରିଥିଲେ। ଢେଙ୍କାନାଳ ଜିଲା ଭୁବନ ବ୍ଲକ ଏକତାଳି ପଞ୍ଚାୟତର ପୁରୁଷୋତ୍ତମପୁର ଗ୍ରାମ ନିକଟସ୍ଥ ରଙ୍ଗମାଟିଆ ନାଳ ଓ ବ୍ରାହ୍ମଣୀ ନଦୀରୁ ୧୯ କିଲୋମିଟର ପାଇପ ବିଛା କରାଯିବ। ସୁକିନ୍ଦା ବ୍ଲକର କାଙ୍କଡପାଳଠାରେ ସ୍ଥାପିତ ଉକ୍ତ ଜଳ ବିଶୋଧନ କେନ୍ଦ୍ରରୁ ଅନ୍ୟୂନ୍ୟ ୫୦ଲକ୍ଷ ଲିଟର ବିଶୁଦ୍ଧ ପାନୀୟ ଜଳ ବିଶୋଧନ କରାଯାଇ ପାରିବ। ଏହା ଦ୍ୱାରା ସୁକିନ୍ଦା ବ୍ଲକର ଦୁଧୁଯୋରୀ, କୁହିକା, ପିମ୍ପୁଡିଆ, କାଙ୍କଡପାଳ, ରାଁସୋଳ, ଚିଙ୍ଗୁଡିପାଳ, କଂସ, କାଳିଆପାଣି ପ୍ରଭୃତି ୮ଟି ପଞ୍ଚାୟତର ୫୨ ଗ୍ରାମର ଲୋକେ ଉପକୃତ ହେବାର ଆଶଙ୍କା କରାଯାଇଛି।



■ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨୦୧୬ ନଭେମ୍ବର ୨୫ରେ ଭିତ୍ତିପ୍ରସ୍ତର ସ୍ଥାପିତ

■୮ ପଞ୍ଚାୟତର ୫୨ ଗ୍ରାମବାସୀ ଉପକୃତ ହେବା ଆଶଙ୍କା

କାଙ୍କଡପାଳଠାରେ ସ୍ଥାପନ ହେଉଥିବା ୪ଟି ସମ୍ପ ଓ ୮ଟି ଓଭର ହେଡ ଟାଙ୍କି ସାହାଯ୍ୟରେ ସମସ୍ତ ଗ୍ରାମକୁ ପାନୀୟ ଜଳ ପହଞ୍ଚି ପାରିବା ନେଇ ଆରଡବ୍ଲୁଏସ୍ଏସ୍ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ୮୮.୯୨ କୋଟି ଟଙ୍କାର ଟେଣ୍ଡରରେ ନାଗାର୍ଜୁନ କନ୍‌ଷ୍ଟ୍ରକଶନ୍ କର୍ପୋରେଶନ୍ ନାମକ ଏକ ଠିକା ସଂସ୍ଥା କାର୍ଯ୍ୟାଦେଶ ପାଇ କାମ ଆରମ୍ଭ କରିଛି। ଏହି ପ୍ରକଳ୍ପ ପାଇଁ ଯୁଦ୍ଧ କାଳୀନ ଭିତ୍ତିରେ ପାଇପ ବିଛା ଚାଲିଛି। ଏପରିକି ଢ଼େଙ୍କାନାଳ ଜିଲା ଭୂବନ ବ୍ଲକର କେନ୍ଦୁପଡା ଓ କୁନିନ୍ଦା ପର୍ଯ୍ୟନ୍ତ ମଧ୍ୟ କିଛି ପରିମାଣରେ ପାଇପ୍ ବିଛା କାମ ଜାରି ରହିଛି। ମାତ୍ର ଜମି ବାବଦ କ୍ଷତିପୂରଣ ପ୍ରଦାନ ପରେ ପ୍ରକଳ୍ପ କାମ କରିବା ପାଇଁ ଏକତାଳ ଓ ଭୁବନ ପଞ୍ଚାୟତ ବାସୀ ଦାବିକରି ଆସୁଛନ୍ତି। ତେଣୁ ବ୍ଲକର ଶାମଳ ଓ ଭୂବନଠାରୁ ଏକତାଳି ପର୍ଯ୍ୟନ୍ତ ଅଦ୍ୟାବଧି ପାଇପ ବିଛା କାର୍ଯ୍ୟ ସମ୍ଭବ ହୋଇ ପାରି ନାହିଁ। ସରପଞ୍ଚ ଭାରତୀ ବେହେରା, ସମିତି ସଭ୍ୟ ଅମୂଲ୍ୟ ଦ୍ୱିବେଦୀ ଓ ସ୍ଥାନୀୟ ପୁରୁଷୋତ୍ତମପୁର ୱାର୍ଡ ମେମ୍ବର କୃଷ୍ଣ ମଲିକଙ୍କ ସମେତ ଗ୍ରାମବାସୀ ପ୍ରକଳ୍ପ ବାବଦ କ୍ଷତିପୂରଣ ପ୍ରଦାନ ନ କରାଯିବା ପର୍ଯ୍ୟନ୍ତ କୌଣସି ପରିସ୍ଥିତିରେ ପାଇପ ବିଛା କାର୍ଯ୍ୟ ସହିତ ରଙ୍ଗମାଟିଆ ନାଳରୁ ପାଣି ଛଡାଯିବ ନାହିଁ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ଗୌରହରି ଦାସଙ୍କୁ ପଚାରିବାରୁ ଲୋକଙ୍କ ବିରୋଧ ଯୋଗୁ ପ୍ରକଳ୍ପ କାମ ବନ୍ଦ ରହିଛି। ତେବେ ସରକାର ଏ ଦିଗରେ ଯାହା ନିଷ୍ପତ୍ତି ନେବେ ସେ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଗୌରହରି କହିଛନ୍ତି।

### ବିଜୁ ଯୁବ ସେନା ପକ୍ଷରୁ ବିଜୟ ଉତ୍ସବ ପାଳିତ

**ରସୁଲପୁର,୨୭।୨(ଡି.ଏନ୍.ଏ.)**

ବରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋଲକୁଣ୍ଡ ଗ୍ରାମପଞ୍ଚାୟତର ହରିପୁରଠାରେ ମଙ୍ଗଳବାର ବିଜୁ ଯୁବସେନା ପକ୍ଷରୁ ଅମର ଶହୀଦ୍‌ଙ୍କ ଉଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ବିଜୟ ଉତ୍ସବ ପାଳନ କରାଯାଇଛି। ବାୟୁସେନାର ପାରାକାଷ୍ଠାକୁ ସଭାରେ ଭୂୟସି ପ୍ରଶଂସା କରାଯାଇଛି। ଆତଙ୍କବାଦୀ ଦେଶ ପାକିସ୍ତାନକୁ କଡା ଜବାବ ମିଳିଛି ବୋଲି ଏଠାରେ ଅନୁଷ୍ଠିତ ସଭାରେ ମତ ପ୍ରକାଶ ପାଇଛି। ଯୁବନେତା ସୌମ୍ୟ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭା ଓ ମହମବତୀ ଶୋଭାଯାତ୍ରାରେ ସମିତିସଭ୍ୟ ଅଶୋକ ଜେନା, ବିଜୟ ନାୟକ, ପ୍ରଫୁଲ୍ଲ ଜେନା, ନୀଳମଣି ଜେନା, ରାକେଶ ଜେନା, ଚିତ୍ତ ଦାସ, ସତ୍ୟନାରାୟଣ ଜେନା, ବେଣୁଧର ପତି, ଗୀତାଞ୍ଜଳୀ ରାଉତ, ଅମିତ ଜେନା ଶହୀଦଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ। ପଞ୍ଚାୟତର ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ପ୍ରମୁଖଙ୍କୁ ନେଇ ଏକ ମହମବତୀ ଶୋଭାଯାତ୍ରା ପଞ୍ଚାୟତ ପରିକ୍ରମା କରିଥିଲା ।

■ସଡ଼କ ସୁରକ୍ଷା ମାସିକ ବୈଠକ

# ଟ୍ରକରେ ଯିବେନି ନିର୍ବାଚନ ପରିଚାଳନା ଅଧିକାରୀ

**ଯାଜପୁର ଅଫିସ,୨୭।୨**

ଆଗାମୀ ସାଧାରଣ ନିର୍ବାଚନରେ ପୁଲିଂ ପାର୍ଟିମାନଙ୍କୁ ଟ୍ରକଗୁଡ଼ିକରେ ନେବା ଆଣିବା କରାଯିବ ନାହିଁ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଜିଲାପାଳଙ୍କ ସମ୍ମିଳନୀ ଗୃହରେ ସଡ଼କ ସୁରକ୍ଷା ସମ୍ପର୍କିତ ମାସିକ ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ଦାସ ଟ୍ରକରେ ଯେକେହିବି ଗଲେ ତାକୁ ଖରାପ ଲାଗିବ। ନିର୍ବାଚନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଯେପରି କୌଣସି ଟ୍ରକ୍‌ରେ ନିର୍ବାଚନ ପରିଚାଳନା କରିବାକୁ କୌଣସି ଅଧିକାରୀଙ୍କୁ ପ୍ରେରଣ ନ କରାଯାଏ ସେଥିପ୍ରତି ଯତ୍ନବାନ ହେବାକୁ ସେ ତାଗିଦ୍ କରିଥିଲେ। ଟ୍ରକ୍ ପରିବର୍ତ୍ତେ ଛୋଟ ଗାଡ଼ିଗୁଡିକ ବ୍ୟବସ୍ଥା କରିବାକୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାସହ ବୈଠକରେ ଜାନୁୟାରୀ ମାସରେ ଜିଲାରେ ୪୮ଟି ଦୁର୍ଘଟଣା ଘଟିଥିବାବେଳେ ୩୧ ଜଣ ଆହତ ହୋଇଥିଲେ। ଏଥିରେ ୧୨ଜଣଙ୍କ ପ୍ରାଣହାନୀ ହୋଇଥିଲା। ପରିବହନ ବିଭାଗ ପକ୍ଷରୁ ଦ୍ରୁତ ଗାଡ଼ି ଚାଳନା ପାଇଁ ୨୨୭ଟି ମାମଲା ହୋଇ ୩୯ଜଣଙ୍କ ଡ୍ରାଇଭିଂ ଲାଇସେନ୍ସକୁ ବାତିଲ କରାଯାଇଥିବାବେଳେ ଅନ୍ୟମାନଙ୍କୁ ନୋଟିସ ଦିଆଯାଇଛି। ମାଦକ ଦ୍ରବ୍ୟ ସେବନ କରୁଥିବା କାରଣରୁ ୭ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ଗାଡ଼ି ଚାଳନା ବେଳେ ମୋବାଇଲ ବ୍ୟବହାର ପାଇଁ ୯ଜଣ, ଓଭରଲୋଡିଂ ପାଇଁ ୧୭ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ସମୁଦାୟ ୪୬୬୩ ମାମଲା ରୁଜୁ ହୋଇଛି। ଅନେକ ସମୟରେ ରାସ୍ତା ପାର୍ଶ୍ୱରେ ଗାଡ଼ିଗୁଡିକ ରଖାଯାଉଥିବାରୁ ରାସ୍ତା ଦୁର୍ଘଟଣା ଘଟୁଛି। ତେଣୁ ଏଣିକି ଯେଉଁ ଗାଡି ରାସ୍ତାକଡରେ ଅଟକି ରାସ୍ତା ଅବରୋଧ କରୁଥିବା ତାକୁ ଉଠାଇ ନିଆଯିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ କଡା ନିର୍ଦ୍ଦେଶ ଦେଇଛନ୍ତି । ଦୁର୍ଘଟଣା ରୋକିବା ଓ ଦ୍ରୁତ ଗାଡି ଚାଳନାକୁ ରୋକିବା ପାଇଁ ବିଭିନ୍ନ ପୋଲିସ ଷ୍ଟେଶନକୁ ରୋଡ ବ୍ୟାରିୟର ପ୍ରଦାନ କରାଯାଇଥିଲେ ମଧ୍ୟ ତାହା କାମରେ ଲଗାଯାଉ ନାହିଁ। ଯେଉଁମାନେ ଏହାକୁ ବ୍ୟବହାର କରୁ ନାହାନ୍ତି ସେମାନଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଲଟାବୁଦାରେ ପରିପୂର୍ଣ୍ଣ ବିଦ୍ୟାଳୟ ପରିସର

**ବରୀ,୨୭।୨(ସ୍ୱ.ପ୍ର.)**

ବରୀ ବ୍ଲକ ଅଧୀନ ଅମଠପୁର ପଞ୍ଚାୟତ କମ୍ପଗଡ଼ ଗ୍ରାମରେ ଭୁବନେଶ୍ୱରୀ ନୋଡାଲ ଉପ୍ରା ବିଦ୍ୟାଳୟ ଅବସ୍ଥିତ। ୧୯୬୯ରୁ ସ୍ଥାପିତ ଏହି ବିଦ୍ୟାଳୟ ପରିସର ଏବେ ଅଳିଆ, ଆବର୍ଜନା ଓ ଲଟାବୁଦାରେ ପରିପୂର୍ଣ୍ଣ ହୋଇଛି। ଏଥିରେ ବିଭିନ୍ନ ପ୍ରକାର ସରୀସୃପ ବାସ କରୁଥିଲାବେଳେ ଛାତ୍ରୀଛାତ୍ରଙ୍କ ପ୍ରତି ବିପଦ ଦେଖାଦେଇଛି। ମଙ୍ଗଳବାର ଛାତ୍ରୀଛାତ୍ର ବିଦ୍ୟାଳୟ ବାରଣ୍ଡାରେ ବସି ମଧ୍ୟାହ୍ନଭୋଜନ ଖାଉଥିଲାବେଳେ ଏକ ସାପ କଦଳୀ ବୁଦା ଭିତରେ ପଶିଯିବାର ଦେଖିଥିଲେ। ଫଳରେ ସେମାନଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଥିଲା। ବିଦ୍ୟାଳୟ ଶିଡ଼ି ଘର ତଳେ ଅଳିଆ ଆବର୍ଜନା ପଡ଼ିରହିଥିବା ବେଳେ ଦୈନିକ ଛିଣ୍ଡା ଜରି, ପ୍ଲାଷ୍ଟିକ ସାମଗ୍ରୀ ଆଦି ପଡୁଥିବା ଦେଖିବାକୁ ମିଳିଛି। ଏ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥି ସହିତ ଶିକ୍ଷୟିତ୍ରୀ ଶିକ୍ଷକ ଠିକ୍ ସମୟରେ ବିଦ୍ୟାଳୟକୁ ଆସୁ ନ ଥିବା ଅଭିଯୋଗ ହୋଇଛି। ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିଲା ବେଳେ ୮ମ ଶ୍ରେଣୀରେ କେହି ଜଣେ ଛାତ୍ରୀଛାତ୍ର ନାମ ଲେଖାଇ ନ ଥିବା ଜଣାପଡିଛି। ତେବେ ୧ମରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ୍ ୧୦୫ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲାବେଳେ ୮ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଏ ସଂକ୍ରାନ୍ତରେ ପ୍ରଧାନ ଶିକ୍ଷକ ଅନନ୍ତ ଚରଣ ପୁର୍ତ୍ତିଙ୍କୁ ପଚାରିବାରେ, କଦଳୀ ବୁଦା ଅଳିଆ ଆବର୍ଜନାକୁ ଖୁବ୍‌ଶିଘ୍ର ସଫା କରିଦେବେ ବୋଲି କହିଛନ୍ତି। ବରୀ ବ୍ଲକ ଶିକ୍ଷାଧିକାରୀ ଅଭୟ କୁମାର ବେହେରାଙ୍କୁ ପଚାରିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।





ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।

-ଲର୍ଡ କର୍ଜନ

## ସଂକ୍ଷେପରେ

### ସ୍ଥାୟୀ ବିଡିଓ ନିଯୁକ୍ତି ଦାବି

**ରଣପୁର,୨୭।୨(ସ୍ୱ.ପ୍ର.):** ନୟାଗଡ଼ ଜିଲା ରଣପୁର ବ୍ଲକରେ ସ୍ଥାୟୀ ବିଡିଓ ନାହାନ୍ତି। ଫଳରେ ବ୍ଲକର ବିଭିନ୍ନ କାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଛି। ବହୁ ଦୂରଦୂରାନ୍ତରୁ ବିଭିନ୍ନ କାର୍ଯ୍ୟ ନେଇ ଆସୁଥିବା ଲୋକେ ବ୍ଲକରେ ସ୍ଥାୟୀ ବିଡିଓ ନ ଥିବାରୁ କୌଣସି କାର୍ଯ୍ୟ କରି ନ ପାରି ନିରାଶରେ ଫେରୁଛନ୍ତି। ଏ ନେଇ ଜିଲା ପ୍ରଶାସନ ପାଖରେ ଅଭିଯୋଗ କଲେ ରାଜ୍ୟ ସରକାର ସ୍ଥାୟୀ ନିଯୁକ୍ତି କରି ନ ଥିବାରୁ ଏସବୁ ଅସୁବିଧା ହେଉଛି ବୋଲି ଉଚ୍ଚ ଅଧିକାରୀମାନେ ଉତ୍ତର ଦେଉଛନ୍ତି। ପ୍ରକାଶ ଯେ, ଜିଲାରେ ରଣପୁର ସବୁଠାରୁ ବଡ଼ ବ୍ଲକ ଭାବେ ପରିଗଣିତ। ଏହି ବ୍ଲକ ୩୭ ପଞ୍ଚାୟତକୁ ନେଇ ଗଠିତ। କିଛି ମାସ ହେବ ଏହି ବ୍ଲକରେ କାର୍ଯ୍ୟ କରୁଥିବା ବିଡିଓଙ୍କୁ ରାଜନୈତିକ ଅଭିସନ୍ଧି ରଖି ଗଣିଆ ବ୍ଲକକୁ ବଦଳି କରାଯାଇଥିଲା । ତାଙ୍କ ସ୍ଥାନରେ ରଣପୁର ତହସିଲଦାରଙ୍କୁ ଅସ୍ଥାୟୀ ବିଡିଓ ଭାବେ କାର୍ଯ୍ୟ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ହେଲେ ରଣପୁର ତହସିଲ କାର୍ଯ୍ୟାଳୟ ସହିତ ଟ୍ରେଜେରି, ସବ୍‌ରେଜିଷ୍ଟ୍ରାର୍, ଦେବୋତ୍ତର ବିଭାଗ ସହିତ ରଣପୁର ବ୍ଲକର ଦାୟିତ୍ୱ ତହସିଲଦାରଙ୍କୁ ଦିଆଯାଇଛି। ତାଙ୍କ ପକ୍ଷେ ସମସ୍ତ କାର୍ଯ୍ୟ ତୁଲାଇବା ସମ୍ଭବ ହେଉନଥିଲା ବେଳେ ପୁଣି ଜିଲା ପ୍ରଶାସନ ତରଫରୁ ତାଙ୍କୁ ଆସନ୍ତା ବିଧାନସଭା ନିର୍ବାଚନ ଟ୍ରେନିଂ ପାଇଁ ଗତ ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ନୟାଗଡ଼ ଜିଲା କାର୍ଯ୍ୟାଳୟରେ ଯୋଗଦେବାକୁ ପଡ଼ିଥିଲା। ପୁଣି ୨୫ରୁ ୨୮ ଯାଏ ଭୁବନେଶ୍ୱରରେ ଟ୍ରେନିଂ ନେଉଛନ୍ତି । ଫଳରେ ରଣପୁର ବ୍ଲକର କୌଣସି କାର୍ଯ୍ୟ ବିଡିଓଙ୍କ ଅନୁପସ୍ଥିତିରେ ହୋଇପାରୁ ନାହିଁ । ଦୂର ଦୂରାନ୍ତରୁ ଆସୁଥିବା ଲୋକେ କାର୍ଯ୍ୟ କରି ନ ପାରି ନିରାଶ ହୋଇ ଫେରୁଛନ୍ତି। ଏଭଳି ଘଟଣା ବୁଧବାର ଦେଖିବାକୁ ମିଳିଛି। ରଣପୁର ବ୍ଲକ ବରପଲ୍ଲୀ ଗ୍ରାମର ପାଣୁ ବେହେରା ୬ମାସ ତଳେ ଗ୍ରାମର ନିଷ୍ପତ୍ତିକ୍ରମେ ଏକ କୋଠଘର ପାଇଁ ବ୍ଲକରୁ କାର୍ଯ୍ୟାଦେଶ ପାଇଥିଲେ। ସେହି କୋଠଘରକୁ ଧାର ଉଧାର କରି ୪ମାସ ହେବ ସମ୍ପୂର୍ଣ୍ଣ କରିଥିଲା ବେଳେ ବ୍ଲକ ଜେଇ ବିଲ୍ କରି ବିଡିଓଙ୍କ ପାଖକୁ ପଠାଇଥିଲେ ମଧ ୨ମାସ ହେବ ବିଡିଓଙ୍କ ଅନୁପସ୍ଥିତି ଯୋଗୁଁ ପାଣୁ ବିଲ୍ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ବହୁବାର ବ୍ଲକକୁ ବିଲ୍ ପାଇଁ ଦୌଡ଼ୁଥିଲେ ମଧ ବିଡିଓ ନଥିବାରୁ ବିଲ୍ ପାସ୍ ହୋଇପାରୁନି। ଏ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ତୁରନ୍ତ ରାଜ୍ୟ ସରକାର ରଣପୁର ବ୍ଲକରେ ନୂତନ ବିଡିଓ ନିଯୁକ୍ତି କରିବା ପାଇଁ ଦାବି ହେଉଛି।

### ଅସରଳା-ବାଙ୍କୋଇ ରାସ୍ତା ଅବସ୍ଥା ଶୋଚନୀୟ

**ବୋଲଗଡ଼,୨୭।୨(ଡି.ଏନ.ଏ.):** ବୋଲଗଡ଼ ବ୍ଲକସ୍ଥ ଅସରଳାଠାରୁ ବାଙ୍କୋଇ ତାରେଶ୍ୱରଦେବଙ୍କ ମନ୍ଦିର ପର୍ଯ୍ୟନ୍ତ ନୂତନ ଆରଡ଼ି ରାସ୍ତାଟି ଶୋଚନୀୟ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ପ୍ରାୟ ୨କି.ମି ପର୍ଯ୍ୟନ୍ତ ଥିବା ଏହି ରାସ୍ତାଟିର ଅଧା କାମ ୨ବର୍ଷ ପୂର୍ବରୁ ହୋଇଥିଲା। ତେବେ ଅବଶିଷ୍ଟ ଅଧାରାସ୍ତା ଗତବର୍ଷ ପିଚୁ ହୋଇଥିଲା । ମାତ୍ର ରାସ୍ତା ନିର୍ମାଣ ହେବାର ଅଳ୍ପଦିନ ମଧ୍ୟରେ ଏତେ ଶୀଘ୍ର ଅନେକ ସ୍ଥାନରେ ପିଚୁ ତାଡ଼ିହୋଇ ଖାଲଖମା ଓ ବିପର୍ଯ୍ୟସ୍ତ ହୋଇପଡ଼ିଛି। ତେଣୁ ଏହାର ତୁରନ୍ତ ମରାମତି ନିମନ୍ତେ ସ୍ଥାନୀୟ ଲୋକେ ଦାବି କରୁଛନ୍ତି । ଏହି ରାସ୍ତାଦେଇ ଅସରଳା ଆଦୁ ସ୍ଥାନୀୟ ଲୋକେ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମହାବିଦ୍ୟାଳୟ ଓ ସ୍କୁଲ୍ ଛାତ୍ରୀଛାତ୍ର, ବ୍ୟାଙ୍କ ଏବଂ ରାଜସ୍ୱ ନିରୀକ୍ଷକ ଆଦି କାର୍ଯ୍ୟାଳୟକୁ ଜନସାଧାରଣ ଯାତାୟାତ କରିଥାନ୍ତି। ତେବେ ଖରାପ ରାସ୍ତା ଯୋଗୁ ଲୋକେ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏସମ୍ପର୍କରେ ବ୍ଲକ ଆରଡ଼ି ବିଭାଗ କନିଷ୍ଠ ଯନ୍ତ୍ରୀ ଅଖିଳ ଶ୍ରୀଚନ୍ଦନ କୁହନ୍ତି, ମୁଁ ନୂଆକରି ବୋଲଗଡ଼ ବ୍ଲକ ଅଞ୍ଚଳର ଦାୟିତ୍ୱ ନେଇଛି। ରାସ୍ତାଟିର ମରାମତି ପାଇଁ ପ୍ରଚେଷ୍ଟା କରାଯିବ।

### ବିଜେଡିର ବରିଷ୍ଠ ନାଗରିକ ସମ୍ମିଳନୀ

**ଓଡ଼ଗାଁ, ୨୭।୨(ସ୍ୱ.ପ୍ର.):** ନିର୍ବାଚନ ତାରିଖ ପାଖେଇ ଆସୁଥିବାବେଳେ ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ ତାଙ୍କର ଭୋଟବ୍ୟାଙ୍କ କୁହାଯାଉଥିବା ଓଡ଼ଗାଁ ସେଗ୍‌ମେଣ୍ଟକୁ ସଜାଡ଼ିବାରେ ବ୍ୟସ୍ତ। ଏଥିନିମନ୍ତେ ସେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ମଙ୍ଗଳବାର ସେ ସ୍କୁଲ ଖେଳପଡିଆ ନିକଟ ଆମ୍ବ ତୋଟାରେ ବରିଷ୍ଠ ନାଗରିକ ସମ୍ମିଳନୀ ଆୟୋଜନ କରିଥିଲେ। ଏଥିରେ ଅଞ୍ଚଳରେ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଆଗାମୀ ନିର୍ବାଚନ ସଂକ୍ରାନ୍ତରେ ବିଧାୟକ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ସମ୍ମିଳନୀରେ ବହୁ ଦିନ ପରେ ପୂର୍ବତନ ବ୍ଲକ ଅଧକ୍ଷା ନଳିନୀପ୍ରଭା ସେଠୀଙ୍କୁ ମଞ୍ଚରେ ଦେଖିବାକୁ ମିଳିଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଦସ୍ୟ ଲୋକନାଥ ସାହୁ, ବିଭୁପ୍ରସାଦ ସାହୁଙ୍କ ସମେତ ବହୁ ନୂଆପୁରୁଣା ନିର୍ବାଚିତ ସଦସ୍ୟ ଉପସ୍ଥିତ ଥିଲେ।

# ଫେଲ୍ ମାରିଛି ଜଳସେଚନ ବ୍ୟବସ୍ଥା

**ନୟାଗଡ଼ ଅଫିସ,୨୭।୨**



ଏକ ଜମିଦେଇ ଯାଇଥିବା କେନାଲ ଶୁଖିଲା ପଡିଛି।

**ନୟାଗଡ ଜିଲା**
- ୨୦% ଜମିକୁ ହେଉଛି ଜଳସେଚନ
- କ୍ଷୁଦ୍ର ଜଳସେଚନ, କୃଷି ବିଭାଗ ତଥ୍ୟରେ ନାହିଁ ତାଳମେଳ

ଶିଳ୍ପବିହୀନ ନୟାଗଡ଼ ଜିଲାର ଅଧିକାଂଶ ଲୋକ କୃଷି ଉପରେ ନିର୍ଭରଶୀଳ। ହେଲେ ସମସ୍ତ ଜମିକୁ ଜଳସେଚନ ବ୍ୟବସ୍ଥା ନ ଥିବାରୁ କେବଳ ଖରିଫ ଋତୁ ଛାଡ଼ିଦେଲେ ଅନ୍ୟ ସମୟରେ ଜମି ପଡ଼ିଆ ପଡ଼େ। ଏପରିସ୍ଥଳେ ଚାଷୀମାନେ ବାଧହୋଇ କାମ ଅନ୍ୱେଷଣରେ ଜିଲା ତଥା ରାଜ୍ୟ ବାହାରକୁ ଚାଲିଯାଆନ୍ତି। ଜିଲା କୃଷି କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ ଜିଲାରେ ୧,୩୪,୦୦୦ ହେକ୍ଟର ଜମି ରହିଛି। ସେଥିମଧ୍ୟରୁ ଖରିଫ ଋତୁରେ ୧,୦୧,୨୦୦ ହେକ୍ଟର ଓ ରବି ଋତୁରେ ୯୩,୨୨୦ ହେକ୍ଟର ଜମିରେ ଚାଷ କରାଯାଏ। ସରକାରଙ୍କ ପକ୍ଷରୁ ମାତ୍ର ୨୬,୪୪୩ ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା କରାଯାଇଛି, ଯାହାକି ମୋଟ ଜମିର ୧୯.୭୩ ପ୍ରତିଶତ।

ନୟାଗଡ଼ କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ଜିଲାର ୮ ବ୍ଲକରେ ୧୪୭ ପ୍ରକଳ୍ପ କରାଯାଇ ୨୫,୪୧୮ ହେକ୍ଟର ଜମିକୁ ଜଳସେଚନ ବନ୍ଦୋବସ୍ତ କରାଯାଇଛି। ଭାପୁର ବ୍ଲକରେ ୬, ଦଶପଲ୍ଲା ବ୍ଲକରେ ୨୦, ଗଣିଆରେ ୮, ଖଣ୍ଡପଡ଼ାରେ ୧୪, ନୟାଗଡ଼ରେ ୨୪, ନୂଆଗାଁରେ ୧୫, ଓଡ଼ଗାଁରେ ୨୫ ଓ ରଣପୁରରେ ୩୫ ପ୍ରକଳ୍ପ କରାଯାଇ ଚାଷଜମିକୁ ଜଳସେଚନ କରାଯାଉଛି। ଏଥିମଧ୍ୟରୁ ପାଖାପାଖି ୨୦ ପ୍ରତିଶତ ଅଚଳ ହୋଇଥିଲେ ମଧ ବିଭାଗ ଏହା ମାନିବାକୁ ନାରାଜ। ସେହିଭଳି ଜଳସମ୍ପଦ ବିଭାଗଠାରୁ ମିଳିଥିବା ସୂଚନା ଅନୁସାରେ ଜିଲାର ୩ଟି ମଧ୍ୟମ ଧରଣର ଜଳସେଚନ ପ୍ରକଳ୍ପ ରହିଛି। ଓଡ଼ଗାଁ ବ୍ଲକରେ ବୁଢ଼ାବୁଢ଼ିଆଣୀ, ଦଶପଲ୍ଲା ବ୍ଲକରେ କୁଆଁରିଆ ଓ ନୟାଗଡ଼ ବ୍ଲକରେ ଡାହୁକା ପ୍ରକଳ୍ପ। ବୁଢ଼ାବୁଢ଼ିଆଣୀ ପ୍ରକଳ୍ପ ଓଡ଼ଗାଁ ବ୍ଲକର ୪୨୯୦ ହେକ୍ଟର, କୁଆଁରିଆ ପ୍ରକଳ୍ପ ଦଶପଲ୍ଲା ଓ ନୂଆଗାଁ ବ୍ଲକର ୩୭୮୦ ହେକ୍ଟର, ଡାହୁକା ପ୍ରକଳ୍ପ ନୟାଗଡ଼ ଓ ଖଣ୍ଡପଡ଼ା ବ୍ଲକର ୨୨୭୮ ହେକ୍ଟର ଏଭଳି ମୋଟ ୧୦,୩୪୮ ହେକ୍ଟର ଜମିକୁ ଜଳସେଚନ କରୁଛି। ଆଶ୍ଚର୍ଯ୍ୟର କଥା ହେଉଛି ଏହି ୩ଟି ପ୍ରକଳ୍ପ ପାଇଁ ୨୦୦୭ ମସିହାଠାରୁ ପାଣି ପଞ୍ଚାୟତ ନିର୍ବାଚନ କରାଯାଉନାହିଁ। ଫଳରେ ପ୍ରକଳ୍ପଗୁଡ଼ିକ କିପରି କାର୍ଯ୍ୟକାରୀ ହେଉଥିବ ତାହା ଅନୁମେୟ। ଅଧିକାରୀମାନଙ୍କୁ ପାଣି ପଞ୍ଚାୟତ ନିର୍ବାଚନ ବିଷୟରେ ପଚାରିଲେ ପରେ କରାଯିବ ବୋଲି ଉତ୍ତର ମିଳୁଛି।

ଚାଷୀମାନେ ଅନ୍ୟାନ୍ୟ ମାଧ୍ୟମରେ ମଧ୍ୟ ଜମିକୁ ଜଳସେଚନ କରୁଛନ୍ତି। କୃଷି ବିଭାଗଠାରୁ ମିଳିଥିବା ସୂଚନା ଅନୁସାରେ ଜିଲାରେ ୩୯୮ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ୬୫୪୧ ହେକ୍ଟର, ଓଡ଼ିଶା ଏଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେଶନ୍ ତରଫରୁ ୪୨ ପ୍ରକଳ୍ପ କରାଯାଇ ୯୧୯ ହେକ୍ଟର, ୧୩୦୦ ଅଗଭୀର କୂପ ମାଧ୍ୟମରେ ୧୩୦୦ ହେକ୍ଟର, ୧୭୪୬ ଗଭୀର ନଳକୂପ ମାଧ୍ୟମରେ ୨୦୦୭ ହେକ୍ଟର, ୨୦ଟି ତେଣ୍ଡା ସାହାଯ୍ୟରେ ୨୨୦ ହେକ୍ଟର, ସେଚକୂପ (ଡଗ୍‌ୱେଲ) ୪୦୩୦ ମାଧ୍ୟମରେ ୪୦୩୦ ହେକ୍ଟର, କ୍ଲଷ୍ଟର ବୋରୱେଲ ୮୬ଟି ମାଧ୍ୟମରେ ୧୭୨ ହେକ୍ଟର, ଅନ୍ୟାନ୍ୟ ମାଧ୍ୟମରେ ୬୩୮୬ ହେକ୍ଟର ଜମିରେ ଜଳସେଚନ ବନ୍ଦୋବସ୍ତ କରାଯାଇଛି। କ୍ଷୁଦ୍ର ଜଳସେଚନ ଓ ଜଳସମ୍ପଦ ବିଭାଗ ଏତେ ଜମିକୁ ଜଳସେଚନ ବନ୍ଦୋବସ୍ତ କଥା କହୁଥିଲେ ମଧ୍ୟ କୃଷି ବିଭାଗ ସହିତ ଏହାର କୌଣସି ତାଳମେଳ ରହୁନାହିଁ। ଫଳରେ ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହାଛଡା ଜଳସେଚନ ଓ ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରକଳ୍ପ ମରାମତି ପାଇଁ ପ୍ରତିବର୍ଷ ଟଙ୍କା ମଞ୍ଜୁର ହେଉଛି। ହେଲେ ଡାହୁକା ଜଳସେଚନ ପ୍ରକଳ୍ପରେ ଅନେକ ସ୍ଥାନରେ ନିମ୍ନମାନର କାମ ଯୋଗୁ ପାଣି ଜମିକୁ ନ ଯାଇ ନଷ୍ଟ ହେଉଥିବା ଦେଖାଯାଉଛି। ଜିଲାରେ ୧,୪୪,୦୮୩ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ସମସ୍ତଙ୍କ ଜମିକୁ ଜଳ ପହଞ୍ଚିପାରୁ ନାହିଁ। ବୃହତ୍ତ ଜଳସେଚନ ଯୋଜନା ଜିଲାବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି। ନୂଆଗାଁ ଅଞ୍ଚଳର ଚାଷୀ ଭାବଗ୍ରାହୀ ପ୍ରଧାନଙ୍କ କହିବା କଥା, ଜମିକୁ ଜଳସେଚନ ବ୍ୟବସ୍ଥା ନ ହେବାରୁ ସେ ନିଜେ ଏକ କୂପ ଖୋଳି ଜମିରେ ଫସଲ କରୁଛନ୍ତି। ଯଦି ଜିଲାର ସମସ୍ତ ଚାଷ ଜମିକୁ ଜଳସେଚନ ବନ୍ଦୋବସ୍ତ କରାଯାନ୍ତା ତେବେ ଚାଷୀମାନଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ ହୁଅନ୍ତା। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଉପକୃଷି ନିର୍ଦ୍ଦେଶକ ଲକ୍ଷ୍ମୀ ନାରାୟଣ ଦାସ କହନ୍ତି, ଜିଲାରେ ପ୍ରତିବର୍ଷ ଜମିକୁ ଜଳସେଚନ ବ୍ୟବସ୍ଥା ବୃଦ୍ଧି ପାଉଛି। ସେହିପରି ନୟାଗଡ଼ କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀ ବିନୟ କୁମାର ସୁବୁଦ୍ଧି କହନ୍ତି, ଜିଲାରେ ସମସ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ରହିଛି। କୌଣସି ସ୍ଥାନରେ ଖରାପ ହୋଇଥିଲେ ତାହାକୁ ସଚଳ କରାଯାଉଛି। ପ୍ରତିବର୍ଷ ଯାହା ଲକ୍ଷ୍ୟଧାର୍ଯ୍ୟ କରାଯାଉଛି ତାହା ପୂରଣ ହେଉଛି। ଆଗାମୀ ଦିନରେ ବାକି ଥିବା ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକ୍ଷମ କରାଯିବ ବୋଲି ସେ ପ୍ରକାଶ କରିଥିଲେ ।

## ସୋରଡା ହତ୍ୟା ଘଟଣା ଅଭିଯୁକ୍ତ ଜେଲ ଗଲେ

**ନୂଆଗାଁ,୨୭।୨ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ଥାନା ସୋରଡା ଗ୍ରାମରେ ଗତ ସପ୍ତାହରେ ହୋଇଥିବା ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ବ୍ୟକ୍ତି ଆଠଦିନ ଧରି ଥାନାରେ ଅଟକ ରହିବା ପରେ ତାଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି । ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି । ଅଭିଯୁକ୍ତ ହେଲେ ସୋରଡା ଗ୍ରାମର ବିଶ୍ୱନାଥ ସାହୁ (୫୨) । ସୂଚନାଯୋଗ୍ୟ, ମୃତ କୃଷ୍ଣଚନ୍ଦ୍ର ସାହୁ ଦଶପଲ୍ଲା ସ୍ଥିତ ହୋଟେଲ ବୈକୁଣ୍ଠ ଭବନରେ ଦୀର୍ଘ ଦିନ ହେଲା ରୋଷେୟା ଭାବେ କାର୍ଯ୍ୟ କରି ଆସୁଥିଲେ । ସେ ପ୍ରତିଦିନ ସୋରଡା ଗ୍ରାମରୁ ଦଶପଲ୍ଲା ଯାଇ ସେଠାରେ କାମ କରି ରାତି ୧୨ଟାରେ ଏକ ବସ ଯୋଗେ ଘରକୁ ଫେରନ୍ତି। ତାଙ୍କର ଦୁଇ ସ୍ତ୍ରୀ ସଞ୍ଜୁ ଓ ମଞ୍ଜୁ ଏବଂ ଝିଅ ରାତିରେ କୃଷ୍ଣଚନ୍ଦ୍ରଙ୍କୁ ଅପେକ୍ଷା କରିଥିବାବେଳେ ସେ ଘରକୁ ଫେରି ନ ଥିଲେ । ରାତି ୪ଟା ବେଳେ ସ୍ତ୍ରୀ ମଞ୍ଜୁ ବାହାରକୁ ଆସି କୃଷ୍ଣଚନ୍ଦ୍ରଙ୍କ ମୃତଦେହ ଘର ଆଗରେ ପଡିଥିବା ଦେଖିବାକୁ ପାଇଥିଲେ। ପଡିଶା ଘରର ବିଶ୍ୱନାଥ ସାହୁଙ୍କ ସହ ତାଙ୍କର ୩/୪ ମାସ ହେଲା କୁକୁଡା ପାଳନକୁ ନେଇ ଶତ୍ରୁତା ଲାଗି ରହିଥିଲା। ଅନେକ ସମୟରେ ବିଶ୍ୱନାଥ କୃଷ୍ଣଙ୍କୁ ହତ୍ୟା କରିବା ଧମକ ମଧ୍ୟ ଦେଇ ଆସୁଥିଲେ। ମୃତକ ସ୍ତ୍ରୀଙ୍କ ଅଭିଯୋଗକୁ ଭିତ୍ତି କରି ନୂଆଗାଁ ପୋଲିସ ନଂ ୧୮/୧୯ରେ ମାମଲା ରୁଜୁ କରିଥିଲା । ହତ୍ୟାକାଣ୍ଡରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ନେଇ ସନ୍ଦେହ କରି ସେମାନଙ୍କୁ ଖୋଜି ବାହାର କରିବା ପାଇଁ ବିଶ୍ୱନାଥଙ୍କୁ ଅଟକ ରଖି ପଚରାଉଚରା କରାଯାଇଥିଲେ ମଧ୍ୟ ଅଧିକ କୌଣସି ତଥ୍ୟ ମିଳି ପାରି ନ ଥିବା କହିଛନ୍ତି ନୂଆଗାଁ ଥାନା ଏଏସଆଇ ପ୍ରସନ୍ନ କୁମାର ମିଶ୍ର ।

## ବିଜେଡିର ମହିଳା ସମାବେଶ





ସମାବେଶରେ ଯୋଗଦେଇଥିବା ମହିଳାମାନେ।

**ଭାପୁର,୨୭।୨(ଡି.ଏନ୍.ଏ.)**

ରାଜ୍ୟରେ ନବୀନ ସରକାର ମହିଳାମାନଙ୍କୁ ସାମାଜିକ ତଥା ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏଥିପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏ ସମ୍ପର୍କରେ ମହିଳାଙ୍କୁ ଅବଗତ କରାଇବା ନିମନ୍ତେ ସମସ୍ତ ଜିଲା ଓ ବ୍ଲକ ସ୍ତରରେ ବିଜେଡି ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ବୁଧବାର ଭାପୁର ବ୍ଲକ ଫତେଗଡ଼ ଗ୍ରାମଠାରେ ବ୍ଲକସ୍ତରୀୟ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବିଧାୟକ ଅନୁଭବ ପଟ୍ଟନାୟକ, ବିଜେଡି ରାଜ୍ୟ ମହିଳା ଉପସଭାପତି ପ୍ରଭାସିନୀ ନନ୍ଦ, ରାଜ୍ୟ ସମ୍ପାଦିକା ତଥା ପର୍ଯ୍ୟବେକ୍ଷକ ମାଳତୀ ଗୁରୁ, ଜିଲା ସଭାପତି ଜୟଶ୍ରୀ ଦାଶ, ଶିକ୍ଷାବିତ୍ ଗଣନାଥ ଦାଶ, ଆଡଭୋକେଟ ସନାତନ ଷଡ଼ଙ୍ଗୀ, ଯୁବନେତା ବିଜୟ କୁମାର ପଟ୍ଟନାୟକ ଯୋଗଦେଇ ରାଜ୍ୟ ସରକାର ମହିଳାମାନଙ୍କ ଉତ୍‌ଥାନ ପାଇଁ ଗ୍ରହଣ କରିଥିବା ସମସ୍ତ ଲୋକାଭିମୁଖୀ ଯୋଜନାର ବର୍ଣ୍ଣନା କରିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ବିଜେଡିକୁ ସହଯୋଗର ହାତ ବଢାଇବା ପାଇଁ ଅତିଥିମାନେ ସମସ୍ତଙ୍କୁ ନିବେଦନ କରିଥିଲେ। ଏହି ସଭାରେ ବ୍ଲକର ୨୦ ପଞ୍ଚାୟତରୁ ମହିଳାମାନେ ଯୋଗଦେଇଥିଲେ।

## ୫୦ ଫୁଟର ତ୍ରିରଙ୍ଗା ଶୋଭାଯାତ୍ରା

**ଖୋର୍ଦ୍ଧା ଅଫିସ,୨୭।୨:** ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦର ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାମ୍ପସ ୟୁନିଟ ପକ୍ଷରୁ ବୁଧବାର ୫୦ ଫୁଟର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନଗର ଛାତ୍ର ସନ୍ଦେଶ ସଂଯୋଜକ ଗୋପବନ୍ଧୁ ଜେନା ଓ ନଗର ସମ୍ପାଦକ ପ୍ରଦୀପ ସ୍ୱାଇଁଙ୍କ ନେତୃତ୍ୱରେ ଭାରତର ବାୟୁସେନାର ସାହାସିକତାକୁ ସମ୍ମାନ ଜଣାଇ ଏହି ଶୋଭାଯାତ୍ରା ବାହାରିଥିଲା। ଭାରତ ମାତା କି ଜୟ, ଇଣ୍ଡିଆନ ଆର୍ମି ଜିନ୍ଦାବାଦ ନାରା ଦେଇ ଶୋଭାଯାତ୍ରା ମହାବିଦ୍ୟାଳୟ ଆଖପାଖ ଅଞ୍ଚଳ ପରିକ୍ରମା କରିଥିଲା। ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ।

## ୧୫୬୭ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ

**ନୟାଗଡ଼ ଅଫିସ,୨୭।୨**

ଓଡ଼ିଶା କୋଠାବାଡ଼ିଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡତରଫରୁ ମଙ୍ଗଳବାର ପଠାଣି ସାମନ୍ତ ଅଡିଟୋରିୟମଠାରେ ଶ୍ରମିକମାନଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଛି। ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୧୫୬୭ଜଣ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ବିଧାୟକ ସାହୁ କହିଥିଲେ, ଯେଉଁମାନେ ନିର୍ମାଣ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି ସେମାନେ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ମାଗଣାରେ ନାମ ପଞ୍ଜୀକୃତ କରିପାରିବେ। ଏହା ପରେ ସରକାରଙ୍କ ତରଫରୁ ସେମାନଙ୍କ ପାଇଁ ଥିବା ବିଭିନ୍ନ ଉପକରଣ ବଣ୍ଟନ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ନୟାଗଡ଼ ବ୍ଲକର ଶିକ୍ଷା ସହାୟତା ଯୋଜନାରେ ୫୦୯ଜଣଙ୍କୁ ୨୧,୮୫,୦୦୦ ଟଙ୍କା, ବିବାହ ସହାୟତା ପାଇଁ ୧୫୬ଜଣଙ୍କୁ ୩୮,୯୫,୦୦୦, ମୃତ୍ୟୁ ଓ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ୧୮ଜଣଙ୍କୁ ୧୮,୯୦,୦୦୦, ପ୍ରସୂତିକାଳୀନ ସହାୟତା ପାଇଁ ୬୮୮ଜଣଙ୍କୁ ୮୦,୨୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ଓଡ଼ଗାଁ ବ୍ଲକର ଶିକ୍ଷା ସହାୟତା ଯୋଜନାରେ ୧୪୬ଜଣଙ୍କୁ ୭,୦୬,୦୦୦, ବିବାହ ସହାୟତା ପାଇଁ ୪୨ଜଣଙ୍କୁ ୧୦,୪୫,୦୦୦, ମୃତ୍ୟୁ ଓ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ୮ଜଣଙ୍କୁ ୮,୪୦,୦୦୦ଟଙ୍କାର ସହାୟତା ରାଶି ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନା ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ଓଡ଼ଗାଁ ରାମସାଗର ପାର୍କ ଉଦ୍‌ଘାଟିତ

**ଓଡ଼ଗାଁ, ୨୭।୨(ସ୍ୱ.ପ୍ର.)**

ନୟାଗଡ ଜିଲା ଓଡ଼ଗାଁ ଏନ୍‌ଏସିର ଶ୍ରୀରଘୁନାଥଜୀଉଙ୍କ ରାମ ସାଗର ପାର୍ଶ୍ୱବର୍ତ୍ତି ସ୍ଥାନରେ ପ୍ରାୟ ୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ରାମ ସାଗର ପାର୍କ ବୁଧବାର ଲୋକାର୍ପିତ ହୋଇଛି। ବିଧାୟକ ଅରୁଣ କୁମାର ସାହୁ ଓ ଏମ୍‌ପି ପିନାକୀ ମିଶ୍ର ଉଦ୍‌ଘାଟକ ଓ ମୁଖ୍ୟଅତିଥି ଭାବେ ଅଂଶ ଗ୍ରହଣ କରି ଏହାକୁ ଲୋକାର୍ପିତ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଏମପି ମିଶ୍ର ଓ ବିଧାୟକ ସାହୁ, ଜିଲାପାଳ ଡ. ଏନ. ତିରୁମଲା ନାୟକ, ବନଖଣ୍ଡ ଅଧିକାରୀ ଧନରାଜ ଏଚ୍ ଡି, ସିନେ କଳାକାର ଅର୍ଚ୍ଚିତା ସାହୁ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ । ବନ ଭିଭାଗ, ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ ଏବଂ ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ ପ୍ରାୟ ୪ କୋଟି ଟଙ୍କା ଅନୁଦାନରେ ରାମ ସାଗର ପାର୍କ ନିର୍ମାଣ କରାଯାଇଛି । ଉଦ୍‌ଘାଟନ ସମାରୋହ ପରେ ମେଲୋଡି କାର୍ଯ୍ୟକ୍ରମ ଦ୍ୱାରା ଉପସ୍ଥିତ ଲୋକମାନଙ୍କ ମନୋରଞ୍ଜନ କରାଯାଇଥିଲା।



ରାମସାଗର ପାର୍କ।

## ବାଇକ୍ ଚୋରି ଅଭିଯୋଗ

**ରଣପୁର, ୨୭।୨(ସ୍ୱ.ପ୍ର.):** ରଣପୁର ଥାନା ପାଇକରାପୁର ଗ୍ରାମରେ ମଙ୍ଗଳବାର ଏକ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ ମଧ ଚୋରି ବାଇକ୍‌ର କୌଣସି ସନ୍ଧାନ ମିଳିପାରି ନାହିଁ। ବ୍ରଜରାଜପୁର ପଞ୍ଚାୟତ ଲତାର ଗ୍ରାମର ରଣଜିତ୍ ପଟ୍ଟନାୟକ କୌଣସି କାମରେ ପାଇକରାପୁର ବନ୍ଧୁ ଘରକୁ ଯାଇଥିଲେ। ତାଙ୍କ ଘର ଆଗରେ ହୋଣ୍ଡା ୟୁନିକନ୍ ବାଇକ୍ (ଓଡି ୦୨ ଏଫ୍ ୩୧୫୮)କୁ ରଖି ଭିତରକୁ ଯାଇଥିଲେ। କିଛି ସମୟ ପରେ ବାହାରକୁ ଆସି ତାଙ୍କ ବାଇକ୍ ନଥିବା ଦେଖିବାକୁ ପାଇଥିଲେ। ଖୋଜାଖୋଜି କରି ନ ପାଇବାରୁ ବୁଧବାର ଥାନାରେ ସେ ଲିଖିତ ଅଭିଯୋଗ କରିଛନ୍ତି।

## ଭିଜିଲାନ୍ସ ତଦନ୍ତ ଦାବିରେ ଆଜିଠାରୁ ବ୍ଲକ୍ ସମ୍ମୁଖରେ ଧାରଣା

**ନୂଆଗାଁ,୨୭।୨(ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ୍‌ରେ ବିଭିନ୍ନ ବିଭାଗରେ ଦୁର୍ନୀତି ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ତେଣୁ ଭିଜିଲାନ୍ସ ତଦନ୍ତ ଦାବି କରି ଗୁରୁବାରଠାରୁ ନୂଆଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କେଶବ ମହାକୁଡ ନାମକ ଅଭିଯୋଗକାରୀ ଧାରଣାରେ ବସିବେ ବୋଲି ସୂଚନା ଦେଇଛନ୍ତି । କେଶବଙ୍କ ଅଭିଯୋଗ ମୁତାବକ ନୂଆଗାଁ ବ୍ଲକରେ ଥିବା ପୁରୁଣା କ୍ୱାର୍ଟର୍ସଗୁଡିକରେ ନୂଆ ରଙ୍ଗ ଦେଇ ବିଲ୍ ହଡପ କରାଯାଉଛି । ବ୍ଲକର ଅନେକ ପଞ୍ଚାୟତରେ ଗରିବ ଲୋକମାନେ ଚାଳ କୁଡିଆରେ ରହୁଥିଲେ ମଧ୍ୟ ସେମାନଙ୍କୁ ଇନ୍ଦିରା ଆବାସ ଗୃହ, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନ ଦେଇ ଛାତଘର ଥିବା ଲୋକଙ୍କଠାରୁ ଲାଞ୍ଚ ନେଇ ଘର ପାଇଁ ଅନୁଦାନ ଦେଉଛନ୍ତି । ରାଶନ କାର୍ଡପାଇଁ ଅଯୋଗ୍ୟ ହିତାଧିକାରୀଙ୍କୁ ମଧ୍ୟ ରାଶନ କାର୍ଡ ଯୋଗାଇ ଦିଆଯାଉଛି। ସେହିପରି ପାରାଡ଼ିପି ପଞ୍ଚାୟତରେ ନିର୍ମାଣ କରାଯାଇଥିବା କଂକ୍ରିଟ ରାସ୍ତା ଅତି ନିମ୍ନମାନର ହୋଇଥିବାରୁ ବର୍ଷେ ନ ପୂରୁଣୁ ଫାଟି ଆଁ କରିଛି । ଗରିବ ଲୋକମାନେ ରାଶନ କାର୍ଡପାଇଁ ନୂଆଗାଁ ବ୍ଲକ କାର୍ଯ୍ୟାଳୟକୁ ଆସୁଥିଲେ ମଧ୍ୟ ଯୋଗାଣ ନିରୀକ୍ଷକ, ବିଡିଓ ତଦନ୍ତ କରିବା ପାଇଁ ପ୍ରତିଶ୍ରୁତି ଦେଇ ସେମାନଙ୍କୁ ବାରମ୍ବାର ଦୌଡାଇବା ଫଳରେ ଗରିବ ଲୋକମାନେ ଖର୍ଚ୍ଚାନ୍ତ ହେଉଛନ୍ତି । ବ୍ଲକର ଅଧିକାରୀମାନେ ବିଭିନ୍ନ ଦୁର୍ନୀତିରେ ବୁଡି ରହିଥିବା ବେଳେ ସେମାନଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇ ଏହାର ଏକ ଭିଜିଲାନ୍ସ ତଦନ୍ତ ଦାବି କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ପାଇଁ ମହାକୁଡ ନୟାଗଡ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ପ୍ରକଳ୍ପ ନିର୍ଦ୍ଦେଶକ,ବିଡିଓ ନୂଆଗାଁ, ଥାନା ଅଧିକାରୀ ନୂଆଗାଁକୁ ଲିଖିତ ଭାବେ ଜଣାଇଛନ୍ତି।

# ପାଇପ୍ ଫାଟି ରାସ୍ତାରେ ଭାସୁଛି ପାଣି

**ଖଣ୍ଡପଡା,୨୭।୨(ସ୍ୱ.ପ୍ର.)**

ଲୋକେ ପାନୀୟ ଜଳ ମୁନ୍ଦେ ପାଇଁ ପ୍ରକଳ୍ପର ପାଣିକୁ ଚାହିଁ ରହିଥିବା ବେଳେ ଟ୍ୟାପରୁ ପାଣି ବାହାରୁ ନ ଥିବାରୁ ନାହିଁ ନ ଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି। ତେବେ ସେହି ପ୍ରକଳ୍ପର ପାଇପ ଫାଟି ରାସ୍ତାରେ ପାଣି ଭାସୁଥିବାରୁ ଭାପୁର ବ୍ଲକ ଅନ୍ତର୍ଗତ ପଥରଚକଡା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି ।

ପ୍ରକାଶ ଯେ, ୬ଟି ୱାର୍ଡର ୩ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ପାନୀୟ ଜଳର ଚାହିଦା ମେଣ୍ଟାଇବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଦୀର୍ଘ ବର୍ଷରୁ ଏକ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଛି । ଭୂତଳ ଜଳକୁ ଏକ ଓଭରହେଡ ଟାଙ୍କି ମାଧ୍ୟମରେ ଉକ୍ତ ଅଞ୍ଚଳକୁ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା କରାଯାଇଛି। ଏହାଛଡା ଏହି ଗ୍ରାମରେ ୧୦ରୁ ଊର୍ଦ୍ଧ୍ୱ ନଳକୂପ ଖନନ କରାଯାଇଛି । ତେବେ ଅଧିକାଂଶ ନଳକୂପର ପାଣି ଫ୍ଲୋରାଇଡ୍ ଯୁକ୍ତ ହୋଇଥିବା ବେଳେ ଏଥି ମଧ୍ୟରୁ ୩ଟି ନଳକୂପ ଅଚଳ ହୋଇ ପଡିଛି । ଫଳରେ ସମ୍ପୃକ୍ତ ଗ୍ରାମବାସୀ ଜଳ ଯୋଗାଣ ପାଇପ ଜଳ ଉପରେ ନିର୍ଭର କରିଥାନ୍ତି । ବିଭିନ୍ନ ସାହିବସ୍ତିକୁ ପାଇପ ବିଛାଯାଇ ଲୋକମାନଙ୍କୁ ପାନୀୟ ଜଳ ଯୋଗା ଯାଇଥିବା ବେଳେ ଦୀର୍ଘ ୬ମାସରୁ ଊର୍ଦ୍ଧ୍ୱ ହେବ ପଥରଚକଡା ପ୍ରାଥମିକ ବିଦ୍ୟାଳୟ ନିକଟ ଚଞ୍ଚଳେଇ ସାହିକୁ ଯୋଗାଯାଇଥିବା ପାଣି ପାଇପଟି ଫାଟି ଯାଇଥିବାରୁ ସେଠାରୁ ସର୍ବଦା ପାଣି ଲିକେଜ ହୋଇ ରାସ୍ତାରେ ଭାସୁଥିବା ବେଳେ ଉପରମୁଣ୍ଡରୁ ଆଦୌ ପାଣି ଉଠୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସମ୍ପ୍ରତି ଖରା ଅନୁଭୁତ ହେଉଥିବା ବେଳେ ପାନୀୟ ଜଳର ସମସ୍ୟା ଲୋକମାନଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ସେହିପରି ଗଉଡସାହିକୁ ଯୋଗାଯାଇଥିବା ପାଣି ପାଇପ ମଧ ଫାଟି ଲିକ୍ ହୋଇ ରାସ୍ତାରେ ଭାସୁଥିବା ଲୋକେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ କେହି କର୍ଣ୍ଣପାତ କରୁ ନଥିବା କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ତ୍ରିନାଥ ମୁଦୁଲିଙ୍କୁ ପଚାରିବାରୁ ଏ ନେଇ କେହି ଅଭିଯୋଗ କରି ନ ଥିବା ସେ ପ୍ରକାଶ କରିଥିଲେ। ଭାପୁର ବିଭାଗୀୟ କନିଷ୍ଠଯନ୍ତ୍ରୀ ଇଂ. ସରିତା ଦାଶଙ୍କ ସହ ଯୋଗାଯୋଗ କରିବାରେ ତାଙ୍କ ପାଖରେ ଏନେଇ କୌଣସି ଅଭିଯୋଗ ପହଁଚି ନଥିବା ପ୍ରକାଶ କରିଥିବା ବେଳେ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବେ ବୋଲି ସେ ପ୍ରକାଶ କରିଛନ୍ତି ।



ପାଇପ୍ ଫାଟି ପାଣି ଲିକ୍ କରୁଛି।

## ସଂକ୍ଷେପରେ

### ୩୩/୧୧ କେଭି ବିଦ୍ୟୁତ୍ ସବ୍‌ଷ୍ଟେଶନ ଉଦ୍‌ଘାଟିତ



**ନୟାଗଡ଼ ଅଫିସ,୨୭।୨:** ନୟାଗଡ଼ ଜିଲା ସଦର ବ୍ଲକ ଲାଠିପଡ଼ାଠାରେ ୩୩/୧୧ କେଭି ବିଦ୍ୟୁତ୍ ସବ୍‌ଷ୍ଟେଶନ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପୁରୀ ଏମ୍‌ପି ପିନାକୀ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଓ ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ଲାଠିପଡ଼ାସ୍ଥିତ ମଡ଼େଲ ଡିଗ୍ରୀ କଲେଜ ହଷ୍ଟେଲ, ଲାଠିପଡ଼ା ଓଭର ହେଡ୍ ପାଣିଟାଙ୍କି ଓ ଲାଠିପଡ଼ା କଲ୍ୟାଣ ମଣ୍ଡପକୁ ଉଦ୍‌ଘାଟନ କରାଯାଇଥିଲା।

### କିରୋସିନ ପାଇଁ ପଞ୍ଚାୟତ ଅଫିସରେ ତାଲା

**ଦଶପଲ୍ଲା,୨୭।୨ (ଡି.ଏନ.ଏ.):** ଗତ ଡିସେମ୍ବର ମାସର କିରୋସିନ ଦିଆଯାଇ ନ ଥିବା ଅଭିଯୋଗ କରି ବୁଧବାର ଖାଉଟିମାନେ ତେଣ୍ଡାବାଡି ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ଡିସେମ୍ବର ମାସର କିରୋସିନ ଦିଆଯାଉ ନ ଥିବା ନେଇ ହିତାଧିକାରୀ ଅଭିଯୋଗ କରିଆସୁଥିବାବେଳେ ପଞ୍ଚାୟତ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଉ ନ ଥିଲେ। ଏପରିସ୍ଥଳେ ବୁଧବାର ରାଶନ ସାମଗ୍ରୀ ଦିଆଯାଉଥିବା ବେଳେ ଖାଉଟିମାନେ କିରୋସିନ ପ୍ରଦାନ କରିବାକୁ ଦାବିକରି ହୋହଲ୍ଲା କରିବା ସହ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଦେଇଥିଲେ। ପ୍ରାୟ ୧ ଘଣ୍ଟା ପରେ ଯୋଗାଣ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଯୋଗାଣ ଅଧିକାରୀ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅରୁଣ କୁମାର ସାହୁଙ୍କ କହିବା ଅନୁଯାୟୀ ଗତ ଡିସେମ୍ବର ମାସର କିରୋସିନ ଭୁଲରେ ଓଡଗାଁକୁ ଯାଇଛି। ଫଳରେ ଏହି କିରୋସିନ ଆସିବାରେ ବିଳମ୍ବ ହୋଇଛି। ଖୁବ୍‌ଶୀଘ୍ର ଖାଉଟିଙ୍କୁ ଏହି କିରୋସିନି ଦିଆଯିବ ବୋଲି ସେ କହିଛନ୍ତି।

### ହିନ୍ଦୀ ପରୀକ୍ଷାରେ ୨୭ ଅନୁପସ୍ଥିତ

**ନୟାଗଡ଼ ଅଫିସ,୨୭।୨:** ମାଟ୍ରିକ୍ ପରୀକ୍ଷାର ବୁଧବାର ତୃତୀୟ ଦିବସ ହିନ୍ଦୀ ପରୀକ୍ଷାରେ ଜିଲାର ୧୦୨୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୭ଜଣ ଅନୁପସ୍ଥିତ ଥିଲେ। ନୟାଗଡ଼ ବ୍ଲକ ବ୍ରଜେନ୍ଦ୍ର ହାଇସ୍କୁଲ ନୋଡ଼ାଲ ସେଣ୍ଟରର ୨୬୫ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩ଜଣ ଅନୁପସ୍ଥିତ ଥିବାବେଳେ ଦଶପଲ୍ଲା ବ୍ଲକ ଦଶପଲ୍ଲା ହାଇସ୍କୁଲ ନୋଡ଼ାଲ୍ ସେଣ୍ଟରରେ ୨୯୫ ଜଣରୁ ୧୭, ଓଡ଼ଗାଁ ବ୍ଲକ ରଘୁନାଥ ବିଦ୍ୟାପୀଠ ନୋଡ଼ାଲ ସେଣ୍ଟରରେ ୮୩ ଜଣରୁ ୧, ରଣପୁର ବ୍ଲକ ବିସି ହାଇସ୍କୁଲ ନୋଡ଼ାଲ ସେଣ୍ଟରରେ ୧୮୨ ମଧ୍ୟରୁ ୩, ଖଣ୍ଡପଡ଼ା ବ୍ଲକ ରାମଚନ୍ଦ୍ର ହାଇସ୍କୁଲ ନୋଡ଼ାଲ ସେଣ୍ଟରରେ ୭୬ ମଧ୍ୟରୁ ୨ ଓ ଭାପୁର ବ୍ଲକ ଫତେଗଡ଼ ହାଇସ୍କୁଲ ନୋଡ଼ାଲ ସେଣ୍ଟରରେ ୧୨୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ ଥିବା ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

### ବାଳିକା ଆତ୍ମରକ୍ଷା କୌଶଳ ତାଲିମ୍ ଉଦ୍‌ଯାପିତ

**ବୋଲଗଡ଼,୨୭।୨(ଡି.ଏନ.ଏ.):** ବୋଲଗଡ଼ ବାଙ୍କୋଇ କେପିଏଏନ୍ ଜୁନିୟର କଲେଜରେ ବାଳିକାମାନଙ୍କ ପାଇଁ ଚାଲିଥିବା ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୧୦୦ ଜଣ ଛାତ୍ରୀ ତାଲିମ ନେଇଥିଲେ। ମିତା ସ୍ୱାଇଁ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ଶ୍ରୀପ୍ରସାଦ ସାମନ୍ତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ୧୨ଦିନ ଧରି ଚାଲିଥିଲା। ଏହି ସଭାରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ ରାଉତ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷାବିତ୍ କାଳିଚରଣ ଜୟସିଂହ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଜୟକୃଷ୍ଣ ଫତେସିଂହ, ଅଧାପିକା ଗୀତା ପଟ୍ଟନାୟକ, ହରପ୍ରିୟା ଦାଶ, ସୁରେଶ ଚନ୍ଦ୍ର ଜେନା, ଶୈଳେନ୍ଦ୍ର ନାରାୟଣ ସାହୁ ଓ ଶ୍ରୀନିବାସ ଛୋଟରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନଙ୍କ ସମ୍ମୁଖରେ ପ୍ରଶିକ୍ଷାର୍ଥୀ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ଅତିଥିମାନେ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

■ ଉଦ୍ୟାନ ବିଭାଗ ଚାଷୀଙ୍କୁ ପ୍ରତାରଣା କରିବା ଘଟଣା

# ସପ୍ତମ ଥର ଧାରଣାରେ ବସିଲେ ଚାଷୀ

**ନୟାଗଡ଼ ଅଫିସ,୨୭।୨**



ଚାଷୀମାନେ ଡିଡ଼ିଏଚ୍ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

ପ୍ରାପ୍ୟ ପାଇବା ପାଇଁ ଚାଷୀମାନେ ସପ୍ତମଥର ପାଇଁ ବୁଧବାର ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ବାରମ୍ବାର ଆନ୍ଦୋଳନ ଘଟଣା ନେଇ ଜିଲା ଉପ ଉଦ୍ୟାନ ନିର୍ଦ୍ଦେଶକ (ଡିଡିଏଚ୍) ଭାଗ୍ୟରଥି ପ୍ରଧାନଙ୍କୁ ହଠାତ୍ ବଦଳି କରାଯାଇଥିବା କୁହାଯାଉଛି। ପ୍ରଧାନଙ୍କୁ କନ୍ଧମାଳ ଜିଲା ଜି ଉଦୟଗିରି ବ୍ଲକ କଳିଙ୍ଗାସ୍ଥିତ ହର୍ଟିକଲଚର ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ (ଏଚ୍‌ଟିଆଇ)ର ଡିଡିଏଚ୍ ଭାବେ ବଦଳି କରାଯାଇଛି। ୨୩ ତାରିଖରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ହୋଇଥିବା ଚିଠିରେ ଏହା ଉଲ୍ଲେଖ କରାଯାଇଛି। ପ୍ରଧାନ ଡିସେମ୍ବର ୨୦୧୭ରେ ନୟାଗଡ଼ ଜିଲା ଡିଡ଼ିଏଚ୍ ଭାବେ ନିଯୁକ୍ତ ହୋଇଥିଲେ।

ପ୍ରକାଶ ଯେ, ଜିଲାର ୮ ବ୍ଲକର ୫୦ରୁ ଊର୍ଦ୍ଧ୍ୱ ଚାଷୀ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ୨୦୧୬-୧୭ ଆର୍ଥିକ ବର୍ଷରେ ଉଦ୍ୟାନ ବିଭାଗଠାରୁ କାର୍ଯ୍ୟାଦେଶ ପାଇ ପାମ୍ ଅଏଲ ଗଛ ଲଗାଇଥିଲେ। ହେକ୍ଟର ପିଛା ୩ବର୍ଷ ପାଇଁ ୨.୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ହେଲେ ଉଦ୍ୟାନ ବିଭାଗ

**ବଦଳିଲେ ଡିଡିଏଚ୍**

ଏହାକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ନ କରି ଏମଆଇଟି ଯୋଜନାରେ ଅନ୍ତର୍ଭୁକ୍ତ କରିଥିଲା। ଏହା ଦ୍ୱାରା ଚାଷୀଙ୍କୁ ୩ ବର୍ଷରେ ମାତ୍ର ୨୦ ହଜାର ଟଙ୍କା ମିଳିବ। ଏହା ଜାଣିବା ପରେ ଚାଷୀମାନେ ଉଦ୍ୟାନ ବିଭାଗର ଅଧିକାରୀଙ୍କୁ ଜଣାଇଥିଲେ। ହେଲେ ସେମାନେ କିଛି କରିପାରିବେ ନାହିଁ, ସରକାରଙ୍କ ତରଫରୁ ଯାହା ନୀତିନିୟମ ଅଛି ବୋଲି ସଫେଇ ଦେଇଥିଲେ। ଏହାକୁ ନେଇ ଥରେ କି ଦୁଇଥର ନୁହେଁ ୬ ଥର ଡିଡ଼ିଏଚ୍ କାର୍ଯ୍ୟାଳୟ ଘେରାଉ କରିଥିଲେ ମଧ୍ୟ ଚାଷୀଙ୍କୁ ପ୍ରାପ୍ୟ ମିଳି ନ ଥିଲା। ଏପରିସ୍ଥଳେ ଜାନୁୟାରୀ ୧୮ ତାରିଖରେ କୃଷିମନ୍ତ୍ରୀ ଶଶିଭୂଷଣ ବେହେରା ନୟାଗଡ଼ ଗସ୍ତରେ ଆସିଥିବାବେଳେ ଚାଷୀମାନେ ତାଙ୍କୁ ଭେଟି ଏହି ସମସ୍ୟା ଜଣାଇଥିଲେ। ସେତେବେଳେ ମନ୍ତ୍ରୀ ୭ ଦିନ ଭିତରେ ଏହାର ସମାଧାନ କରିବାକୁ ପିଡ଼ି ଗ୍ରାମ୍ୟ ଉନ୍ନୟନ ସଂସ୍ଥାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହା ବି କାର୍ଯ୍ୟକାରୀ ହୋଇ ନ ଥିଲା। ବୁଧବାର ଚାଷୀମାନେ ସେମାନଙ୍କ ପ୍ରାପ୍ୟ ପାଇବା ଲାଗି ସପ୍ତମଥର ପାଇଁ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ପରେ ସେମାନେ ଜିଲାପାଳଙ୍କୁ ଭେଟିବାକୁ ଯାଇଥିଲେ ମଧ୍ୟ ସେ ଅନୁପସ୍ଥିତ ଥିବାରୁ ଉଦ୍ୟାନ ବିଭାଗ ନିର୍ଦ୍ଦେଶକଙ୍କୁ ଫୋନ୍‌ରେ ଯୋଗାଯୋଗ କରିଥିଲେ। ଡିଡିଏଚ୍ ବଦଳି ହୋଇଯାଇଛନ୍ତି, ନୂତନ ଡିଡିଏଚ୍ ଯୋଗଦାନ କଲେ ସେମାନଙ୍କ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଚାଷୀମାନେ ଧାରଣାରୁ ଓହରିଥିଲେ।

ବରିଷ୍ଠ ବିଜେଡି କର୍ମୀ ସମ୍ମିଳନୀ

# ‘ବିରୋଧୀଙ୍କ କଥା ଭୁଲିଯାଅ’

**ନୟାଗଡ଼ ଅଫିସ,୨୭।୨**

ବିଜେଡ଼ି ପକ୍ଷରୁ ନୟାଗଡ଼ ବ୍ଲକ ଓ ମ୍ୟୁନିସିପାଲିଟିର ବରିଷ୍ଠ ବିଜେଡ଼ି କର୍ମୀ ସମ୍ମିଳନୀ ବୁଧବାର ଡିଆରଡ଼ିଏ ରୋଡ଼ସ୍ଥିତ ଆମ୍ବତୋଟାଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡ଼ି ସଭାପତି ଗଙ୍ଗାଧର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ପୁରୀ ଏମ୍‌ପି ପିନାକୀ ମିଶ୍ର ଯୋଗଦେଇ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ଲୋକମାନଙ୍କ ପାଇଁ ବହୁତ କିଛି କରିଛନ୍ତି। ଆଗାମୀ ଦିନରେ ସେ ଓଡ଼ିଶାକୁ ସ୍ୱୟଂସମ୍ପନ୍ନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ତେଣୁ ତାଙ୍କ ହାତମୁଠାକୁ ଟାଣ କରିବା ପାଇଁ ତାଙ୍କୁ ପୁନର୍ବାର ଭୋଟ ଦେବାକୁ ସେ କର୍ମୀମାନଙ୍କୁ ଅନୁରୋଧ କରିଥିଲେ। ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ନୟାଗଡ଼ ମ୍ୟୁନିସିପାଲିଟି ଓ ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। ସେହିପରି ବିରୋଧୀମାନଙ୍କ କଥାକୁ ଭୁଲିଯିବା ପାଇଁ ସେ କର୍ମୀମାନଙ୍କୁ କହିଥିଲେ। କର୍ମୀମାନେ ତାଙ୍କର ଶକ୍ତି ବୋଲି ସାହୁ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡ଼ି ନେତା ବିଶ୍ୱନାଥ ରଥ ଶର୍ମା, ନୟାଗଡ଼ ନିର୍ବାଚନମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡା, ଜନାର୍ଦ୍ଦନ ଦଳବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି କର୍ମୀ ସମ୍ମିଳନୀରେ ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ହଜାର ହଜାର କର୍ମୀ ଯୋଗଦେଇଥିଲେ।




ଏମ୍‌ପି ପିନାକୀ ମିଶ୍ର ନିଜର ବକ୍ତବ୍ୟ ରଖୁଛନ୍ତି।

# ବ୍ୟାଙ୍କ ସମ୍ମୁଖରୁ ୨ଲକ୍ଷ ଟଙ୍କା ଲୁଟ୍

**ଖଣ୍ଡପଡ଼ା,୨୭।୨(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ନିକଟ ମୁଖ୍ୟ ରାସ୍ତାକଡ଼ରେ ଥିବା ୟୁକୋ ବ୍ୟାଙ୍କ ସମ୍ମୁଖରୁ ବୁଧବାର ଅପରାହ୍ନ ପ୍ରାୟ ୨ଟାରେ ୨ଜଣ ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କଠାରୁ ୨ଲକ୍ଷ ଟଙ୍କା ଛଡ଼ାଇ ନେଇଛନ୍ତି। ଉକ୍ତ ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।

ପ୍ରକାଶ ଯେ, ଫତେଗଡ଼ ଗ୍ରାମର ଜଗନ୍ନାଥ ଦାସ(୮୫) ତାଙ୍କର ଜଣେ ସମ୍ପର୍କୀୟ ଯୁବକଙ୍କ ସହ ବାଇକ୍ ଯୋଗେ ଖଣ୍ଡପଡ଼ା ୟୁକୋ ବ୍ୟାଙ୍କ ଶାଖାକୁ ଆସିଥିଲେ। ବ୍ୟାଙ୍କରୁ ୨ ଲକ୍ଷ ଟଙ୍କା ଉଠାଇ ଏକ ବ୍ୟାଗ୍‌ରେ ଭର୍ତ୍ତି କରି ବାହାରକୁ ଆସିଥିଲେ। ତାଙ୍କୁ ବାଇକ୍‌ରେ ଆଣିଥିବା ଯୁବକ ବ୍ୟାଙ୍କରେ ଛାଡ଼ି ଚାଲି ଯାଇଥିବାରୁ ସେ ବସ୍‌ରେ ଯିବା ପାଇଁ ଅପରାହ୍ନ ପ୍ରାୟ ୨ଟାରେ ବ୍ୟାଙ୍କ ସମ୍ମୁଖରେ ଠିଆ ହୋଇଥିଲେ। ସେହି ସମୟରେ କେହି ଜଣେ ଜଗନ୍ନାଥଙ୍କ ଉପରକୁ ପଛରୁ ମଇଳା ପାଣି ଫିଙ୍ଗିଥିଲା। ସେ ସେଠାରେ ଥିବା ଏକ ନଳକୂପ ପାଖକୁ ଯାଉଥିବା ବେଳେ ରଥଗଡ଼ା ଛକ ପାର୍ଶ୍ୱରୁ ଏକ ପଲ୍‌ସର ବାଇକ୍ ଯୋଗେ ୨ ଜଣ ଦୁର୍ବୃତ୍ତ ହଠାତ୍ ତାଙ୍କ ନିକଟରେ ପହଞ୍ଚି ତାଙ୍କ ହାତରୁ ଟଙ୍କା ଭର୍ତ୍ତି ବ୍ୟାଗ ଛଡାଇ ନେଇ ଦ୍ରୁତଗତିରେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଜଗନ୍ନାଥ ଏ ସମ୍ପର୍କରେ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୪୦/୧୯ରେ ଏକ ମାମଲା ରୁଜୁ କରିଛି। ଆଇଆଇସି ବିମଳ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବା ବେଳେ ବ୍ୟାଙ୍କ ଶାଖାରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଆଧାର କରି ପ୍ରାଥମିକ ତଦନ୍ତ ଚଳାଇଛନ୍ତି। ବ୍ୟାଙ୍କ ଶାଖା ପରିଚାଳକଙ୍କ କହିବାନୁଯାୟୀ ବୃଦ୍ଧ ଜଣଙ୍କ ଟଙ୍କା ଉଠାଇଥିବା ସମ୍ପର୍କରେ ପୂର୍ବରୁ ସୂଚନା



ଜଗନ୍ନାଥ ଦାସ।

ପାଇ ଦୁର୍ବୃତ୍ତମାନେ ବ୍ୟାଙ୍କ ପରିସରରେ ରହିଥିବା ସିସିଟିଭି ଫୁଟେଜରୁ ଜଣାପଡିଛି। ଏହାକୁ ଆଧାର କରି ବ୍ୟାଙ୍କ ପରିସରରେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ୨ ଜଣ ଅପରିଚିତ ଯୁବକ ଏଭଳି କାଣ୍ଡ ଘଟାଇଥିବା ପୋଲିସ ସନ୍ଦେହ କରୁଛି। ସୂଚନାଯୋଗ୍ୟ, ୧୫ ଦିନ ତଳେ କଣ୍ଟିଲୋ ଅଞ୍ଚଳରେ କେତେକ ଦୁର୍ବୃତ୍ତ ଜଣେ ସୁନା ବ୍ୟବସାୟୀଙ୍କୁ ବନ୍ଧୁକରେ ପିଟି ୪୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସୁନା ଅଳଙ୍କାର ସହ ତାଙ୍କ ବାଇକ୍ ନେଇ ଚମ୍ପଟ୍ ମାରିଥିଲେ। ସେହିପରି ଖଣ୍ଡପଡ଼ା-ନୟାଗଡ଼ ରାସ୍ତାର କଇଁଥପଲ୍ଲୀ ଗ୍ରାମ ନିକଟରେ କଟକ ଜିଲା ଅନ୍ତର୍ଗତ ନରସିଂହପୁର ଅଞ୍ଚଳରୁ ଗତ ୧୨ ତାରିଖରେ ଟଙ୍କା ଧରି ଯାଉଥିବା ଏକ ଫାଇନାନ୍ସ କମ୍ପାନୀର ପିକ୍‌ଅପ୍ ଗାଡ଼ିରୁ ଦୁର୍ବୃତ୍ତମାନେ ବୋମାମାଡ଼ କରି ଟଙ୍କା ଲୁଟି ନେଇଥିଲେ। ସ୍ପଷ୍ଟ ଦିବାଲୋକରେ ମାଉଜର ଓ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ଅପରାଧୀମାନେ ଲୁଟପାଟ କରି ଘଟଣାସ୍ଥଳରୁ ଫେରାର ହୋଇ ଯାଉଥିବାବେଳେ ଅପରାଧୀଙ୍କ ସମ୍ପର୍କରେ ପୋଲିସ କୌଣସି ସୁରାକ ନ ପାଇବା ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।

■ ଦଶପଲ୍ଲା ତହସିଲ ଅଞ୍ଚଳରେ ବେଆଇନ କ୍ରଶର

# ତଦନ୍ତ ପାଇଁ ଜିଲାପାଳଙ୍କୁ ଚିଠି

**ଦଶପଲ୍ଲା,୨୭।୨(ଡି.ଏନ.ଏ.)**

ଦଶପଲ୍ଲା ତହସିଲ ଅଧୀନ ବିଭିନ୍ନ ସ୍ଥାନରେ ଅନେକ ପଥର କ୍ରଶର ବେଆଇନ ଭାବେ ଚାଲିଆସୁଛି। ଏଥିମଧ୍ୟରୁ ଅଧିକାଂଶ ପଥର କ୍ରଶରକୁ ପରିବେଶ ମଞ୍ଜୁରୀ ମିଳିନାହିଁ। ଏ ନେଇ ତେଣ୍ଡାବାଡି ପଞ୍ଚାୟତର ସରପଞ୍ଚଙ୍କ ଅଭିଯୋଗ ଆଧାରରେ ତଦନ୍ତ ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ନୟାଗଡ଼ ଜିଲାପାଳଙ୍କୁ ଏବେ ଚିଠି ଲେଖିଛି। ଦଶପଲ୍ଲା ତହସିଲର ପୋଇବାଡିସ୍ଥିତ ଭାଲୁ ମୁଣ୍ଡିଆ ଓ ମଳିକ ମୁଣ୍ଡିଆକୁ ଅନେକ ପଥର ମାଫିଆ ନିଜ କବ୍‌ଜାକୁ ନେଇ ବେଆଇନ ଭାବେ ବିସ୍ଫୋରକ ବ୍ୟବହାର କରି ବ୍ଲାଷ୍ଟିଂ କରି ଚାଲିଛନ୍ତି। ଏଭଳି ବେଆଇନ କାର୍ଯ୍ୟକୁ ନେଇ ଗତ ଡିସେମ୍ବର ମାସରେ ତେଣ୍ଡାବାଡି ପଞ୍ଚାୟତ ବୈଠକରେ ପ୍ରବଳ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ବିଶେଷକରି ଦଶପଲ୍ଲାରେ ବିଦେଶାଗତ କମ୍ପାନୀ ବିଭିନ୍ନ ନୀତିନିୟମକୁ ଉଲ୍ଲଂଘନ କରି ବେଆଇନ ଭାବେ କ୍ରଶର ସ୍ଥାପନ କରିବାକୁ ବୈଠକରେ ତୀବ୍ର ବିରୋଧ କରାଯାଇଥିଲା। ଏ ନେଇ ସରପଞ୍ଚ ବିଜୟିନୀ ପ୍ରଧାନ ଗତ ଡିସେମ୍ବର ୩୧ ତାରିଖରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲା ଓ ରାଜ୍ୟସ୍ତରୀୟ ବିଭିନ୍ନ ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରେ ଅଭିଯୋଗ କରିଥିଲେ। ସରପଞ୍ଚଙ୍କ ଏହି ଅଭିଯୋଗକୁ ଭିତ୍ତିକରି ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଏହାର ତଦନ୍ତ ପାଇଁ ଜିଲାପାଳଙ୍କୁ ଚିଠି ଲେଖାଯାଇଛି। ଏହାର ପତ୍ର ସଂଖ୍ୟା ହେଉଛି ୨୯୯୯/୨୨।୦୨।୨୦୧୯।







## ସଂକ୍ଷେପରେ

### ଶ୍ରୀଜଗନ୍ନାଥ ଷ୍ଟାଡିୟମ ନିର୍ମାଣରେ ଆର୍ଥିକ ଅନିୟମିତତା ଅଭିଯୋଗ

**ପୁରୀ ଅଫିସ,୨୭।୨:** ଶ୍ରୀଜଗନ୍ନାଥ ଷ୍ଟାଡିୟମ ନିର୍ମାଣରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିବା ନେଇ ଶ୍ରୀଜଗନ୍ନାଥ ସେନା ଆବାହକ ତଥା ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ବୁଧବାର ପୁରୀ ଦୁର୍ନୀତି ନିବାରଣ ସଂସ୍ଥା (ଭିଜିଲାନ୍ସ) ନିକଟରେ ଅଭିଯୋଗ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଶ୍ରୀଜଗନ୍ନାଥ ଷ୍ଟାଡିୟମ ନିର୍ମାଣରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଛି। ଗତ ୮ବର୍ଷ ମଧ୍ୟରେ ଷ୍ଟାଡିୟମ ନିର୍ମାଣ ଲାଗି ସରକାରଙ୍କ ବିଭିନ୍ନ ଯୋଜନାରେ ଆସିଥିବା ଅର୍ଥ ହରିଲୁଟ୍ କରାଯାଇଛି। ଷ୍ଟାଡିୟମ ପରିସରକୁ ଲାଗି ୪୦ଟି ଦୋକାନ ଗୃହ ନିର୍ମାଣ କରାଯାଇଥିଲା। ଏହି ଦୋକାନର ଭଡା ବାବଦକୁ ମାସିକ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରାଯାଇଛି। ଏହାର କୌଣସି ହିସାବ ନାହିଁ। ଅବଢ଼ା ଯୋଜନାରେ ଜିଲା କ୍ରୀଡା ସଂସଦ ଅଧୀନରେ ରହିଥିବା ଏହି ଷ୍ଟାଡିୟମର ଇନ୍‌ଡୋର ନିର୍ମାଣ ଲାଗି ଗତବର୍ଷ ୭କୋଟି ଏବଂ ଚଳିତବର୍ଷ ଆଉଟଡୋର ନିର୍ମାଣ ଲାଗି ୨୭କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଇନଡୋର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ମଙ୍ଗଳବାର ଆଉଟଡୋର ଷ୍ଟାଡିୟମ ନିର୍ମାଣ ଲାଗି ଶିଳାନ୍ୟାସ କରାଯାଇଛି। ପୂର୍ବରୁ ଷ୍ଟାଡିୟମର ପ୍ରାଚୀର, ନାଳ କାମ ଲାଗି ଆସିଥିବା ଅର୍ଥ ବିନିଯୋଗରେ ବ୍ୟାପକ ଅନିୟମିତତା ହୋଇଛି। ଏବେ ପୁଣି ଦୁଇଟି ପର୍ଯ୍ୟାୟରେ ଆସିଥିବା ଅର୍ଥ ହରିଲୁଟ ଆଶଙ୍କା ରହିଛି। ଜଣେ ପ୍ରଭାବଶାଳୀ ନେତାଙ୍କ ଇଙ୍ଗିତରେ ଏହି ସବୁ କାର୍ଯ୍ୟ ଚାଲିଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଷ୍ଟାଡିୟମ ନିର୍ମାଣ ଲାଗି ବିଭିନ୍ନ ସମୟରେ ଆସିଥିବା ଅର୍ଥର ବିନିଯୋଗ ରିପୋର୍ଟ ତଦନ୍ତ ଲାଗି ସେନାର ଆବାହକ ପଟ୍ଟନାୟକ ଗଣମାଧ୍ୟମକୁ କହିଛନ୍ତି।

### ବରପୁତ୍ରଙ୍କୁ ଅସମ୍ମାନ

# ଅନ୍ଧାରରେ ଆଚାର୍ଯ୍ୟ ହରିହର

**ଜୟନ୍ତୀ ପାଳୁଛନ୍ତି, କର୍ତ୍ତବ୍ୟ ଭୁଲିଛନ୍ତି**

ପୁରୀ ଅଫିସ,୨୭।୨

ଆଚାର୍ଯ୍ୟ ହରିହର ଓଡ଼ିଶାର ଜଣେ ମହାନ୍ ବରପୁତ୍ର। ଏକାଧାରରେ ସେ ଥିଲେ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷକ, ଲେଖକ ଓ ସମାଜସେବୀ। ସତ୍ୟବାଦୀ ବନ ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା। ହେଲେ ଏଭଳି ଜଣେ ବରପୁତ୍ରଙ୍କୁ ଅସମ୍ମାନ କରାଯାଉଛି। କୋଣଠେସା ହୋଇ ତାଙ୍କ ପ୍ରତିମୂର୍ତ୍ତି ରହିଥିବା ବେଳେ ଏଠାରେ ଆଲୋକୀକରଣ ବ୍ୟବସ୍ଥା କରାଯାଇ ନାହିଁ। ବର୍ଷତମାମ୍ ଅନ୍ଧାରରେ କୋଣଠେସା ହୋଇ ରହିଛନ୍ତି। ଆଚାର୍ଯ୍ୟଙ୍କ ଜୟନ୍ତୀ ପାଳନ କରୁଛନ୍ତି ହେଲେ ତାଙ୍କ ପ୍ରତି ଥିବା କର୍ତ୍ତବ୍ୟ ଭୁଲି ଯାଉଛନ୍ତି ବୋଲି ଅଭିଯୋଗ କରି ସହରର ବୁଦ୍ଧିଜୀବୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ପୂର୍ବରୁ ଆଚାର୍ଯ୍ୟ ହରିହର ଛକରେ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ରହିଥିଲା। ହେଲେ ସୌନ୍ଦର୍ଯ୍ୟକରଣ ପାଇଁ ତାଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର କରିବା ଲାଗି ନିଷ୍ପତ୍ତି ନେଇଥିଲା ଜିଲା ପ୍ରଶାସନ। ଏହାକୁ ସେତେବେଳେ ସହରର ବହୁ ବୁଦ୍ଧିଜୀବୀ ବିରୋଧ କରିଥିଲେ। ହେଲେ ପ୍ରଶାସନ ଏହା ନ ଶୁଣି ୨୦୧୭ ଜୁନ୍ ୨୪ରେ ସଦ୍‌ଭାବନା ଗୃହ ପାର୍ଶ୍ୱ ଏକ କୋଣିଆ ଜାଗାକୁ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି



ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତି।

ସ୍ଥାନାନ୍ତର କରିଥିଲା। ମନ୍ତ୍ରୀ ମହେଶ୍ୱର ମହାନ୍ତି ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିର ପୁନଃ ଅବସ୍ଥାପନ କରିଥିବା ବେଳେ ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ମଧ୍ୟ ଉପସ୍ଥିତ ଥିଲେ। ଏହା ପରଠାରୁ ଆଚାର୍ଯ୍ୟଙ୍କ ପ୍ରତି କର୍ତ୍ତବ୍ୟ ପାସୋରି ଦେଇଛି ପ୍ରଶାସନ। ଅନ୍ୟପକ୍ଷରେ ପୁରୀରେ ଏକ ଐତିହ୍ୟ ସଂଗ୍ରହାଳୟ କରାଯାଇ ସେଠାରେ ଓଡ଼ିଶାର ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାନ ପାଇବ। ୩ଟି ଭାଷାରେ ଏହି ବରପୁତ୍ରଙ୍କ ସମ୍ପର୍କରେ ତଥ୍ୟ ରହିବ, ଯାହା ଉତ୍ତର ପିଢିଙ୍କୁ ପ୍ରେରଣା ଦେବ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ଏହି ନିଷ୍ପତ୍ତି ଏବେ ଶୀତଳ ଭଣ୍ଡାରକୁ ଚାଲିଯାଇଛି। ସହରର ବିଭିନ୍ନ ସ୍ଥାନରେ ଥିବା ପ୍ରତିମୂର୍ତ୍ତି ଅବହେଳିତ ହୋଇରହିଛନ୍ତି। ବୁଧବାର ଆଚାର୍ଯ୍ୟ ହରିହରଙ୍କ ୧୪୦ ତମ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି। ଜିଲା ପ୍ରଶାସନ ଏବଂ ଆଚାର୍ଯ୍ୟ ହରିହର ସ୍ମୃତି ସଂସଦ ପକ୍ଷରୁ ଏହି ଉତ୍ସବ ଆୟୋଜିତ ହୋଇଥିଲା। ସମସ୍ତେ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଦେଇ ତାଙ୍କ ବିଷୟରେ ବଡ଼ ବଡ଼ ଭାଷଣ ଦେଲେ। ହେଲେ ବର୍ଷ ବର୍ଷ ଧରି ଅନ୍ଧାରରେ ରହୁଥିଲେ ମଧ୍ୟ ଆଲୋକୀକରଣ କଥା କେହି କହିଲେ ନାହିଁ।

ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଅନ୍ଧାରରେ ରହୁଥିବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସାହିଭାଇ ଅନୁଷ୍ଠାନର ସନ୍ତୋଷ ଶେଖର ମହାନ୍ତି। ସେ କହିଛନ୍ତି, ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର କରି ସେଠାରେ ଜଳଫୁଆରା ତିଆରି କରାଗଲା। ହେଲେ ଆଚାର୍ଯ୍ୟଙ୍କୁ ଯେଉଁଠାରେ ପୁନଃ ଅବସ୍ଥାନ କରାଗଲା ସେଠାରେ ପ୍ରଶାସନ ସାମାନ୍ୟ ଲାଇଟ୍ ବ୍ୟବସ୍ଥା କରିପାରି ନାହିଁ। ଏହାଠୁ ବଳି ଦୁର୍ଭାଗ୍ୟଜନକ କଥା ଆଉ କ'ଣ ହୋଇଥାଇପାରେ। ଆମ ପୂଜ୍ୟପୂଜାଙ୍କୁ ଆମେ କେତେ ସମ୍ମାନ କରୁ ତାହା ହିଁ ଏଥିରୁ ସ୍ପଷ୍ଟ। ଉତ୍ତର ପିଢି ଏଥିରୁ କ'ଣ ଶିକ୍ଷା ଗ୍ରହଣ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଖୁବ୍‌ଶୀଘ୍ର ପୌରସଂସ୍ଥାକୁ କହି ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଲାଇଟ୍ ଲଗାଯିବାର ବ୍ୟବସ୍ଥା କରାଯିବ।

# କୁଆଁରିଆ ନଦୀ ଉପରେ ସେତୁ ଶିଳାନ୍ୟାସ, ପ୍ରକଳ୍ପ ଉଦ୍‌ଘାଟନ



ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ଓ ଅନ୍ୟମାନେ।

ଖଣ୍ଡପଡା,୨୭।୨(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ କିଆଝର ପଞ୍ଚାୟତର ସଡ଼କ ପଥରେ ସଂଯୋଗୀକରଣ ନିମନ୍ତେ କୁଆଁରିଆ ନଦୀ ଉପରେ ସେତୁ ନିର୍ମାଣ ନିମନ୍ତେ ଶିଳାନ୍ୟାସ କରାଯାଇଛି। ଗିରିଡିପଲ୍ଲୀଠାରୁ ମଙ୍ଗରାଜପୁର ରାସ୍ତାରେ ବିଜୁ ସେତୁ ଯୋଜନାରେ ୬ କୋଟି ୩୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସେତୁର ଶିଳାନ୍ୟାସ ମଙ୍ଗଳବାର ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ୧୨୫ ମିଟର ଦୀର୍ଘ ଏହି ସେତୁ ନିର୍ମାଣ ପରେ ୭/୮ଟି ପଞ୍ଚାୟତବାସୀ ଗମନାଗମନର ସୁବିଧା ପାଇପାରିବେ। ଖଣ୍ଡପଡା ବିଜୁ ଜନତା ଦଳର ସଭାପତି ଚନ୍ଦ୍ରକାନ୍ତ ବଳିୟାର ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଅନ୍ୟତମ ଅତିଥି ଭାବରେ ମହିଳା ନେତ୍ରୀ ଚନ୍ଦ୍ରମା ପ୍ରଧାନ, ବଡବାଣପୁର, କୋସକା, ଶିଖରପୁର ଗ୍ରାମପଞ୍ଚାୟତ ସରପଞ୍ଚ, ନୟାଗଡ ଜିଲା ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ନାୟକ, ସାମାଜିକ କର୍ମୀ ସନ୍ତୋଷ କୁମାର ତ୍ରିପାଠୀ, ବିଜୟ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। କିଆଝର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଖଣ୍ଡପଡା ବିଜେଡି ସଭାପତି ସ୍ୱର୍ଗତ କେଦାର ନାଥ ମହାନ୍ତି ଦୀର୍ଘ ବର୍ଷ ହେଲା ସେତୁ ନିର୍ମାଣ ପାଇଁ ଦାବି କରି ଆସୁଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଜରିଆରେ ସେତୁ ନିର୍ମାଣ କାର୍ଯ୍ୟ ଆସନ୍ତା ୭ ଦିନ ମଧ୍ୟରେ ଆରମ୍ଭ ହୋଇ ୨ ବର୍ଷ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ବିଭାଗୀୟ ସହକାରୀ ଯନ୍ତ୍ରୀ ସନ୍ଦିପ କୁମାର ଛୁଆଳସିଂ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଏହି ସେତୁ ନିର୍ମାଣ ହେବା ଦ୍ୱାରା ଦୀର୍ଘ ୬୦ ବର୍ଷର ଆଶା ପୂରଣ ହେବାକୁ ଯାଉଛି ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ସେହିପରି ମଙ୍ଗଳବାର ଅପରାହ୍ନରେ ସେରେଜେଙ୍ଗ ଗ୍ରାମଠାରେ ୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅଙ୍ଗନୱାଡି କେନ୍ଦ୍ର, ୮୯ଲକ୍ଷ ଟଙ୍କା ବ୍ୟୟରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ମଙ୍ଗରାଜପୁରଠାରେ ନବ ନିର୍ମିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ପୂର୍ବତନ ବଜେଡି ସଭାପତି ସ୍ୱର୍ଗତ କେଦାରନାଥ ମହାନ୍ତିଙ୍କର ଏକ ପ୍ରତିମୂର୍ତ୍ତି ମଙ୍ଗରାଜପୁର ଗ୍ରାମଠାରେ ବିଧାୟକ ଉନ୍ମୋଚନ କରିଥିଲେ।

# ସରପଞ୍ଚ ଓ ପିଇଓଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ

ଗଣିଆ,୨୭।୨(ଡି.ଏନ.ଏ.)

ଗଣିଆ ବ୍ଲକ ବେଲପଡାପାଟଣା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସରପଞ୍ଚ ମନମୁଖୀ ଭାବେ କାର୍ଯ୍ୟ କରୁଥିବା ନେଇ ୱାର୍ଡମେମ୍ବରମାନେ ଅଭିଯୋଗ କରିଛନ୍ତି । ପଞ୍ଚାୟତର ୱାର୍ଡମେମ୍ବରମାନଙ୍କୁ ଉପେକ୍ଷା କରି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସରପଞ୍ଚ ସଲାସୁତରା ହୋଇ ବିଭିନ୍ନ କାର୍ଯ୍ୟ କରୁଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏଥିନେଇ ବୁଧବାର ୧୧ଜଣ ୱାର୍ଡ ସଭ୍ୟା ଓ ସଭ୍ୟମାନେ ଗଣିଆ ବିଡିଓ, ବ୍ଲକ ଅଧ୍ୟକ୍ଷ, ନୟାଗଡ ଜିଲାପାଳ,ପଞ୍ଚାୟତିରାଜ ବିଭାଗ ସଚିବ ପ୍ରମୁଖ ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଇନ୍ଦିରାଆବାସ, ଭତ୍ତା, ହରିଶ୍ଚନ୍ଦ୍ର ଯୋଜନା ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ହିତାଧିକାରୀମାନଙ୍କଠାରୁ ହାତଗୁଞ୍ଜା ଦାବି କରୁଛନ୍ତି। ସେହିପରି ପଞ୍ଚାୟତର ଜଳ ଯୋଗାଣ ନିମିତ୍ତ ବିଭିନ୍ନ ସ୍ଥାନରେ ଲଗାଯାଇଥିବା ମୋଟରପମ୍ପ ଓ ପାଣିପାଇପ୍ ଗୁଡିକରେ ନିମ୍ନମାନର ଉପକରଣ ଲଗାଯାଇ ଚଢା ଦରରେ ଭାଉଚର କରିବା, ବେଲପଡା ଗ୍ରାମର ମଝିପଡାରେ ଭଲ ଥିବା ପୁରୁଣା ଡ୍ରେନକୁ ରିପ୍ୟାରିଂ କରାଯାଇ ସରକାରୀ ଅର୍ଥକୁ ହରିଲୁଟ କରାଯାଇଥିବା ସମ୍ପର୍କରେ ବିଧିବଦ୍ଧ ତଦନ୍ତ କରାଯିବା ପାଇଁ ସଂପୃକ୍ତ ୱାର୍ଡମେମ୍ବରମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ସାତଦିନ ମଧ୍ୟରେ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ସମ୍ପୃକ୍ତ ୱାର୍ଡ ସଭ୍ୟା ଓ ସଭ୍ୟମାନେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବା ପାଇଁ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଉକ୍ତ ଘଟଣା ସମ୍ପର୍କରେ ଗଣିଆ ବେଲପଡାପାଟଣା ସରପଞ୍ଚ ଦମୟନ୍ତୀ ବେହେରାଙ୍କୁ ପଚାରିବାରୁ ୱାର୍ଡମେମ୍ବରମାନେ ଆଣିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ । ଗତ ୩ୟ ପର୍ଯ୍ୟାୟ ପୀଠା କାର୍ଯ୍ୟକ୍ରମରେ ଖର୍ଚ୍ଚ ହିସାବକୁ ନେଇ ଏଭଳି ମିଥ୍ୟା ଅଭିଯୋଗ କରିଛନ୍ତି ବୋଲି କହିଥିଲେ।

